(ଙ) କଂଗ୍ରେସ ଅଫିସ୍ ଓ ଆଶ୍ରମ ଗୁଡ଼ିକୁ ଖାନତଲାସ କରି ଆନ୍ଦୋଳନ ସମ୍ପର୍କୀୟ କାଗଜପତ୍ର ଗୁଡ଼ିକୁ ଜବତ କରିଥିଲେ ।

(ଚ) ସମଗ୍ର ଦେଶରେ ଆନ୍ଦୋଳନ ପ୍ରତ୍ୟାହାର ହେବା ଫଳରେ ଓଡ଼ିଶାର ୧୯୩୪ ମସିହା ଏପ୍ରିଲରେ ଆନ୍ଦୋଳନର ପରିସମାପ୍ତି ଘଟିଲା ।

## ଚତୁର୍ଥ ପାଠ

## ଭାରତ ଛାଡ ଆନ୍ଦୋଳନ

## ଏବଂ ଏଥିରେ ଓଡ଼ିଶାର ଭୂମିକା

୧. କେଉଁ ଆନ୍ଦୋଳନଟି ଇତିହାସରେ ଅଗଷ୍ଟ ବିପ୍ଳବ ନାମରେ ଖ୍ୟାତ ?

(କ) ଭାରତ ଛାଡ (ଖ) ସ୍ୱଦେଶୀ

(ଗ) ଆଇନ ଅମାନ୍ୟ (ଘ) ଅସହଯୋଗ

୨. ଦ୍ୱିତୀୟ ବିଶ୍ୱଯୁଦ୍ଧ କେବେ ଆରମ୍ଭ ହୋଇଥିଲା ?

(କ) ୧୯୩୬ ଅଗଷ୍ଟ ୧୩

(ଖ) ୧୯୩୮ ମାର୍ଚ୍ଚ ୧୩

(ଗ) ୧୯୩୯ ସେପ୍ଟେମ୍ବର ୦୩

(ଘ) ୧୯୩୯ ଅକ୍ଟୋବର ୧୪

୩. ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଭାରତର ବଡଲାଟ କିଏ ଥିଲେ ?

(କ) ଲର୍ଡ କର୍ଜନ (ଖ) ଲର୍ଡ ରିପନ

(ଗ) ଲର୍ଡ ୱାଭେଲ (ଘ) ଲର୍ଡ ଲିନ୍‌ଲିଥଗୋ

୪. ଇଂରେଜ ସରକାର କେବେ "ଅଗଷ୍ଟଦାନ' ଘୋଷଣା ଜାରି କଲେ ?

(କ) ୧୯୩୯ ଏପ୍ରିଲ୍ ୧୪

(ଖ) ୧୯୪୦ ଅଗଷ୍ଟ ୦୮

(ଗ) ୧୯୪୧ ଅଗଷ୍ଟ ୧୫

(ଘ) ୧୯୪୭ ଅଗଷ୍ଟ ୧୪

୫. ଆଚାର୍ଯ୍ୟ ବିନୋବା ଭାବେ କେଉଁଠାରେ ସତ୍ୟାଗ୍ରହ ଆରମ୍ଭ କରିଥିଲେ ?

(କ) ୟାରଭାଡ଼ା (ଖ) ମୁମ୍ବାଇ

(ଗ) ପାନାଉର (ଘ) ପୁନା

୬. ବ୍ୟକ୍ତିଗତ ସତ୍ୟାଗ୍ରହରେ ପ୍ରଥମ ସତ୍ୟାଗ୍ରହୀ ହେବାର ଗୌରବ କିଏ ଅର୍ଜନ କରିଥିଲେ ?

(କ) ଜବାହାରଲାଲ୍ ନେହରୁ

(ଖ) ବିନୋବାଭାବେ (ଗ) ଆଚାର୍ଯ୍ୟ କୃପାଳିନୀ (ଘ) ମହାତ୍ମା ଗାନ୍ଧୀ

୭. ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ କିଏ ଥିଲେ ?

(କ) କ୍ଲିମେ□ଅଟଲି

(ଖ) ଉଇନଷ୍ଟନ ଚର୍ଚ୍ଚିଲ

(ଗ) ରାମ୍‌ସେ ମାକଡୋନାଲଡ

(ଘ) ଲର୍ଡ ଲିନ୍‌ଲିଥଗୋ

୮. ୧୯୪୨ ଅଗଷ୍ଟ ୭ରେ କଂଗ୍ରେସର ସାଧାରଣ ଅଧିବେଶନରେ କିଏ ସଭାପତିତ୍ୱ କରିଥିଲେ ?

(କ) ଜବାହାରଲାଲ୍ ନେହେରୁ

(ଖ) ସୁଭାଷ ଚନ୍ଦ୍ର ବୋଷ

(ଗ) ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ

(ଘ) ମୌଲାନା ଆବୁଲ କାଲାମ୍

୯. ଭାରତଛାଡ ପ୍ରସ୍ତାବ ମୁମ୍ବାଇ ଅଧିବେଶନରେ କିଏ ଆଗତ କରିଥିଲେ ?

(କ) ଜବାହରଲାଲ୍ ନେହେରୁ

(ଖ) ସୁଭାଷ ଚନ୍ଦ୍ର ବୋଷ

(ଗ) ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ

(ଘ) ମହାତ୍ମା ଗାନ୍ଧୀ

୧୦. ୧୯୪୨ ଅଗଷ୍ଟ ୮ରେ କଂଗ୍ରେସ ଦ୍ୱାରା କେଉଁ ପ୍ରସ୍ତାବ ଅନୁମୋଦିତ ହୋଇଥିଲା ?

(କ) ଅସହଯୋଗ (ଖ) ଭାରତଛାଡ (ଗ) ଆଇନ ଅମାନ୍ୟ (ଘ) ସତ୍ୟାଗ୍ରହ

୧୧. ଭାରତ ଛାଡ ଆନ୍ଦୋଳନ ସମୟରେ ଜେ.ବି. କ୍ରିପାଲିନିଙ୍କୁ ବନ୍ଦୀ କରି କେଉଁଠାରେ ରଖାଯାଇଥିଲା ?

(କ) ତିହାର ଜେଲ୍‌ରେ (ଖ) ହଜାରିବାଗ ଜେଲ୍‌ରେ

(ଗ) ସେଲୁଲାର ଜେଲ୍‌ରେ

(ଘ) ଅହମ୍ମଦ ନଗର ଦୁର୍ଗରେ

୧୨. ପାଟଣା ସଚିବାଳୟର ପୂର୍ବ ଦ୍ୱାରରେ ଛାତ୍ରମାନେ କେବେ ଜାତୀୟ ପତାକା ଉ□ଳନ କରିଥିଲେ ?

(କ) ୧୯୪୨ ଅଗଷ୍ଟ ୧୧

(ଖ) ୧୯୪୩ ଅଗଷ୍ଟ ୧୧

(ଗ) ୧୯୪୩ ଜୁନ୍ ୨୭

(ଘ) ୧୯୪୨ ଜୁନ୍ ୨୭

୧୩. କେବେ 'ଫରାସୀ ରାଷ୍ଟ୍ରବିପ୍ଳବ ହୋଇଥିଲା ?

(କ) ୧୭୮୯ (ଖ) ୧୯୧୭ (ଗ) ୧୮୧୧ (ଘ) ୧୯୦୫

୧୪. ୧୯୪୨ ଅଗଷ୍ଟ ୧୧ରେ ଓଡ଼ିଶାର କେଉଁ ଦୁଇଜଣ ମୁମ୍ବାଇ କଂଗ୍ରେସ ଅଧିବେଶନରେ ଯୋଗ ଦେଇ ଓଡ଼ିଶା ଫେରିଲେ ।

(କ) ମାଳତୀ ଚୌଧୁରୀ - ରମାଦେବୀ (ଖ) ରମାଦେବୀ - ଗୋପବନ୍ଧୁ ଦାସ

(ଗ) ଗୋପବନ୍ଧୁ ଦାସ - ସୁରେନ୍ଦ୍ର ନାଥ ଦ୍ୱିବେଦୀ (ଘ) ସୁରେନ୍ଦ୍ରନାଥ ଦ୍ୱିବେଦୀ - ମାଳତୀ ଚୌଧୁରୀ

୧୫. କାଇପଦାର ଡାକଘରେ କେବେ ନିଆଁ ଲଗାଯାଇଥିଲା ?

(କ) ୧୯୪୨ ଅଗଷ୍ଟ ୧୭ (ଖ) ୧୯୪୨ ଅଗଷ୍ଟ ୧୨

(ଗ) ୧୯୪୨ ଅଗଷ୍ଟ ୦୮ (ଘ) ୧୯୪୧ ଅଗଷ୍ଟ ୧୪୭

୧୬. "ଭାରତ ଛାଡ଼' ଆନ୍ଦୋଳନ ସମୟରେ ଭଣ୍ଡାରୀ ପୋଖରୀ ଥାନା କେବେ ଆକ୍ରମଣ କରାଯାଇଥିଲା ?

(କ) ୧୯୪୨ ଅଗଷ୍ଟ ୧୭

(ଖ) ୧୯୪୨ଅଗଷ୍ଟ ୧୨

(ଗ) ୧୯୪୨ଅଗଷ୍ଟ୧୫

(ଘ) ୧୯୪୨ ଅଗଷ୍ଟ୦୮

୧୭. ଭଣ୍ଡାରୀ ପୋଖରୀ ଥାନା ଆକ୍ରମଣ ଘଟଣାରେ କେଉଁ ଦୁଇ ଜଣ ବ୍ୟକ୍ତି ଗିରଫ ହୋଇଥିଲେ ?

(କ) ଦ୍ୱାରିକା ଦାସ - ଗୋପବନ୍ଧୁ ଦାସ (ଖ) ଜଗନ୍ନାଥ ଦାସ - ଦ୍ୱାରିକା ଦାସ

(ଗ) ଗିରିଧାରୀ ପଣ୍ଡା - ଗୋପବନ୍ଧୁ ଦାସ

୧୮. ଧାମନଗର ଠାରେ ଭାରତଛାଡ଼ ଆନ୍ଦୋଳନକୁ କିଏ ଗତିଶୀଳ କରାଇଥିଲେ ?

(କ) ଶ୍ରୀବତ୍ସ ପଣ୍ଡା (ଖ) ଗିରିଧାରୀ ପଣ୍ଡା

(ଗ) ମୂରଲୀଧର ପଣ୍ଡା (ଘ) ଜଗନ୍ନାଥ ରଥ

୧୯. ଭାରତଛାଡ଼ ଆନ୍ଦୋଳନ ସମୟରେ ଶ୍ରୀଜଙ୍ଗ ଗ୍ରାମରେ କେବେ ପୋଲିସ୍ ଗୁଳି ଚାଳନା କରିଥିଲେ ?

(କ) ୧୯୪୨ ସେପ୍ଟମ୍ବର ୨୧

(ଖ) ୧୯୪୨ ଅଗଷ୍ଟ ୧୭

(ଗ) ୧୯୪୨ ଅଗଷ୍ଟ ୧୨ (ଘ) ୧୯୪୨ ଅଗଷ୍ଟ ୦୮

୨୦. "ରକ୍ତତୀର୍ଥ' ଭାବେ ଓଡ଼ିଶାର କେଉଁ ସ୍ଥାନଟି ପରିଚିତ ?

(କ) ଉଦ୍ରକ (ଖ) ଇରମ (ଗ) ଶ୍ରୀଜଙ୍ଗ (ଘ) ଯାଜପୁର

୨୧. ଭାରତଛାଡ଼ ଆନ୍ଦୋଳନ ସମୟରେ ନିମାପଡ଼ାଠାରେ ପୋଲିସ୍ ଗୁଳିରେ କିଏ ପ୍ରାଣ ହରାଇଥିଲେ ?

(କ) ଉତ୍ସବ ମଲ୍ଲିକ (ଖ) ଲକ୍ଷ୍ମଣ ମଲିକ

(ଗ) କଷ୍ଟି ଡ଼ାକୁଆ (ଘ) ପରୀ ବେଓ୍ୱା

୨୨. ମାତିଲିଥାନା କେବେ ଘେରାଉ କରାଯାଇଥିଲା ?

(କ) ୧୯୪୨ ଅଗଷ୍ଟ ୦୮ (ଖ) ୧୯୪୨ ଅଗଷ୍ଟ ୨

(ଗ) ୧୯୪୨ ଅଗଷ୍ଟ ୧୭

(ଘ) ୧୯୪୨ ଅଗଷ୍ଟ ୨୧

୨୩. ଲକ୍ଷ୍ମଣ ନାୟକଙ୍କୁ କେବେ ଫାଶୀ ଦିଆଯାଇଥିଲା ?

(କ) ୧୯୪୩ ମାର୍ଚ୍ଚ ୨୯

(ଖ) ୧୯୪୨ ଡିସେମ୍ବର ୧୩

(ଗ) ୧୯୪୨ ଅଗଷ୍ଟ ୨୧

(ଘ) ୧୯୪୧ ମାର୍ଚ୍ଚ ୧୪

୨୪. ତାଳଚେରରେ ଭାରତଛାଡ଼ ଆନ୍ଦୋଳନର ନେତୃତ୍ୱ କିଏ ନେଇଥିଲେ ?

(କ) ନିରଞ୍ଜନ ପଟ୍ଟନାୟକ

(ଖ) କାମାକ୍ଷା ପ୍ରସାଦ ସିଂହଦେଓ

(ଗ) ପବିତ୍ର ମୋହନ ପ୍ରଧାନ

(ଘ) ରାଜେନ୍ଦ୍ର ନାରୟଣ ସିଂହଦେଓ

୨୫. ମଢିଥାନା କେବେ ଆକ୍ରମଣ କରାଯାଇଥିଲା ?

(କ) ୧୯୪୨ ଅଗଷ୍ଟ ୨୭

(ଖ) ୧୯୪୨ ଅଗଷ୍ଟ ୨୬

(ଗ) ୧୯୪୨ ଅଗଷ୍ଟ ୨୫

(ଘ) ୧୯୪୨ ଅଗଷ୍ଟ ୨୪

୨୬. ମଢିଥାନା ଆକ୍ରମଣର ନେତୃତ୍ୱ କିଏ ନେଇଥିଲେ ?

(କ) ପବିତ୍ରମୋହନ ପ୍ରଧାନ

(ଖ) ବୈଷ୍ଣବ ଚରଣ ପଟ୍ଟନାୟକ

(ଗ) ନିରଞ୍ଜନ ପଟ୍ଟନାୟକ

(ଘ) ଲକ୍ଷ୍ମଣ ନାୟକ

**ଉ□ରମାଳା**

୧. (କ) ୨. (ଗ) ୩. (ଘ) ୪. (ଖ) ୫. (ଗ) ୬. (ଖ) ୭. (ଖ) ୮. (ଘ) ୯. (କ) ୧୦. (ଖ) ୧୧. (ଘ) ୧୨. (କ) ୧୩. (ଖ) ୧୪. (ଘ) ୧୫. (କ) ୧୬. (କ) ୧୭. (ଗ) ୧୮. (ଗ) ୧୯. (କ) ୨୦. (ଖ) ୨୧. (କ) ୨୨. (ଘ) ୨୩. (କ) ୨୪. (ଗ) ୨୫. (ଖ) ୨୬. (ଖ)

- ୦ –

## ପ୍ରଥମ ଅଧ୍ୟାୟ (୪ର୍ଥ ପାଠ)

## ଭାରତ ଛାଡ ଆନ୍ଦୋଳନ

## ଏବଂ ଏଥିରେ ଓଡଶାର ଭୂମିକା

୧. ଅଗଷ୍ଟ ଦାନ କେବେ ଓ କାହିଁକି ଘୋଷଣା କରାଯାଇଥିଲା ?

ଉ : (କ) ୧୯୪୦ ମସିହା ଅଗଷ୍ଟ ୮ ତାରିଖ ଦିନ

(ଖ) ଭାରତୀୟମାନଙ୍କୁ କେତେକ ସୁବିଧା ଦେବା ନିମନ୍ତେ ଅଗଷ୍ଟ ଦାନ ଇଂରେଜ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିଲା ।

୨. ଭାରତୀୟମାନଙ୍କର ଦାବିକୁ ଗ୍ରହଣ କରିଦେବା ପାଇଁ ଇଂରେଜ ସରକାରଙ୍କ ଉପରେ କେଉଁ ଦେଶମାନେ ଚାପ ପକାଇଥିଲେ ?

ଉ : (କ) ଭାରତୀୟମାନଙ୍କର ଦାବିକୁ ଗ୍ରହଣ କରି ଦେବା ପାଇଁ ଇଂରେଜ ସରକାରଙ୍କ ଉପରେ ଆମେରିକା, ଚୀନ ଓ ଅଷ୍ଟ୍ରେଲିଆ ଆଦି ଦେଶ ଚାପ ପକାଇଥିଲା ।

(ଖ) ଇଂଲଣ୍ଡର ଜନସାଧାରଣ ମଧ୍ୟ ଭାରତୀୟ ମାନଙ୍କର ସପକ୍ଷରେ ଥିଲେ ।

୩. କ୍ରିପସ୍ ମିଶନକୁ କିଏ ଓ କେବେ ଭାରତ ପଠାଇଥିଲେ ଓ ଏହି ମିଶନ କାହା ନେତୃତ୍ୱକୁ ନେଇ ଗଠିତ ହୋଇଥିଲା ?

ଉ : (କ) ଇଂଲଣ୍ଡର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଉଇନଷ୍ଟନ ଏସ୍ ଚର୍ଚ୍ଚିଲ, ୧୯୪୨ ମସିହା ମାର୍ଚ୍ଚରେ କ୍ରିପସ ମିଶନକୁ ଭାରତକୁ ପଠାଇଥିଲେ ।

(ଖ) ଏହି ମିଶନ ସାରଷ୍ଟ ଫୋର୍ଡ଼ କ୍ରିପସଙ୍କ ନେତୃତ୍ୱରେ ଭାରତ ଆସିଥିଲା ।

୪. ଭାରତଛାଡ଼ ପ୍ରସ୍ତାବ କେବେ ଓ କେଉଁଠାରେ ଗ୍ରହଣ କରାଯାଇଥିଲା ?

ଉ : (କ) ୧୯୪୨ ମସିହା ଜୁଲାଇ ୬ ରୁ ୧୪ ତାରିଖରେ କଂଗ୍ରେସ କାର୍ଯ୍ୟକାରୀ କମିଟିରେ ବୈଠକ ୱାର୍ଧା ଠାରେ ବସିଥିଲା ।

(ଖ) ଏହି ବୈଠକରେ ଜୁଲାଇ ୧୪ ତାରିଖ ଦିନ "ଭାରତ ଛାଡ଼' ପ୍ରସ୍ତାବ ଗ୍ରହଣ କରାଯାଇଥିଲା ।

୫. ଭାରତଛାଡ଼ ପ୍ରସ୍ତାବ ଗୃହୀତ ହେବା ପରେ ଗାନ୍ଧିଜୀଙ୍କୁ କେବେ ଗିରଫ କରାଗଲା ଓ ତାଙ୍କୁ କେଉଁଠାରେ ବନ୍ଦୀ କରି ରଖାଗଲା ?

ଉ : (କ) ଭାରତଛାଡ଼ ପ୍ରସ୍ତାବ ଗୃହୀତ ହେବାପରେ ଗାନ୍ଧିଜୀଙ୍କୁ ୧୯୪୨ ମସିହା ଅଗଷ୍ଟ ୯ ତାରିଖରେ ଗିରଫ କରାଗଲା ।

(ଖ) ତାଙ୍କୁ ପୁନେର ଆଗାଖାଁ ପ୍ୟାଲେସ୍‌ରେ ବନ୍ଦୀ କରି ରଖାଗଲା ।

୬. ସମାଜବାଦୀ ଦଳର କେଉଁ ନେତାମାନେ ଭାରତଛାଡ଼ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ?

ଉ : (କ) ସମାଜବାଦୀ ଦଳର ନେତା ଜୟପ୍ରକାଶ ନାରାୟଣ, ରାମମନୋହର ଲୋହିଆ ଓ ଅରୁଣା ଆସଫଅଲ୍ଲୀ ଆନ୍ଦୋଳନର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

୭. ଗାନ୍ଧିଜୀଙ୍କ "କର ବା ମର' ନୀତିରେ ଉଦ୍‌ବୁଦ୍ଧ ହୋଇ କେଉଁଠାରେ ଜନସାଧାରଣ ଆନ୍ଦୋଳନ ଚାଲୁ ରଖିଲେ ?

ଉ : (କ) ଗାନ୍ଧିଜୀଙ୍କର "କର ବା ମର' ନୀତିରେ ଉଦ୍‌ବୁଦ୍ଧ ହୋଇ ବଙ୍ଗଳା ଓ ବିହାରର ଜନସାଧାରଣ ଆନ୍ଦୋଳନ ଚାଲୁ ରଖିଲେ ।

୮. କିଏ କେବେ ଓ କେଉଁଠାରେ ଭାରତ ଛାଡ଼ ଆନ୍ଦୋଳନକୁ ଦମନ କରାଯାଇଛି ବୋଲି ଘୋଷଣା କରିଥିଲେ ?

ଉ : (କ) ବ୍ରିଟିଶ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ

(ଖ) ୧୯୪୨ ମସିହା ସେପ୍ଟେମ୍ବର ୧୦ ତାରିକରେ ବ୍ରିଟିଶ ହାଉସ୍ ଅଫ୍ କମନସରେ ଭାରତ ଛାଡ଼ ଆନ୍ଦୋଳନକୁ ଦମନ କରାଯାଇଛି ବୋଲି ଘୋଷଣା କଲେ ।

୯. କେଉଁମାନଙ୍କର ଓଡ଼ିଶା ଆଗମନ ଓଡ଼ିଶାରେ ଭାରତ ଛାଡ଼ ଆନ୍ଦୋଳନକୁ ତୀବ୍ରତର କରିଥିଲେ ?

ଉ : (କ) ୧୯୪୨ ମସିହା ଅଗଷ୍ଟ ୧୧ ତାରିଖରେ ମୁମ୍ବାଇ କଂଗ୍ରେସ ଅଧିବେଶନରେ ଯୋଗଦେଇ ମାଳତୀ ଚୌଧୁରୀ ଓ ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କୁ ଓଡ଼ିଶା ଆଗମନ ଓଡ଼ିଶାରେ ଭାରତଛାଡ଼ ଆନ୍ଦୋଳନକୁ ତୀବ୍ରତର କରିଥିଲେ ।

୧୦. ଭାରତଛାଡ଼ ଆନ୍ଦୋଳନ ସମୟରେ ପୋଲିସର ମୁକାବିଲା କରିବା ପାଇଁ ଓଡ଼ିଶାରେ ଛାତ୍ରମାନଙ୍କ ଦ୍ୱାରା କେଉଁ ସବୁ ବାହିନୀ ଗଠନ କରିଥିଲେ ?

ଉ : (କ) ଭାରତଛାଡ଼ ଆନ୍ଦୋଳନ ସମୟରେ ପୋଲିସର ମୁକାବିଲା କରିବା ପାଇଁ ଛାତ୍ରମାନେ ରକ୍ତ ବାହିନୀ, ସଂଗ୍ରାମ ବାହିନୀ ଓ ମରଣ ବାହିନୀ ଗଠନ କରିଥିଲେ ।

୧୧. ଭାରତଛାଡ଼ ଆନ୍ଦୋଳନ ସମୟରେ ଭଣ୍ଡାରୀପୋଖରୀରେ କେଉଁ ଦୁଇଜଣ ଗିରଫ ହୋଇଥିଲେ ?

ଉ :  (କ)  ଭାରତଛାଡ଼ ଆନ୍ଦୋଳନ ସମୟରେ ଭଣ୍ଡାରୀ ପୋଖରୀରେ ସତ୍ୟାଗ୍ରହୀ ଜଗନ୍ନାଥ ଦାସ ଓ ଦ୍ୱାରିକା ଦାସ ଗିରଫ ହୋଇଥିଲେ ।

୧୨.  "ରକ୍ତ ତୀର୍ଥ' କାହାକୁ କୁହାଯାଏ ଓ ଏଠାରେ ଗୁଳିକାଣ୍ଡ କେବେ ହୋଇଥିଲା ?

ଉ :  (କ)  ଇରମକୁ ରକ୍ତତୀର୍ଥ କୁହାଯାଏ ।

(ଖ)  ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖରେ ଏଠାରେ ଗୁଳିକାଣ୍ଡ ହୋଇଥିଲା ।

୨୨.  ଇରମ ଗୁଳିକାଣ୍ଡ କେବେ ଘଟିଥିଲା ଓ ଏଠାରେ ଶହୀଦ ହୋଇଥିବା ମହିଳାଙ୍କ ନାମ କ'ଣ ?

ଉ :  (କ)  ଇରମ ଗୁଳିକାଣ୍ଡ ୧୯୪୨ ମସିହା ସେପ୍ଟେମ୍ବର ୨୮ ରେ ହୋଇଥିଲା ।

(ଖ)  ଏହି ଗୁଳିକାଣ୍ଡରେ ଶହୀଦ ହୋଇଥିବା ମହିଳାଙ୍କ ନାମ ପରି ବେଓ୍ୱା ।

୨୩.  କୋରାପୁଟ ଜିଲ୍ଲାରେ ଭାରତଛାଡ଼ ଆନ୍ଦୋଳନର ନେତୃତ୍ୱ କିଏ ନେଇଥିଲେ ଓ ତାଙ୍କ ଘର କେଉଁଠାରେ ?

ଉ :  (କ)  କୋରାପୁଟ ଜିଲ୍ଲାରେ ଭାରତଛାଡ଼ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଲକ୍ଷ୍ମଣ ନାୟକ ।

(ଖ)  ତାଙ୍କ ଘର କୋରାପୁଟ ଜିଲ୍ଲାର ବୈପାରୀଗୁଡ଼ା ଅନ୍ତର୍ଗତ ତେନ୍ତୁଳିଗୁମ୍ମା ଗ୍ରାମରେ ।

୨୪.  ଲକ୍ଷ୍ମଣ ନାୟକଙ୍କୁ କେବେ ଓ କେଉଁଠାରେ ଫାଶୀ ଦିଆଯାଇଥିଲା ? କିମ୍ବା ୧୯୪୨ ମସିହା ଆନ୍ଦୋଳନରେ ଓଡ଼ିଶାରୁ ଏକମାତ୍ର ଫାଶୀ ଦିଆଯାଇଥିବା ବ୍ୟକ୍ତି କିଏ ?

ଉ :  (କ)  ୧୯୪୨ ମସିହା ଆନ୍ଦୋଳନରେ ଓଡ଼ିଶାରୁ ଏକମାତ୍ର ଫାଶୀ ପାଇଥିବା ବ୍ୟକ୍ତି ହେଉଛନ୍ତି ଲକ୍ଷ୍ମଣ ନାୟକ ।

(ଖ)  ତାଙ୍କୁ ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖରେ ବ୍ରହ୍ମପୁର ଜେଲରେ ଫାଶୀ ଦିଆଯାଇଥିଲା ।

୨୫.  ପାପଡ଼ାହାଣ୍ଡି ଗୁଳିକାଣ୍ଡ କେବେ ଓ କାହିଁକି ହୋଇଥିଲା ? ଏହି ଗୁଳିକାଣ୍ଡରେ କେତେ ଜଣ ପ୍ରାଣ ହରାଇଥିଲେ ?

ଉ :  (କ)  ପାପଡ଼ାହାଣ୍ଡି ଗୁଳିକାଣ୍ଡ ୧୯୪୨ ମସିହା ଅଗଷ୍ଟ ୨୪ ତାରିଖରେ ।

(ଖ)  କୋରାପୁଟର ବହୁଲୋକ ପାପଡାହାଣ୍ଡିର ଥିବା ଟୋଲ ଓ ଥାନା ଧ୍ୱଂସ କରିବାକୁ ଯାଇଥିଲେ । ଏହି ଗୁଳିକାଣ୍ଡରେ ୧୫ ଜଣ ବ୍ୟକ୍ତି ପ୍ରାଣ ହରାଇଲେ ।

**ପ୍ରଶ୍ନଗୁଡ଼ିକର ଉ⬚ର ୩୦ଟିଲେଖାଏଁ ଶବ୍ଦ ମଧ୍ୟରେ ଲେଖ ।**

**( ୩ ନମ୍ବର ସମ୍ବଳିତ)**

୧.  ଢେଙ୍କାନାଳର ଭାରତଛାଡ଼ ଆନ୍ଦୋଳନର ନେତୃତ୍ୱ କିଏ ନେଇଥିଲେ ? ତାଙ୍କ ନେତୃତ୍ୱରେ କେବେ ଓ କେଉଁ ଠାରେ ଥାନାପୋଡ଼ି ସଂଗଠିତ ହୋଇଥିଲା ?

ଉ :  (କ)  ଢେଙ୍କାନାଳରେ ଭାରତଛାଡ଼ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ବୈଷ୍ଣବ ଚରଣ ପଟ୍ଟନାୟକ ।

(ଖ)  ତାଙ୍କ ନେତୃତ୍ୱରେ ୧୯୪୨ ମସିହା ଅଗଷ୍ଟ ୨୬ ତାରିଖରେ ।

(ଗ)  ଆନ୍ଦୋଳନକାରୀମାନେ ମଢି ଠାରେ ଥାନାରେ ନିଆଁ ଲଗାଇ ଦେଲେ ।

୨.  ୧୯୩୯ ସେପ୍ଟେମ୍ବର ୧୪ରେ କଂଗ୍ରେସ କେଉଁ ପ୍ରସ୍ତାବ ଗ୍ରହଣ କରିଥିଲା ଓ ଏହାର ଫଳାଫଳ କ'ଣ ହେଲା ?

ଉ :  (କ)  ୧୯୩୯ ସେପ୍ଟେମ୍ବର ୧୪ରେ ଜାତୀୟ କଂଗ୍ରେସ ପ୍ରସ୍ତାବ ଗ୍ରହଣ କରିଥିଲା ଯେ ଯେତେ ଦିନ ପର୍ଯ୍ୟନ୍ତ ଇଂରେଜ ସରକାର ଭାରତୀୟମାନଙ୍କୁ ନିଜର ସମ୍ବିଧାନ ପ୍ରଣୟନ ପାଇଁ ପୂର୍ଣ୍ଣ କ୍ଷମତା ନ ଦେଇଛନ୍ତି ।

(ଖ)  ଏକ ଜନପ୍ରିୟ ସରକାର ଗଠନ ପାଇଁ ସମ୍ମତ ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ଭାରତୀୟ ମାନେ "ମିତ୍ରଶକ୍ତି'କୁ କୌଣସି ପ୍ରକାର ସାହାଯ୍ୟ କରିବେ ନାହିଁ ।

୩.  ବ୍ରିଟିଶ୍ ସରକାରଙ୍କର "ସ୍ୱାୟତ୍ତ ଶାସନ ଅଧିକାର' ପ୍ରଦାନ ଘୋଷଣା ଭାରତୀୟମାନଙ୍କ ମଧ୍ୟରେ କି ପ୍ରତିକ୍ରିୟା ସୃଷ୍ଟି କରିଥିଲା ?

ଉ :  (କ)  ବ୍ରିଟିଶ ସରକାରଙ୍କ ସ୍ୱାୟତ୍ତ ଶାସନ ଅଧିକାର ପ୍ରଦାନ ଘୋଷଣାକୁ ୧୯୩୯ ମସିହା ଅକ୍ଟୋବର ୨୨ ତାରିଖରେ କଂଗ୍ରେସ କାର୍ଯ୍ୟକାରିଣୀବୈଠକରେ ନିନ୍ଦା କରାଯାଇଥିଲା ।

(ଖ)  ଏହି ଘୋଷଣାକୁ ପ୍ରତିବାଦ କରି ଆଠଟି ପ୍ରଦେଶରେ କାର୍ଯ୍ୟରତ କଂଗ୍ରେସ ମନ୍ତ୍ରୀମଣ୍ଡଳକୁ ଇସ୍ତଫା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।

୪.  ଭାରତଛାଡ଼ ପ୍ରସ୍ତାବ କିଏ, କେବେ ଓ କେଉଁଠାରେ ଆଗତ କରିଥିଲେ ?

ଉ :  (କ)  ଭାତରଛାଡ଼ ପ୍ରସ୍ତାବ ଜବାହାର ଲାଲ୍ ନେହେରୁ

(ଖ) ୧୯୪୨ ମସିହା ଅଗଷ୍ଟ ୭ ତାରିଖରେ ମୁମ୍ବାଇ ଠାରେ ଅନୁଷ୍ଠିତ କଂଗ୍ରେସର ସାଧାରଣ ଅଧିବେଶନରେ ଆଗତ କରିଥିଲେ ।

୫. ୧୯୪୨ ମସିହା ଅଗଷ୍ଟ ୭ ତାରିଖରେ ଅନୁଷ୍ଠିତ କଂଗ୍ରେସର ସାଧାରଣ ଅଧିବେଶନରେ କିଏ ସଭାପତିତ୍ୱ କରିଥିଲେ ? ସେ ତାଙ୍କ ଭାଷଣରେ କେଉଁ ବିଷୟରେ ଆଲୋଚନା କରିଥିଲେ ?

ଉ : (କ) ୧୯୪୨ ଅଗଷ୍ଟ ୭ରେ ଅନୁଷ୍ଠିତ କଂଗ୍ରେସ ମୁମ୍ବାଇ ସାଧାରଣ ଅଧିବେଶନରେ ମଉଲାନା ଆବୁଲ କାଲାମ ଆଜାଦ୍ ସଭାପତିତ୍ୱ କରିଥିଲେ ।

(ଖ) ସେ ତାଙ୍କର ପାରମ୍ଭିକ ଭାଷଣରେ ଭାରତଛାଡ଼ ଆନ୍ଦୋଳନର ଅର୍ଥ ବ୍ୟାଖ୍ୟା କରିଥିଲେ ।

(ଗ) ଶାନ୍ତିପୂର୍ଣ୍ଣ ଓ ଅହିଂସା ଉପାୟରେ ଆଗାମୀ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହୋଇ ରହିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ ।

୬. ଭାରତଛାଡ଼ ଆନ୍ଦୋଳନର ତାତ୍ପର୍ଯ୍ୟ ବିଷୟରେ ଲେଖ ।

ଉ : (କ) ଭାରତଛାଡ଼ ଆନ୍ଦୋଳନ ଇଂରେଜ ଶାସନକୁ ସମ୍ପୂର୍ଣ୍ଣ ରୂପେ ଦୋହଲାଇ ଦେଇଥିଲା ଓ ପୂର୍ଣ୍ଣ ସ୍ୱାଧୀନତା ଦିଗକୁ ବାଟଫିଟାଇ ଦେଇଥିଲା ।

(ଖ) ଇଂରେଜ ସରକାର ଉପଲବ୍ଧି କଲେଜ ଭାରତ ସ୍ୱାଧୀନତାକୁ ଆଉ ବେଶୀ ଦିନ ଅଟକାଇ ହେବ ନାହିଁ ।

(ଗ) ଏହି ଆନ୍ଦୋଳନକୁ ୧୭୮୯ 'ଫରାସୀ ବିପ୍ଳବ ଓ ୧୯୧୭ ରୁଷ ବିପ୍ଳବ ସହ ତୁଳନା କରାଯାଏ ।

(ଘ) ଏହି ଆନ୍ଦୋଳନ ଯଥାର୍ଥରେ ଏକ ବିପ୍ଳବ ଭାବେ ଆଖ୍ୟାୟିତ ହୋଇ ଭାରତର ରାଜନୀତିକ ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ।

୭. ଭଣ୍ଡାରୀପୋଖରୀ ଥାନା ଆକ୍ରମଣ କେବେ ହୋଇଥିଲା ଓ ଏହି ଆକ୍ରମଣରେ କେତେ ଲୋକ ଯୋଗ ଦେଇଥିଲେ ? ଏହାର ଫଳାଫଳ କ'ଣ ହେଲା ?

ଉ : (କ) ଭଣ୍ଡାରୀପୋଖରୀ ଥାନା ଆକ୍ରମଣ ୧୯୪୨ ମସିହା ଅଗଷ୍ଟ ୧୭ ତାରିଖରେ ହୋଇଥିଲା ।

(ଖ) ଏହି ଆକ୍ରମଣରେ ୫୦୦୦ ଲୋକ ଯୋଗ ଦେଇଥିଲେ ଓ କାଗଜ ପତ୍ର ନଷ୍ଟ କରି ଦେଇଥିଲେ ।

(ଗ) ଗ୍ରାମବାସୀମାନେ ଗ୍ରାମକୁ ଯିବା ପାଇଁ ଏକମାତ୍ର ପୋଲକୁ ଭାଙ୍ଗି ଦେଇଥିଲେ । ଏଥିପାଇଁ ୧୨ ଟି ଗ୍ରାମକୁ ୨୦୦୦ ଟଙ୍କା ଜୋରିମାନା ହୋଇଥିଲା ।

(ଙ) ଏହି ଘଟଣାରେ ଜଗନ୍ନାଥ ଦାସ ଓ ଦ୍ୱାରିକା ଦାସ ଗିରଫ ହୋଇଥିଲା ।

୮. ନିମାପଡ଼ା ଗୁଳିକାଣ୍ଡ ବିଷୟରେ ଲେଖ ।

ଉ : (କ) ୧୯୪୨ ମସିହା ସେପ୍ଟେମ୍ବର ୧୬ ତାରିଖ ଦିନ ପୁରୀ ଜିଲ୍ଲା ନିମାପଡ଼ାଠାରେ ସତ୍ୟାଗ୍ରହୀମାନେ ସଭା କରି ସରକାରଙ୍କୁ ଖଜଣା ନ ଦେବା ପାଇଁ ସ୍ଥିର କରିଥିଲେ ।

(ଖ) ଜାତୀୟ ପତାକା ଉ□ଳନ କରିବା ପାଇଁଚେଷ୍ଟା କରିଥିଲେ ।ପୋଲିସ୍ ବାରଣ କରିବାରୁଲୋକମାନେ ଥାନାରେ ନିଆଁ ଲଗାଇ ଦେଇଥିଲେ ।

(ଗ) ଫଳରେ ପୋଲିସ୍ ଗୁଳିଚାଳନା କଲା ଓ ଏହି ଗୁଳିଚାଳନାରେ ଉତ୍ସବ ମଲ୍ଲିକ ନାମକ ଜଣେ ବ୍ୟକ୍ତି ପ୍ରାଣ ହରାଇ ଦେଇଥିଲେ ଓ ଅନେକ ଆହତ ହୋଇଥିଲେ ।

**ପ୍ରଶ୍ନଗୁଡ଼ିକର ଉତ୍ତର ୬୦ଗୋଟି ଲେଖାଏଁ ଶବ୍ଦ ମଧ୍ୟରେ ଲେଖ ।**

**(୪ ନମ୍ବର ସମ୍ବଳିତ)**

୧. ଅଗଷ୍ଟ ଦାନ ଘୋଷଣା କେବେ ଜାରି ହୋଇଥିଲା ? ଏଥିରେ କେଉଁ ବ୍ୟବସ୍ଥା ଗୁଡ଼ିକ ଥିଲା ଓ ଏହାର ଫଳାଫଳ କ'ଣ ହେଲା ?

ଉ : (କ) ୧୯୪୦ ମସିହା ଅଗଷ୍ଟ ୮ ତାରିଖ ଦିନ "ଅଗଷ୍ଟ ଦାନ' ଘୋଷଣା ଇଂରେଜ ସରକାରଙ୍କ ଦ୍ୱାରା ଜାରି ହେଲା ।

(ଖ) ଏଥିରେ ଥିବା ବ୍ୟବସ୍ଥାଗୁଡ଼ିକ ହେଲା ଭାରତକୁ ସ୍ୱାୟତ୍ତ□ଶାସନ କ୍ଷମତା ପ୍ରଦାନ ଓ ଭାରତର ସମ୍ବିଧାନ ପ୍ରଣୟନ ପାଇଁ ସମ୍ବିଧାନିକ ସଭା ଗଠନ କରାଯିବ ।

(ଗ) ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅନ୍ତର୍ଭୁକ୍ତ କରି ବଡ଼ଲାଟଙ୍କ କାର୍ଯ୍ୟକାରିଣୀ ପରିଷଦର ପ୍ରସାରଣ ପାଇଁ କରାଯିବ ।

(ଘ) ବ୍ରିଟିଶ ଶାସନାଧିକ ଭାରତ ଓ ଭାରତର ଦେଶୀୟ ରାଜ୍ୟର ପ୍ରତିନିଧିମାନଙ୍କୁ ନେଇ ଏକ ଯୁଦ୍ଧ ପରାମର୍ଶ ଦାତା ପରିଷଦ ଗଠନ କରାଯିବ ।

(ଙ) ଭବିଷତ୍ୟରେ ସାମ୍ବିଧାନିକ ପରିବର୍ତ୍ତନରେ ସଂଖ୍ୟା ଲଘୁଙ୍କ ମତପ୍ରତି ଗୁରୁତ୍ୱ ପ୍ରଦାନ କରାଯିବ । ଏହିଘୋଷଣାକୁ କଂଗ୍ରେସ ମୁସଲିମ ଲିଗ୍ ପ୍ରତ୍ୟାଖ୍ୟାନ କରିଥିଲେ ଓ ଗାନ୍ଧିଜୀ ବ୍ୟକ୍ତିଗତ ସତ୍ୟାଗ୍ରହ ଆରମ୍ଭ କଲେ ।

୨. କ୍ରିପସ ମିଶନର ପ୍ରସ୍ତାବ ଗୁଡ଼ିକ ବିଷୟରେ ଆଲୋଚନା କର ।

ଉ : (କ) କ୍ରିପସ୍ ମିଶନର ପ୍ରସ୍ତାବ ଦେଇଥିଲା ଯେ ଭାରତକୁ ବ୍ରିଟିଶ୍ ସାମ୍ରାଜ୍ୟର ଏକ ଅଂଶ ରୂପେ ସ୍ୱାୟତ୍ତ ଶାସନ ଅଧିକାର ଦିଆଯିବ ।

(ଖ) ଭାରତୀୟ ମାନେ ନିଜ ପାଇଁ ଏକ ସମ୍ବିଧାନ ପ୍ରସ୍ତୁତ କରିବାର ଅଧିକାର ପାଇବେ ।

(ଗ) କୌଣସି ପ୍ରଦେଶ ଯଦି ଉକ୍ତ ସମ୍ବିଧାନକୁ ଗ୍ରହଣ ନ କରେ ତେବେ ସେହି ପ୍ରଦେଶ ନିଜ ପାଇଁ ଏକ ସ୍ୱତନ୍ତ୍ର ସମ୍ବିଧାନ ପ୍ରସ୍ତୁତ କରିପାରିବ ।

(ଙ) ଏହି ପ୍ରସ୍ତାବ ଗୁଡ଼ିକର ଉଦ୍ଦେଶ୍ୟ ଥିଲା ବ୍ରିଟିଶ୍ ସାମ୍ରାଜ୍ୟକୁ ସୁଦୃଢ଼ କରିବା ଓ ଭାରତକୁ ଖଣ୍ଡ ବିଖଣ୍ଡିତ କରିବା ।

(ଙ) ବ୍ରିଟିଶ୍ ସରକାରଙ୍କର ଉଦ୍ଦେଶ୍ୟକୁ ବୁଝିପାରି କ୍ରିପସ୍ ମିଶନରେ ପ୍ରସ୍ତାବକୁ ସବୁଦଳ ପ୍ରତ୍ୟାଖ୍ୟାନ କଲେ ।

୩. ଭାରତଛାଡ଼ ଆନ୍ଦୋଳନ ସମୟରେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ବିଷୟରେ ଲେଖ ।

ଉ : (କ) ଭାରତଛାଡ଼ ଆନ୍ଦୋଳନ ସମୟରେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ଗୁଡ଼ିକ ହେଲା

(ଖ) ଶ୍ରମିକ ଓ କୃଷକମାନେ ଭୂରାଜସ୍ୱ ଦେବା ବନ୍ଦ କରିବେ ।

(ଗ) ଇଂରେଜ କର୍ମଚାରୀମାନଙ୍କୁ କୌଣସି ଖାଦ୍ୟପଦାର୍ଥ ବିକ୍ରି କରାଯିବ ନାହିଁ ।

(ଘ) କାଗଜ ନୋଟ୍ ଗ୍ରହଣ କରାଯିବ ନାହିଁ ।

(ଙ) ଥାନା, କୋର୍ଟ ଓ ଜେଲ୍‌ଖାନା ଗୁଡ଼ିକୁ ଭାରତୀୟମାନଙ୍କ ଆୟତନରେ ରଖାଯିବ । ସାଧାରଣ ଜନତା ଅହିଂସା ମାର୍ଗ ଗ୍ରହଣ କରିବେ ।

୪. ଭାରତଛାଡ଼ ପ୍ରସ୍ତାବ ଗୃହୀତ ହେବା ପରେ ଇଂରେଜ ସରକାର କେଉଁ ସବୁ ପଦକ୍ଷେପ ଗ୍ରହଣ କରିଥିଲେ ?

ଉ : (କ) ଭାରତଛାଡ଼ ପ୍ରସ୍ତାବ ଗୃହୀତ ହେବା ପରେ ୧୯୪୨ ମସିହା ଅଗଷ୍ଟ ୯ ତାରିଖ ଦିନ ବ୍ରିଟିଶ ସରକାର ମହାତ୍ମାଗାନ୍ଧୀ ଓ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଦସ୍ୟମାନଙ୍କୁ ଗିରଫ କରିଥିଲେ ।

(ଖ) ଗାନ୍ଧିଜୀଙ୍କୁ ପୁନେଠାରେ ଆଗାଖାଁ ପ୍ୟାଲେସରେ ବନ୍ଦୀ କରି ରଖାଯାଇଥିଲା ଓ ଅନ୍ୟ ନେତା ଯଥା : ଜବାହାରଲାଲ୍ ନେହେରୁ, ମୌଲାନା ଆବୁଲ୍‌କାଲାମ ଆଜାଦ, ଜେ.ବି. କ୍ରିପାଲିନି, ଗୋବିନ୍ଦ ବଲ୍ଲଭ ପନ୍ଥ ଆଦି ନେତାମାନଙ୍କୁ ବମ୍ବେ ପ୍ରଦେଶରେ ଅହମ୍ମଦ ନଗର ଦୁର୍ଗରେ ବନ୍ଦୀ କରି ରଖାଗଲା ।

(ଗ) ଡକ୍ଟର ରାଜେନ୍ଦ୍ରେ ପ୍ରସାଦଙ୍କୁ ପାଟଣା ଠାରେ ବନ୍ଦୀ କରି ରଖାଗଲା ।

(ଘ) ଜାତୀୟ କଂଗ୍ରେସକୁ ବେଆଇନ କରାଗଲା ।

(ଙ) ଜନସାଧାରଣ ନେତୃତ୍ୱ ବିହୀନ ହୋଇପଡିଲେ ।

୫. ଭାରତଛାଡ଼ ଆନ୍ଦୋଳନକୁ ଦମନ କରିବା ପାଇଁ କ'ଣ ସବୁ ପଦକ୍ଷେପ ନେଇଥିଲେ ?

ଉ : (କ) ଆନ୍ଦୋଳନକୁ ଦମନ କରିବା ପାଇଁ ବହୁ ଅମାନୁଷିକ ପଦକ୍ଷେପ ନେଇଥିଲେ ।

(ଖ) ସରକାର ସଭା ଓ ସଭାଯାତ୍ରାକୁ ବେଆଇନ୍ ଘୋଷଣା କଲେ ।

(ଗ) ଲାଠି ପ୍ରହାର ଓ ଗୁଳିଚାଳନା ଏକ ସାଧାରଣ ଘଟଣାରେ ପରିଣତ ହେଲା ।

(ଘ) ସରକାରଙ୍କ ଆକ୍ରମଣ ଫଳରେ ଅନେକ ସଂଖ୍ୟକ ବିପ୍ଳବୀ ମୃତ୍ୟୁବରଣ କଲେ ଓ ଗୁରୁତର ଭାବେ ଆହତ ହେଲେ ।

(ଙ) ଏକ ଲକ୍ଷ ପାଖାପାଖି କର୍ମୀ ବିରତ ହେଲେ, ସରକାର ଏହି ଆନ୍ଦୋଳନକୁ ଦମନ କରିବା ପାଇଁ ସବୁ ପ୍ରକାର ଅସ୍ତ୍ରର ବ୍ୟବହାର କରିଥିଲେ ଓ ଶେଷରେ ୧୯୪୨ ମସିହା ସେପ୍ଟେମ୍ବର ୧୦ ତାରିଖରେ ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ ଭାରତଛାଡ଼ ଆନ୍ଦୋଳନକୁ ଦମନ କରାଯାଇଛି ବୋଲି ବ୍ରିଟିଶ୍ ହାଉସ୍ ଅଫ୍ କମନସରେ ଘୋଷଣା କରିଥିଲେ ।

୬. ଭାରତଛାଡ଼ ଆନ୍ଦୋଳନ ପ୍ରଶମନର କାରଣ ଗୁଡ଼ିକ ଲେଖ କିମ୍ବା ଭାରତଛାଡ଼ ଆନ୍ଦୋଳନ କାହିଁକି ପ୍ରଶମିତ ହୋଇଥିଲା ?

ଉ : (କ) ନେତୃତ୍ୱ ଓ ସଂଗଠନର ଅଭାବ ଯୋଗୁଁ ଭାରତଛାଡ଼ ଆନ୍ଦୋଳନ ପ୍ରଶମିତ ହୋଇଥିଲା ।

(ଖ) ନେତୃତ୍ୱର ଅଭାବରେ ଜନସାଧାରଣ ନିଜ ବିଚାରଧାରା ଅନୁଯାୟୀ ଆନ୍ଦୋଳନକୁ ଚାଲୁ ରଖିପାରିଲେ ନାହିଁ ।

(ଗ) ଦେଶର ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରୁଥିବା କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ଥିଲା ।

(ଘ) ଏହି ଆନ୍ଦୋଳନକୁ ଦେଶୀୟ ରାଜ୍ୟ ରାଜା, ଜମିଦାର ଓ ଧନୀ ବ୍ୟବସାୟୀମାନେ ସମର୍ଥନ କରୁନଥିଲେ ।

(ଙ) କେତେକ ରାଜନୈତିକ ଦଳ ମଧ୍ୟ ଏହି ଆନ୍ଦୋଳନର ସପକ୍ଷରେ ନଥିଲେ । ସର୍ବଶେଷରେ ସରକାରଙ୍କର ନିଷ୍ଠୁର ଦମନଲୀଳା ଯୋଗୁଁ ଆନ୍ଦୋଳନ ଦାବି ଯାଇଥିଲା ।

୭. କାଇପଦର ଗୁଳିକାଣ୍ଡ ସମ୍ପର୍କରେ ବର୍ଣ୍ଣନା କର ।

ଉ : (କ) ଭାରତଛାଡ଼ ଆନ୍ଦୋଳନ ସମୟରେ ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀଙ୍କୁ ବ୍ରିଟିଶ ସରକାର ଗିରଫ କରିଥିଲେ ।

(ଖ) ଏହି ଗିରଫ ଖବର ଶୁଣିବା ପରେ ବରୀ ଅଞ୍ଚଳର ଉତ୍ୟକ୍ତ ଜନତା କାଇପଦର ଡାକଘରେ ୧୯୪୨ ମସିହା ଅଗଷ୍ଟ ୧୭ ତାରିଖ ଦିନ ନିଆଁ ଲଗାଇଥିଲେ ।

(ଗ) ଆନ୍ଦୋଳନ ତୀବ୍ରତର ହେବାରୁ ପୋଲିସ୍ ଡେପୁଟି ସୁପରିଟେଣ୍ଡେଣ୍ଟ ସେଠାରେ ପହଞ୍ଚିଲେ ଓ ଲୋକଙ୍କ ଉପରେ ଗୁଳି ଚାଳନା କଲେ ।

(ଘ) ଫଳରେ ୩ ଜଣ ମୃତ୍ୟୁବରଣ କଲେ ଓ ୭ ଜଣ ଆହତ ହେଲେ ।

(ଙ) କାଇପଦରରୁ ସତ୍ୟାଗ୍ରହୀମାନଙ୍କୁ ଗିରଫ କରି ଯାଜପୁର ନିଆଗଲା ।

(ଚ) ସରକାରୀ ଆଦେଶକୁ ଅବମାନନା କରି ପ୍ରାୟ ୧୫୦୦ ଲୋକ ଥାନା ଆଡ଼କୁ ଅଗ୍ରସର ହେବାରୁ ପୋଲିସ୍ ଗୁଳିଚାଳନା ଓ ଲୁହ ବୁହା ଗ୍ୟାସ ପ୍ରୟୋଗ କରିଥିଲା ।

୮. ଇରମ ଗୁଳିକାଣ୍ଡ ସମ୍ପର୍କରେ ଏକ ବିବରଣୀ ପ୍ରଦାନ କର । କିମ୍ବା ଇରମକୁ ରକ୍ତତୀର୍ଥ କୁହାଯାଏ କାହିଁକି ?

ଉ : (କ) ଭଦ୍ରକ ଜିଲ୍ଲା ବାସୁଦେବ ପୁରର ଇରମରେ ଲୋକମାନେ କର ନ ଦେବା ପାଇଁ ପ୍ରତିଜ୍ଞା ବଦ୍ଧ ହୋଇଥିଲେ ।

(ଖ) ଏହି ଉଦ୍ଦେଶ୍ୟରେ ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖ ଦିନ ମେଳଣ ପଡ଼ିଆରେ ଏକ ସଭାର ଆୟୋଜନ ହୋଇଥିଲା ।

(ଗ) ମେଳଣ ପଡ଼ିଆରୁ ବାହାରିବା ପାଇଁ ଗୋଟିଏ ମାତ୍ର ରାସ୍ତା ଥିଲା । ସେହି ରାସ୍ତାକୁ ଅବରୋଧ କରି ଡିଏସପିଙ୍କ ନିର୍ଦ୍ଦେଶରେ ଲୋକମାନଙ୍କ ଉପରକୁ ଗୁଳିଚାଳନା କରାଯାଇଥିଲା ।

(ଙ) ଏହି ଗୁଳିକାଣ୍ଡରେ ପରୀ ବେଓ୍ୱା ନାମକ ଜଣେ ମହିଳାଙ୍କ ସମେତ ୨୮ ଜଣ ମୃତ୍ୟୁବରଣ କରିଥିଲେ ଓ ୫୫ ଜଣ ଆହତ ହୋଇଥିଲେ ।

(ଙ) ଏହି ଘଟଣା ଜାଲିଆନାଓ୍ୱାଲାବାଗ ହତ୍ୟାକାଣ୍ଡର ଅନୁରୂପ ବା ସଦୃଶ ଥିଲା । ତେଣୁ ଇରମକୁ ରକ୍ତତୀର୍ଥ କୁହାଯାଏ ।

୯. ଭାରତଛାଡ଼ ଆନ୍ଦୋଳନରେ ଲକ୍ଷ୍ମଣନାୟକଙ୍କର ଅବଦାନ ବା ଭୂମିକା ସମ୍ପର୍କରେ ଲେଖ ।

ଉ : (କ) ଭାରତଛାଡ଼ ଆନ୍ଦୋଳନରେ ଓଡ଼ିଶାରୁ ଏକମାତ୍ର ଫାଶୀ ପାଇଥିବା ବ୍ୟକ୍ତି ହେଉଛନ୍ତି ଲକ୍ଷ୍ମଣନାୟକ ।

(ଖ) ସେ କୋରାପୁଟ ଜିଲ୍ଲାରେ ଭାରତଛାଡ଼ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

(ଗ) ତାଙ୍କ ଘର ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ତେନ୍ତୁଳିଗୁମ୍ମା ଗ୍ରାମରେ ।

(ଘ) ସେ ୧୯୪୨ ମସିହା ଅଗଷ୍ଟ ୨୧ ତାରିଖ ଦିନ କଂଗ୍ରେସ ପତାକା ଓ ଲାଠି ଧରି ବହୁ ଲୋକଙ୍କ ସହିତ ମାଟିଲ ଥାନା ଘେରାଉ କରିଥିଲେ ।

(ଙ) ଫଳରେ ପୁଲିସ୍ ଗୁଳିଚାଳନା କରିଥିଲା ଓ ୫ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ ଓ ଲାଠି ଚାଳନା ଦ୍ୱାରା ଅନେକ ଆହତ ହୋଇଥିଲେ ।

(ଚ) ଜଣେ ଜଙ୍ଗଲ ରକ୍ଷୀକୁ ପିଟିପିଟି ହତ୍ୟା କରିଥିବା ମିଥ୍ୟ ଅଭିଯୋଗରେ ଲକ୍ଷ୍ମଣ ନାୟକଙ୍କୁ ଗିରଫ କରାଯାଇଥିଲା । ତାଙ୍କୁ ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖ ଦିନ ବ୍ରହ୍ମପୁର ଜେଲରେ ଫାଶୀ ଦିଆଯାଇଥିଲା ।

– ୦ –

## ପଞ୍ଚମ ପାଠ:
## ସୁବାଷ ଚନ୍ଦ୍ର ବୋଷ୍ ଓ ଭାରତୀୟ ଜାତୀୟସେନା

୧. ସୁଭାଷ ଚନ୍ଦ୍ର ବୋଷ କେବେ ଜନ୍ମଗ୍ରହଣ କରିଥିଲେ ?
(କ) ୧୮୯୭ ଜାନୁୟାରୀ ୨୩
(ଖ) ୧୮୬୯ ଅକ୍ଟୋବର ୨
(ଗ) ୧୯୮୮ ଜୁନ୍ ୨୬ (ଘ)୧୮୫୩ ଜୁଲାଇ ୧୫
୨. ସୁଭାଷ ଚନ୍ଦ୍ର ବୋଷଙ୍କ ପିତାଙ୍କ ନାମ କ'ଣ ?
(କ) ସୁରେନ୍ଦ୍ର ନାଥ ବୋଷ
(ଖ) ଜାନକୀନାଥ ବୋଷ
(ଗ) ଗୋବିନ୍ଦ ବଲ୍ଲଭ ବୋଷ
(ଘ) ମୂରଲୀଧର ବୋଷ
୩. ସୁଭାଷ ବୋଷ କେଉଁ କଲେଜରେ ଦର୍ଶନଶାସ୍ତ୍ର ଅଧ୍ୟୟନ କରିଥିଲେ ?
(କ) ସ୍କଟିସ୍ ଚର୍ଚ୍ଚ କଲେଜ
(ଖ) ପ୍ରେସିଡେନସି କଲେଜ
(ଗ) ସିଟି କଲେଜ
(ଘ) ରେଭେନ୍ସା କଲେଜ
୪. ନିମ୍ନଲିଖିତ କେଉଁ ବ୍ୟକ୍ତିଙ୍କୁ ସୁଭାଷ ବୋଷଙ୍କ ଉପସ୍ଥିତିରେ ମାଡ ମରାଯାଇଥିଲା ?
(କ) ଲର୍ଡ କର୍ଣ୍ଣୱାଲିସ୍ (ଖ) ସି.ଏଫ୍ ଓ୍ୱେଟନ (ଗ) ଜେନେରାଲ (ଘ) ଲର୍ଡ ଲିନ୍ ଲିଥିଗୋ
୫. ସୁଭାଷ ଚନ୍ଦ୍ର ବୋଷ କେଉଁ ମସିହାରେ ଆଇ.ସି.ଏସ୍. ପରୀକ୍ଷାରେ ଉତ୍ତୀର୍ଣ୍ଣହେଲେ ?
(କ) ୧୯୧୮ (ଖ) ୧୯୨୦ (ଗ) ୧୯୨୨ (ଘ) ୧୯୨୪
୬. ସୁଭାଷ ବୋଷ କେବେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ ?
(କ) ୧୯୨୦ (ଖ) ୧୯୨୧ (ଗ) ୧୯୨୨ (ଘ) ୧୯୨୩
୭. ୧୯୨୩ରେ ସୁବାଷ ବୋଷ ବଙ୍ଗଳା ପ୍ରାଦେଶିକ କମିଟିର କେଉଁ ପଦବୀରେ ଅଳଙ୍କୃତ ହୋଇଥିଲେ ?
(କ) ସଭାପତି (ଖ) ସଂପାଦକ (ଗ) ଚେୟାରମ୍ୟାନ (ଘ) କୌଣସି ଟି ନୁହେଁ
୮. ସୁବାଷ ବୋଷଙ୍କ ରାଜନୈତିକ ଗୁରୁ କିଏ ?
(କ) ମହାତ୍ମା ଗାନ୍ଧୀ (ଖ) ମୋତିଲାଲ ନେହେରୁ
(ଗ) ଚି□ରଂଜନ ଦାସ (ଘ) ଜୟ ପ୍ରକାଶ ନାରାୟଣ
୯. ସୁବାଷ ବୋଷଙ୍କ "ଭାରତୀୟ ସଂଗ୍ରାମ' ପୁସ୍ତକ କେବେ ପ୍ରକାଶ ପାଇଥିଲା ?
(କ) ୧୯୩୦ (ଖ) ୧୯୩୨ (ଗ) ୧୯୩୪ (ଘ) ୧୯୩୬
୧୦. ଜାତୀୟ କଂଗ୍ୟେସର କେଉଁ ଅଧିବେଶନରେ ସୁଭାଷ ବୋଷ ସଭାପତି ଭାବେ ମନୋନୀତ ହୋଇଥିଲେ ?
(କ) ନାଗପୁର (ଖ) ହରିପୁର (ଗ) ତ୍ରିପୁରା (ଘ) କୋହ୍ଲାପୁର
୧୧. କେବେ ଜାତୀୟ କଂଗ୍ରେସର ତ୍ରିପୁରା ଅଧିବେଶନ ଆସିଥିଲା ?
(କ) ୧୯୩୮ (ଖ) ୧୯୩୯ (ଗ) ୧୯୪୦ (ଘ) ୧୯୪୧
୧୨. ସୁଭାଷ ଚନ୍ଦ୍ର ବୋଷ କେବେ "ଫରଓ୍ୱାର୍ଡ ବ୍ଲକ' ଗଠନ କରିଥିଲେ ?
(କ) ୧୯୩୯ ମେ ୩ (ଖ) ୧୯୩୯ଜୁନ୍ ୧୩

(ଗ) ୧୯୪୦ ଜୁଲାଇ ୨୧ (ଘ)୧୯୪୧ ଜୁନ୍ ୧୪

୧୩. ସୁବାଷ ଚନ୍ଦ୍ର ବୋଷ କେବେ ବର୍ଲିନରେ ପହଞ୍ଚିଥିଲେ ?

(କ) ୧୯୪୧ ମାର୍ଚ୍ଚ ୨୫

(ଖ) ୧୯୪୧ ଜୁନ୍ ୨୩

(ଗ) ୧୯୪୨ ଜୁଲାଇ ୦୩

(ଘ)୧୯୪୩ ଅଗଷ୍ଟ ୧୪

୧୪. କେଉଁ ଦେଶର ସହାୟତାରେ ସୁଭାଷ ଚନ୍ଦ୍ର ବୋଷ "ସ୍ୱାଧୀନତା ଭାରତ କେନ୍ଦ୍ର" ପ୍ରତିଷ୍ଠା କରିଥିଲେ ?

(କ) ଜାପାନ (ଖ) ଜର୍ମାନ

(ଗ) ଆମେରିକା (ଘ) ଋଷ

୧୫. "ଫ୍ରି ଇଣ୍ଡିଆ ଆର୍ମି'' କିଏ ଗଠନ କରିଥିଲେ ?

(କ) ଜାନକୀ ନାଥ ବୋଷ

(ଖ) ରାହାସ ବିହାରୀ ବୋଷ

(ଗ) ସୁଭାଷ ଚନ୍ଦ୍ର ବୋଷ (ଘ) ହିଟଲର

୧୬. "ଆଜାଦ୍ ହିନ୍ଦ୍ ରେଡିଓ'' କେଉଁ ଦେଶରେ ସୁଭାଷ ବୋଷ ପ୍ରତିଷ୍ଠା କରିଥିଲେ ?

(କ) ଜାପାନ (ଖ) ଜର୍ମାନୀ

(ଗ) ଋଷିଆ (ଘ) ଟୋକିଓ

୧୭. "ଆଜାଦ୍ ହିନ୍ଦ୍ ରେଡିଓ'' ରେ ସୁଭାଷ ବୋଷଙ୍କ ପ୍ରଥମ ଗୁପ୍ତବାର୍ତ୍ତାକେବେ ପ୍ରସାରିତ ହୋଇଥିଲା ?

(କ) ୧୯୪୧ ମେ ୧୪

(ଖ) ୧୯୪୨ ଫେବୃୟାରୀ ୧୯

(ଗ) ୧୯୪୩ ଜୁନ୍ ୦୩

(ଘ) ୧୯୪୪ ଜୁଲାଇ ୧୪

୧୮. କିଏ "ଭାରତୀୟ ସ୍ୱାଧିନତା ସଂଘ'' ଗଠନ କରିଥିଲେ ?

(କ) ସୁଭାଷ ଚନ୍ଦ୍ର ବୋଷ

(ଖ) କ୍ୟାପଟେନ ମୋହନ ସିଂହ

(ଗ) ଲକ୍ଷ୍ମୀ ସେହଗଲ (ଘ) ରାସବିହାରୀ ବୋଷ

୧୯. ରାସ ବିହାରୀ ବୋଷ କେଉଁଠାରେ ଭାରାତୀୟ ସ୍ୱାଧୀନତା ସଂଘ ଗଠନ କରିଥିଲେ ?

(କ) ଜାପାନ (ଖ) ଜର୍ମାନୀ

(ଗ) ସୋଭିଏତ୍ ରୁଷ (ଘ) ଇଟାଲୀ

୨୦. ସୁଭାଷ ଚନ୍ଦ୍ର ବୋଷ କେବେ ଟୋକିଓରେ ପହଞ୍ଚିଥିଲେ ?

(କ) ୧୯୪୩ ଜୁନ୍ ୧୩ (ଖ) ୧୯୪୩ ଅଗଷ୍ଟ ୧୫

(ଗ) ୧୯୪୪ ମେ ୨୬ (ଘ) ୧୯୪୫ ଜୁନ୍ ୧୪

୨୧. ଟୋଜୋ କେଉଁ ଦେଶର ପ୍ରଧାନମନ୍ତ୍ରୀ ଥିଲେ ?

(କ) ଜର୍ମାନୀ (ଖ) ଆଫଗାନିସ୍ଥାନ (ଗ) ଜାପାନ (ଘ) ଚୀନ

୨୨. ସୁଭାଷ ବୋଷଙ୍କୁ "ନେତାଜୀ'' ଆଖ୍ୟାରେ କେଉଁମାନେ ଭୂଷିତ କରିଥିଲେ ?

(କ) ଆଜାଦ୍ ହିନ୍ଦ୍ ଫୌଜର ସୈନ୍ୟମାନେ (ଖ) ଫରୱାର୍ଡ ବ୍ଲକର ସଭ୍ୟମାନେ

(ଗ) ଭାରତୀୟ ସତ୍ୟାଗ୍ରହୀମାନେ (ଘ) ଜାପାନରେ ଥିବା ଯୁଦ୍ଧବନ୍ଦୀମାନେ

୨୩. କ୍ୟାପଟେନ ଲକ୍ଷ୍ମୀ ସେହଗଲ କେଉଁ ବ୍ରିଗେଡର ନେତୃତ୍ୱ ନେଇଥିଲେ ?

(କ) ଗାନ୍ଧୀ ବ୍ରିଗେଡ (ଖ) ନେହେରୁ ବ୍ରିଗେଡ (ଗ) ଆଜାଦ୍ ବ୍ରିଗେଡ (ଘ) ଝାନ୍ସୀ ବ୍ରିଗେଡ

୨୪. କ୍ୟାପେଟନ ଲକ୍ଷ୍ମୀ ସେହଗଲଙ୍କୁ କେଉଁ ମସିହାରେ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା ?

(କ) ୧୯୪୭ (ଖ) ୧୯୬୨ (ଗ) ୧୯୮୩ (ଘ) ୧୯୯୮

୨୫. ଜାପାନ ସରକାରଙ୍କ ଠାରୁ ସୁଭାଷ ବୋଷ କେବେ ଆନୁଷ୍ଠାନିକ ଭାବେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଦାୟିତ୍ୱ ଗ୍ରହଣ କଲେ ?

(କ) ୧୯୪୩ ନଭେମ୍ବର ୬

(ଖ) ୧୯୪୩ ଡିସେମ୍ବର ୧୪

(ଗ) ୧୯୪୪ ଜାନୁୟାରୀ ୧୪

(ଘ) ୧୯୪୫ ଜୁନ୍ ୧୪

୨୬. ନିମ୍ନଲିଖିତ ମ୍ନରୁ କେଉଁ ଦ୍ୱୀପର ନାମ "ଶହୀଦ" ରଖାଯାଉଥିଲା ?

(କ) ଲାକ୍ଷାଦ୍ୱୀପ (ଖ) ମିନିକଏ (ଗ) ଆଣ୍ଡାମାନ (ଘ) ନିକୋବର

୨୭. "ଆଜାଦ୍ ହିନ୍ଦ୍ ଫୌଜ" କେବେ ମଣିପୁର ରାଜ୍ୟରେ ପ୍ରବେଶ କରିଥିଲା ?

(କ) ୧୯୪୪ ଏପ୍ରିଲ୍ (ଖ) ୧୯୪୪ ଅଗଷ୍ଟ (ଗ) ୧୯୪୫ ମାର୍ଚ୍ଚ (ଘ) ୧୯୪୫ ଜୁନ୍

୨୮. ଆଜାଦ୍ ହିନ୍ଦ୍ ଫୌଜର ସେନାଧ୍ୟକ୍ଷ ମାନଙ୍କୁ କେବେ ମୁକ୍ତି କରାଗଲା ?

(କ) ୧୯୪୫ ଜୁନ୍ ୧୪(ଖ)୧୯୪୬ ଜାନୁୟାରୀ ୧

(ଗ) ୧୯୪୭ ଜାନୁୟାରୀ ୩ (ଘ) ୧୯୪୭ ମାର୍ଚ୍ଚ

## <u>ଉ□ରମାଳା</u>

୧. (କ) ୨. (ଖ) ୩. (ଖ) ୪. (ଖ) ୫. (ଖ) ୬. (ଘ) ୭. (ଖ) ୮. (ଗ) ୯. (ଗ) ୧୦. (ଖ) ୧୧. (ଖ) ୧୨. (କ) ୧୩. (କ) ୧୪. (ଖ) ୧୫. (ଗ) ୧୬. (ଖ) ୧୭. (ଖ) ୧୮. (ଘ) ୧୯. (କ) ୨୦. (କ) ୨୧. (ଗ) ୨୨. (କ) ୨୩.(ଘ) ୨୪. (ଘ) ୨୫. (କ) ୨୬. (ଗ) ୨୭. (କ) ୨୮. ଖ)

- ୦ -

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ସମୂହ

## ପ୍ରଥମ ଅଧ୍ୟାୟ (୨ ମାର୍କ)

## ପଞ୍ଚମ ପାଠ: ସୁବାଷ ଚନ୍ଦ୍ର ବୋଷ୍

## ଓ ଭାରତୀୟ ଜାତୀୟସେନା

୧. କେଉଁ ମହାମନିଷୀ ତଥା ଜନନାୟକଙ୍କ ବ୍ୟକ୍ତିତ୍ୱ ଦ୍ୱାରା ସୁଭାଷ ବୋଷ୍ ପ୍ରଭାବିତ ହୋଇଥିଲା ?

ଉ- ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ରବୀନ୍ଦ୍ର ନାଥ ଠାକୁର ପ୍ରମୁଖ ମହାମନିଷୀ ତଥା ବେନିଟୋ ମୁସୋଲିନୀ, ମୁସ୍ତାଫା କମାଲ ପାଶା, କାଉ□ଡି କାଭୁର, ଗାରିବାଲ୍ଡି ଓ ଲେନିନ୍‌ଙ୍କ ଭଳି ମହାନ ବିପ୍ଲବୀଙ୍କ ବ୍ୟକ୍ତିତ୍ୱ ଦ୍ୱାରା ସୁଭାଷ ବୋଷ୍ ପ୍ରଭାବିତ ହୋଇଥିଲେ ।

୨. ସୁଭାଷ ବୋଷ୍ କେବେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦାନ କଲେ ଓ କେଉଁ ପଦବୀ ଅଳଙ୍କୃତ କଲେ ?

ଉ- ୧୯୨୩ ମସିହାରେ ସୁଭାଷ ବୋଷ୍ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦାନ କରି ବଙ୍ଗଳା ପ୍ରାଦେଶିକ କଂଗ୍ରେସ କମିଟିର ସମ୍ପାଦକ ପଦବୀ ଅଳଙ୍କୃତ କଲେ ।

୩. 'ଫରୱାର୍ଡ ବ୍ଲକ୍ ଗଠନ କରାଗଲା କାହିଁକି ?

ଉ- ୧୯୩୯ର ଭାରତୀୟ ଜାତୀୟ କଂଗ୍ରେସର ତ୍ରିପୁରୀ ଅଧିବେଶନ ପରବର୍ତ୍ତୀ ସମୟରେ ଗାନ୍ଧୀଜୀଙ୍କ ସହିତ ମତଭେଦ ହେବାରୁ ସୁବାଷ୍ ଜାତୀୟ କଂଗ୍ରେସ ତ୍ୟାଗ କଲେ ଓ ୧୯୩୯ ମେ' ୩ ତାରିଖରେ 'ଫରୱାର୍ଡ୍ ବ୍ଲକ୍ ନାମରେ ଏକ ନୂତନ ରାଜନୈତିକ ଦଳ ଗଠନ କଲେ ।

୪. ସୁଭାଷ ବୋଷ୍ କେବେ ଓ କିପରି ବର୍ଲିନ ପହଞ୍ଚିଲେ ?

ଉ- ସୁଭାଷ ବୋଷ୍ ୧୯୪୧ ମସିହା ଜାନୁଆରୀ ୨୬ ତାରିଖରେ ଭାରତର ସୀମା ଅତିକ୍ରମ କରି ଆଫଗାନିସ୍ଥାନ ଓ ସୋଭିଏତ୍ ରୁଷ୍ ମଧ୍ୟଦେଇ ମାର୍ଚ୍ଚ ୨୫ ତାରିଖରେ ମୁସଲମାନ ବେଶରେ ବର୍ଲିନ୍‌ଠାରେ ପହଞ୍ଚିଲେ ।

୫. ସୁଭାଷ ବୋଷ୍ ଜର୍ମାନୀ ପରିବର୍ତ୍ତେ ଜାପାନ ଉପରେ ଦୃଷ୍ଟି ନିବଦ୍ଧ କଲେ କାହିଁକି ?

ଉ- ଜର୍ମାନୀ ଭାରତୀୟ ସୀମାଠାରୁ ବହୁଦୂରରେ ଥିବାରୁ ସେଠାରୁ ଇଂରେଜମାନଙ୍କ ବିପକ୍ଷରେ ସଂଗ୍ରାମ ଚଳାଇ ରଖିବା କଷ୍ଟକର ଥିଲା । ପୁନଶ୍ଚ ଜର୍ମାନୀ କର୍ତ୍ତୃପକ୍ଷଙ୍କ କେତେକ କାର୍ଯ୍ୟ ତାଙ୍କ ମନରେ ସନ୍ଦେହ ସୃଷ୍ଟିକଲା ତେଣୁ ସେ ଜର୍ମାନୀ ପରିବର୍ତ୍ତେ ଜାପାନ ଉପରେ ଦୃଷ୍ଟି ନିବଦ୍ଧ କଲେ ।

୬. ସୁଭାଷ ବୋଷ୍ ଜାପାନ ଯାତ୍ରା କରିଥିଲେ କାହିଁକି ?

ଉ- ଜାପାନ ସହାୟତାରେ ଖୁବ୍ ନିକଟରୁ ବ୍ରିଟିଶ-ଭାରତ ଉପରେ ଆକ୍ରମଣ କରିବା ସହଜ ହେବ ବୋଲି ସୁଭାଷ ମନସ୍ଥ କରିଥିଲେ । ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ଭାରତ ସ୍ୱାଧୀନତା ସମ୍ମିଳନୀର ନିଷ୍ପତ୍ତି ଅନୁଯାୟୀ ରାସବିହାରୀ ସୁଭାଷଙ୍କୁ ଆଜାଦ୍ ହିନ୍ଦ୍ ଫୌଜର ନେତୃତ୍ୱ ନେବା ପାଇଁ ଜାପାନ ଆସିବାକୁ ନିମନ୍ତ୍ରଣ କରିବାରୁ ସୁଭାଷ ଜାପାନ ଯାତ୍ରା କରିଥିଲେ ।

୭. ସୁଭାଷ ଚନ୍ଦ୍ର ବୋଷ ଆଜାଦ୍ ହିନ୍ଦ୍ ଫୌଜର କେତୋଟି ଯୋଦ୍ଧା ବାହିନୀରେ ବିଭକ୍ତ କରିଥିଲେ ଓ ସେଗୁଡିକର ନାମ କ'ଣ ଦେଇଥିଲେ ?

ଉ- ସୁଭାଷ ଚନ୍ଦ୍ର ବୋଷ ଆଜାଦ୍ ହିନ୍ଦ୍ ଫୌଜକୁ ୪ଟି ଯୋଦ୍ଧା ବାହିନୀରେ ବିଭକ୍ତ କରିଥିଲେ. ଓ ସେଗୁଡିକ ହେଉା- ଗାନ୍ଧୀ ବ୍ରିଗେଡ୍ , ନେହେରୁ ବ୍ରିଗେଡ ,ଆଜାଦ୍ ବ୍ରିଗେଡ୍ ଓ ମହିଳା ଶାଖା ଝାନ୍ସୀ ବ୍ରିଗେଡ୍ ।

୮. 'ଶହୀଦ' ଓ ' ସ୍ୱରାଜ' କ'ଣ ?

ଉ- ନେତାଜୀ ୧୯୪୩ ନଭେମ୍ବର ୬ ତାରଖରେ ଜାପାନ ସରକାରଙ୍କଠାରୁ ଆନୁଷ୍ଠାନିକ ଭାବରେ ଆଣ୍ଡାମାନ ଓ ନିକୋବର ଦୀପପୁଞ୍ଜର ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ଉକ୍ତ ଦ୍ୱୀପ ଦ୍ୱୟକୁ ସେ ଯଥାକ୍ରମେ 'ଶହୀଦ' ଓ ସ୍ୱରାଜ ନାମକରଣ କରିଥିଲେ ।

୯. ଆଜାଦ୍ ହିନ୍ଦ୍ ଫୌଜର ସୈନ୍ୟମାନେ ପଛକୁ ଫେରିଥିଲେ କାହିଁକି ?

ଉ- ଜାପାନର ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପରାଜୟ ହେବାରୁ ଏହା ଆଜାଦ୍ ହିନ୍ଦ୍ ସୈନ୍ୟମାନଙ୍କୁ ସାହାର୍ଯ୍ୟ କରିପାରିଲା ନାହିଁ । ବ୍ରିଟିଶ ସେନା ଉତ୍ତର-ପୂର୍ବ ଭାରତର ଅଧିକାଂଶ ଅଂଚଳ ନିଜ ନିୟନ୍ତ୍ରଣରେ ରଖି ସାରିଥିଲେ । ତେଣୁ ଆଜାଦ୍ ହିନ୍ଦ୍ ଫୌଜର ସୈନ୍ୟମାନେ ପଛକୁ ଫେରିଗଲେ ।

୧୦. ଆଜାଦ୍ ହିନ୍ଦ୍ ଫୌଜର ତିନି ସେନାଧକ୍ଷଙ୍କର ନାମ କ'ଣ ଓ ସେମାନେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା କେବେ ଗିରଫ ହେଲେ ?

ଉ- ଆଜାଦ୍ ହିନ୍ଦ୍ ଫୌଜର ତିନି ସେନାକ୍ଷ ସାହାନୱାଜ ଖାଁ, ପ୍ରେମ୍ ସେହଗଲ୍ ଓ ଗୁରୁଦୟାଲ୍ ସିଂଥିଲନ୍ ୧୯୪୫ ମସିହା ସେପ୍ଟେମ୍ବର ମାସରେ ବ୍ରିଟଶ୍ ସରକାରଙ୍କଦ୍ୱାରା ଗିରଫ ହେଲେ ।

୧୧. ଆଜାଦ୍ ହିନ୍ଦ୍ ଯୁଦ୍ଧବନ୍ଦୀମାନଙ୍କ ସପକ୍ଷରେ କିଏ ମକଦ୍ଦମା ଲଢିଥିଲେ ଓ କାହିଁକି ?

ଉ- ଆଜାଦ୍ ହିନ୍ଦ୍ ଯୁଦ୍ଧବନ୍ଦୀମାନଙ୍କୁ ସ୍ୱାଧୀନତା ସଂଗ୍ରାମୀଭାବେ ଅଭିହିତ କରି ଭାରତୀୟମାନେ ସେମାନଙ୍କର ମୁକ୍ତି ଦାବି କରୁଥିଲେ । ତେଣୁ ଭୁଲୁଭାଇ ଦେଶାଇ, ତେଜ ବାହାଦୂର ସାପ୍ରୁ, ଜବାହାରଲାଲ୍ ନେହେରୁ ଓ ଆସଫ ଅଲ୍ଲୀ ପ୍ରମୁଖ ଆଇନଜୀବୀ ସେମାନଙ୍କ ସପକ୍ଷରେ ମକଦ୍ଦମା ଲଢିଲେ ।

୧୨. ସୁଭାଷ୍ ବୋଷ୍ ସୈନ୍ୟମାନଙ୍କୁ ଉତ୍ସାହିତ କରିବା ନିମନ୍ତେ କେଉଁ ଆହ୍ୱାନ ଏବଂ ଗଣଧ୍ୱନି ବ୍ୟବହାର କରୁଥିଲେ ?

ଉ- ସୁଭାଷ ବୋଷ୍ ସୈନ୍ୟମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଆହ୍ୱାନ ଦେଉଥିଲେ- 'ଦିଲ୍ଲୀର ପଥ ହେଲା ସ୍ୱାଧୀନତାର ପଥ' ଓ 'ତୁମେ ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି,' । ସେ 'ଦିଲ୍ଲୀ ଚଲୋ' ଓ ଜୟ ହିନ୍ଦ୍ ଗଣ ଧ୍ୱନିର ମଧ୍ୟ ବ୍ୟବହାର କରୁଥିଲେ ।

## କ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ ସମୂହ
## (୩ ନମ୍ବର ବିଶିଷ୍ଟ)

୧. ସୁଭାଷ ଚନ୍ଦ୍ର ବୋଷ୍ ସ୍ୱାଧିନତା ସଂଗ୍ରାମ ନିମନ୍ତେ କିପରି ପ୍ରେରଣା ଲାଭ କରିଥିଲେ ?

(କ) ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ ଓ ରବୀନ୍ଦ୍ରନାଥ ଠାକୁର ପ୍ରମୁଖ ମହାମନିଷୀମାନଙ୍କର ବାଣୀ ଦ୍ୱାରା ସୁଭାଷ ପ୍ରଭାବିତ ହୋଇଥିଲେ ।

(ଖ) ବେନିଟୋ ମୁସୋଲିନି, ମୁସ୍ତାଫା କମାଲ ପାଶା, କାଉ□ଡ଼ି କାଭୁର, ଗାରିବାଲ୍‌ଡି ଓ ଲେନିନ୍‌ଙ୍କ ବୈପ୍ଳବିକ ଚିନ୍ତାଧାରା ସୁଭାଷଙ୍କୁ ଆନ୍ଦୋଳନର ମୂଳତନ୍ତ୍ର ଶିଖାଇଥିଲା ।

(ଗ) ଆମେରିକାର ସ୍ୱାଧୀନତା ସଂଗ୍ରାମ, 'ଫରାସୀ ରଷ୍ଟ୍ର ବିପ୍ଳବ ତଥା ରାଜନୀତିକ ଗୁରୁ ଚି□ରଞ୍ଜନ ଦାସଙ୍କ ପ୍ରେରଣା ତାଙ୍କୁ ପ୍ରଭାବିତ କରିଥିଲା ।

୨. ସୁଭାଷ ବୋଷ୍‌ଙ୍କର ପ୍ରାରମ୍ଭିକ ରାଜନୀତିକ ଜୀବନ କିପରି ଥିଲା ?

(କ) ୧୯୨୩ ମସିହାରେ ସୁଭାଷ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦାନ କଲେ ଓ ବଙ୍ଗଳା ପ୍ରାଦେଶିକ କଂଗ୍ରେସ କମିଟିର ସମ୍ପାଦକ ପଦବୀ ଅଳଙ୍କୃତ କଲେ ।

(ଖ) ୧୯୨୪ ରେ ସେ କଲିକତା ନଗର ନିଗମର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ନିର୍ବାଚିତ ହେଲେ ।

(ଗ) ସେ ଉଭୟ ବଙ୍ଗଳା ପ୍ରାଦେଶିକ କଂଗ୍ରେସ କମିଟି ଓ ସର୍ବଭାରତୀୟ ଶ୍ରମିକ କଂଗ୍ରେସର ଅଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ ।

୩. ସୁଭାଷ ବୋଷ୍ ଜର୍ମାନୀ ଏବଂ ଜାପାନର ସମର୍ଥନ ହାସଲ କରିବା ପାଇଁ ଇଚ୍ଛୁକ ଥିଲେ କାହିଁକି ?

(କ) 'ଶତ୍ରୁର ଶତ୍ରୁ ଆମର ମିତ୍ର' ନୀତି ଅନୁସରଣ କରି ଦେଶ ବାହାରୁ ବ୍ରିଟିଶ୍ ଶକ୍ତିକୁ ଆଘାତ କରିବା ପାଇଁ ସୁଭାଷ ସିଦ୍ଧାନ୍ତ ନେଲେ ।

(ଖ) ଇତିହାସରୁ ସେ ଶିକ୍ଷାଲାଭ କରିଥିଲେ ଯେ ବହିଃଶକ୍ତିର ସାହାର୍ଯ୍ୟ ବିନା କୌଣସି ଜାତି ସ୍ୱାଧୀନତା ହାସଲ କରିପାରିନାହିଁ ।

(ଗ) ତେଣୁ ଇଂଲଣ୍ଡର ପ୍ରଧାନ ଶତ୍ରୁ ଜର୍ମାନୀ ଓ ଜାପାନର ସମର୍ଥନ ହାସଲ କରିବା ପାଇଁ ସେ ଉଦ୍ୟମ କଲେ ।

୪. 'ସ୍ୱାଧୀନ ଭାରତ ସୈନ୍ୟବାହିନୀ' ସଂପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।

(କ) ଜର୍ମାନ ସରକାରଙ୍କର ସାହାର୍ଯ୍ୟରେ ସୁଭାଷ ବୋଷ ବର୍ଲିନଠାରେ ଏକ 'ସ୍ୱାଧୀନ ଭାରତ କେନ୍ଦ୍ର ପ୍ରତିଷ୍ଠା କରି 'ଫ୍ରି ଇଣ୍ଡିଆ ଆର୍ମି' ବା ସ୍ୱାଧୀନତା ଭାରତ ସୈନ୍ୟବାହିନୀ ଗଠନ କଲେ ।

(ଖ) ସେଠାକାର ପ୍ରାୟ କୋଡିଏ ହଜାର ଭାରତୀୟ ଯୁଦ୍ଧବନ୍ଦୀ ଏଥିରେ ଯୋଗ ଦେଇଥିଲେ । ଜର୍ମାନ ସେନାପତିମାନେ ସେମାନଙ୍କୁ ତାଲିମ ଦେଉଥିଲେ ଓ ନେତାଜୀ ତାହା ନିରୀକ୍ଷଣ କରି ଅଭିବାଦନ ଗ୍ରହଣ କରୁଥିଲେ ।

(ଗ) ସୈନ୍ୟମାନେ ଅଭିବାଦନ ସ୍ୱରୂପ 'ଜୟ ହିନ୍ଦ୍' ଧ୍ୱନି ବ୍ୟବହାର କରୁଥିଲେ ।

୫. ରାସବିହାରୀ ବୋଷ୍ ଆଜାଦ୍ ହିନ୍ଦ୍ ଫୌଜ ସହିତ ଜଡିତ ଥିଲେ କିପରି ?

(କ) ଜାପାନରେ ବାସ କରୁଥିବା ଭାରତୀୟ ବିପ୍ଳବୀ ରାସବିହାରୀ ବୋଷ ସେଠାରେ 'ଭାରତୀୟ ସ୍ୱାଧୀନତା ସଂଘ ଗଠନ କରିଥିଲେ ?

(ଖ) ସେ କ୍ୟାପେଟନ୍ ମୋହନ ସିଂହଙ୍କ ନେତୃତ୍ୱରେ ଭାରତୀୟ ଜାତୀୟ ବାହିନୀ ବା ଆଜାଦ୍ ହିନ୍ଦ୍ ଫୌଜ ଗଠନ କରିଥିଲେ ।

(ଗ) ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ଭାରତ ସ୍ୱାଧୀନତା ସମ୍ମିଳନୀର ନିଷ୍ପତ୍ତି ଅନୁଯାୟୀ ରାସ୍‌ବିହାରୀ ସୁଭାଷଙ୍କୁ ଆଜାଦ୍ ହିନ୍ଦ୍ ଫୌଜର ନେତୃତ୍ୱ ନେବା ପାଇଁ ଆମନ୍ତ୍ରଣ କରିଥିଲେ ।

୬. ସୁଭାଷ ଚନ୍ଦ୍ର ବୋଷ୍ କିପରି ଆଜାଦ୍ ହିନ୍ଦ୍ ଫୌଜର ପୁର୍ନଗଠନ କରିଥିଲେ ?

(କ) ୧୯୪୩ ଜୁଲାଇ ୨ ତାରିଖରେ ସୁଭାଷ ସିଙ୍ଗାପୁରରେ ପହ□ଲେ ଓ ଭାରତୀୟ ସ୍ୱାଧୀନତା ସଂଘ ଏବଂ ଆଜାଦ୍ ହିନ୍ଦ୍ ଫୌଜର ନେତୃତ୍ୱ ନେଲେ ।

(ଖ) ତାଙ୍କ ପ୍ରେରଣାରେ ସୈନ୍ୟ ସଂଖ୍ୟା ବଢିବାରେ ଲାଗିଲା ଏବଂ ସୈନ୍ୟମାନେ ତାଙ୍କୁ ନେତାଜୀ ଆଖ୍ୟାରେ ଭୂଷିତ କରିଥିଲେ ।

(ଗ) ସୁବାଷ୍ ଆଜାଦ୍ ହିନ୍ଦ୍ ଫୌଜକୁ ଗାନ୍ଧୀ ବ୍ରିଗେଡ୍, ନେହେରୁ ବ୍ରିଗେଡ୍, ଆଜାଦ୍ ବ୍ରଗେଡ୍ ଓ ସ୍ୱତନ୍ତ୍ର ମହିଳା ଶାଖା ଝାନ୍‌ସୀରାଣୀ ବ୍ରିଗେଡ୍‌ରେ ବିଭକ୍ତ କରିଥିଲେ ।

୭. ଆଜାଦ୍ ହିନ୍ଦ୍ ସରକାର କିପରି ଗଠନ କରାଯାଇଥିଲା ?

(କ) ଆୟାରଲ୍ୟାଣ୍ଡର ଅସ୍ଥାୟୀ ସରକାର ଅନୁକରଣରେ ୧୯୪୩ ଅକ୍ଟୋବର ୨୧ ରେ ସିଙ୍ଗାପୁର ଠାରେ ନେତାଜୀ ଆଜାଦ୍ ହିନ୍ଦ୍ ସରକାର ଗଠନ କରିଥିଲେ ।

(ଖ) ସୁଭାଷ ବୋଷ୍ ଏହି ସରକାରର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ପ୍ରଧାନ ସେନାପତି ପଦରେ ଅଧିଷ୍ଠିତ ହୋଇ ବର୍ହିଦେଶ ବିଭାଗ ଓ ଯୁଦ୍ଧ ବିଭାଗର ଦାୟିତ୍ୱ ନିଜ ଅଧୀନରେ ରଖିଥିଲେ ।

(ଗ) ଏହାର ମନ୍ତ୍ରୀମଣ୍ଡଳରେ ଦଶଜଣ ସଭ୍ୟ ରହିଥିଲେ ।

## ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ ସମୂହ
## (୪ ମାର୍କ ବିଶିଷ୍ଟ)

୧. ସୁଭାଷ ବୋଷଙ୍କର ରାଜନୈତିକ ଜୀବନ ସମ୍ବନ୍ଧରେ ଏକ ଟିପ୍ପଣୀ ପ୍ରଦାନ କର ।

(କ) ସୁଭାଷ ବୋଷ୍ ୧୯୨୩ ମସିହାରେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦାନ କରି ବଙ୍ଗଳା ପ୍ରାଦେଶିକ କଂଗ୍ରେସ କମିଟିର ସଂପାଦକ ପଦବୀ ଅଳଙ୍କୃତ କଲେ । ସେ ତାଙ୍କ ରାଜନୈତିକ ଗୁରୁ ଚି□ରଞ୍ଜନ ଦାସଙ୍କ ପ୍ରେରଣାରେ କାର୍ଯ୍ୟ କରୁଥିଲେ ।

(ଖ) ୧୯୨୪ ମସିହାରେ କଲିକତା ନଗର ନିଗମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପରେ ବଙ୍ଗଳା ପ୍ରାଦେଶିକ କଂଗ୍ରସ କମିଟି ଓ ସର୍ବଭାରତୀୟ ଶ୍ରମିକ କଂଗ୍ରେସର ଅଧକ୍ଷ ପଦରେ ଅଧିଷ୍ଠିତ ହୋଇଥିଲେ ।

(ଗ) ଭାରତୀୟ ଜାତୀୟ କଂଗ୍ରସର ୧୯୩୮ର ହରିପୁର ଅଧିବେଶନ ଏବଂ ୧୯୩୯ ର ତ୍ରିପୁରୀ ଅଧିବେଶନରେ ସେ ସଭାପତିତ୍ୱ କରୁଥିଲେ ।

(ଘ) ଗାନ୍ଧୀଜୀଙ୍କ ସହିତ ମତଭେଦ ଉପୁଜିବାରୁ ସେ ୧୯୩୯ରେ ଭାରତୀୟ ଜାତୀୟ କଂଗ୍ରେସ ତ୍ୟାଗ କରି ସେହି ବର୍ଷ ମେ'୩ ତାରଖରେ 'ଫରୱାର୍ଡ ବ୍ଲକ୍' ନାମରେ ଗୋଟିଏ ନୂତନ ରାଜନୈତିକ ଗଠନ କଲେ ।

୨. ଜର୍ମାନୀରେ ସୁଭାଷଙ୍କ କାର୍ଯ୍ୟକଳାପ ବର୍ଣ୍ଣନା କର ।

(କ) ୧୯୪୧ ମସିହା ମାର୍ଚ୍ଚ ୨୫ ତାରିଖରେ ସୁଭାଷ ବର୍ଲିନ୍‌ରେ ପହଞ୍ଚିଲେ । ଜର୍ମାନ୍ ସରକାରଙ୍କ ସାହାର୍ଯ୍ୟରେ ସେଠାରେ ଏକ 'ସ୍ୱାଧୀନ ଭାରତ କେନ୍ଦ୍ର ପ୍ରତିଷ୍ଠା କରି 'ସ୍ୱାଧୀନ ଭାରତ ସୈନ୍ୟବାହିନୀ' ଗଠନ କଲେ ।

(ଖ) ସେଠାରେ ଥିବା କୋଡ଼ିଏ ହଜାର ଯୁଦ୍ଧବନ୍ଦୀ କରି ୧୯୪୨ େବୃଆରୀ ୧୯ରେ ତାଙ୍କର ପ୍ରଥମ ଗୁପ୍ତ ବେତାର ବାର୍ତ୍ତା ବିଶ୍ୱବାସୀଙ୍କ ନିମନ୍ତେ ପ୍ରସାରଣ କରିଥିଲେ । ଏହା ଭାରତୀୟଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରାଇଥିଲେ ।

(ଗ) ସେ ସେଠାରେ 'ଆଜାଦ୍ ହିନ୍ଦ୍ ରେଡ଼ିଓ' ପ୍ରତିଷ୍ଠା କରି ୧୯୪୨ ଫେବୃୟାରୀ ୧୯ରେ ତାଙ୍କର ପ୍ରଥମ ଗୁପ୍ତ ବେତାର ବାର୍ତ୍ତା ବିଶ୍ୱବାସୀଙ୍କ ନିମନ୍ତେ ପ୍ରସାରଣ କରିଥିଲେ । ଏହା ଭାରତୀୟଙ୍କୁ ଦେଶ ପ୍ରେମରେ ଉଦ୍‌ବୁଦ୍ଧ ସାକ୍ଷାତ କରି ଭାରତର ସ୍ୱାଧୀନତା ନିମନ୍ତେ ସାହାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ ।

(ଘ) ଜର୍ମାନୀର ଶାସକ ହିଟଲରଙ୍କୁ ସାକ୍ଷାତକରି ଭାରତର ସ୍ୱାଧୀନତା ନିମନ୍ତେ ସାହାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ ।

୩. ସୁଭାଷ ବୋଷ୍ ଜର୍ମାନୀ ପରିବର୍ତ୍ତେ ଜାପାନ ଉପରେ ଦୃଷ୍ଟି ନିବଦ୍ଧ କରିବାର କାରଣ ବର୍ଣ୍ଣନା କର ।

(କ) ଜର୍ମାନୀ ଭାରତର ସୀମାଠାରୁ ବହୁ ଦୂରରେ ଥିବାରୁ ସେଠାରୁ ବ୍ରିଟିଶ୍ ବିପକ୍ଷରେ ସଂଗ୍ରାମ ଚଳାଇ ରଖିବା କଷ୍ଟକର ଥିଲା ।

(ଖ) ଜର୍ମାନୀ କର୍ତ୍ତୃପକ୍ଷଙ୍କ କେତେକ କାର୍ଯ୍ୟ ସୁଭାଷଙ୍କ ମନରେ ସନ୍ଦେହ ସୃଷ୍ଟି କଲା । ଜର୍ମାନୀର ଶାସକ ହିଟଲର୍ ମଧ ଭାରତର ସ୍ୱାଧୀନତା ସଂପର୍କରେ ସାହାର୍ଯ୍ୟ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ପ୍ରଦାନ କରିନଥିଲେ ।

(ଗ) ଅପରପକ୍ଷେ ଜାପାନ ମିଆଁମାର ପର୍ଯ୍ୟନ୍ତ ସମଗ୍ର ଦକ୍ଷିଣ-ପୂର୍ବ ଏସିଆରେ ଅପ୍ରତିଦ୍ୱନ୍ଦ୍ୱୀ ଶକ୍ତି ଥିଲା ।

(ଘ) ଜାପାନକୁ ରାଜି କରି ଭାରତର ଖୁବ୍ ନିକଟରୁ ବ୍ରିଟିଶ୍-ଭାରତ ଉପରେ ଆକ୍ରମଣ କରିବା ସହଜ ହେବ ବୋଲି ଚିନ୍ତା କରି ସେ ଜାପାନ ଉପରେ ଦୃଷ୍ଟି ନିବଦ୍ଧ କଲେ ।

୪. ସୁଭାଷ ବୋଷ୍ କିପରି ଆଜାଦ୍ ହିନ୍ଦ୍ ଫୌଜର ପୁର୍ନଗଠନ କରିଥିଲେ ?

(କ) ୧୯୪୩ ଜୁଲାଇ ୨ ତାରିଖରେ ସୁଭାଷ ସିଙ୍ଗାପୁର ପହ□ିଲେ ଓ ଭାରତୀୟ ସ୍ୱାଧୀନତା ସଂଘ ତଥା ଆଜାଦ୍ ହିନ୍ଦ୍ ଫୌଜର ନେତୃତ୍ୱ ନେଲେ । ତାଙ୍କ ପ୍ରେରଣାରେ ଆଜାଦ୍ ହିନ୍ଦ୍ ଫୌଜର ସୈନ୍ୟ ସଂଖ୍ୟା ବଢ଼ିବାରେ ଲାଗିଲା ।

(ଖ) ସେ ଏହି ସୈନ୍ୟବାହିନୀର ପୁନର୍ଗଠନ  କରିଥିଲେ ଏବଂ ସୈନ୍ୟ ବାହିନୀରେ ଉନ୍ନତି ତଥା ଶୃଙ୍ଖଳା ଆଣିବା ପାଇଁ ଯତ୍ନବାନ ହୋଇଥିଲେ । ସୈନ୍ୟମାନେ ତାଙ୍କୁ

'ନେତାଜୀ' ସମ୍ବୋଧନ କରୁଥିଲେ ।

(ଗ) ସେ ଆଜାଦ୍ ହିନ୍ଦ୍ ଫୌଜକୁ ଚାରୋଟି ଯୋଦ୍ଧା ବାହିନୀ ଯଥା- ଗାନ୍ଧୀ ବ୍ରଗେଡ୍, ନେହେରୁ ବ୍ରିଗେଡ୍, ଆଜାଦ୍ ବ୍ରିଗେଡ୍ ଏବଂ ସ୍ୱତନ୍ତ୍ର ମହିଳା ଶାଖା ଝାନ୍‌ସୀ ରାଣୀ ବ୍ରିଗେଡ୍‌ରେ  ବିଭକ୍ତ କରିଥିଲେ ।

(ଘ) କ୍ୟାପ୍‌ଟେନ୍ ଲକ୍ଷ୍ମୀ ସେହଗଲ୍ ଏହି ମହିଳା ବ୍ରିଗେଡ୍‌ର ନେତୃତ୍ୱ ନେଇଥିଲେ ।

୫. 'ଆଜାଦ୍ ହିନ୍ଦ ସରକାର' ସମ୍ବନ୍ଧରେ ଏକ ବିବରଣୀ ପ୍ରଦାନ କର ।

(କ) ନେତାଜୀ ଆୟାରଲାଣ୍ଡର ଅସ୍ଥାୟୀ ସରକାର ଅନୁକରଣରେ ସିଙ୍ଗାପୁରଠାରେ ୧୯୪୩ ଅକ୍ଟୋବର ୨୧ ତାରିଖରେ ଆଜାଦ୍ ହିନ୍ଦ୍ ସରକାର ଗଠନ  କରିଥିଲେ ।

(ଖ) ଜାପାନ, ଜର୍ମାନୀ, ଇଟାଲୀ, ମିଆଁମାର, ଥାଇଲାଣ୍ଡ, ଚୀନ୍, 'ଲିପାଇନ୍‌ସ୍ ଓ ମାଞ୍ଚୁରିଆ ଏହି ସରକାରକୁ  ସ୍ୱୀକୃତି ଦେଇଥିଲେ ।

(ଗ) ସୁଭାଷ ଏହି ସରକାରର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ପ୍ରଧାନ ସେନାପତି ହୋଇ ବର୍ହି- ଦେଶ ବିଭାଗ ତଥା ଯୁଦ୍ଧ ବିଭାଗକୁ ନିଜ ଅଧୀନରେ ରଖିଥିଲେ । ଏହାର ମନ୍ତ୍ରୀମଣ୍ଡଳରେ ଦଶଜଣ ସଭ୍ୟ ରହିଥିଲେ ।

(ଘ) ଭାରତ ମାଟିରୁ ଇଂରେଜ  ସରକାରଙ୍କୁ ବିତାଡ଼ିତ କରି ସ୍ୱାଧୀନ ଭାରତ ପ୍ରତିଷ୍ଠା ଲକ୍ଷ୍ୟରେ ସାମରିକ ସଂଗ୍ରାମ କରିବା ଏହି ଅସ୍ଥାୟୀ ସରକାରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

୬. ଆଜାଦ୍ ହିନ୍ଦ୍ ଫୌଜର ଭାରତ, ଅଭିଯାନ ସଂପର୍କରେ ଉଲ୍ଲେଖ କର ।

(କ) ନେତାଜୀଙ୍କ ଗଣଧ୍ୱନୀ 'ଦିଲ୍ଲୀ ଚଲୋ' ଓ 'ଜୟହିନ୍ଦ୍' ମନ୍ତ୍ରରେ ଉଦ୍ଦୀପ୍ତ ହୋଇ ଆଜାଦ୍ ହିନ୍ଦ୍ ବାହିନୀ ଭାରତର ପୂର୍ବ ସୀମାନ୍ତରେ ପହଞ୍ଚିଲା ।

(ଖ) ଇତି ମଧରେ ନେତାଜୀ ୧୯୪୩ ନଭେମ୍ବର ୬ ତାରିଖରେ ଜାପାନ ସରକାରଙ୍କଠାରୁ ଆନୁଷ୍ଠାନିକ ଭାବରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଦ୍ୱାୟିତ୍ୱ ଗ୍ରହଣ କରି ଉକ୍ତ ଦ୍ୱୀପ ଦ୍ୱୟକୁ ଯଥାକ୍ରମେ 'ଶହୀଦ' ଓ 'ସ୍ୱରାଜ' ଭାବେ ନାମିତ କରିଥିଲେ ।

(ଗ) ୧୯୪୪ ମସିହା ଏପ୍ରିଲ୍ ମାସରେ ଆଜାଦ୍ ହିନ୍ଦ୍ ଫୌଜ ମିଆଁମାର ପାରି ହୋଇ ମଣିପୁରରେ ପ୍ରବେଶ କରି କୋହିମା ଦଖଲ କରି ସେଠାରେ ଭାରତୀୟ ପତାକା ଉତ୍ତୋଳନ କରିବା ପରେ ଇମ୍ଫାଲ ଦଖଲ ନିମନ୍ତେ ଅଗ୍ରସର ହେଲା ।

(ଘ) ପ୍ରବଳ ବର୍ଷା ହେତୁ ବିପର୍ଯ୍ୟସ୍ତ ଯୋଗାଯୋଗ ବ୍ୟବସ୍ଥା ତଥା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନର ପରାଜୟ ଇତ୍ୟାଦି କାରଣରୁ ଆଜାଦ୍ ହିନ୍ଦ୍ ଫୌଜର ଭାରତ ଅଭିଯାନରେ ଯବନିକା ପଡି ଥିଲା ।

୭. ଆଜାଦ୍ ହିନ୍ଦ୍ ଫୌଜର ସୈନ୍ୟମାନଙ୍କର ଗିରଫର ପରିମାଣ କ'ଣ ହେଲା ?

(କ) ଆଜାଦ୍ ହିନ୍ଦ୍ ଫୌଜର ତିନି ସେନାଧକ୍ଷ ସାହାନଓ୍ୱାଜ ଖାଁ, ପ୍ରେମ୍ ସେହଗଲ୍ ଓ ଗୁରୁଦୟାଲ୍ ସିଂ ଧିଲନ୍ ୧୯୪୫ ମସିହା ସେପ୍ଟେମ୍ବର ମାସରେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ଗିରଫ ହୋଇ ନଭେମ୍ବର ୫ ତାରିଖରେ ଦିଲ୍ଲୀର ଲାଲକିଲ୍ଲାରେ ଅନୁଷ୍ଠିତ ସାମରିକ ଅଦାଲତରେ ସମ୍ମୁଖୀନ ହେଲେ ।

(ଖ) ସେମାନଙ୍କୁ ସ୍ୱାଧୀନତା ସଂଗ୍ରାମୀଭାବେ ଅଭିହିତ କରି ସେମାନଙ୍କ ବିଚାର ଓ ଗିରଫ ବିରୋଧରେ ସମଗ୍ର ଭାରତରେ ବିକ୍ଷୋଭ, ଶୋଭାଯାତ୍ରା ଓ ହରତାଳ ଆରମ୍ଭ ହେଲା । ସମସ୍ତ ରାଜନୈତିକ ଦଳ, କଂଗ୍ରେସ, ମୁସ୍‌ଲିମ୍ ଲିଗ୍, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓ ଜନସାଧାରଣ ସେମାନଙ୍କର ମୁକ୍ତି ଦାବିକଲେ ।

(ଗ) ଭୁଲୁଭାଇ ଦେଶାଇ, ତେଜ ବାହାଦ୍ୱାରା ସାପ୍ରୁ, ଜବାହରଲାଲ୍ ନେହେରୁ ଓ ଆସଫ ଅଲ୍ଲୀ ପ୍ରମୁଖ ଆଇନଜୀବୀ ସେମାନଙ୍କ ସପକ୍ଷରେ ମକଦ୍ଦମା ଲଢିଲେ ।

(ଘ) ସାମରିକ ଅଦାଲତ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସତ୍ତ୍ୱେ, ଇଂରେଜ ବିରୋଧୀ ଜନମତକୁ ଦୃଷ୍ଟିରେ ରଖି ଭାରତର ତତ୍‌କାଳୀନ ଭାଇସ୍‌ରାୟ ଲର୍ଡ ଓ୍ୱାଭେଲ୍ ଯୁଦ୍ଧବନ୍ଦୀମାନଙ୍କୁ ୧୯୪୬ ମସିହା ଜାନୁୟାରୀ ୧ ତାରିଖରେ ମୁକ୍ତ କରିଦେଲେ ।

୮. ଆଜାଦ୍ ହିନ୍ଦ୍ ଫୌଜର ଅଭିଯାନର ସୁଫଳଗୁଡିକ ବର୍ଣ୍ଣନା କର ।

(କ) ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷ ପର୍ଯ୍ୟାୟରେ ଭାରତର ସ୍ୱାଧୀନତା ଆନ୍ଦୋଳନ ଯେତେବେଳେ ମଉଳି ଯାଇଥିଲା ଠିକ୍ ସେହି ସମୟରେ ଆଜାଦ୍ ହିନ୍ଦ୍ ଫୌଜର କାର୍ଯ୍ୟକଳାପ ଏହାକୁ ନବଜୀବନ ପ୍ରଦାନ କରିଥିଲା ।

(ଖ) ଏହା ଦ୍ୱାରା ପ୍ରଭାବିତ ହୋଇ ଭାରତୀୟ ନୌସେନା ବ୍ରିଟଶ୍ ଶାସନ ବିରୋଧରେ ବିଦ୍ରୋହ ଘୋଷଣା କରିଥିଲା ।

(ଗ) ଆଜାଦ୍ ହିନ୍ଦ୍ ସରକାରର ମୁଖ୍ୟ ହିସାବରେ ନେତାଜୀ ଭାରତର ସ୍ୱାଧୀନତା ଦାବିକୁ ଏକ ଆନ୍ତର୍ଜାତିକ ପ୍ରଶ୍ନରେ ପରିଣତ କରିଥିଲେ ।

(ଘ) ଆଜାଦ୍ ହିନ୍ଦ୍ ଫୌଜର ଯୁଦ୍ଧବନ୍ଦୀଙ୍କ ବିଚାରକୁ କେନ୍ଦ୍ରକରି ୧୯୪୫ ମସିହାର ଶେଷ ଭାଗରେ ସାରା ଭାରତ ବର୍ଷରେ ଯେଉଁ ଉତ୍ତେଜନା ଓ ବ୍ରିଟିଶ ବିରୋଧୀ ଆନ୍ଦୋଳନ ହୋଇ ଥିଲା ତାହା ବ୍ରଟିଶ ସରକାରଙ୍କୁ କ୍ରମଶଃ ଭୟଭୀତ କରିଥିଲା ।

## ଷଷ୍ଠ ପାଠ:

## ଭାରତ ସ୍ୱାଧୀନତା ଆଇନ,

## ଭାରତ ବିଭାଜନ ଓ ସ୍ୱାଧୀନତା

୧.କେବେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ଘଟିଲା ?

(କ)୧୯୪୫ ଏପ୍ରିଲ୍ (ଖ) ୧୯୪୫ ଅଗଷ୍ଟ (ଗ) ୧୯୪୫ ଅକ୍ଟୋବର (ଘ)୧୯୪୫ ଡିସେମ୍ବର

୨.ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଇଂଲଣ୍ଡରେ କେଉଁ ଦଳ ଶାସନ କ୍ଷମତା ଦଖଲ କଲା ?

(କ) କୃଷକ ଦଳ (ଖ) ଜାଠ ଦଳ

(ଗ) ଶ୍ରମିକ ଦଳ (ଘ) କଂଗ୍ରେସ ଦଳ

୩.୧୯୪୬ ବିଧାନସଭା ନିର୍ବାଚନରେ ମୁସ୍‌ଲିମ ଲିଗ୍ କେତୋଟି ପ୍ରଦେଶରେ ଗରିଷ୍ଠତା ହାସଲ କରି ମନ୍ତ୍ରୀମଣ୍ଡଳ ଗଠନ କରିଥିଲା ?

(କ) ୮ (ଖ) ୨ (ଗ) ୧ (ଘ) ୧୦

୪.ନିମ୍ନଲିଖିତ ବ୍ୟକ୍ତିମାନଙ୍କ ମଧ୍ୟରୁ କିଏ କ୍ୟାବିନେଟ ମିଶନର ସଦସ୍ୟ ନ ଥିଲେ ?

(କ) ପେଥିକ ଲରେନସ୍

(ଖ) ଏ.ଭି. ଆଲେକଜାଣ୍ଡାର

(ଗ) ସି.ଭି. ଆଲେକଜାଣ୍ଡାର

(ଘ) ସାର ଷ୍ଟାଫୋର୍ଡ କ୍ରିପସ୍

୫.କ୍ୟାବିନେଟ ମିଶନ କେବେ ଭାରତରେ ପଦାର୍ପଣ କଲା ?

(କ) ୧୯୪୫ ଜୁନ ୧୩ (ଖ) ୧୯୪୬ ମାର୍ଚ୍ଚ ୨୪

(ଗ) ୧୯୪୭ ଜୁଲାଇ ୧୪(ଘ)୧୯୪୭ ଅଗଷ୍ଟ ୧୩

୬.ମୋଟ କେତେ ଜଣ ସଦସ୍ୟଙ୍କୁ ନେଇ ଏକ ସମ୍ବିଧାନ ପ୍ରଣୟନ ସଭା ଗଠନ ପାଇଁ କ୍ୟାବିନେଟ୍ ମିଶନ ପ୍ରସ୍ତାବ ଦେଇଥିଲା ?

(କ) ୨୯୬ (ଖ) ୩୦୨

(ଗ) ୩୪୭ (ଘ) ୩୮୯

୭.ପ୍ରତ୍ୟକ୍ଷ କାର୍ଯ୍ୟ ଦିବସ କେଉଁ ଦିନଟିକୁ ପାଳନ କରିବାପାଇଁ ଆହ୍ୱାନ ଦିଆଯାଇଥିଲା ?

(କ) ୧୯୪୫ ଜୁଲାଇ ୧୩

(ଖ) ୧୯୪୬ ଜାନୁୟାରୀ ୧୪

(ଗ) ୧୯୪୬ ଅଗଷ୍ଟ ୧୬

(ଘ) ୧୯୪୭ ମାର୍ଚ୍ଚ ୧୩

୮.କଲିକତା ହତ୍ୟାକାଣ୍ଡକୁ କେଉଁ ବ୍ୟକ୍ତି “ବିରାଟ କଲିକତା ହତ୍ୟାକାଣ୍ଡ'' ନାମରେ ଅଭିହିତ କରିଥିଲେ ?

(କ) ଷ୍ଟାଫୋର୍ଡ କ୍ରିପସ (ଖ) ଫ୍ରାନସିସ୍ ଟକର

(ଗ) ଲର୍ଡ ମାଉଂଟ ବ୍ୟାଟେନ (ଘ) ଲର୍ଡ ଓ୍ୱାଭେଲ

୯.“ନୋଆଖଲି” ସ୍ଥାନଟି କେଉଁ ରାଜ୍ୟରେ ଥିଲା ?

(କ) ପଶ୍ଚିମବଙ୍ଗ (ଖ) ପାକିସ୍ଥାନ

(ଗ) ପୂର୍ବବଙ୍ଗ (ଘ) ମାଡ୍ରାସ

୧୦.କେବେ କଂଗ୍ରେସ ମଧ୍ୟବ□କାଳୀନ ସରକାର ଗଠନ କରିଥିଲା ?

(କ) ୧୯୪୬ ଡିସେମ୍ବର ୩

(ଖ) ୧୯୪୬ ସେପ୍ଟେମ୍ବର ୨

(ଗ) ୧୯୪୬ ଜୁନ ୩ (ଘ) ୧୯୪୬ ଡିସେମ୍ବର

୧୧.ମଧ୍ୟବ□କାଳୀନ ସରକାରର ପ୍ରଧାନମନ୍ତ୍ରୀ କିଏ ଥିଲେ ?

(କ) ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ

(ଖ) ଜବାହରଲାଲ ନେହେରୁ

(ଗ) ଚିତ୍□ରଞ୍ଜନ ଦାସ (ଘ) ସୁଭାଷ ଚନ୍ଦ୍ର ବୋଷ

୧୨.ମୁସ୍‌ଲିମ୍ ଲିଗ କେବେ ମଧ୍ୟବ□କାଳୀନ ସରକାରରେ ଯୋଗ ଦେଲା ?

(କ) ୧୯୪୫ ଜୁଲାଇ ୧୪

(ଖ) ୧୯୪୬ ଜୁନ୍ ୧୪

(ଗ) ୧୯୪୬ ଅକ୍ଟୋବର ୧୩

୧୩.ସମ୍ବିଧାନ ପ୍ରଣୟନ ସଭାରେ କିଏ ସ୍ଥାୟୀ ସଭାପତି ରୂପେ ମନୋନୀତ ହୋଇଥିଲେ ?

(କ) ମହାତ୍ମାଗାନ୍ଧୀ (ଖ) ଜବାହାରଲାଲ ନେହେରୁ

(ଗ) ବଲ୍ଲଭ ଭାଇ ପଟେଲ(ଘ) ଡ. ରାଜେନ୍ଦ୍ର ପ୍ରସାଦ

୧୪.ସମ୍ବିଧାନ ପ୍ରଣୟନ ସଭାରେ କେଉଁ ବ୍ୟକ୍ତି ଚିଠା ପ୍ରସ୍ତୁତି କମିଟିର ଚେୟାରମ୍ୟାନ ଥିଲେ ?

(କ) ଜବାହାରଲାଲ ନେହେରୁ

(ଖ) ବଲ୍ଲଭ ଭାଇ ପଟେଲ

(ଗ) ଡ. ଭୀମରାଓ ରାମ୍‌ଜୀ ଆମ୍ବେଦକର

(ଘ) ରାଜେନ୍ଦ୍ର ପ୍ରସାଦ

୧୫.ଇଂଲଣ୍ଡର କେଉଁ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ଯେ ୧୯୪୮ ଜୁନ୍ ୩୦ ପୂର୍ବରୁ ଇଂରେଜମାନେ ଭାରତକୁ କ୍ଷମତା ହସ୍ତାନ୍ତର କରିବେ ?

(କ) ରାମ୍‌ସେ ମାକ୍‌ଡୋନାଲଡ୍

(ଖ) କ୍ଲିମେ□ଅଟ୍‌ଲି

(ଗ) ଉଇନଷ୍ଟନ ଚର୍ଚ୍ଚିଲ (ଘ) ପଂଚମ ଜର୍ଜ

୧୬.ଲର୍ଡ ମାଉଂଟବ୍ୟାଟେନ କେବେ ଭାରତର ବଡଲାଟ ହୋଇ ଆସିଥିଲେ ?

(କ) ୧୯୪୬ ଡିସେମ୍ବର ୧୪

(ଖ) ୧୯୪୭ ମାର୍ଚ୍ଚ ୨୨

(ଗ) ୧୯୪୭ ଜୁନ୍ ୨୩

(ଘ) ୧୯୪୭ ଜୁଲାଇ ୧୩

୧୭.ମାଉଂଟବ୍ୟାଟେନ୍ ଯୋଜନା କେବେ ଘୋଷିତ ହୋଇଥିଲାୟ ?

(କ) ୧୯୪୭ ଜାନୁୟାରୀ ୨୬

(ଖ) ୧୯୪୭ ଫେବୃୟାରୀ ୨୩

(ଗ) ୧୯୪୭ ମାର୍ଚ୍ଚ ୨୪

(ଘ) ୧୯୪୭ ଜୁନ୍ ୧୩

୧୮. ମାଉଂଟ ବ୍ୟାଟେନଙ୍କ ପ୍ରସ୍ତାବରେ ସୀମା ନିର୍ଦ୍ଧାରଣ କମିଶନର ଅଧ୍ୟକ୍ଷ କିଏ ହେବେ ବୋଲି କୁହାଯାଇଥିଲା ?

(କ) ମହାତ୍ମା ଗାନ୍ଧୀ (ଖ) ଲର୍ଡ ଓ୍ୱାଭେଲ

(ଗ) ସାର ସିରିଲ ରେଡକ୍ଲିଫ

(ଘ) ମହମ୍ମଦ ଅଲ୍ଲୀ ଜିନ୍ନା
୧୯.ପାକିସ୍ଥାନ ଗଠନ ସମୟରେ କେଉଁ ରାଜ୍ୟଟି ଭାଗ ହୋଇନଥିଲା ?
(କ) ମହାରାଷ୍ଟ୍ର (ଖ) ପଞ୍ଜାବ
(ଗ) ବଙ୍ଗ (ଘ) ଆସାମ
୨୦.କେବେ "ଭାରତ ସ୍ୱାଧୀନତା ଆଇନ୍ ୧୯୪୭'' ବ୍ରିଟିଶ ପାର୍ଲିଆମେଂଟରେ ଅନୁମୋଦିତ ହେଲା ?
(କ) ୧୯୪୭ ଜୁନ ୨୩ (ଖ) ୧୯୪୭ ମାର୍ଚ୍ଚ ୨୫
(ଗ) ୧୯୪୭ ଜୁଲାଇ ୧୮
(ଘ) ୧୯୪୭ ଜୁଲାଇ ୨୮
୨୧.ସ୍ୱାଧୀନ ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ କିଏ ହେଲେ ?
(କ) ଲର୍ଡ ମାଉଂଟ ବ୍ୟାଟେନ (ଖ) ଲର୍ଡ ଓ୍ୱାଭେଲ୍
(ଗ) ମହାତ୍ମା ଗାନ୍ଧୀ (ଘ)ଜବାହରଲାଲ ନେହେରୁ
୨୨.ପାକିସ୍ଥାନର ପ୍ରଥମ ପ୍ରଧାନମନ୍ତ୍ରୀ କିଏ ହେଲେ ?
(କ) ମହମ୍ମଦ ଅଲ୍ଲୀ ଜିନ୍ନା (ଖ) ଲିୟାକତ ଅଲ୍ଲୀ ଖାଁ (ଗ) ନବାବ ସରିଫ (ଘ) ଆୟୁବ ଖାଁ
୨୩. ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ରୂପେ କିଏ ଶପଥ ଗ୍ରହଣ କରିଥିଲେ ?
(କ) ଲିୟାକତ ଅଲ୍ଲୀ ଖାଁ (ଖ) ମହମ୍ମଦ ଅଲ୍ଲୀ ଜିନ୍ନା
(ଗ) ଜବାହରଲାଲ ନେହେରୁ
(ଘ) ଲର୍ଡ ମାଉଂଟବ୍ୟାଟେନ
୨୪. ପାକିସ୍ଥାନର ପ୍ରଥମ ଗଭର୍ଣ୍ଣର ଜେନେରାଲ ରୂପେ କିଏ ଶପଥ ଗ୍ରହଣ କରିଥିଲେ ?
(କ) ମହମ୍ମଦ ଅଲ୍ଲୀ ଜିନ୍ନା (ଖ) ଲିୟାକତ ଅଲ୍ଲୀ ଖାଁ
(ଗ) ଜବାହରଲାଲ ନେହେରୁ
(ଘ) ଲର୍ଡ ମାଉଂଟବ୍ୟାଟେନ
୨୫. ସ୍ୱାଧୀନ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ କିଏ ଥିଲେ ?
(କ) ମହମ୍ମଦ ଅଲ୍ଲୀ ଜିନ୍ନା (ଖ) ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍
(ଗ) ଜବାହରଲାଲ ନେହେରୁ (ଘ) ବିପିନ ଚନ୍ଦ୍ର ପାଲ
୨୬. ଦେଶୀୟ ରାଜ୍ୟ ମିଶ୍ରଣ କ୍ଷେତ୍ରରେ କେଉଁ ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ?
(କ) ଜବାହରଲାଲ ନେହେରୁ(ଖ) ମହାତ୍ମା ଗାନ୍ଧୀ
(ଗ) ଲର୍ଡ ମାଉଂଟବ୍ୟାଟେନ
(ଘ) ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ
୨୭. ନିମ୍ନଲିଖିତ ମଧ୍ୟରୁ କେଉଁ ବ୍ୟକ୍ତି 'ଲୌହ ମାନବ' ଭାବରେ ପରିଚିତ ?
(କ) ନାଥୁରାମ ଗଡସେ
(ଖ) ସର୍ଦ୍ଦାର ବଲ୍ଲଭଭାଇ ପଟେଲ
(ଗ) ଚନ୍ଦ୍ରଶେଖର ଆଜାଦ୍ (ଘ) ଗୋବିନ୍ଦ ବଲ୍ଲଭ ପନ୍ଥ

**ଉତ୍ତରମାଳା**

୧. (କ) ୨. (ଗ) ୩. (ଖ) ୪. (ଗ) ୫. (ଖ) ୬. (ଘ) ୭. (ଗ) ୮. (ଖ) ୯. (ଗ)୧୦. (ଖ) ୧୧. (ଖ) ୧୨. (ଗ) ୧୩. (ଘ) ୧୪. (କ) ୧୫. (ଖ) ୧୬. (ଖ) ୧୭. (ଘ) ୧୮. (ଗ) ୧୯. (କ) ୨୦. (ଗ)୨୧. (କ) ୨୨. (ଖ) ୨୩. (ଗ) ୨୪. (କ) ୨୫. (ଖ) ୨୬. (ଘ) ୨୭. (ଖ)

## ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନୋତ୍ତର (୨ ମାର୍କ)

୧. କ୍ୟାବିନେଟ୍ ମିଶନ୍ କାହିଁକି ଭାରତ ଆସିଥିଲା ?

I. ତୃତୀୟ ବିଶ୍ୱଯୁଦ୍ଧ ପରେ ଇଂଲଣ୍ଡରେ ଶ୍ରମିକ ଦଳର ନେତା କ୍ଲିମେଂଟ□ଅଟଲି ସରକାର ଗଠନ କଲେ ଓ ନୂତନ ସରକାର ଗଠନ ଗଠନ କଲେ ଓ ନୂତନ ସରକାର ଭାରତୀୟଙ୍କ ହାତରେ କ୍ଷମତା ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେଲେ ।

II. ଏହି ବିଷୟରେ ଭାରତୀୟ ନେତୃବର୍ଗଙ୍କ ସାଙ୍ଗରେ ବୁଝାମଣା କରିବା ଉଦ୍ଦେଶ୍ୟରେ କ୍ୟାବିନେଟ୍ ମିଶନ୍ ନାମରେ ଏକ ପ୍ରତିନିଧି ଦଳକୁ ଭାରତ ପଠାଇଲେ ।

୨. କ୍ୟାବିନେଟ୍ ମିଶନ କେବେ ଭାରତରେ ପହ□ିଲା ଓ ଏଥିରେ କେଉଁମାନେ ସଦସ୍ୟଥିଲେ ?

I. କ୍ୟାବିନେଟ୍ ମିଶନ୍ ୧୯୪୬ ମାର୍ଚ୍ଚ ୨୪ ରେ ନୂଆଦିଲ୍ଲୀରେ ପହ□ିଥିଲେ ।

II. ଭାରତ ସଚିବ ପେଥିକଲରେନସ୍, ଏ.ଭି.ଆଲେକଜାଣ୍ଡାର ଓ ସାର ଷ୍ଟାଫର୍ଡ଼ କ୍ରିପସ୍ ଏହି ପ୍ରତିନିଧି ଦଳର ସଦସ୍ୟ ଥିଲେ ।

୩. ମହମ୍ମଦ ଅଲ୍ଲୀ ଜିନ୍ନା କେବେ ଓ କାହିଁକି ପ୍ରତ୍ୟକ୍ଷ କାର୍ଯ୍ୟ ଦିବସ ପାଳନ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ ?

I. କ୍ୟାବିନେଟ୍ ମିଶନ୍ ପ୍ରସ୍ତାବରେ ସ୍ୱାଧୀନ ପାକିସ୍ତାନ ଗଠନ କଥା ଉଲ୍ଲେଖ ନଥିବାରୁ ମୁସଲିମ୍ ଲିଗ୍ ନେତା ମହମ୍ମଦ ଅଲ୍ଲୀ ଜିନ୍ନା କ୍ଷୁବ୍ଧ ହୋଇଥିଲେ ।

II. ୧୯୪୬ ମସିହା ଅଗଷ୍ଟ ୧୬ ତାରିଖକୁ ପ୍ରତ୍ୟକ୍ଷ କାର୍ଯ୍ୟଦିବସ ରୂପେ ପାଳନ କରି ସଭା ଓ ଶୋଭାଯାତ୍ରା ମାଧ୍ୟମରେ ସ୍ୱତନ୍ତ୍ର ପାକିସ୍ତାନ ଦାବି ଉପସ୍ଥାପନ କରିବା ନିମନ୍ତେ ମୁସଲମାନ୍ ମାନଙ୍କୁ ଆହ୍ୱାନ ଦେଇଥିଲେ ।

୬. ମଧ୍ୟବର୍ତ୍ତୀ କାଳୀନ ସରକାର କେବେ ଗଠନ କରାଗଲା ଓ ମୁସଲିମ୍ ଲିଗ୍ କେବେ ଏଥିରେ ଯୋଗଦାନ କଲା ?

I. ୧୯୪୬ ସେପ୍ଟେମ୍ବର ୨ ତାରିଖରେ ଜବାହର୍ଲାଲ୍ ନେହେରୁ ପ୍ରଧାନମନ୍ତ୍ରୀତ୍ୱରେ କଂଗ୍ରେସ ମଧ୍ୟବର୍ତ୍ତୀ କାଳୀନ ସରକାର ଗଠନ କଲା ।

II. ଭାଇସରାଏ ଲର୍ଡ଼ ୱାଭେଲଙ୍କ ପ୍ରରୋଚନରେ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ନେତୃତ୍ୱରେ ମୁସଲିମ୍ ଲିଗ୍ ୧୯୪୬ ଅକ୍ଟୋବର ୧୩ ରେ ମୁସଲିମ୍ ଲିଗ୍ ସରକାର ଯୋଗଦାନ କଲା ।

୭. ମାଉଣ୍ଟ□ବ୍ୟାଟେନ୍ ଯୋଜନା କେବେ ଘୋଷିତ ହୋଇଥିଲା ଓ ଏଥିରେ ମୁଖ୍ୟ ବ୍ୟବସ୍ଥା କଣ ଥିଲା ?

I. ୧୯୪୭ ଜୁନ୍ ୩ ତାରିଖରେ ମାଉ□ବ୍ୟାଟେନ୍ ଯୋଜନା ଘୋଷିତ ହୋଇଥିଲା ।

II. ଏହି ଯୋଜନାରେ ମୁଖ୍ୟ ବ୍ୟବସ୍ଥା ଥିଲା ଭାରତ ବିଭାଜିତ ହେବ ଓ ପାକିସ୍ତାନ ନାମରେ ୨ଟି ଦେଶ ସୃଷ୍ଟି ହେବ ।

୮. କ୍ୟାବିନେଟି ମିଶନ୍‌ର ସମ୍ବିଧାନ ପ୍ରଣୟନ ସଭା ଗଠନ ପ୍ରସ୍ତାବ ସମ୍ପର୍କରେ ଟିପ୍ପଣୀ ଲେଖ ?

I. କ୍ୟାବିନେଟ୍ ମିଶନ୍‌ଙ୍କର ପ୍ରସ୍ତାବ ଅନୁସାରେ ବ୍ରିଟିଶ ଶାସିତ ପ୍ରଦେଶରୁ ସାଧାରଣ ବର୍ଗ ଓ ପ୍ରତ୍ୟକ ସମ୍ପ୍ରଦାୟର ପ୍ରତିନିଧିତ୍ୱ ସହ ୨୯୬ ଜଣ ଓ ଦେଶୀୟ ରାଜ୍ୟମାନଙ୍କରୁ ୯୩ ଜଣ ପ୍ରତିନିଧି ରହିବେ ।

II. ସମ୍ବିଧାନ ପ୍ରଣୟନ ସଭା ମୋଟ୍ ୩୮୯ ଜଣ ସଦସ୍ୟଙ୍କୁ ନେଇ ଗଠିତ ହେବ ।

୧୦. ମାଉ□ବ୍ୟାଟେନ୍ ଯୋଜନାରେ ଦେଶର ସୀମା ନିର୍ଦ୍ଧାରଣ ସମ୍ପର୍କରେ କ'ଣ ଉଲ୍ଲେଖ ଥିଲା ?

I. ମାଉ□ବ୍ୟାଟେନ୍ ଯୋଜନା ଅନୁସାରେ ମୁସଲମାନ୍ ଓ ଅଣମୁସଲମାନ୍‌ଙ୍କ ସଂଖ୍ୟାନୁସାରେ ବଙ୍ଗଳା ଓ ପଞ୍ଜାବ ପ୍ରଦେଶ ରେ ବିଭାଜନ କରାଯାଇ ଭାରତ ଓ ପାକିସ୍ତାନ ସୀମା ନିର୍ଦ୍ଧାରଣ କରାଯିବ ।

II. ସାର୍ ସିରିଲ୍ ରେଡ଼କ୍ଲିଫ୍‌ଙ୍କ ଅଧ୍ୟକ୍ଷରେ ଗଠିତ ସୀମା ନିର୍ଦ୍ଧାରଣ କମିଶନ ଦୁଇ ଦେଶର ସୀମା ନିର୍ଦ୍ଧାରଣ କରିବ ।

୧୨. ମୁସଲିମ୍ ଲିଗ୍ ମାଉ□ବ୍ୟାଟେନ୍ ଯୋଜନାକୁ କିପରି ଗ୍ରହଣ କଲା ?

I. ଭୁସଲିମ୍ ଲିଗ୍ ପାକିସ୍ତାନ ଗଠନ ନିମନ୍ତେ ଦୁଇ-ତୃତୀୟାଂଶ ଅ□ଳ ଦାବି କରୁଥିଲେ ମଧ୍ୟ ନବଗଠିତ ଭାରତର ମୁସଲମାନ୍ ଜନସଂଖ୍ୟା ପାକିସ୍ତାନରେ ମୁସଲମାନ୍ ଜନସଂଖ୍ୟାଠାରୁ ଅଧିକ ହୋଇଥିବାରୁ କଂଗ୍ରେସ ମୁସଲିମ୍ ଲିଗ୍ ର ଦାବୀକୁ ଖଣ୍ଡନ କରାଗଲା ।

II. ଏକ କ୍ଷୁଦ୍ର ଓ ସଙ୍କୁଚିତ ପାକିସ୍ତାନର ବ୍ୟବସ୍ଥା ଦେଖି ଜିନ୍ନା କ୍ଷୁବ୍ଧ ହୋଇଥିଲେ ସୁଦ୍ଧା ଅନ୍ୟ ଉପାୟ ନପାଇ ମାଉ□ବ୍ୟାଟେନ୍ କୁ ଗ୍ରହଣ କଲେ ।

୧୩. ଭାରତ ସ୍ୱାଧୀନତା ଆଇନ୍ କ'ଣ ? ଏହା କେବେ ଅନୁମୋଦିତ ହୋଇଥିଲା ?

I. ଭାରତୀୟ ନେତାମାନେ ମାଉ୍‌ବ୍ୟାଟେନ୍ ଯୋଜନାକୁ ଗ୍ରହଣ କରିବାପରେ ବ୍ରିଟିଶ୍ ସରକାର ଏହାକୁ ଭି୍ କରି ଭାରତର ସ୍ୱାଧୀନତା ନିମନ୍ତେ ଏକ ଆଇନ୍ ପ୍ରସ୍ତୁତ କଲେ ।

II. ୧୯୪୭ ଜୁଲାଇ ୧୮ ତାରିଖରେ ଏହା ଭାରତ ସ୍ୱାଧୀନତା ଆଇନ୍ ୧୯୪୭ ଭାବରେ ବ୍ରିଟିଶ୍ ପାର୍ଲାମେ୍ଟ ଅନୁମୋଦନ କଲେ ।

୧୪. ଭାରତ ସ୍ୱାଧୀନତା ଆଇନ୍‌ରେ କେଉଁ ବିଷୟ ଉଲ୍ଲେଖ ଥିଲା ?

I. ଏହି ଆଇନ୍ ଅନୁସାରେ ଭାରତ ଓ ପାକିସ୍ତାନ ନାମକ ଦୁଇଟି ସ୍ୱାଧୀନ ରାଷ୍ଟ୍ର ଗଠିତ ହୋଇ ୧୯୪୭ ଅଗଷ୍ଟ ୧୫ ତାରିଖ ଦିନ କ୍ଷମତା ହସ୍ତାନ୍ତର ନିମନ୍ତେ ନିସ୍ପ୍‌ନିଆଗଲା ।

II. ଦେଶୀୟ ରାଜାମାନେ ଇଚ୍ଛାନୁସାରେ ଭାରତ କିମ୍ବା ପାକିସ୍ତାନ ସହିତ ଯୋଗଦେବାର ସ୍ୱାଧୀନତା ପାଇଲେ ଏବଂ ୧୯୪୭ ଅଗଷ୍ଟ ୧୫ ତାରିଖରୁ ଇଂଲଣ୍ଡ ସହିତ ସେମାନଙ୍କର ସମସ୍ତ ଚୁକ୍ତିର ବିଲୋପ ଘଟିଲା ।

୧୬. ନବଗଠିତ ପାକିସ୍ତାନର ପ୍ରଥମ ଗଭର୍ଣ୍ଣର ଜେନେରାଲ ଓ ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ କିଏ ଶପଥ ଗ୍ରହଣ କରିଥିଲେ ?

I. ନବଗଠିତ ପାକିସ୍ତାନର ପ୍ରଥମ ଗଭର୍ଣ୍ଣର ଜେନେରାଲ ମହମ୍ମଦ ଭାବେ ମହମ୍ମଦ ଅଲ୍ଲୀ ଜିନ୍ନା ଓ ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ଲିୟାକତ ଅଲ୍ଲୀ ଖା ଶପଥ ଗ୍ରହଣ କରିଥିଲେ ।

II. ପଟେଲଙ୍କ ପରାମର୍ଶ ଓ ଦକ୍ଷ ନେତୃତ୍ୱ ଯୋଗୁ ଅଧିକାଂଶ ଦେଶୀୟ ରାଜ୍ୟ ଭାରତ ସହିତ ଯୋଗଦେଇଥିଲେ ।

## <u>ଦୀର୍ଘ ଉତ୍ତୋରମୂଳକ ପ୍ରଶ୍ନୋତ୍ତର ।</u>

୧. କ୍ୟାବିନେଟ ମିଶନ୍ ୧୯୪୬ ସମ୍ପର୍କରେ ଏକ ବିବରଣୀ ପ୍ରଦାନ କର ?

I. ବ୍ରିଟିଶ୍ ସରକାର ଭାରତୀୟଙ୍କୁ କ୍ଷମତା ହସ୍ତାନ୍ତର ବିଷୟରେ ଆଲୋଚନା କରିବାପାଇଁ ଭାରତ ସଚିବ ପେଥିକଲରେନସ୍, <u>ଏ.ଭି.ଆଲେକଜାଣ୍ଡର</u> ଓ ସାର ଷ୍ଟାଫୋର୍ଡ କ୍ରିପସଙ୍କ ସଦସ୍ୟତାରେ କ୍ୟାବିନେଟ ମିଶନ୍ ନାମରେ ଏକ ପ୍ରତିନିଧି ଦଳ ଭାରତକୁ ପଠାଇଥିଲେ ।

II. ଏହି ମିଶନ ନିଜର ପ୍ରସ୍ତାବ ସହିତ ୧୯୪୬ ମାର୍ଚ୍ଚ ୨୪ ରେ ନୂଆଦିଲ୍ଲୀଠାରେ ପହ୍‌ଥିଲେ ।

III. ଏଥିରେ ବ୍ରିଟିଶ୍ ଶାସିତ ପ୍ରଦେଶ ଓ ଭାରତୀୟ ଦେଶୀୟ ରାଜାମାନଙ୍କୁ ନେଇ ଏକ ସଂଘ ଗଠିତହୋଇ ବ୍ୟବସ୍ଥାପକ ସଭା ଓ ଶାସନ ପରିଚାଳନା ବ୍ୟବସ୍ଥା ଥିଲା ।

IV. ବ୍ରିଟିଶ୍ ଶାସିତ ପ୍ରଦେଶରୁ ସାଧାରଣ ବର୍ଗ ଓ ପ୍ରତ୍ୟକ ସାମ୍ପ୍ରଦାୟର ପ୍ରତିନିଧିତ୍ୱ ସହ ୨୯୬ ଜଣ ଓ ଦେଶୀୟ ରାଜ୍ୟମାନଙ୍କରୁ ୯୩ ଜଣ ପ୍ରତିନିଧିଙ୍କୁ ନେଇ ୩୮୯ ସଦସ୍ୟ ବିଶିଷ୍ଟ ସମ୍ବିଧାନ ପ୍ରଣୟନ ସଭା ଗଠନ କରାଯିବ ।

V. ସମ୍ବିଧାନ ପ୍ରଣୟନ ହେବା ପର୍ଯ୍ୟନ୍ତ କଂଗ୍ରେସରୁ ଛ'ଜଣ, ମୁସଲିମ୍ ଲିଗ୍ ରୁ ପାଞ୍ଚ ଜଣ, ଅନୁସୂଚିତ ଜାତି ତଥା ଶିଖ୍, ଖ୍ରୀଷ୍ଟିୟାନ ଓ ପର୍ଶୀ ସମ୍ପ୍ରଦାୟରୁ ଜଣେ ଲେଖାଏ ହିସାବରେ ମୋଟ୍ ହିସାବରେ ମୋଟ୍ ଚଉଦ ଜଣଙ୍କୁ ନେଇ ଏକ ମଧ୍ୟବର୍ତ୍ତୀ କାଳୀନ ସରକାର ଗଠନ କରାଯିବା ବ୍ୟବସ୍ଥା ଏଥିରେ ଉଲ୍ଲେଖ ଥିଲା ।

୨. ପ୍ରତ୍ୟକ୍ଷ କାର୍ଯ୍ୟ ଦିବସ କାହିଁକି ପାଳନ ହେଲା ? ଏହାର ପରିଣାମ କ'ଣ ହେଲା ?

I. କ୍ୟାବିନେଟ ମିଶନ୍ ପ୍ରସ୍ତାବରେ ସ୍ୱାଧୀନ ପାକିସ୍ତାନ ଗଠନ କଥା ଉଲ୍ଲେଖ ନଥିବାରୁ ମହମ୍ମଦ ଅଲ୍ଲୀ ଜିନ୍ନା କ୍ଷୁବ୍ଧ ହୋଇ ୧୯୪୬ ମସିହା ଅଗଷ୍ଟ ୧୧୬ ତାରିଖକୁ ସାରା ଭାରତରେ ପ୍ରତ୍ୟକ୍ଷ କାର୍ଯ୍ୟ ଦିବସ ରୂପେ ପାଳନ କରିବାକୁ ମୁସଲମାନ୍ ମାନଙ୍କୁ ଆହ୍ୱାନ୍ ଦେଲେ ।

II. ଏହି ଦିନ ପାକିସ୍ତାନ ଗଠନ ଦାବି ନେଇ କୋଲକାତାରେ ଆୟୋଜିତ ଶୋଭା ଯାତ୍ରାରେ ନୃଶଂସ ହିଂସାକାଣ୍ଡ ଘଟି ବହୁ ଲୋକ ମୃତାହତ ହେଲେ ।

III. ପୂର୍ବାଞ୍ଚଳରେ ତତ୍‌କାଳୀନ ସାମରିକ ଅଧ୍ୟକ୍ଷ ଲେଫ୍ଟନାଣ୍ଟ ଜେନେରାଲ ପ୍ରନସିସ୍ ଟକର୍ ଏହାକୁ 'ବିରାଟ କଲିକତା ହତ୍ୟାକାଣ୍ଡ' ଭାବେ ଅଭିହିତ କରିଥିଲେ ।

IV. ଏହି ହିଂସାକାଣ୍ଡ କ୍ରମେ ପୂର୍ବବଙ୍ଗର ନୋଆଖଲି ଓ ତିପରା ଜିଲ୍ଲା, ବିହାର ଏବଂ ଦେଶର ଅନ୍ୟ ଅ୍‌ଳକୁ ବ୍ୟାପିଗଲା ।

V. ଦଙ୍ଗା ନିୟନ୍ତ୍ରଣ ପାଇଁ ଗାନ୍ଧୀଜୀ ଓ ଅନ୍ୟ ନେତୃବର୍ଗଙ୍କ ପଦଯାତ୍ରା, ଅନଶନ ଇତ୍ୟାଦିର କୌଣସି ସୁଫଳ ଦେଖିବାକୁ ମିଳିଲାନାହିଁ ।

୩. ମାଉଣ୍ଟ ବ୍ୟାଟେନ୍ ଯୋଜନା କେବେ ଘୋଷିତ ହୋଇଥିଲା ଓ ଏଥିରେ କ'ଣ ପ୍ରସ୍ତାବ ଥିଲା ?

I. ୧୯୪୭ ଜୁନ୍ ୩ ତାରିଖ ମାଉ□ବ୍ୟାଟେନ୍‌ଙ୍କ ଯୋଜନା ଘୋଷିତ ହୋଇଥିଲା ।

II. ଏହି ଯୋଜନା ଅନୁସାରେ ଅଖଣ୍ଡ ଭାରତ ବିଭାଜିତ ହୋଇ ଭାରତ ଓ ପାକିସ୍ତାନ ନାମରେ ଦୁଇଟି ଦେଶ ସୃଷ୍ଟି ହେବ ।

III. ଉ□ର- ପଶ୍ଚିମ ସୀମାନ୍ତ ପ୍ରଦେଶ, ସିନ୍ଧୁ-ପ୍ରଦେଶ, ବେଲୁଚି ସ୍ଥାନ ଓ ଆସାମର ମୁସଲମାନ୍ ବହୁଳ ସିଲହଟ ଜିଲ୍ଲାରେ ବାସ କରୁଥିବା ଲୋକମାନଙ୍କୁ ଭାରତ କିମ୍ବା ପାକିସ୍ତାନରେ ରହିବାର ନିଷ୍ପ□ ନେବା ପାଇଁ ସ୍ୱାଧୀନତା ଦିଆଯିବ । ଦେଶୀୟ ରାଜ୍ୟ ଗୁଡ଼ିକୁ ମଧ୍ୟ ଏହି ସୁଯୋଗ ଦିଆଯିବ ।

IV. ବଙ୍ଗଳା ଓ ପଞ୍ଜାବ ପ୍ରଦେଶ ବିଭାଜିତ ହେବ ମୁସଲମାନ୍ ବହୁଳ ପୂର୍ବ-ବଙ୍ଗ ପାକିସ୍ତାନରେ ମିଶିବ ଓ ଅଣମୁସଲମାନ୍ ବହୁଳ ପଶ୍ଚିମବଙ୍ଗ ଭାରତରେ ରହିବା ।

V. ସାର ସିରିଲ ରେଡକ୍ଲିଫାଙ୍କ ଅଧକ୍ଷତାରେ ଗଠିତ ସୀମା ନିର୍ଦ୍ଧାରଣ କମିଶନ ଦୁଇଦେଶର ସୀମା ନିର୍ଦ୍ଧାରଣ କରିବ ।

VI. ଭାରତ ସମ୍ବିଧାନ ପ୍ରଣୟନ ସଭା ଚାଲୁରହିବ ଏବଂ ପାକିସ୍ତାନରେ ଏକ ଭିନ୍ନ ସମ୍ବିଧାନ ପ୍ରଣୟନ ସଭା ଗଠିତ ହେବ ।

VII. ବ୍ରିଟିଶ୍ ପାର୍ଲାମେ□କ୍ଷମତା ହସ୍ତାନ୍ତର କରିବା ପାଇଁ ୧୯୪୭ ଅଗଷ୍ଟ ୧୫ ପୂର୍ବରୁ ଏକ ଆଇନ୍ ପାସ କରିବ ।

୫. ଭାରତ ସ୍ୱାଧୀନତା ଆଇନ୍‌ର ମୁଖ୍ୟ ବ୍ୟବସ୍ଥା ଗୁଡ଼ିକ କ'ଣ ଥିଲା ?

I. ଭାରତ ସ୍ୱାଧୀନତା ଆଇନ୍ ୧୯୪୭ ଅନୁଯାୟୀ ଭାରତ ଓ ପାକିସ୍ତାନ ଦୁଇଟି ସ୍ୱାଧୀନ ରାଷ୍ଟ୍ର ଗଠିତ ହୋଇ ୧୯୪୬ ଅଗଷ୍ଟ ୧୫ ତାରିଖ ଦିନ କ୍ଷମତା ହସ୍ତାନ୍ତର କରାଯିବ ।

II. ଦେଶୀୟ ରାଜାମାନେ ଇଚ୍ଛାନୁସାରେ ଭାରତ କିମ୍ବା ପାକିସ୍ତାନ ସହିତ ଯୋଗ ଦେବା ଓ ୧୯୪୭ ଅଗଷ୍ଟ ୧୫ ତାରିଖରୁ ଇଂଲଣ୍ଡ ସହିତ ସେମାନଙ୍କର ସମସ୍ତ ଚୁକ୍ତି ବିଲୋପ ହେବ ।

III. ନିଜର ସମ୍ବିଧାନର ପ୍ରଣିତ ହେବା ପର୍ଯ୍ୟନ୍ତ ପ୍ରତ୍ୟକ ଦେଶର ଶାସନ ଆଇନ୍ ୧୯୩୫ ଅନୁଯାୟୀ ଶାସନ କଲେ ।

IV. ଇଂଲଣ୍ଡ ଭାରତ ସଚିବ ପଦ ଉଚ୍ଛେଦ କରାଗଲା ।

# ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ

## ଦ୍ୱିତୀୟ ଅଧ୍ୟାୟ

## ଓଡ଼ିଆ ଜାତୀୟତାର ବିକାଶ (ପ୍ରଥମ ପାଠ)

## MCQ

Q.1 କିଏ 'ଉତ୍କଳ ଦୀପିକା' ର ସମ୍ପାଦକ ଥିଲେ ?

(A) ଗୌରୀ ଶଙ୍କର ରାୟ

(B) ନୀଳମଣି ବିଦ୍ୟାରତ୍ନ

(C) ରାଧାନାଥ ରାୟ

(D) ଫକୀର ମୋହନ ସେନାପତି

Q.2 1837 ମସିହାର ଓଡ଼ିଶାର ପ୍ରଥମ ଛାପାଖାନା କେଉଁ ନାମରେ ପ୍ରତିଷ୍ଠା ହୋଇଥିଲା ?

(A) କଟକ ମିଶନ ପ୍ରେସ୍ (B) ଓଡ଼ିଶା ପ୍ରେସ୍ (C) ପ୍ରେସ୍ ଅଫ୍ କଳିଙ୍ଗ (D) କଟକ ପ୍ରେସ୍

Q.3 କିଏ ଓଡ଼ିଶାର ଶେଷ ସ୍ୱାଧୀନ ହିନ୍ଦୁ ରାଜା ଥିଲେ ?

(A) ପୁରୁଷୋ□ମ ଦେବ (B) କପିଳେନ୍ଦ୍ର ଦେବ(C) ମୁକୁନ୍ଦ ଦେବ (D) ନରସିଂହ ଦେବ

Q.4 କାହାକୁ ତାଙ୍କର ଜନୈତୈଷୀ ପଦକ୍ଷେପ ପାଇଁ ପ୍ରଶଂସା ଓ ଧନ୍ୟବାଦ ଜଣାଇବା ପାଇଁ କଟକରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା ?

(A) ଟି.ଇ.ରେଭେନ୍ସା (B) ଚାର୍ଲସ ଉର୍ଡ଼ (C) ଆଣ୍ଡ୍ୟୁଫ୍ରେଜର୍ (D) ଲର୍ଡ଼ ରିପନ୍

Q.5 ୧୮୮୨ରେ ଭାଇସ୍ ରାୟ ରିପନ୍‌ଙ୍କୁ ଧନ୍ୟବାଦ ଜଣାଇବା ପାଇଁ କେଉଁଠାରେ ଏକ ବିରାଟ ସାଧାରଣ ସଭା ହୋଇଥିଲା ?

(A) କଟକ (B) କଲିକତା (C) ବ୍ରହ୍ମପୁର (D) ବାଲେଶ୍ୱର

Q.6 କେଉଁମାନେ ଉତ୍କଳୀୟ ସଭ୍ୟତା ଓ ସଂସ୍କୃତିର ଉତ୍କର୍ଷ ସାଧନ କରିଥିଲେ ?

(A) ମୁସଲମାନ ଶାସକ

(B) ହିନ୍ଦୁ ରାଜା ମାନେ

(C) ମରହଟ୍ଟା ଶାସକ ମାନେ

(D) ମୋଗଲ ଶାସକ ମାନେ

Q.7 ଗୋଟିଏ ଜାତି ନୂତନ ଉତ୍ସାହ ଓ ଜାତୀୟ ଚେତନାରେ ଉଦ୍ ବୁଦ୍ଧ ହୋଇ ଏକ ନୂଆ ସମାଜ ଗଠନ କରିବାକୁ କଣ

କୁହାଯାଏ ?

(A) ନବ ଜାଗରଣ (B) ଆଧୁନିକତା (C) ଆଭିଜାତ୍ୟ (D) ସଂସ୍କୃତି

Q.8 1882 ମସିହାରେ ଭାରତରେ କିଏ ଭାଇସ୍‌ରାୟ ପଦବୀରେ ଅବସ୍ଥାପିତ ଥିଲେ ?

(A) ଲର୍ଡ୍ ଓ୍ୱାଭେଲ୍ (B) ଲର୍ଡ୍ ରିପନ୍ (C) ଲର୍ଡ୍ କର୍ଜନ (D) ଲର୍ଡ୍ ମାଉ□ବ୍ୟାଟେନ୍

Q.9 ନିମ୍ନୋକ୍ତ କିଏ ଆଧୁନିକ ଓଡ଼ିଆ ସାହିତ୍ୟର ପୁରୋଧା ନୁହଁନ୍ତି ?

(A) ଲକ୍ଷ୍ମୀକାନ୍ତ ମହାପାତ୍ର

(B) ଗୋପବନ୍ଧୁଦାସ

(C) ରାଧାନାଥ ରାୟ

(D) ଉପେନ୍ଦ୍ର ଭଞ୍ଜ

Q.10 ମହିମା ଧର୍ମର ପ୍ରବର୍ତ୍ତକ କିଏ ଥିଲେ ?

(A) ଭୀମଭୋଇ (B) ମହିମା ଗୋସ୍ୱାମୀ (C) ଗୋଲାପ ଗୋସ୍ୱାମୀ (D) ଗୋସ୍ୱାମୀ

Q.11 'ଉତ୍କଳ ସମ୍ମିଳନୀ'ର ପ୍ରଥମ ଅଧିବେଶନରେ ଓଡ଼ିଆମାନଙ୍କ ମନରେ ଦେଶପ୍ରେମ ଜାଗ୍ରତ କରିବା ଉଦ୍ଦେଶ୍ୟରେ କେଉଁ ସ୍ଲୋଗାନ୍ ଦିଆଯାଇଥିଲା ?

(A) ତୁହି ମା ଜନ୍ମଭୂମି

(B) ବନ୍ଦେ ଉତ୍କଳ ଜନନୀ

(C) ଜନଗଣମନ (D) ବନ୍ଦେ ମାତରଂ

Q.12 ଉତ୍କଳ ସମ୍ମିଳନୀର ଶେଷ ବୈଠକ କେବେ ଅନୁଷ୍ଠିତ ହୋଇଥିଲା ?

(A) 1934 ମାର୍ଚ୍ଚ 18 ତାରିଖ

(B) 1935 ଫେବୃୟାରୀ 11

(C) 1935 ଜୁଲାଇ 21

(D) 1935 ନଭେମ୍ବର 30

Q.13 ମଧୁସୂଦନ କେବେ ପ୍ରାଣତ୍ୟାଗ କରିଥିଲେ ?

(A) 1933 ମସିହା ମେ 28 (B) 1933 ମସିହା ଅକ୍ଟୋବର 17

(C) 1934 ମସିହା ଫେବୃୟାରୀ 4 (D) 1935 ମସିହା ନଭେମ୍ବର 26

ଉତ୍ତର :

1. (A) 2. (A) 3. (C) 4. (D) 5. (A) 6. (B) 7. (A)
8. (B) 9. (D) 10. (B) 11. (B) 12. (B) 13. (D)

## ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ

## ପ୍ରଥମ ପାଠ - ଓଡିଆ ଜାତୀୟତାର ବିକାଶ

୧. ମଧ୍ୟଯୁଗୀୟ ଓଡିଶାରେ କେଉଁ ମହାନ ରାଜବଂଶ ଶାସନ କରୁଥିଲେ ?
(କ) ଗଙ୍ଗବଂଶ ଓ ସୂର୍ଯ୍ୟବଂଶ
(ଖ) ସୂର୍ଯ୍ୟବଂଶ ଓ ଚାଲୁକ୍ୟ ବଂଶ
(ଗ) ଗଙ୍ଗବଂଶ ଓ ଆର୍ଯ୍ୟବଂଶ
(ଘ) ଗଙ୍ଗବଂଶ ଓ ଚାଲୁକ୍ୟ ବଂଶ

୨. ଓଡିଶା କେବେ ପରାଧୀନ ହେଲା ?
(କ) ୧୮୦୩ (ଖ) ୧୫୬୮ (ଗ) ୧୭୬୪ (ଘ) ୧୪୯୩

୩. ନିମ୍ନୋକ୍ତ ମଧ୍ୟରୁ କେଉଁ କ୍ରମରେ ବିଦେଶୀ ଶାସକ ଓଡିଶାରେ ରାଜତ୍ୱ କଲେ ?
(କ) ଇଂରେଜ, ମୋଗଲ, ମରହଟ୍ଟା, ଆଫଗାନ (ଖ) ମୋଲ, ଆଫଗାନ, ମରହଟ୍ଟା, ଇଂରେଜ
(ଗ) ମରହଟ୍ଟା, ମୋଗଲ, ଆଫଗାନ, ଇଂରେଜ (ଘ) ଆଫଗାନ, ମୋଗଲ, ମରହଟ୍ଟା, ଇଂରେଜ

୫. କେବେ ଓଡିଶାରେ ନଅଙ୍କ ଦୁର୍ଭିକ୍ଷ ପଡିଥିଲା ?
(କ) ୧୮୬୫ (ଖ) ୧୮୬୬ (ଗ) ୧୭୬୨ (ଘ) ୧୭୭୯

୬. କେବେ କଟକରେ ଏକ ହିତକାରୀ ଦାତବ୍ୟ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା ?
(କ) ୧୮୦୩ (ଖ) ୧୮୪୧ (ଗ) ୧୮୨୩ (ଘ) ୧୮୫୪

୭. କିଏ କଟକରେ ଏକ ହିତକାରୀ ଦାତବ୍ୟ ବିଦ୍ୟାଳୟ ପ୍ରତିଷ୍ଠିତ କରାଇଥିଲେ ?
(କ) ବ୍ରିଟିଶ ସରକାର (ଖ) ସୁଭାଷ ବୋଷ
(ଗ) ଖ୍ରୀଷ୍ଟିଆନ୍ ଧର୍ମ ପ୍ରଚାରକ (ଘ) ମଧୁବାବୁ

୯. ୧୮୩୦ ମସିହାରେ ବୌଦ୍ଧିକ ବିକାଶ ବାଧା ପ୍ରାପ୍ତ ହେବାର କାରଣ କ'ଣ ଥିଲା ?
(କ) ସରକାରୀ ସ୍ତରରେ ଅବହେଳା (ଖ) ହିନ୍ଦୀ ଭାଷାର ବହୁଳ ବ୍ୟବହାର
(ଗ) ଇଂରାଜୀ ଭାଷଶର ଲୋକପ୍ରିୟତା (ଘ) ଓଡିଆ ରକ୍ଷଣଶୀଳ ପରିବାରର ଉପେକ୍ଷା

୧୦. ୧୮୫୪ ମସିହାରେ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ କେଉଁ ଉଲ୍ଲେଖନୀୟ ପରିବର୍ତ୍ତନର ଶୁଭାରମ୍ଭହୋଇଥିଲା ?
(କ) ଇଂରାଜୀ ଭାଷାର ବାଧ୍ୟତାମୂଳକ ବ୍ୟବହାର (ଖ) ମାତୃଭାଷା ଶିକ୍ଷାକୁ ଅଗ୍ରାଧିକାର
(ଗ) ବାଧ୍ୟତାମୂଳକ ଯୋଗ ଶିକ୍ଷା
(ଘ) ଚାର୍ଲସ ଉଡ୍‌ଙ୍କ ପାଠ୍ୟକ୍ରମ ସଂସ୍କାର ନିୟମ ପ୍ରଣୟନ

୧୩. ୧୮୫୮ ମସିହାରେ ଓଡିଶାରେ କେଉଁ ଜିଲ୍ଲାରେ ଜିଲ୍ଲା ସ୍କୁଲ ଥିଲା ?
(କ) କଟକ, ପୁରୀ, ଭଦ୍ରକ

(ଖ) କଟକ, ଭଦ୍ରକ, ବାଲେଶ୍ୱର

(ଗ) କଟକ, ପୁରୀ, ବାଲେଶ୍ୱର

(ଘ) ଭଦ୍ରକ, ପୁରୀ, ବାଲେଶ୍ୱର

୧୬. କେବେ କଟକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷାଦାନ ଆରମ୍ଭ ହେଲା ?

(କ) ୧୮୬୮ ଜାନୁଆରୀ ୨୦

(ଖ) ୧୮୬୮ ମାର୍ଚ୍ଚ ୨୨

(ଗ) ୧୮୬୯ ଜାନୁଆରୀ ୧୨

(ଘ) ୧୮୬୮ ମାର୍ଚ୍ଚ ୨୨

୨୬. ଓଡିଶାର ଆଧୁନିକ ଶିକ୍ଷିତ ଯୁବଗୋଷ୍ଠୀର ସଂକଳ୍ପ କ'ଣ ଥିଲା ?

(କ) ଇଂରାଜୀ ଶିକ୍ଷାର ପ୍ରସାର

(ଖ) ଜାତୀୟ ଚେତରନାର ଅଭିବୃଦ୍ଧି

(ଗ) ନୂତନ ଶିକ୍ଷାନୁଷ୍ଠାନ ସୃଷ୍ଟି

(ଘ) ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର

୩୬. ମୁଖ୍ୟତଃ କେଉଁ ଅଂଚଳଗୁଡିକୁ ନେଇ ଓଡିଶା ଇଂରେଜମାନଙ୍କ ଦ୍ୱାରା ଶାସିତ ହେଉଥିଲା ?

(କ) ଗଞ୍ଜାମ, ପୁରୀ, କଟକ (ଖ) କଟକ, ବାଲେଶ୍ୱର, ସମ୍ବଲପୁର

(ଗ) ପୁରୀ, କଟକ, ବାଲେଶ୍ୱର

(ଘ) ପୁରୀ, ଗଞ୍ଜାମ, ସମ୍ବଲପୁର

୩୮. କେବେ କଟକର କଲେକ୍‌ଟର ବଙ୍ଗଳାଭାଷାକୁ ସରକାରୀ ଭାଷା ରୂପେ ସ୍ୱୀକୃତି ଦେଇଥିଲେ ?

(କ) ୧୮୦୩ (ଖ) ୧୮୪୯ (ଗ) ୧୮୬୬ (ଘ) ୧୮୬୮

୪୨. "ଭଞ୍ଜନଗର''ର ପୁରାତନ ନାମ କ'ଣ ଥିଲା ?

(କ) ରସୁଲକୋଣ୍ଡା (ଖ) ରଙ୍ଗେଇଲୁଣ୍ଡା (ଗ) କବିସୂର୍ଯ୍ୟ ନଗର (ଘ)ବଳଦେବ ନଗର

୪୩. ସମ୍ବଲପୁର ଜିଲ୍ଲାରେ ହିନ୍ଦୀକୁ ସରକାରୀ ଭାଷାରୂପେ ପ୍ରଚଳନ କରାଯିବାର କାରଣ କ'ଣ ଥିଲା ?

(କ) ହିନ୍ଦୀ ରାଷ୍ଟ୍ରଭାଷାର ମାନ୍ୟତା ଲାଭ (ଖ) ଇଂରାଜୀ ଭାଷା ଶିକ୍ଷାର କାଠିନ୍ୟତା

(ଗ) ହିନ୍ଦୀ ଭାଷୀ ସରକାରୀ କର୍ମଚାରୀଙ୍କ ସମର୍ଥନ (ଘ) ଓଡିଆମାନଙ୍କୁ ହିନ୍ଦୀ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟ

## (ଦ୍ୱିତୀୟ ଅଧ୍ୟାୟ)

## ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନୋତ୍ତର

## (ପ୍ରଥମ ପାଠ)

Q.1 ନ'ଅଙ୍କ ଦୁର୍ଭିକ୍ଷ ପରେ ଇଂରେଜମାନେ ଓଡ଼ିଶା ପାଇଁ କେଉଁ ସବୁ ଜନହିତକର କାର୍ଯ୍ୟମାନ କରିଥିଲେ ?

(i) ଓଡ଼ିଶାରେ ଦୁର୍ଭିକ୍ଷ ପରେ ଇଂରେଜମାନେ ଅନେକ ଜନକଲ୍ୟାଣକାରୀ ଯୋଜନା ମାନ ପ୍ରସ୍ତୁତ କରିଥିଲେ ।

(ii) କମିଶନର ଟି.ଇ ରେଭେନ୍ସା ଓଡ଼ିଶାର ଉନ୍ନତି ପାଇଁ ବହୁ କାର୍ଯ୍ୟକ୍ରମ ନିଜ ହାତକୁ ନେଇଥିଲେ ।

(iii) ସେ ଆଳି ଓ ବାଙ୍କୀଠାରେ ନୂତନ ବନ୍ଧ ନିର୍ମାଣ ତଥା ପୁରୁଣା ବନ୍ଧର ମରାମତି କରାଇଥିଲେ ।

(iv) ଏହା ବ୍ୟତୀତ ବାଣିଜ୍ୟର ଉନ୍ନତି ପାଇଁ ଓଡ଼ିଶା ଭାରତର ଅନ୍ୟ ପ୍ରଦେଶ ଶଂସଭିତ ପକ୍କା ପିଚୁର ରାସ୍ତାଦ୍ୱାରା ସଂଯୋଜିତ ହୋଇଥିଲା ।

Q.2 ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ମାଟିରୁ ସମ୍ଭୂତ ଏକ ନୂତନ ଧର୍ମ ଉପରେ ଆଲୋକପାତ କର ।

(i) ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ମାଟିରୁ ସମ୍ଭୂତ ଏକ ଧର୍ମଟି ଥିଲା 'ସତ୍ୟ ମହିମାଧର୍ମ' । ଏହି ଧର୍ମର ପ୍ରଧାନ ପ୍ରବର୍ତ୍ତକ ଥିଲେ ମହିମା ଗୋସ୍ୱାମୀ ।

(ii) ଏହି ଧର୍ମ ଓଡ଼ିଶାର ଜନଜୀବନ ଓ ଓଡ଼ିଆ ସାହିତ୍ୟକୁ ବହୁଳ ଭାବରେ ପ୍ରଭାବିତ କରିଥିଲା ।

(iii) ଭୀମଭୋଇ ଥିଲେ ଏହି ଧର୍ମର ଜଣେ ମୁଖ୍ୟ ପ୍ରଚାରକ । ତାଙ୍କ ରଚିତ କବିତାଗୁଡ଼ିକ ଓଡ଼ିଆମାନଙ୍କ ମତରେ ନିଃସ୍ୱାର୍ଥପର ସେବା, ଜାତିପ୍ରୀତି ଓ ଆତ୍ମବଳି ଭାବନା ସୃଷ୍ଟି କରିଥିଲା ।

(iv) ମହିମା ଧର୍ମ ଓଡ଼ିଆଲୋକମାନଙ୍କରେ ମଧ୍ୟରେ ଏକ ଅପୂର୍ବ ଏକତା ଆଣିବା ସହିତ ଜାତୀୟ ଚେତନାର ଅଭିବୃଦ୍ଧି ଘଟାଇଥିଲା ।

## ଦ୍ୱିତୀୟ ଅଧ୍ୟାୟ

## ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ

### ପ୍ରଥମ ପାଠ

### ଓଡିଆ ଜାତୀୟତାର ବିକାଶ

୧. ଓଡିଶା କେବେ ତାର ସ୍ୱାଧୀନତା ହରାଇଥିଲା ? ଏହା କେବେ ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହେଲା ?

କ) ଓଡିଶା ୧୮୬୮ ମସିହାରେ ତାର ସ୍ୱାଧୀନତା ହରାଇଲା । ପ୍ରଥମେ ଆଫଗାନ ଓ ପରେ ପରେ ମୋଗଲ ଓ ମରହଟ୍ଟା ଶାସକ ରାଜତ୍ୱ କଲେ ।

ଖ) ୧୮୦୩ ମସିହାରେ ଓଡିଶା ଇଂରେଜ ମାନଙ୍କ ଦ୍ୱାରା ଅଧିକୃତ ହେଲା ।

୨. ଓଡିଶାର ଶେଷ ସ୍ୱାଧୀନ ହିନ୍ଦୁରାଜା କିଏ ? ସେ କେଉଁ ସମୟରେ ରାଜୁତି କରୁଥିଲେ ?

କ) ଓଡିଶା ଶେଷ ସ୍ୱାଧୀନ ହିନ୍ଦୁ ରାଜା ଥିଲେ ମୁକୁନ୍ଦ ଦେବ ।

ଖ) ସେ ୧୫୫୯ ରୁ ୧୫୬୮ ପର୍ଯ୍ୟନ୍ତ ରାଜୁତି କରୁଥିଲେ ।

୩. କେଉଁ ଘଟଣା ସମୂହ ଓଡିଶାରେ ନବଜାଗରଣକୁ ଅଧିକ ତ୍ୱରାନିତ କରିଥିଲା ?

କ) ଓଡିଶାରେ ପାଶ୍ଚାତ ଶିକ୍ଷା ଓ ଧର୍ମ ଧାରାରେ ପ୍ରବାହ ତଥା ୧୮୬୬ ମସିହାରେ ନ ଅଙ୍କ ଦୁର୍ଭିକ୍ଷର ଭୟାବହତା ଓଡ଼ିଶାରେ ପରିବର୍ତ୍ତନର ଆବଶ୍ୟକତା ଅନୁଭୂତ ହେଲା ।

ଖ) ପରିବର୍ତ୍ତନର ଆଶା ଓଡ଼ିଶାବାସୀଙ୍କ ମନରେ ଉତ୍ସାହ ଓ ଜାତୀୟ ଚେତନା ଭରିଦେଲା । ଶିକ୍ଷିତ ଯୁବଗୋଷ୍ଠୀ ନୂତନ ଓଡିଶାର ନିର୍ମାଣ ନିମନ୍ତେ ସ୍ୱପ୍ନ ଦେଖିଲେ ଏବଂ ଏହା ଓଡିଶାର ନବଜାଗରଣକୁ ତ୍ୱରାନ୍ୱିତ କରିଥିଲା ।

୪. କେବେ ଓ କେଉଁ ସ୍ଥାନରେ ହିତକାରୀ ଦାତବ୍ୟ ବିଦ୍ୟାଳୟ ପ୍ରତିଷ୍ଠା ହେଲା ? ସରକାର କେବେ ଏହାର ପରିଚାଳନା ଭାର ହାତକୁ ନେଲେ ?

କ) ୧୮୨୩ ମସିହାରେ ଖ୍ରୀଷ୍ଟିୟାନ ଧର୍ମପ୍ରଚାରକମାନେ କଟକରେ ଏପ ହିତକାରୀ ଦାତବ୍ୟ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ।

ଖ) ୧୮୪୧ ମସିହାରେ ସରକାର ଏହାର ପରିଚାଳନା ଭାର ହାତକୁ ନେଲେ ।

୫. ଓଡ଼ିଶାରେ ବୌଦ୍ଧିକ ବିକାଶ କାହିଁକି ବାଧାପ୍ରାପ୍ତ ହୋଇଥିଲା ? ପୁନର୍ବାର ଶିକ୍ଷାର ପ୍ରସାର ପାଇଁ କ'ଣ ସହାୟକ ହୋଇଥିଲା ?

କ) ୧୮୩୦ ମସିହା ସୁଦ୍ଧା ଓଡିଆ ରକ୍ଷଣଶୀଳ ସମ୍ପ୍ରଦାୟର ଉପେକ୍ଷା ଫଳରେ ଓଡିଶାର ବୌଦ୍ଧିକ ବାଧାପ୍ରାପ୍ତ ହୋଇଥିଲା ।

ଖ) ୧୮୫୪ ମସିହାରେ ଚାର୍ଲ୍ସ ଉଡଙ୍କ ପାଠ୍ୟକ୍ରମ ସଂସ୍କାର ନିୟମ ପ୍ରଣୟନ ଓ ୧୮୫୭ ମସିହାରେ କଲିକତା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓଡିଶାରେ ଶିକ୍ଷାର ପ୍ରସାର ଦିଗରେ ସହାୟକ ହେଲା ।

୬. ଓଡିଆ ଛାତ୍ରଛାତ୍ରୀ ଉନବିଂଶ ଶତାବ୍ଦୀରେ ଶିକ୍ଷା ପ୍ରତି ଆକୃଷ୍ଟ ହେବାର କାରଣ କ'ଣ ?

 କ) ୧୮୫୮ ମସିହାରେ ପୁରୀ, କଟକ ଓ ବାଲେଶ୍ୱର ଜିଲ୍ଲାରେ ସଦର ମହକୁମାରେ ଥିବା ଗୋଟିଏ ଲେଖାଏ ଜିଲ୍ଲା ସ୍କୁଲ ସମେତ ସରକାରୀ ଓ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟ ଏହିପରି ୩୩ଟି ବିଦ୍ୟାଳୟ ଥିଲା ।

ଖ) ବିଦ୍ୟାଳୟର ସଂଖ୍ୟା ବୃଦ୍ଧି ଓ ସେଗୁଡିକୁ ସରକାରୀ ଅନୁଦାନ ପ୍ରଦାନ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରେ ।

୭. କଟକ ଜିଲ୍ଲା ସ୍କୁଲ କିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ଉନ୍ନତି ହେଲା ?

କ) ୧୮୬୭ରେ କଟକ ଜିଲ୍ଲା ସ୍କୁଲକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଇଣ୍ଟରମିଡିଏଟ୍)ମହାବିଦ୍ୟାଳୟ ଭାବେ ଉନ୍ନୀତ କରାଗଲା ଓ ଏହା କଲିକତା ବିଶ୍ୱବିଦ୍ୟାଳୟ ସହିତ ସହବନ୍ଧିତ ହେଲା ।

ଖ) ୧୮୬୮ ଜାନୁଆରୀ ୨୦ରୁ ଏଠାରେ ମାତ୍ର ୬ଜଣ ଛାତ୍ରଙ୍କୁ ନେଇ ଶିକ୍ଷା ଦାନ ଆରମ୍ଭ ହେଲା ।

୮. ମଧୁସୂଦନ ଦାସ ଶିକ୍ଷା କ୍ଷେତ୍ରରେ କେଉଁ କେଉଁ ଗୌରବର ଅଧିକାରୀ ହୋଇଥିଲେ ?

କ) ମଧୁସୂଦନ ଦାସ ୧୮୭୦ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରେ ବି.ଏ. ପାସ୍ କରି ଓଡିଶାର ପ୍ରଥମ ସ୍ନାତକ ହୋଇଥିଲେ ।

ଖ) ସେ ୧୮୭୩ରେ ଏମ.ଏ ପାସ କଲେ ଏବଂ ୧୮୭୮ରେ ବି.ଏଲ୍.ଡିଗ୍ରୀ ହାସଲ କରି ସ୍ନାତକୋତ୍ତର ଓ ଆଇନ ଡିଗ୍ରୀ ପ୍ରାପ୍ତ କରିବାରେ ପ୍ରଥମ ଓଡିଆ ହେଲେ ।

୯. ରେଭେନସା କଲେଜ କିପରି ଜନ୍ମ ଲାଭ କରିଥିଲେ ?

କ) ୧୮୬୭ ମସିହାରେ କଟକ ଜିଲ୍ଲା ସ୍କୁଲକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ଉନ୍ନୀତ କରାଯାଇଥିଲା ଏବଂ ୧୮୭୬ ମସିହାରେ ଏହାକୁ ସ୍ନାତକ ମହାବିଦ୍ୟାଳୟ ରୂପେ ଉନ୍ନୀତ କରାଗଲା ।

ଖ) କଟକରେ ଅବସ୍ଥାପିତ କମିଶନର ଟି.ଇ ରେଭେନ୍ସାଙ୍କ ନାମରେ ଇ□ରମିଡିଏଟ ମହାବିଦ୍ୟାଳୟଟି ରେଭେନ୍ସା କଲେଜ ଭାବରେ ପରିଚିତ ହେଲା ।

୧୦. ଓଡିଶାରେ ଶିକ୍ଷିତ ଯୁବଗୋଷ୍ଠିର ସଂକଳ୍ପ କ'ଣ ଥିଲା ?

କ) ଓଡିଶାରେ ଶିକ୍ଷିତ ଯୁବଗୋଷ୍ଠୀର ସଂକଳ୍ପ ଥିଲା ଅନ୍ୟାୟ ଅନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଏବଂ ଜାତୀୟ ଚେତନାରେ ଅଭିବୃଦ୍ଧି କରିବା ।

ଖ) ଏହି ବୁଦ୍ଧିଜୀବୀମାନେ ଓଡିଆ ଭାଷା ଓ ସଂସ୍କୃତି ତଥା ଓଡିଆମାନଙ୍କର ଏକତ୍ରିକରଣ ପାଇଁ ସ୍ୱର ଉତ୍ତୋଳନ କରିଥିଲେ ।

୧୧. କେଉଁ ସମୟରେ ଓଡିଆ ଭାଷାକୁ ବିଲୋପ କରିବା ପାଇଁ ଷଡଯନ୍ତ୍ର ଚାଲିଥିଲା ଓ କେଉଁମାନେ ଓଡିଆ ଭାଷାକୁ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ କରାଇଥିଲେ ?

କ) ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡିଆ ଭାଷାକୁ ବିଲୋପ କରିବା ପାଇଁ ଷଡଯନ୍ତ୍ର ଚାଲିଥିଲା ।

ଖ) ସେହି ସମୟରେ ଓଡିଶାର ବହୁ ବୁଦ୍ଧିଜୀବୀ, ଫକୀରମୋହନ ସେନାପତି, ରାଧାନାଥ ରାୟ ପ୍ରମୁଖ ଓଡିଆ ଭାଷାକୁ ଉପଯୁକ୍ତ ମର୍ଯ୍ୟାଦା ଦେବାରେ ସମର୍ଥ ହୋଇଥିଲେ ।

୧୨. ଓଡିଶାରେ କେବେ ପ୍ରଥମ ମୁଦ୍ରଣଯନ୍ତ୍ର ପ୍ରତିଷ୍ଠିତ ହେଲା ଓ ଏହାର ନାମ କ'ଣ ଥିଲା ?

(କ) ୧୮୩୭ ମସିହାରେ ଓଡିଶାରେ ପ୍ରଥମ ମୁଦ୍ରଣ ଯନ୍ତ୍ର ପ୍ରତିଷ୍ଠା ହେଲା ।

(ଖ) ଏହାର ନାମ କଟକ ମିଶନ ପ୍ରେସ ରଖାଗଲା ।

୧୩. ଉତ୍କଳ ଦୀପିକା ସମ୍ବାଦପତ୍ର କେବେ ପ୍ରକାଶିତ ହୋଇଥିଲା ଓ ଏହାର ସମ୍ପାଦନ କିଏ କରିଥିଲେ ?

କ) ୧୮୬୬ ମସିହାରେ କଟକରେ ଉତ୍କଳ ଦୀପିକା ସଂବାଦପତ୍ର ପ୍ରକାଶିତ ହୋଇଥିଲା ।

ଖ) ଏହାର ସମ୍ପାଦନା ଗୌରିଶଙ୍କର ରାୟ କରିଥିଲେ ।

୧୪. ସମ୍ବାଦ ବାହିକା ଓ ବୋଧଦାୟିନୀ ସମ୍ବାଦପତ୍ର କେବେ ପ୍ରକାଶିତ ହୋଇଥିଲା ଓ ଏହାର ସମ୍ପାଦକ କିଏ ଥିଲେ ?

(କ) ୧୮୬୮ ମସିହାରେ ବାଲେଶ୍ୱରରେ ସମ୍ବାଦ ବାହିକା ଓ ବୋଧଦାୟିନୀ ସଂବାଦପତ୍ର ପ୍ରକାଶିତ ହୋଇଥିଲା ।

(ଖ) ଫକୀର ମୋହନ ସେନାପତି ଉକ୍ତ ସମ୍ବାଦପତ୍ର ଦୁଇଟିର ସମ୍ପାଦକ ଥିଲେ ।

୧୫. ସମ୍ବଲପୁର ହିତୈଷିଣୀ ସମ୍ବାଦପତ୍ର କେବେ ପ୍ରକାଶିତ ହୋଇଥିଲା ଓ ଏହାର ସମ୍ପାଦନା କିଏ କରିଥିଲେ ?

କ) ୧୮୮୯ ମସିହାରେ ବାମଣ୍ଡରୁ "ସମ୍ବଲପୁର ହିତୈଷିଣୀ'' ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା ।

ଖ) ନୀଳମଣି ବିଦ୍ୟାରତ୍ନ ଏହି ସମବାଦପତ୍ରର ସମ୍ପାଦନ କରିଥିଲେ ।

୧୬. ମରହଟ୍ଟା ଓ ଇଂରେଜମାନେ କିପରି ଓଡିଆ ଭାଷାର ବିଲୋପ ନିମନ୍ତେ ଷଡଯନ୍ତ୍ର କରିଥିଲେ ?

କ) ମରହଟ୍ଟାମାନେ ପାର୍ଶୀ ଭାଷାକୁ ଓଡିଶାର ରାଜ ଭାଷା ରୂପେ ମାନ୍ୟତା ଦେଇଥିଲେ ।

ଖ) ଇଂରେଜମାନେ ଓଡିଶାକୁ ବଙ୍ଗଳାର ଏକ ଅଂଶ ରୂପେ ଗ୍ରହଣ କରି ବଙ୍ଗୀୟମାନଙ୍କୁ ରାଜକର୍ମଚାରୀ ରୂପେ ଓଡିଶାରେ ଅବସ୍ଥାପିତ କଲେ ଓ ଏହି କର୍ମଚାରୀମାନେ ଓଡିଶାରେ ବଙ୍ଗଳା ଭାଷାରେ ପ୍ରଚାର କଲେ ।

୧୭. ଓଡିଆ ଭାଷାରେ ପାଠ୍ୟପୁସ୍ତକର ସଂଖ୍ୟା କମ୍ ଥିଲା କାହିଁକି ?

ଛାପାଖାନାର ଅଭାବ ଏବଂ ବୁଦ୍ଧିଜୀବୀଙ୍କୁ ସ୍ୱଳ୍ପତା ହେତୁ ଓଡିଆ ଭାଷାରେ ପାଠ୍ୟପୁସ୍ତକର ସଂଖ୍ୟା କମ୍ ଥିଲା ।

୧୮. ଗଞ୍ଜାମ ଜିଲ୍ଲାରେ ଭାଷା ଆନ୍ଦୋଳନ କିପରି ମୁଣ୍ଡ ଟେକିଥିଲା ?

କ) ତତ୍କାଳୀନ ମାଡ୍ରାସ ପ୍ରଦେଶ ଅନ୍ତର୍ଗତ ଗଞ୍ଜାମ ଜିଲ୍ଲାରେ ତେଲଗୁ ସରକାରୀ ଭାଷା ରୂପେ ପ୍ରଚଳିତ ହେବା ଫଳରେ ଓଡ଼ିଆ ଭାଷା ଅବହେଳିତ ହେବ ଏବଂ ସେମାନେ ଓଡ଼ିଶା ଡିଭିଜନରେ ମିଶିବା ପାଇଁ ଆନ୍ଦୋଳନ କଲେ ।

ଖ) ୧୮୭୦ ମସିହା ସେପ୍ଟେମ୍ବର ମାସରେ ରସୁଲକୋଣ୍ଡା ଠାରେ ସଭା ଆୟୋଜନ କରି ସମସ୍ତ ଓଡ଼ିଆଙ୍କୁ ଏକତ୍ର ହେବା ପାଇଁ ଆହ୍ୱାନ ଦିଆଗଲା ।

୧୯. ସମ୍ବଲପୁର ଜିଲ୍ଲାରେ ଭାଷା ଆନ୍ଦୋଳନ କିପରି ମୁଣ୍ଡ ଟେକିଥିଲା ?

କ) କେନ୍ଦ୍ରୀୟ ପ୍ରଦେଶ ଅନ୍ତର୍ଗତ ସମ୍ବଲପୁର ଜିଲ୍ଲାରେ ହିନ୍ଦୀକୁ ସରକାରୀ ଭାଷାରୂପେ ପ୍ରଚଳନ କରାଗଲା କାରଣ ହିନ୍ଦୀ ଭାଷାକୁ ସରକାରୀ କର୍ମଚାରୀମାନେ ଓଡ଼ିଆ ଭାଷାରେ କାର୍ଯ୍ୟ କରିବାକୁ କୁଣ୍ଠରାବୋଧ କଲେ ।

ଖ)ଏଠାରେ ମଧ୍ୟ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ହିନ୍ଦୀ ଭାଷାରେ ଶିକ୍ଷାଦାନ କରାଗଲା ।

୨୦. କେଉଁ ବିଶିଷ୍ଟ ଓଡ଼ିଆ ଲେଖକଙ୍କ ଲେଖା ଓଡ଼ିଆ ଭାଷାର ସୁରକ୍ଷା ଦିଗରେ ଜନମତ ଜାଗ୍ରତ କରିଥିଲା ?

କ) ମଧୁସୂଦନ ଦାସ, ଗୋପାଳ ଚନ୍ଦ୍ର ପ୍ରହରାଜ, ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋପବନ୍ଧୁ ଦାସ, ରାଧାନାଥ ରାୟ, ମଧୁସୂଦନ ରାଓ, ଗଙ୍ଗାଧର ମେହେରା ପ୍ରଭୃତି ଆଧୁନିକ ଓଡ଼ିଆ ସାହିତ୍ୟର ପୁରୋଧାଗଣ ଜାତୀୟତାବାଦୀ ଲେଖା ମାଧ୍ୟମରେ ଓଡ଼ିଶାର ନରନାରୀଙ୍କୁ ଉଦବୁଦ୍ଧ କରିଥିଲେ ।

ଖ) ଏହା ଓଡ଼ିଆ ଭାଷାର ସୁରକ୍ଷା ଦିଗରେ ଜନମତ ଜାଗ୍ରତ କରିଥିଲା ।

୨୧. ଉତ୍କଳ ସଭା କିଏ ଓ କେଉଁଠାରେ ଗଠନ କରିଥିଲେ ?

କ) ୧୮୮୨ ମସିହାରେ ରାଧାନାଥ ରାୟ, ପ୍ୟାରୀମୋହନ ଆଚାର୍ଯ୍ୟ, ଗୌରି ଶଙ୍କର ରାୟ ପ୍ରମୁଖ ମନୀଷୀ ଗଣ ଓଡ଼ିଆ ଭାଷା ଓ ସଂସ୍କୃତିର ଉନ୍ନତି ନିମନ୍ତେ କଟକରେ ଉତ୍କଳ ସଭା ନାମକ ଏକ ଅନୁଷ୍ଠାନ ଗଠନ କରିଥିଲେ ।

୨୨. "ଉତ୍କଳ ସଭା" ଭଳି ଓଡ଼ିଶାରେ ଜାତୀୟତାବାଦର ବିକାଶ ନିମନ୍ତେ କେଉଁ ଅନୁଷ୍ଠାନ ଗୁଡ଼ିକ ଗଠନ କରାଯାଇଥିଲା ?

କ) ଉତ୍କଳ ସଭା ପରି ବାଲେଶ୍ୱରରେ ଉତ୍କଳ ଭାଷା ଉନ୍ନତି ବିଧାୟିନି ସଭା, କଟକରେ ଉତ୍କଳ ଭାଷା ଉଦ୍ଦୀପନୀ ସଭା ଓ ଉତ୍କଳ ଉଲ୍ଲାସିନୀ ସଭା, ବ୍ରହ୍ମପୁରରେ ଉତ୍କଳ ହିତବାଦିନୀ ସଭା ଆଦି ଅନୁଷ୍ଠାନ ଗୁଡ଼ିକ ଗଠନ କରାଯାଇଥିଲା ।

୨୩. ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାରେ କେଉଁ ଧର୍ମର ଆବିର୍ଭାବ ଘଟିଲା ଓ ଏହାର ପ୍ରଧାନ ପ୍ରବର୍ତ୍ତକ କିଏ ଥିଲେ ?

କ) ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାରେ ସତ୍ୟ ମହିମା ଧର୍ମର ଆବିର୍ଭାବ ହେଲା,

ଖ) ଏହି ଧର୍ମର ପ୍ରଧାନ ପ୍ରବର୍ତ୍ତକ ଥିଲେ ମହିମା ଗୋସ୍ୱାମୀ ।

୨୪. ମହିମା ଧର୍ମର ମୁଖ୍ୟ ପ୍ରଚାରକ କିଏ ? ତାଙ୍କ କବିତା ଓଡ଼ିଆ ମାନଙ୍କ ମନରେ କେଉଁ ଭାବନା ସୃଷ୍ଟି କଲା ?

କ) ମହିମା ଧର୍ମର ମୁଖ୍ୟ ପ୍ରଚାରକ ଥିଲେ ଭୀମଭୋଇ ।

ଖ) ତାଙ୍କ ରଚିତ କବିତାବଳୀ ଓଡ଼ିଆମାନଙ୍କ ମଧ୍ୟରେ ନିଃସ୍ୱାର୍ଥ ସେବା, ଜାତି ପ୍ରୀତି ଓ ଆତ୍ମବଳୀ ଭାବନା ସୃଷ୍ଟି କରିଥିଲା ।

୨୫. କମିଶନର ଟି.ଈ. ରେଭେନ୍ସା ଓଡ଼ିଶାରେ କେଉଁ ଜନହିତକର କାର୍ଯ୍ୟ କରିଥିଲେ ?

କ) କମିଶନର ଟି.ଇ ରେଭେନ୍ସା ଆଳି ଓ ବାଙ୍କିଠାରେ ନୂତନ ବନ୍ଧ ନିର୍ମାଣ ତଥା ପୁରୁଣା ବନ୍ଧର ମରାମତି କରାଇଥିଲେ

ଖ) ତାବ୍ୟତୀତ ବାଣିଜ୍ୟର ଉନ୍ନତି ପାଇଁ ଓଡ଼ିଶାରୁ ଅନ୍ୟ ପ୍ରଦେଶ ସହିତ ପିଚୁ ରାସ୍ତା ନିର୍ମାଣ କରାଯାଇଥିଲା ।

୨୬. ଲର୍ଡ୍ ରିପନ୍‌ଙ୍କୁ କାହିଁକି ଓ କେଉଁ ସ୍ଥାନରେ ଧନ୍ୟବାଦ ଦେବା ଉଦ୍ଦେଶ୍ୟରେ ଏକ ବିରାଟ ସାଧାରଣ ସଭାର ଆୟୋଜନ କରାଯାଇଥିଲା ?

କ) ୧୮୮୨ ମସିହାରେ ଭାଇସରାୟ ଲର୍ଡ୍ ରିପନଙ୍କ ଦ୍ୱାରା ପ୍ରବର୍ତ୍ତକ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଓଡ଼ିଆ ମାନଙ୍କ ମଧ୍ୟରେ ରାଜନୈତିକ ସଚେତନତା ଜାଗ୍ରତ କରାଇଥିଲା ।

ଖ) ଏହି ଜନରାଶି ପଦକ୍ଷେପ ପାଇଁ ଧନ୍ୟବାଦ ଜଣାଇବା ଉଦ୍ଦେଶ୍ୟରେ ୧୮୮୨ ଜୁନ୍ ୩୦ ତାରିଖରେ କଟକରେ ଏକ ବିରାଟ ସାଧାରଣ ସଭାର ଆୟୋଜନ କରାଯାଇଥିଲା ।

## ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ
## ୪ ନମ୍ବର ବିଶିଷ୍ଟ

୧. ଊନବିଂଶ ଶତାବ୍ଦୀର ପ୍ରାରମ୍ଭିକ ପର୍ଯ୍ୟାୟରେ କିପରି ଓଡ଼ିଶାରେ ଶିକ୍ଷାର ପ୍ରସାର ହୋଇଥିଲା ?

କ) ୧୮୨୩ ମସିହାରେ ଖ୍ରୀଷ୍ଟିୟାନ୍ ଧର୍ମପ୍ରଚାରକମାନେ କଟକରେ ଏକ ହିତକାରୀ ଦାତବ୍ୟ ବିଦ୍ୟାଳୟ ପ୍ରତିଷ୍ଠା କଲେ । ୧୮୪୧ ମସିହାରେ ସରକାର ଏହାର ପରିଚାଳନା ଭାର ହାତକୁ ନେଲେ ।

ଖ) ୧୮୫୪ ମସିହାରେ ଚାର୍ଲ୍ସ ଉଡ୍‌ଙ୍କ ପାଠ୍ୟକ୍ରମ ସଂସ୍କାର ନିୟମ ପ୍ରଣୟନ ଓ ୧୮୫୭ ମସିହାରେ କଲିକତା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓଡ଼ିଶାରେ ଶିକ୍ଷାର ପ୍ରସାର ଦିଗରେ ସହାୟକ ହେଲା ।

ଗ) ୧୮୫୮ ମସିହାରେ ଓଡ଼ିଶାରେ ପୁରୀ, କଟକ ଓ ବାଲେଶ୍ୱର ଗୋଟିଏ ଲେଖାଏଁ ଜିଲ୍ଲା ସ୍କୁଲ ସମେତ ସରକାରୀ ଓ ସାହାଯ୍ୟ ପ୍ରାପ୍ତ ବିଦ୍ୟାଳୟ ଏହି ରି ମୋଟ ୩୩ ଟି ବିଦ୍ୟାଳୟ ଥିଲା ।

ଘ) ବିଦ୍ୟାଳୟ ସଂଖ୍ୟା ବୃଦ୍ଧି ଓ ସେଗୁଡ଼ିକୁ ସରକାରୀ ଅନୁଦାନ ପ୍ରଦାନ ଓଡ଼ିଶାରେ ଶିକ୍ଷାର ପ୍ରସାର ଦିଗରେ ସହାୟକ ହେଲା ।

୨. ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ଉଚ୍ଚ ଶିକ୍ଷାର ବିକାଶ ଓ ତାହାର ଫଳାଫଳ ଆଲୋଚନା କର ।

କ) ୧୮୬୭ ମସିହାରେ କଟକ ଜିଲ୍ଲା ସ୍କୁଲକୁ ଇଂଟରମିଡିଏଟ୍ ବିଦ୍ୟାଳୟ ଭାବେ ଉନ୍ନୀତ କରାଗଲା ଏବଂ ଏହା କଲିକତା ବିଶ୍ୱବିଦ୍ୟାଳୟ ସହିତ ସହବନ୍ଧିତ ହେଲା । ୧୮୬୮ ଜାନୁୟାରୀ ୨୦ ତାରିଖରୁ ଏଠାରେ ମାତ୍ର ୬ ଜଣ ଛାତ୍ରଙ୍କୁ ନେଇ ଶିକ୍ଷାଦାନ ଆରମ୍ଭ ହେଲା ।

ଖ) ୧୮୭୬ ମସିହାରେ ପୁନଶ୍ଚ ଏହାକୁ ସ୍ନାତକ ମହାବିଦ୍ୟାଳୟ ଭାବେ ଉନ୍ନୀତ କରାଯାଇ ରେଭେନ୍ସା କଲେଜ ନାମ ଦିଆଗଲା ।

ଗ) ଏଠାରେ ବହୁ ଓଡ଼ିଆ ଯୁବକ ଉଚ୍ଚ ଶିକ୍ଷା ଲାଭ କରି ଓଡ଼ିଆ ଜାତୀୟତାବାଦକୁ ବିକାଶ କରିବା ନିମନ୍ତେ ଏକ ଗୋଷ୍ଠୀ ଗଢ଼ିଲେ ।

ଘ) ଏହି ଗୋଷ୍ଠୀ ନିଜ ସଂକଳ୍ପ ଅନୁସାରେ ଅନ୍ୟାୟ ଅନିତ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରି ଓଡ଼ିଆ ଜାତୀୟ ଚେତନାର ଅଭିବୃଦ୍ଧି ନିମନ୍ତେ ଜନତାଙ୍କୁ ଜାଗ୍ରତ କରାଇଥିଲା ।

୩. ଓଡ଼ିଆ ଜାତୀୟତାର ବିକାଶ ଦିଗରେ ସମ୍ବାଦପତ୍ରର ଭୂମିକା ବର୍ଣ୍ଣନା କର ।

 କ) ଓଡ଼ିଶାରେ ୧୮୩୭ ମସିହାରେ ପ୍ରଥମ ମୁଦ୍ରଣ ଯନ୍ତ୍ର କଟକ ମିଶନ ପ୍ରେସ ନାମରେ ପ୍ରତିଷ୍ଠା ହେଲା । ତେଣୁ ସାହିତ୍ୟ ଓ ପତ୍ର ପ୍ରକାଶନ ସହଜ ହେଲା ।

ଖ) ୧୮୬୬ ମସିହାରେ କଟକରେ ଗୌରିଶଙ୍କର ରାୟଙ୍କ ସମ୍ପାଦନାରେ ଉତ୍କଳ ଦୀପିକା, ୧୮୬୭ରେ ବାଲେଶ୍ୱରରେ 'ଫକୀରମୋହନ ସେନାପତିଙ୍କ ସମ୍ପାଦନାରେ ସମ୍ବାଦ ବାହିକା ଓ ବୋଧଦାୟିନୀ ୧୮୮୯ରେ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ ବାମଣ୍ଡାରୁ ସମ୍ବଲପୁର ହିତୈଷିଣୀ ଆଦି ପ୍ରକାଶିତ ହୋଇ ଉତ୍କଳୀୟ ଭାବକୁ ଜାଗ୍ରତ କରାଇଥିଲା ।

ଗ) ସମ୍ବାଦପତ୍ର ଗୁଡ଼ିକ ଉତ୍କଳର ସମସ୍ୟା ତଥା ଓଡ଼ିଆ ଭାଷା ବିଲୋପ ନିମନ୍ତେ ଷଡଯନ୍ତ୍ର ଇତ୍ୟାଦି ପ୍ରସଙ୍ଗରେ ଜନମତ ଜାଗ୍ରତ କରିଥିଲା ।

ଘ) ଏହି ସମ୍ବାଦପତ୍ର ଗୁଡ଼ିକ ଓଡ଼ିଆ ଜାତୀୟ ଚେତନା ବୃଦ୍ଧି କରିବା ନିମିତ୍ତ ସହାୟକ ହେଲା ।

୪. ଓଡ଼ିଆ – ବଙ୍ଗଳାଭାଷା ବିବାଦ କିପରି ଓଡ଼ିଶାରେ ଜାତୀୟ ଚେତନା ସୃଷ୍ଟି କରିବାରେ ସାହାଯ୍ୟ କରିଥିଲା ?

କ) ଇଂରେଜମାନେ ଓଡ଼ିଶାକୁ ବଙ୍ଗଳାର ଏକ ଅଂଶ ରୂପେ ଗ୍ରହଣ କରିଥିଲେ ଏବଂ ସେଥିପାଇଁ ସେମାନେ ବଙ୍ଗୀୟମାନେ ରାଜକର୍ମଚାରୀ ରୂପେ ଓଡ଼ିଶାରେ ଅବସ୍ଥାପିତ କରିଥିଲେ । ଏହି କର୍ମଚାରୀ ମାନେ ଓଡ଼ିଶାରେ ବଙ୍ଗଳା ଭାଷା ପ୍ରଚାର କଲେ ।

ଖ) ୧୮୪୯ ମସିହାରେ କଟକରେ କଲେକ୍ଟର ବଙ୍ଗଳା ଭାଷାକୁ ସରକାରୀ ଭାଷା ରୂପେ ସ୍ୱୀକୃତି ପ୍ରଦାନ କଲେ ।

ଗ) ଛାପାଖାନାର ଅଭାବ ଏବଂ ବୁଦ୍ଧିଜୀବୀଙ୍କ ସ୍ୱାର୍ଥ ହେତୁ ଓଡ଼ିଆ ଭାଷାରେ ପାଠ୍ୟ ପୁସ୍ତକର ସଂଖ୍ୟା ବହୁତ କମ ଥିଲା । ଏହି ଅସୁବିଧା ଅଂଚଳରେ କେତେକ ପ୍ରଭାବଶାଳୀ ବଙ୍ଗୀୟ ବ୍ୟକ୍ତି ଓଡ଼ିଆ ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ଭାଷା ପ୍ରଚଳନ ପାଇଁ ଉଦ୍ୟମ କଲେ ।

ଘ) ନିଜ ଭାଷାକୁ ରକ୍ଷା କରିବା ନିମନ୍ତେ ଓଡ଼ିଆ ମନର ଆପ୍ରାଣ ଉଦ୍ୟମ କଲେ ଏବଂ ଏହା ଓଡ଼ିଶାରେ ଜାତୀୟତାବାଦ ପ୍ରକାଶ ଦିଗରେ ସହାୟକ ହେଲା ।

୫. ସମ୍ବଲପୁରରେ ଓଡ଼ିଆ ଭାଷା କି ରି ପୁନଃ ପ୍ରଚଳିତ ହେଲା ?

କ) କେନ୍ଦ୍ରୀୟ ପ୍ରଦେଶ ଅନ୍ତର୍ଗତ ସମ୍ବଲପୁର ଜିଲ୍ଲାରେ ହିନ୍ଦୀକୁ ସରକାରୀ ଭାଷା ରୂପେ ପ୍ରଚଳନ କରାଗଲା କାରଣ ଓଡ଼ିଆ ଭାଷା ସରକାରୀ କର୍ମଚାରୀ ମାନେ ଓଡ଼ିଆ ଭାଷାରେ କାର୍ଯ୍ୟ କରିବାକୁ ରାଜି ହେଉନଥିଲେ ।

ଖ) ସମ୍ବଲପୁର ଜିଲ୍ଲାର ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷାରେ ଶିକ୍ଷାଦାନ କରାଗଲା । ସରକାରଙ୍କର ଏହି ନୀତି ଓଡ଼ିଆ ଭାଷାର ବିଲୋପ ନିମନ୍ତେ ଜନମତ ଜାଗ୍ରତ କରିଥିଲା ।

ଗ) ସମ୍ବଲପୁର ହିତୈଷିଣୀ ସମ୍ବାଦପତ୍ର ଓଡ଼ିଆମାନଙ୍କ ମନରେ ଜାତୀୟତା ଜାଗରଣ ସୃଷ୍ଟି କରି ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ଜନମତ ଜାଗ୍ରତ କରେ ।

୬. କେଉଁ ଅନୁଷ୍ଠାନ ଗୁଡ଼ିକ ଉନବିଂଶ ଶତାବ୍ଦୀରେ ଓଡ଼ିଆ ଜାତୀୟତାବାଦ ବିକାଶରେ ସହାୟକ ହୋଇଥିଲା ?

କ) ଓଡ଼ିଆ ଜାତୀୟତା ଜାଗରଣ ସୃଷ୍ଟି ନିମନ୍ତେ ଅନେକ ଅନୁଷ୍ଠାନ ଉଲ୍ଲେଖନୀୟ ଅବଦାନ ରହିଥିଲା ।

ଖ) ୧୮୮୨ ମସିହାରେ ରାଧାନାଥ ରାୟ, ପ୍ୟାରୀମୋହନ ଆଚାର୍ଯ୍ୟ ଓ ଗୌରିଶଙ୍କର ରାୟ ପ୍ରମୁଖ ଓଡ଼ିଆ ଭାଷା ଓ ସଂସ୍କୃତିର ଉନ୍ନତି ନିମନ୍ତେ କଟକରେ ଉତ୍କଳ ସଭା ନାମକ ଅନୁଷ୍ଠାନ ଗଠନ କଲେ ।

୭. ଓଡ଼ିଶାରେ ଊନବିଂଶ ଶତାବ୍ଦୀରେ ହୋଇଥିବା ଧାର୍ମିକ ନବ ଜାଗରଣ ସମ୍ବନ୍ଧରେ ବିବରଣୀ ପ୍ରଦାନ କର

କ) ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାରେ ଖ୍ରୀଷ୍ଟଧର୍ମ ଓ ବ୍ରାହ୍ମଣ ଧର୍ମ ବିରୁଦ୍ଧରେ ଏକ ସଂସ୍କାର ଧର୍ମରୂପେ ମହିମା ଧର୍ମ ଆବିର୍ଭାବ ହେଲା ।

ଖ) ଏହି ଧର୍ମର ପ୍ରଧାନ ପ୍ରବର୍ତ୍ତକ ଥିଲେ ମହିମା ଗୋସ୍ୱାମୀ ଓ ମୁଖ୍ୟ ପ୍ରଚାରକ ଥିଲେ ଭୀମଭୋଇ ।

ଗ) ଏହି ଧର୍ମ ଓଡ଼ିଶାର ଜନଜୀବନ ଓ ଓଡ଼ିଆ ସାହିତ୍ୟକୁ ବହୁଳ ଭାବେ ପ୍ରଭାବିତ କରିଥିଲା ।

ଘ) ଭୀମଭୋଇଙ୍କ ରଚିତ କବିତା ଗୁଡ଼ିକ ଓଡ଼ିଆ ମାନଙ୍କ ମନରେ ନିଃସ୍ୱାର୍ଥ ସେବା, ଜାତିପ୍ରୀତି ଓ ଆତ୍ମବଳି ଭାବନା ସୃଷ୍ଟି ତଥା ଜାତୀୟ ଚେତନାର ଅଭିବୃଦ୍ଧି କରିଥିଲା ।

୮. ଇଂରେଜମାନଙ୍କର ଜନହିତକର କାର୍ଯ୍ୟ କିପରି ଓଡ଼ିଆ ଜାତୀୟତା ଜାଗରଣ ପାଇଁ ସହାୟକ ହୋଇଥିଲା ?

କ) କମିଶନର ଟି.ଇ ରେଭେନ୍ସା ଆଳି ଓ ବାଙ୍କି ଠାରେ ନୂତନ ବନ୍ଧ ନିର୍ମାଣ ତଥା ପୁରାତନ ବନ୍ଧ ନିର୍ମାଣ କରାଇଥିଲେ ।

ଖ) ବାଣିଜ୍ୟର ଉନ୍ନତି ପାଇଁ ଓଡ଼ିଶାକୁ ଭାରତର ଅନ୍ୟ ପ୍ରଦେଶ ସହିତ ପକ୍କା ପିଚୁ ରାସ୍ତା ଦ୍ୱାରା ସଂଯୋଜିତ କରାଇବାକୁ ତାହା ଓଡ଼ିଶାବାସୀଙ୍କୁ ଭୌଗୋଳିକ ଅବରୋଧରୁ ମୁକ୍ତ କରି ଆଧୁନିକ ସଭ୍ୟତା ସହିତ ପରିଚିତ କରାଇଥିଲା ।

ଗ) ୧୮୮୨ ମସିହାରେ ଭାଇସରାଏ ଲର୍ଡ଼ ରିପନଙ୍କ ଦ୍ୱାରା ପରବର୍ତ୍ତୀ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଓଡ଼ିଆଙ୍କ ମନରେ ରାଜନୈତିକ ସଚେତନତା ଜାଗ୍ରତ କରାଇଥିଲା ।

ଘ) ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ସାଙ୍ଗକୁ ରାଜନୈତିକ ଜ୍ଞାନ ଆହରଣ ଓଡ଼ିଆ ଜାତୀୟତା ଜାଗରଣ ପାଇଁ ସହାୟକ ହୋଇଥିଲା ।

## ପ୍ରଥମ ଅଧ୍ୟାୟ ( ଦ୍ୱିତୀୟ ପାଠ)

# ଉତ୍କଳ ସମ୍ମିଳନୀର ଗଠନ

**ସମ୍ଭାବ୍ୟ ବିକଳ୍ପ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।**

୧. କେଉଁ ଅନୁଷ୍ଠାନ ଓଡ଼ିଶାର ପ୍ରଥମ ସୁସଂଗଠିତ ରାଜନୀତିକ ଅନୁଷ୍ଠାନ ଥିଲା ?

(କ) ଉତ୍କଳ ସଭା ଉନ୍ନତି ବିଧାୟିନୀ ସଭା (ଖ) ଉତ୍କଳ ସଭା

(ଗ) ଗଞ୍ଜାମ ଜାତୀୟ ସମିତି (ଘ) ଉତ୍କଳ ସମ୍ମିଳନୀ

୨. "ଉତ୍କଳ'' ସଭାର ପ୍ରଥମ ସଭାପତି କିଏ ଥିଲେ ?

(କ) ମଧୁସୂଦନ ଦାସ (ଖ) ଗୌରୀଶଙ୍କର ରାୟ

(ଗ) ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ (ଘ) ଚୌଧୁରୀ କାଶୀନାଥ ଦାସ

୩. ଡିସେମ୍ବର ୧୮୮୬ ମସିହା ୨୮ ତାରିଖରେ କଲିକତାଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ଦ୍ୱିତୀୟ ଅଧିବେଶନରେ ଉତ୍କଳ ସଭା ତରଫରୁ କିଏ ଯୋଗ ଦେଇଥିଲେ ?

(କ) ମଧୁସୂଦନ ଦାସ (ଖ) ହରିହର ମର୍ଦ୍ଦରାଜ (ଗ) ଗୌରୀଶଙ୍କର ରାୟ (ଘ) ଚୌଧୁରୀ କାଶୀନାଥ ଦାସ

୪. କାହାର ପ୍ରେରଣାରେ ୧୯୦୩ରେ ଗଞ୍ଜାମ ଜାତୀୟ ସମିତି ଗଠିତ ହୋଇଥିଲା ?

(କ) ମଧୁସୂଦନ ଦାସ (ଖ) ହରିହର ମର୍ଦ୍ଦରାଜ

(ଗ) ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ (ଘ) ବିକ୍ରମଦେବ ବର୍ମା

୫. ୧୯୦୩ ଏପ୍ରିଲ୍‌ରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ଗଞ୍ଜାମ ଜାତୀୟ ସମିତିର ପ୍ରଥମ ସଭା "ଗଞ୍ଜାମ ଜାତୀୟ ସଭା''ରେ କିଏ ଅ୍ଧକ୍ଷତା କରିଥିଲେ ?

(କ) ହରିହର ମର୍ଦ୍ଦରାଜ (ଖ) ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ

(ଗ) ମଧୁସୂଦନ ଦାସ (ଘ) ଶ୍ୟାମସୁନ୍ଦର ରାଜଗୁରୁ

୬. 'ଉତ୍କଳ ସଭା'ର ଶେଷ ସଭାରେ କିଏ ସଭାପତିତ୍ୱ କରିଥିଲେ ?

(କ) ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ (ଖ) ମଧୁସୂଦନ ଦାସ

(ଗ) ହରିହର ମର୍ଦ୍ଦରାଜ (ଘ) ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ

୭. ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନର ଅଭ୍ୟର୍ଥନା କମିଟିର ଅଧକ୍ଷ କିଏ ଥିଲେ ?

(କ) ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଖ) ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ

(ଗ) ଧନୁର୍ଜୟ ନାରାୟଣ ଭଞ୍ଜଦେଓ (ଘ) ମଧୁସୂଦନ ଦାସ

୮. ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନର ଅଭ୍ୟର୍ଥନା କମିଟିର ସମ୍ପାଦକ କିଏ ଥିଲେ ?

(କ) କାଶୀନାଥ ଦାସ (ଖ) ମଧୁସୂଦନ ଦାସ

(ଗ) ଗୌରୀଶଙ୍କର ରାୟ (ଘ) ହରିହର ମର୍ଦ୍ଦରାଜ

୯. ୧୯୦୩ ଡିସେମ୍ବର ୩୦ ଓ ୩୧ ତାରିଖରେ କଟକଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ କିଏ ସଭାପତିତ୍ୱ କରିଥିଲେ ?

(କ) ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ (ଖ) ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ

(ଗ) ମଧୁସୂଦନ ଦାସ (ଘ) କାଶୀନାଥ ଦାସ

୧୦. କେଉଁଠାରେ ଅନୁଷ୍ଠିତ ଉତ୍କଳ ସଭାର ଶେଷ ସଭାରେ ଉତ୍କଳ ସମ୍ମିଳନୀ ଗଠନ ନିଷ୍ପତ୍ତି ନିଆଯାଇଥିଲା ?

(କ) ଖଲିକୋଟ (ଖ) ବ୍ରହ୍ମପୁର (ଗ) ରମ୍ଭା (ଘ) କଟକ

୧୧. ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଯୋଗଦେଇଥିବା ରାଜାମାନଙ୍କ ମ୍ଧରୁ କିଏ ଢେଙ୍କାନାଳ ରାଜା ଥିଲେ ?

(କ) ବିଶ୍ୱନାଥ ବେବର୍ତ୍ତା ପଟ୍ଟନାୟକ (ଖ) କିଶୋର ଚନ୍ଦ୍ର ହରିଚନ୍ଦନ

(ଗ) ସୁରପ୍ରତାପ ମହେନ୍ଦ୍ର ବାହାଦୁର (ଘ) ଧନୁର୍ଜୟ ନାରାୟଣ ଭଞ୍ଜଦେଓ

୧୨. ଉତ୍କଳସମ୍ମିଳନୀର ପ୍ରଥମ ଅଧବବେଶନରେ ଯୋଗଦେଇଥିବା ରାଜାମାନଙ୍କ ମଧରୁ ଧନୁର୍ଜୟ ନାରାୟଣ ଭଞ୍ଜ କେଉଁ ଗଡଜାତିର ରାଜା ଥିଲେ ?

(କ) ଖଲିକୋଟ (ଖ) କନିକା (ଗ) ମୟୁରଭଞ୍ଜ (ଘ) କେନ୍ଦୁଝର

୧୩. କେଉଁଠାରେ ଉତ୍କଳ ସମ୍ମିଳନୀର, ଅଧିବେଶନରେ ବିହାର - ଓଡିଶା ପ୍ରଦେଶ ଗଠନକୁ ମଧୁବାବୁ ବିରୋଧ କରିଥିଲେ ? (କ) ଜୟପୁର (ଖ) ବ୍ରହ୍ମପୁର (ଗ) କଟକ (ଘ) ପାରଳାଖେମୁଣ୍ଡି

୧୪. ୧୯୧୪ ମସିହା ଡିସେମ୍ବର ୨୬ ଓ ୨୭ ତାରିଖରେ ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନରେ କିଏ ଅ୍ଧକ୍ଷତା କରିଥିଲେ ?

(କ) ବୈକୁଣ୍ଠନାଥ ଦେ ବାହାଦୁର (ଖ) ବିକ୍ରମଦେବ ବର୍ମା

(ଗ) ହରିହର ମର୍ଦ୍ଦରାଜ (ଘ) ଗୋପବନ୍ଧୁ ଦାସ

୧୫. କେବେ ଉତ୍କଳ ସମ୍ମିଳନୀ ତରଫରୁ ମଧୁବାବୁଙ୍କ ନେତୃତ୍ୱରେ ମଂ ଗୁ - ଚେମ୍ସଫୋର୍ଡଙ୍କୁ କଲିକତାଠାରେ ଏକ ଦାବି ତ୍ର ଦିଆଯାଇଥିଲା ?

(କ) ୧୯୧୨ (ଖ) ୧୯୧୪ (ଗ) ୧୯୧୭ (ଘ) ୧୯୧୮

୧୬. କେଉଁଠାରେ ଅନୁଷ୍ଠିତ ଉତ୍କଳ ସମ୍ମଳିନୀର ଅଧିବେଶନ କଂଗ୍ରେସର ଲକ୍ଷ୍ୟ ଓ ଆଦର୍ଶକୁ ଗ୍ରହଣ କରିଥିଲା ?

(କ) ଜୟପୁର (ଖ) ପାରଳାଖେମୁଣ୍ଡି (ଗ) ଚକ୍ରଧରପୁର (ଘ) କଟକ

୧୭. ଉତ୍କଳ ସମ୍ମିଳନୀର, କଂଗ୍ରେସ ସହିତ ମିଶ୍ରଣକୁ ବିରୋଧ କରିଥିବା ବ୍ୟକ୍ତିମାନଙ୍କ ଉଦ୍ୟମରେ, ପୁନର୍ଗଠିତ ସମ୍ମିଳନୀର ପ୍ରଥମ ଅଧିବେଶନ କେବେ ଅନୁଷ୍ଠିତ ହୋଇଥିଲା ?

(କ) ୧୯୨୦ (ଖ) ୧୯୨୧ (ଗ) ୧୯୨୪ (ଘ) ୧୯୨୪

୧୮. ପୁନର୍ଗଠିତ ଉତ୍କଳ ସମ୍ମିଳନୀର କଟକଠାରେ ଅନୁଷ୍ଠିତ ପ୍ରଥମ ବୈଠକରେ କିଏ ସଭାପତିତ୍ୱ କରିଥିଲେ ?

(କ) ଗୋପବନ୍ଧୁ ଦାସ (ଖ) କଳ୍ପତରୁ ଦାସ

(ଗ) ମଧୁସୂଦନ ଦାସ (ଘ) ବୈକୁଣ୍ଠନାଥ ଦେ ବାହାଦୁର

୧୯. ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ଉତ୍କଳ ସମ୍ମିଳନୀର ଶେଷ ବୈଠକ କେବେ ଅନୁଷ୍ଠିତ ହୋଇଥିଲା ? (କ) ୧୯୨୪ (ଖ) ୧୯୨୫ (ଗ) ୧୯୩୪ (ଘ) ୧୯୩୫

୨୦. ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ ଦଶମ ଅଧିବେଶନରେ କିଏ ଅଧକ୍ଷତା କରିଥିଲେ ?

(କ) ଶ୍ରୀରାମଚନ୍ଦ୍ର ଭଞ୍ଜ (ଖ) କୃଷ୍ଣଚନ୍ଦ୍ର ଗଜପତି (ଗ) ବିକ୍ରମଦେବ ବର୍ମା (ଘ) କଳ୍ପତରୁ ଦାସ

୨୧. ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ କିଏ ସଭାପତିତ୍ୱ କରିଥିଲେ ?

(କ) ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ (ଖ) ହରିହର ମର୍ଦ୍ଦରାଜ

(ଗ) ସୁରପ୍ରତାପ ମହେନ୍ଦ୍ର ବାହାଦୁର (ଘ) ଶ୍ରୀରାମଚନ୍ଦ୍ର ଭଞ୍ଜ

୨୨. ଉତ୍କଳ ସଭା କେବେ ଗଠିତ ହୋଇଥିଲା ?

(କ) ୧୮୬୭ (ଖ) ୧୮୮୨ (ଗ) ୧୮୮୫ (ଘ) ୧୯୦୩

୨୩. ଚୌଧୁରୀ କାଶୀନାଥ ଦାସ କେଉଁ ଅନୁଷ୍ଠାନର ସଭାପତି ଥିଲେ ?

(କ) ଉତ୍କଳ ସମ୍ମିଳନୀ (ଖ) ଉତ୍କଳ ସଭା (ଗ) ଉତ୍କଳ ଚକ୍ର (ଘ) ନୀଳଚକ୍ର

୨୪. ଉତ୍କଳ ସଭାର ନୂତନ ରୂ ରେଖ କ'ଣ ଥିଲା ?

(କ) ଉତ୍କଳ ସମାଜ (ଖ) ଉତ୍କଳବାହିନୀ (ଗ) ଉତ୍କଳ ସମ୍ମିଳନୀ (ଘ) ଉତ୍କଳ ସଂଗଠନ

୨୫. ପ୍ରାକୃତିକ ଓଡ଼ିଶାର ଏକତ୍ରୀକରଣ ପାଇଁ କେଉଁ ଅନୁଷ୍ଠାନ ଉଦ୍ୟମ କରିଥିଲା ?

(କ) ଉତ୍କଳ ସଭା (ଖ) ଉତ୍କଳ ସମ୍ମିଳନୀ (ଗ) ଉତ୍କଳ ସଂଗଠନ (ଘ) ଉତ୍କଳ ମ

୨୬. ଉତ୍କଳ ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନ କେବେ ବସିଥିଲା ?

(କ) ୧୯୧୭ (ଖ) ୧୯୧୮ (ଗ) ୧୯୨୦ (ଘ) ୧୯୨୧

୨୭. ଚକ୍ରଧରପୁରଠାରେ ଉତ୍କଳ ସମ୍ମିଳନୀର ବୈଠକ କେବେ ବସିଥିଲା ?

(କ) ୧୯୧୮ (ଖ) ୧୯୦୯ (ଗ) ୧୯୨୦ (ଘ) ୧୯୨୧ □

୨୮. ଓଡ଼ିଶାର କେଉଁ ନେତୃସ୍ଥାନୀୟ ବ୍ୟକ୍ତି ଅସହଯୋଗ ଆନ୍ଦୋଳନର ବିରୋଧି ଥିଲେ ?

(କ) ଗୋପବନ୍ଧୁ ଦାସ (ଖ) ହରେକୃଷ୍ଣ ମହତାବ (ଗ) ମଧୁସୂଦନ ଦାସ (ଘ)ବିଜୁ ପଟ୍ଟନାୟକ

୨୯. ଉତ୍କଳ ସମ୍ମିଳନୀର ପ୍ରାଣ କିଏ ଥିଲେ ?

(କ) କୃଷ୍ଣଚନ୍ଦ୍ର ଗଜପତି (ଖ) ବିକ୍ରମଦେବ ବର୍ମା (ଗ) କିଶୋର ଚନ୍ଦ୍ର ହରିଚନ୍ଦନ (ଘ) ମଧୁସୂଦନ ଦାସ

୩୦. ଉତ୍କଳ ସଭାର ପ୍ରଥମ ସଭାପତି କିଏ ଥିଲେ ?

(କ) ଗୌରୀଶଙ୍କର ରାୟ(ଖ)ଚୌଧୁରୀ କାଶୀନାଥ ଦାସ

(ଗ) ମଧୁସୂଦନ ଦାସ (ଘ) ଗୋଲୋକଚନ୍ଦ୍ର ବୋଷ

୩୧. ନିମ୍ନୋକ୍ତ କାହା ନେତୃତ୍ୱରେ ବଙ୍ଗ ଜାତୀୟ ସଭା ନାମକ ଅନୁଷ୍ଠାନ ଗଢା ଯାଇଥିଲା ?

(କ) ଗୋଲୋକଚନ୍ଦ୍ର ବୋଷ (ଖ) ହରିବଲ୍ଲଭ ବୋଷ

(ଗ) କାଳୀପଦ ବାନାର୍ଜୀ

(ଘ) ସାର୍ ସୁରେନ୍ଦ୍ରନାଥ ବାନାର୍ଜୀ

୩୨. ଗଞ୍ଜାମ ଜାତୀୟ ସମିତି କେବେ ଗଠନ ହୋଇଥିଲା ?

(କ) ୧୯୦୦ (ଖ) ୧୯୦୧ (ଗ) ୧୯୦୨ (ଘ) ୧୯୦୩

୩୩. ଜାତୀୟ କଂଗ୍ରେସର ଦ୍ୱିତୀୟ ଅଧିବେଶନ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

(କ) ବମ୍ବେ (ଖ) କଲିକତା (ଗ) ଆଲ୍ଲାହାବାଦ (ଘ) ଗୟା

୩୪. "ହେନେରି ରିସ୍‌ଲେ'' କେଉଁ ବଡଲାଟଙ୍କ ସମୟରେ ଗୃହସଚିବ ଥିଲେ ?

(କ) ରିପନ୍ (ଖ) ଓ୍ୱାଭେଲ୍ (ଗ) ମାଉଂଟବ୍ୟାଟେନ୍ (ଘ) ଲର୍ଡ କର୍ଜନ୍

୩୫. "ଉତ୍କଳ ସମ୍ମିଳନୀ''ର ପ୍ରଥମ ଅଧିବେଶନ କେଉଁ ଭାଷାରେ ପରିଚାଳିତ ହୋଇଥିଲା ?

(କ) ଇଂରାଜୀ (ଖ) ହିନ୍ଦୀ (ଗ) ବଙ୍ଗଳା (ଘ) ଓଡିଆ

୩୬. "ଅମୃତ ବଜାର ପତ୍ରିକା'ର ସମ୍ପାଦକ କିଏ ଥିଲେ ?

(କ) ମୋତିଲାଲ ଘୋଷ (ଖ) କାନ୍ତିଲାଲ ଭଟ୍ଟାଚାର୍ଯ୍ୟ

(ଗ) ଶ୍ୟାମସୁନ୍ଦର ମୁଖାର୍ଜୀ(ଘ) କାଳିପଦ ବାନାର୍ଜୀ

୩୭. ଉତ୍କଳ ସମ୍ମିଳନୀର ମୋଟ କେତୋଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା ?

(କ) ୧୬ଟି (ଖ) ୧୭ଟି (ଗ) ୧୮ଟି (ଘ) ୧୯ଟି

୩୮. "ଉତ୍କଳ ସମ୍ମିଳନୀ'ର ମୁଖ୍ୟ ଲକ୍ଷ୍ୟ କ'ଣ ଥିଲା ?

(କ) ଓଡ଼ିଆ ଭାଷାର ସୁରକ୍ଷା (ଖ) ଓଡିଶାର ସ୍ୱାଧୀନତା

(ଗ) ଭାରତର ସ୍ୱାଧିନତା

(ଘ) ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶ ଗଠନ

୩୯. ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ କେତେ ଜଣ ଗଡଜାତି ରାଜା ଯୋଗ ଦେଇଥିଲେ ?

(କ) ୧୦ (ଖ) ୨୦ (ଗ) ୩୦ (ଘ) ୪୦

୪୦. ଉତ୍କଳ ସମ୍ମିଳନୀର କେଉଁ ଅଧିବେଶନରେ ରିସ୍‌ଲେ ସର୍କୁଲାରକୁ ଅନୁମୋଦନ କରାଯାଇଥିଲା ?

(କ) ପ୍ରଥମ (ଖ) ଦ୍ୱିତୀୟ (ଗ) ତୃତୀୟ (ଘ) ଚତୁର୍ଥ

## ଉତ୍ତରମାଳା

୧. (ଖ) ୨. (ଘ) ୩. (କ) ୪. (ଖ) ୫. (ଘ) ୬.(ଖ) ୭. (ଖ) ୮. (ଖ) ୯. (ଖ) ୧୦. (ଘ) ୧୧. (ଗ) ୧୨.(ଘ) ୧୩. (ଖ) ୧୪. (ଖ) ୧୫. ଗ) ୧୬. (ଗ) ୧୭. (ଘ) ୧୮. (ଖ) ୧୯. (ଘ) ୨୦. (ଗ) ୨୧. (ଘ) ୨୨. (ଖ) ୨୩. (ଖ) ୨୪. (ଗ) ୨୫. (ଖ) ୨୬. (ଖ) ୨୭. (ଗ) ୨୮. (ଗ) ୨୯. (ଘ) ୩୦. (ଖ) ୩୧. (ଘ) ୩୨. (ଘ) ୩୩. (ଖ) ୩୪. (ଘ) ୩୫. (ଘ) ୩୬. (କ) ୩୭. (କ) ୩୮. (ଘ) ୩୯. (ଗ) ୪୦. (କ)

# ପ୍ରଥମ ଅଧ୍ୟାୟ ( ତୃତୀୟ ପାଠ)
# ୧୯୩୬ ମସିହା ପର୍ଯ୍ୟନ୍ତ ଓଡିଆ ଆନ୍ଦୋଳନ

୧. ଇଂରେଜମାନେ କେବେ ଗଞ୍ଜାମକୁ ଅଧିକାର କରିଥିଲେ ?
(କ) ୧୭୫୭ (ଖ) ୧୭୧୫ (ଗ) ୧୭୫୯ (ଘ) ୧୮୦୩

୨. ଗଞ୍ଜାମକୁ ଅଧିକାର କରି ଇଂରେଜମାନେ କେଉଁ ପ୍ରେସିଡେନସି ସହ ମିଶାଇ ଦେଇଥିଲେ ?
(କ) ବଙ୍ଗଳା (ଖ) ପାଟଣା (ଗ) ବିହାର (ଘ) ମାଡ୍ରାସ

୩. ଇଂରେଜମାନେ କେବେ ସମ୍ବଲପୁର ଅଧିକାର କଲେ ?
(କ) ୧୮୪୯ (ଖ) ୧୮୧୫ (ଗ) ୧୮୫୦ (ଘ) ୧୮୦୩

୪. ସମ୍ବଲପୁର ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହୋଇ କାହା ଅଧିନକୁ ହସ୍ତାନ୍ତରିତ ହୋଇଥିଲା ?
(କ) ଓଡିଶା (ଖ) ବିହାର (ଗ) ବଙ୍ଗ (ଘ) ପାଟଣା

୫. ମେଦିନୀପୁର କେଉଁ ପ୍ରେସିଡେନ୍ସି ସହ ମିଶି ଥିଲା ?
(କ) ବଙ୍ଗ (ଖ) ମାଡ୍ରାସ (ଗ) ବିହାର (ଘ) ପାଟଣା

୬. କେଉଁ ଅଂଚଳ ଛୋଟନାଗପୁର ଅଧିନରେ ଥିଲା ?
(କ) ସମ୍ବଲପୁର (ଖ) ଗଞ୍ଜାମ (ଗ) ସିଂହଭୂମି (ଘ) ମୟୁରଭଞ୍ଜ

୭. ଓଡିଆ ଜାତୀୟତାର ଜନନୀ କାହାକୁ କୁହାଯାଏ ?
(କ) ପାଇକ ବିଦ୍ରୋହ (ଖ) ଓଡିଶା ଭାଷା ଆନ୍ଦୋଳନ
(ଗ) ସ୍ୱଦେଶୀ ଆନ୍ଦୋଳନ (ଘ) ଉତ୍କଳ ସମ୍ମିଳନୀ

୮. କଟକର କଲେକ୍ଟର କେବେ ବଙ୍ଗଳା ଭାଷାକୁ ସରକାରୀ ଭାଷା ଭାବେ ସ୍ୱୀକୃତ ପ୍ରଦାନ କରିଥିଲେ ?
(କ) ୧୮୧୪ (ଖ) ୧୮୫୭ (ଗ) ୧୮୪୯ (ଘ) ୧୮୮୫

୯. ବଙ୍ଗଳାର ରାଜେନ୍ଦ୍ର ଲାଲ ମିତ୍ର ତତୋ କେଉଁପ୍ରକାର ବ୍ୟକ୍ତି ?
(କ) ଅର୍ଥନୈତିକ (ଖ) ସମାଜସେବକ (ଗ) ଐତିହାସିକ (ଘ) ରାଜନୀତିଜ୍ଞ

୧୦. ଜନ୍ ବିମ୍ସ୍ କେଉଁ ପ୍ରକାର ବ୍ୟକ୍ତି ?
(କ) ଭାଷାବିତ୍ (ଖ) ଐତିହାସିକ (ଗ) ଆନ୍ଦୋଳନକାରୀ (ଘ) ଅର୍ଥନୀତିଜ୍ଞ

୧୧. ଗୋଲ୍ଡସବରୀ କେଉଁ ପ୍ରଦେଶରେ ଗଭର୍ଣ୍ଣର ସାର.ଏସ. ସି. ବେଲି କେବେ ଓଡିଶା ପରିଭ୍ରମଣ ଆସିଥିଲେ ?
(କ) ବିହାର (ଖ) ବଙ୍ଗ (ଗ) ମାଡ୍ରାସ (ଘ) ଓଡିଶା

୧୨. ବଙ୍ଗର ଲେଫ୍ଟନାଣ୍ଟ ଗଭର୍ଣ୍ଣର ସାର୍ ଏସ.ସି. ବେଲି କେବେ ଓଡିଶା ପରିଭ୍ରମଣ ଆସିଥିଲେ ?
(କ) ୧୮୫୭ (ଖ) ୧୮୮୮ (ଗ) ୧୮୮୫ (ଘ) ୧୮୯୭

୧୩. ସମ୍ବଲପୁର କୋର୍ଟ କଚେରୀରେ କେବେ ଓଡିଆ ଭାଷାକୁ ଉଚ୍ଛେଦ କରାଯାଇ ହିନ୍ଦୀ ଭାଷାର ପ୍ରଚଳନ ହେଲା ?
(କ) ୧୯୮୫ ଜାନୁୟାରୀ ୧୫ (ଖ) ୧୮୯୫ ମାର୍ଚ୍ଚ ୧୨ (ଗ) ୧୮୯୬ ଜୁନ୍ ୩ (ଘ) ୧୮୯୬ ଅଗଷ୍ଟ ୧୩

୧୪. କିଏ ସମ୍ବଲପୁର କୋର୍ଟ କଚେରୀ ହିନ୍ଦୀ ଭାଷାର ପ୍ରଚଳନ କରିଥିଲେ ?
(କ) ସାର୍ ଏସ.ସି. ବେଲି (ଖ) ଲର୍ଡ ହାର୍ଡିଞ୍ଜ
(ଗ) ଲର୍ଡ ଓ୍ୱାଭେଲ (ଘ) ସାର ଆଣ୍ଡ୍ରୁ ଫ୍ରେଡର

୧୫. ମଦନ ମୋହନ ମିଶ୍ର କେଉଁ ଅ□ଳର ଭାଷା ଆନ୍ଦୋଳନର ନେତୃତ୍ୱ ନେଇଥିଲେ ?
(କ) ବ୍ରହ୍ମପୁର (ଖ) ସମ୍ବଲପୁର (ଗ) କଟକ (ଘ) ବାଲେଶ୍ୱର

୧୬. ସମ୍ବଲପୁରର ନେତୃସ୍ଥାନୀୟ ବ୍ୟକ୍ତିମାନେ କେବେ ସିମଳାଠାରେ ଲର୍ଡ କର୍ଜନଙ୍କୁ ଏକ ସ୍ମାରକ ପତ୍ର ଦେଇଥିଲେ ?
(କ) ୧୮୦୯ ଅଗଷ୍ଟ (ଖ) ୧୮୦୧ ଅଗଷ୍ଟ (ଗ) ୧୯୦୩ ଜୁନ୍ (ଘ) ୧୮୮୯ ମାର୍ଚ୍ଚ

୧୭. ମଧୁସୂଦନ ଦାସ କେଉଁଠାରେ ଲର୍ଡ କର୍ଜନଙ୍କୁ ଭେଟିଥିଲେ ?
(କ) କଲିକତା (ଖ) ନାଗପୁର (ଗ) ସିମ୍ଳା (ଘ) ଦିଲ୍ଲୀ

୧୮. କେଉଁ ବ୍ୟକ୍ତି ଲର୍ଡ କର୍ଜନଙ୍କୁ ପ୍ରଭାବିତ କରି ଓଡିଶା ଆଣି ଥିଲେ ?
(କ) ମଧୁସୂଦନ ଦାସ (ଖ)ବଳଭଦ୍ର ସୂପକାର (ଗ) ଗୋପବନ୍ଧୁ ଦାସ (ଘ) କୃଷ୍ଣଚନ୍ଦ୍ର ଗଜପତି

୧୯. ସମ୍ବଲପୁର କୋର୍ଟ କଚେରୀରେ କେବେ ଓଡିଆ ଭାଷା ପୁନର୍ବାର ପ୍ରଚଳିତ ହେଲା ?
(କ) ୧୮୮୯ ଜୁନ୍ ୧୩ (ଖ) ୧୯୦୧ ମାର୍ଚ୍ଚ ୫
(ଗ) ୧୯୦୦ ଜାନୁୟାରୀ ୧୧ (ଘ)୧୯୦୩ ଜାନୁୟାରୀ ୦୧

୨୦. ଓଡିଆ ଭାଷା ଆନ୍ଦୋଳନର ପ୍ରଥମ ବିଜୟ କାହାକୁ କୁହାଯାଏ ?
(କ) ସମ୍ବଲପୁର କୋର୍ଟ କଚେରୀରେ ଓଡିଆ ଭାଷାର ପ୍ରଚଳନ
(ଖ) କଟକରେ ଓଡିଆ ଭାଷାକୁ ସରକାରୀ ସ୍ୱୀକୃତି
(ଗ) ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ
(ଘ) ଗଞ୍ଜାମର ଓଡିଶା ସହିତ ମିଶ୍ରଣ

୨୧. କେଉଁ ସରକାର ରିସ୍‌ଲେ ସର୍କୁଲାରକୁ ପ୍ରଥମେ ମାନି ନେଇ ଥିଲେ ?
(କ) କେନ୍ଦ୍ରୀୟ ପ୍ରଦେଶ (ଖ) ବଙ୍ଗଳା ପ୍ରଦେଶ (ଗ) ମଧ ପ୍ରଦେଶ (ଘ) ମାନ୍ଦ୍ରାଜ ପ୍ରଦେଶ

୨୨. କେବେ ସମ୍ବଲପୁରକୁ କେନ୍ଦ୍ରୀୟ ପ୍ରଦେଶରୁ ପୃଥକ କରି ଓଡିଶା ଡିଭିଜନର ଅନ୍ତର୍ଭୁକ୍ତ କରାଗଲା ?
(କ) ୧୯୦୫ ଜୁଲାଇ ୧୯ (ଖ) ୧୯୦୫ ସେପ୍ଟେମ୍ବର ୧୯
(ଗ) ୧୯୦୫ ଅଗଷ୍ଟ ୧୯ (ଘ) ୧୯୦୫ ଅକ୍ଟୋବର ୧୯

୨୩. ନିମ୍ନଲିଖିତ ମଧ୍ୟରୁ କେଉଁ ଅଂଚଳଟି ଛୋଟନାଗପୁରରୁ ଆସି ଓଡିଶା ସହ ମିଶିଥିଲା ?
(କ) ବାମୁଣ୍ଡା (ଖ) ସୋନପୁର (ଗ) ରେଢାଖୋଲ (ଘ) ବଡୋଇ

୨୪. କଳାହାଣ୍ଡି କେଉଁ ପ୍ରଦେଶ ଅଧିନରେ ଥିଲା ?
(କ) ବଙ୍ଗ (ଖ)ମଧ୍ୟପ୍ରଦେଶ (ଗ) କେନ୍ଦ୍ରୀୟ (ଘ) ମାନ୍ଦ୍ରାଜ

୨୫. ଲର୍ଡ ଆମ୍ପଥିଲ କେଉଁ ପ୍ରଦେଶର ଗଭର୍ଣ୍ଣର ଥିଲେ ?
(କ) ବଙ୍ଗ (ଖ) ମଧ୍ୟପ୍ରଦେଶ (ଗ) କେନ୍ଦ୍ରୀୟ (ଘ) ମାନ୍ଦ୍ରାଜ

୨୬. ମଧୁବାବୁ କେବେ ଇଂଲଣ୍ଡ ଯାତ୍ରା କରି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ନିମନ୍ତେ ଭାରତ ଶାସନ ପାଇଁ ସଂପୃକ୍ତ କର୍ମକର୍ତ୍ତାଙ୍କୁ ପ୍ରବର୍ତ୍ତାଇ ଥିଲେ ?
(କ) ୧୯୦୧ (ଖ) ୧୯୦୭ (ଗ) ୧୯୦୩ (ଘ) ୧୯୧୧

୨୭. ବିହାର ଓଡିଶା ଲେଜିସ୍‌ଲେଟିଭ୍ କାଉନସିଲର ସଭ୍ୟଭାବ କିଏ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ସଂପର୍କରେ ଯୁକ୍ତି ବାଢିଥିଲେ ?
(କ) ମଧୁସୂଦନ ଦାସ (ଖ) କୃଷ୍ଣଚନ୍ଦ୍ର ଗଜପତି
(ଗ) ଗୋପବନ୍ଧୁ ଦାସ
(ଘ) ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ

୨୮. ୧୯୧୧ରେ ପୂର୍ବାଂଚଳ ରାଜ୍ୟର ସୀମା ପରିବର୍ତ୍ତନ ପାଇଁ କିଏ ଘୋଷଣା କରିଥିଲେ ?
(କ) ଲର୍ଡ ହାଡିଞ୍ଜ (ଖ) ଲର୍ଡ ରିପନ (ଗ) ଲର୍ଡ କର୍ଜନ (ଘ) ଲର୍ଡ ଓ୍ୱାଭେଲ

୨୯. ଇଂରେଜ ସରକାର କେବେ ବଙ୍ଗ ପ୍ରେସିଡେନସ୍ ଭାଗ କରିଦେଲେ ?

(କ) ୧୯୦୫ ଜାନୁୟାରୀ ୨୬ (ଖ) ୧୯୧୧ ଡିସେମ୍ବର ୨୭

(ଗ) ୧୯୦୭ ମାର୍ଚ୍ଚ ୧୪ (ଘ) ୧୯୧୫ ଜୁଲାଇ ୨୦

୩୦. ବିହାର-ଓଡିଶା ପ୍ରଦେଶ କେବେ ଗଠିତ ହୋଇଥିଲା ?

(କ) ୧୯୧୨ ଅଗଷ୍ଟ ୦୧ (ଖ) ୧୯୧୩ ଜୁଲାଇ ୨୪

(ଗ) ୧୯୧୨ ଜୁନ୍ ୨୩ (ଘ) ୧୯୧୩ ଅଗଷ୍ଟ ୧୫

୩୧. ନିମ୍ନଲିଖିତ ମଧ୍ୟରୁ କେଉଁ ବଡଲାଟ ବିହାର-ଓଡିଶା ପ୍ରଦେଶ ଗଠନକୁ ଇଂରେଜ ସରକାରଙ୍କ ଏକଜୁଟି ବୋଲି ମତ ବ୍ୟକ୍ତ କରିଥିଲେ ?

(କ) ଲର୍ଡ ରିପନ (ଖ)ଲର୍ଡ କର୍ଣ୍ଣୱାଲିସ୍ (ଗ) ଲର୍ଡ କର୍ଜନ (ଘ) ଲର୍ଡ ୱାଭେଲ୍

୩୨. ସାର ଆଣ୍ଡ୍ରୁଫ୍ରେଜର କିଏ ?

(କ) ଭାରତର ଭାଇସରାୟ (ଖ) ଓଡିଶାର ମୁଖ୍ୟ କମିଶନର

(ଗ) କେନ୍ଦ୍ରୀୟ ପ୍ରଦେଶର ମୁଖ୍ୟ କମିଶନର (ଘ) ବଙ୍ଗଳ କମିଶନର

୩୩. ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନ କେଉଁଠାରେ ବସିଥିଲା ?

(କ) କଟକ (ଖ) ଚକ୍ରଧରପୁର (ଗ) ବାଲେଶ୍ୱର (ଘ) ବ୍ରହ୍ମପୁର

୩୪. ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନରେ ମଧୁବାବୁ କାହାକୁ ବିରୋଧ କରିଥିଲେ ?

(କ) ବିହାର ଓଡିଶା ପ୍ରଦେଶ ଗଠନକୁ (ଖ) ଅଟଲି ପ୍ରସ୍ତାବକୁ (ଗ) ଜାତୀୟ କଂଗ୍ରେସକୁ (ଘ) ମଣ୍ଟେଗୁ ଚେମସ୍‌ଫୋର୍ଡ ଖସଡାକୁ

୩୫. ୧୯୧୪ ଡିସେମ୍ବର ୨୬ ଓ ୨୭ରେ ଉତ୍କଳ ସମ୍ମିଳନୀର କେଉଁ ଅଧିବେଶନ ବସିଥିଲା ?

(କ) ଅଷ୍ଟମ (ଖ) ତୃତୀୟ (ଗ) ଦଶମ (ଘ) ପଂଚମ

୩୬. ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନର ଆୟୋଜକ କିଏ ଥିଲେ ?

(କ) ମଧୁସୂଦନ ଦାସ (ଖ) ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଗ) ବିକ୍ରମ ଦେବବର୍ମା (ଘ) ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ

୩୭. ନିମ୍ନଲିଖିତ ମଧ୍ୟରୁ କେଉଁ ବଡଲାଟ ବିହାର-ଓଡିଶା ପ୍ରଦେଶ ଗଠନ ନିଷ୍ପତ୍ତି ବିରୋଧ କରିଥିଲେ ?

(କ) ଲର୍ଡ ରିପନ (ଖ) ଲର୍ଡ ୱାଭେଲ (ଗ) ଲର୍ଡ ୱାଭେଲ (ଘ)ଲର୍ଡ ମାଉଂଟବ୍ୟାଟେନ

୩୮. ଭାରତ ସଚିବ ଇଏସ୍. ମଣ୍ଟେଗୁ କେବେ ଭାରତ ଆସିଥିଲେ ?

(କ) ୧୯୧୭ (ଖ) ୧୯୧୮ (ଗ) ୧୯୧୯ (ଘ) ୧୯୨୦

୩୯. ଉତ୍କଳ ସମ୍ମିଳନୀ ତରଫରୁ ଗଠିତ କମିଟିର ସଭ୍ୟମାନେ କେବେ କଲିକତା ଠାରେ ମଣ୍ଟେଗୁ ଓ ଚେମସ୍‌ଫୋର୍ଡଙ୍କୁ ଏକ ଦାବି ପତ୍ର ଦେଇଥିଲେ ?

(କ) ୧୯୧୪ ଜାନୁୟାରୀ ୨୬ (ଖ) ୧୯୧୮ ଜୁଲାଇ ୧୩

(ଗ) ୧୯୧୭ ଡିସେମ୍ବର ୧୧ (ଘ) ୧୯୧୯ ଜୁନ୍ ୧୪

୪୦. "ମଣ୍ଟେଗୁ ଚେମସ୍ ଫୋର୍ଡ ଖସଡା'' କେବେ ପ୍ରସ୍ତୁତ ହୋଇଥିଲା ?

(କ) ୧୯୧୪ (ଖ) ୧୯୧୬ (ଗ) ୧୯୧୭ (ଘ) ୧୯୧୮

୪୧. ୧୯୧୯ ମସିହାରେ ଉତ୍କଳ ସମ୍ମିଳନୀର ଅଧିବେଶନ କେଉଁଠାରେ ବସିଥିଲା ?

(କ) ବାଲେଶ୍ୱର (ଖ) ଭଦ୍ରକ (ଗ) କଟକ (ଘ) ପୁରୀ

୪୨. ସଚିଦାନନ୍ଦ ସିହ୍ନା "ଉତ୍କଳ ସମ୍ମିଳନୀ''ର ପୁରୀ ଅଧିବେଶନର କେଉଁ ରାଜ୍ୟର ପ୍ରତିନିଧି ଭାବେ ଯୋଗ ଦେଇଥିଲେ

(କ) ବଙ୍ଗଳାର (ଖ) ଓଡିଶାର

(ଗ) ବିହାରରେ (ଘ) କେନ୍ଦ୍ରୀୟ ପ୍ରଦେଶର

୪୩. କେଉଁ ସରକାର ଓଡିଶାକୁ ଏକ ଉପପ୍ରଦେଶ ପାହ୍ୟା ଦେବାପାଇଁ ପ୍ରସ୍ତାବ ଦେଇଥିଲେ ?
(କ) ବିହାର-ଓଡିଶା ସରକାର(ଖ) ବଙ୍ଗଳା ସରକାର
(ଗ) ମାନ୍ଦ୍ରାଜ ସରକାର (ଘ) ଇଂରେଜ ସରକାର
୪୪. ବିଶ୍ୱନାଥ କର କେଉଁ ବିଧାନ ପରିଷଦର ସଭ୍ୟ ଥିଲେ ?
(କ) ମଧ୍ଯ ପ୍ରଦେଶ ବିଧାନ ପରିଷଦ (ଖ) ବଙ୍ଗଳା ବିଧାନ ପରିଷଦ
(ଗ) ବିହାର - ଓଡିଶା ବିଧାନ ପରିଷଦ (ଘ) ମାନ୍ଦ୍ରାଜ ବିଧାନ ପରିଷଦ
୪୫. ଶଶିଭୂଷଣ ରଥ କେଉଁ ବିଧାନ ପରିଷଦର ସଦସ୍ୟ ଥିଲେ ?
(କ) କେନ୍ଦ୍ରୀୟ ପ୍ରଦେଶ ବିଧାନ ପରିଷଦ (ଖ) ମାନ୍ଦ୍ରାଜ ବିଧାନ ପରିଷଦ
(ଗ) ମୂପ୍ରଦେଶ ବିଧାନ ପରିଷଦ (ଘ) ବଙ୍ଗଳା ବିଧାନ ପରିଷଦ
୪୬. କେନ୍ଦ୍ରୀୟ ବିଧାୟକ : ପରିଷଦରେ କେଉଁ ଦୁଇ ବ୍ୟକ୍ତି ଓଡିଶା ଭାଷାଭାଷୀ ଅ• ଳଗୁଡିକର ଓଡିଶା ସହ ମିଶ୍ରଣ ସପକ୍ଷରେ ଯୁକ୍ତି କରିଥିଲେ ?
(କ) ଗୋପବନ୍ଧୁ ଦାସ - ନୀଳକଣ୍ଠ ଦାସ (ଖ) ନୀଳକଣ୍ଠ ଦାସ - ଭୁବନାନନ୍ଦ ଦାସ
(ଗ) ଭୁବନାନନ୍ଦ ଦାସ - ଶଶୀଭୂଷଣ ରଥ (ଘ) ଶଶୀଭୂଷଣ ରଥ - ଗୋପବନ୍ଧୁ ଦାସ
୪୭. "ଫିଲପ୍ ଡଫ୍ କମିଟି'' କେଉଁ ମସିହାରେ ଗଠିତ ହୋଇଥିଲା ?
(କ) ୧୯୧୯ (ଖ) ୧୯୨୧ (ଗ) ୧୯୨୩ (ଘ) ୧୯୨୪
୪୮. ''ଫିଲପ୍ ଡଫ୍ କମିଟି'' ଆଗରେ କେଉଁ ବ୍ୟକ୍ତି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ସଂପର୍କରେ ଦୃଢ ଯୁକ୍ତି ଉପସ୍ଥାପନ କରିଥିଲେ ?
(କ) କୃଷ୍ଣଚନ୍ଦ୍ର ଗଜପତି (ଖ) ନୀଳକଣ୍ଠ ଦାସ (ଗ) ମଧୁସୂଦନ ଦାସ (ଘ) ଶଶୀଭୂଷଣ ରଥ
୪୯. "ଫିଲପ୍ ଡଫ୍ କମିଟି''ର ପ୍ରସ୍ତାବକୁ କିଏ ବିରୋଧ କରିଥିଲେ ?
(କ) ବଙ୍ଗଳା ସରକାର (ଖ) ମାନ୍ଦ୍ରାଜ ସରକାର
(ଗ) ଇଂରେଜ ସରକାର (ଘ) ଓଡିଶା ସରକାର
୫୦. ଉତ୍କଳ ସମ୍ମିଳନୀର ସଦସ୍ୟମାନେ କେଉଁଠାରେ ସାଇମନ କମିଶନକୁ ସ୍ୱାଗତ କରିଥିଲେ ?
(କ) କଟକ (ଖ) ପାଟନା (ଗ) ବ୍ରହ୍ମପୁର (ଘ) ଚକ୍ରଧରପୁର
୫୧. ସାଇମନ କମିଶନକୁ ମାନ୍ଦ୍ରାଜଠାରେ କିଏ ସାକ୍ଷାତ କରି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ନିମନ୍ତେ ଯୁକ୍ତ ଉପସ୍ଥାପନ କରିଥିଲେ ?
(କ) ରାଜେନ୍ଦ୍ର ନାରାୟଣ ଭଞ୍ଜ ଦେଓ (ଖ) କୃଷ୍ଣଚନ୍ଦ୍ର ଗଜପତି
(ଗ) ବ୍ରଜ ସୁନ୍ଦର ଦାସ (ଘ) ଲକ୍ଷ୍ମୀଧର ମହାନ୍ତି
୫୨. ନିମ୍ନୋକ୍ତ ମଧ୍ଯରୁ କିଏ ଅଟଲି ସବ୍ କମିଟିର ସଦସ୍ୟ ନଥିଲେ ?
(କ) ଡକ୍ଟର ସୁରୱାଦ୍ଦି (ଖ) ରାଜେନ୍ଦ୍ର ନାରାୟଣ ଭଞ୍ଜ ଦେଓ (ଗ) ଲକ୍ଷ୍ମୀଧର ମହାନ୍ତି (ଘ) ମଧୁସୂଦନ ଦାସ
୫୩. ପ୍ରଥମ ଗୋଲ ଟେବୁଲ୍ ବୈଠକ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?
(କ) ଲଣ୍ଡନ (ଖ) ପ୍ୟାରିସ (ଗ) ମା• ଷ୍ଟର (ଘ) ଆୟାରଲ୍ୟାଣ୍ଡ
୫୪. ଅଟ୍‌ଲି ସବ୍‌କମିଟିର ପ୍ରସ୍ତାବକୁ କେଉଁ ସରକାର ବିରୋଧ କରିଥିଲେ ?
(କ) ବଙ୍ଗଳା (ଖ) ଇଂରେଜ (ଗ) ମାନ୍ଦ୍ରାଜ (ଘ) ଓଡିଶା
୫୬. ପ୍ରଥମ ଗୋଲଟେବୁଲ ବୈଠକର ପ୍ରତିନିଧିମାନଙ୍କୁ କିଏ "ଓଡିଆମାନଙ୍କ ଦାବି ଓ ଯୁକ୍ତି'' ପୁସ୍ତିକା ବଣ୍ଟନ କରିଥିଲେ ?
(କ) ଗୋପବନ୍ଧୁ ଦାସ (ଖ) ନୀଳକଣ୍ଠ ଦାସ (ଗ) ମଧୁସୂଦନ ଦାସ (ଘ) କୃଷ୍ଣଚନ୍ଦ୍ର ଗଜପତ
୫୭. ସାମୁଏଲ୍ ହୋର କେଉଁ ପଦବୀରେ ଥିଲେ

(କ) ଭାରତ ସଚିବ (ଖ) ଭାରତର ବଡଲାଟ (ଗ) ବୈଦେଶିକ ସଚିବ (ଘ) ମୁଖ୍ୟଶାସନ ସଚିବ

୫୮. କୃଷ୍ଣଚନ୍ଦ୍ର ଗଜପତି କେଉଁ ଦିନ ଇଂଲଣ୍ଡରେ ଓଡିଶା ପ୍ରଦେଶ ଗଠନର ଯୌକ୍ତିକତା ସମ୍ବନ୍ଧରେ ଭାଷଣ ଦେଇ ଥିଲେ ?
(କ) ୧୯୩୦ ଜାନୁୟାରୀ ୧୧ (ଖ) ୧୯୩୧ ଜାନୁୟାରୀ ୧୬
(ଗ) ୧୯୩୨ ମାର୍ଚ୍ଚ ୧୪ (ଘ) ୧୯୩୨ ଜୁନ୍ ୨୧

୫୯. ୧୯୧୩ ମାର୍ଚ୍ଚ ୨୯ରେ ଜାତୀୟ କଂଗ୍ରେସର ଅଧିବେଶନ କେଉଁଠାରେ ବସିଥିଲା ?
(କ) ଲଣ୍ଡନ (ଖ) ଓ୍ୱାର୍ଦ୍ଧା (ଗ) କରାଚୀ (ଘ) ନାଗପୁର

୬୦. ୧୯୩୧ ମେ ୩ରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାରେ କିଏ ଏକ ପୃଥକ ଓଡିଶା ପ୍ରଦେଶ ଗଠନ ପାଇଁ ସରକାରଙ୍କ ଉପରେ ଚାପ ପକାଇବା ଉଦ୍ଦେଶ୍ୟରେ ପ୍ରସ୍ତାବ ଆଗତ କରିଥିଲେ ?
(କ) ମଧୁସୂଦନ ଦାସ (ଖ) ଗୋପବନ୍ଧୁ ଦାସ (ଗ) ହରେକୃଷ୍ଣ ମହତାବ (ଘ) କୃଷ୍ଣ ଚନ୍ଦ୍ର ଗଜପତି

## ଉତ୍ତରମାଳା

୧. (ଖ) ୨. (ଘ) ୩. (କ) ୪. (ଘ) ୫. (କ) ୬. (ଖ) ୭. (ଗ) ୮. (ଖ) ୯. (ଗ) ୧୦. (କ) ୧୧. (ଘ) ୧୨. (ଗ) ୧୩. (କ) ୧୪. (ଘ) ୧୫. (ଗ) ୧୬. (ଗ) ୧୭. (ଖ) ୧୮. (କ) ୧୯. (ଘ) ୨୦. (କ) ୨୧. (କ) ୨୨. (କ) ୨୩. (ଘ) ୨୪. (ଖ) ୨୫. (ଘ) ୨୬. (ଗ) ୨୭. (କ) ୨୮. (କ) ୨୯. (ଗ) ୩୦. (କ) ୩୧. (ଖ) ୩୨. (ଗ) ୩୩. (ଘ) ୩୪. (କ) ୩୫. (ଖ) ୩୬. (ଖ) ୩୭. (ଗ) ୩୮. (କ) ୩୯. (ଖ) ୪୦. (ଘ) ୪୧. (ଘ) ୪୨. (ଗ) ୪୩. (କ) ୪୪. (ଗ) ୪୫. (ଖ) ୪୬. (ଖ) ୪୭. (ଘ) ୪୮. (କ) ୪୯. (ଗ) ୫୦. (ଗ) ୫୧. (ଖ) ୫୨. (ଘ) ୫୩. (କ) ୫୪. (ଗ) ୫୫. (ଘ) ୫୬. (ଘ) ୫୭. (କ) ୫୮. (ଖ) ୫୯. (ଗ) ୬୦. (ଗ)

## ଦ୍ୱିତୀୟ ଅଧ୍ୟାୟ (ତୃତୀୟ ପାଠ)

### ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ

## MCQ

Q.1 କେଉଁଠାରେ ବ୍ରଜ ମୋହନ ପଟ୍ଟନାୟକ ଓଡ଼ିଆ ଭାଷାର ପ୍ରଚଳନ ପାଇଁ ଆନ୍ଦୋଳନ କରିଥିଲେ ?
(A) ସମ୍ବଲପୁର (B) ପଞ୍ଜାମ (C) ବାଲେଶ୍ୱର (D) କଟକ

Q.2 କେଉଁ ଶତାବ୍ଦୀରେ ଓଡ଼ିଶା ଛିନ୍ନଭିନ୍ନ ଅବସ୍ଥାରେ ଥିଲା ?
(A) ଅଷ୍ଟାଦଶ (B)ନବମ୍ (C) ଊନବିଂଶ (D) ଏକବିଂଶ

Q.3 ରାଜ୍ୟସ୍ୱତ୍ୱ ଲୋପନୀତି ଆମ ଦେଶରେ କେବେ କାର୍ଯ୍ୟକାରୀ ହୋଇଥିଲା ?
(A) 1847 (B)1848 (C) 1849 (D) 1850

Q.4 କେଉଁଟି ଏକ ସମ୍ବାଦପତ୍ର ନୁହେଁ ?
(A) ଉତ୍କଳ ଦୀପିକା (B) ଉତ୍କଳ ପ୍ରସଙ୍ଗ (C) ଉତ୍କଳ ଦର୍ପଣ (D)ସମ୍ବାଦ ବାହିକା

Q.5 ଓଡ଼ିଶା ପ୍ରଦେଶ ଗଠନ ଦିଗରେ ପ୍ରଥମ ସଫଳତା ବୋଲି କାହାକୁ କୁହାଯାଇଥିଲା ?
(A) ରିସ୍‌ଲେ ସର୍କୁଲାର
(B) ଉତ୍କଳ ସମ୍ମିଳନୀ

(C) ବିହାର ଓଡ଼ିଶା ପ୍ରଦେଶ ଗଠନ

(D) ବଙ୍ଗ-ବିହାର ଓଡ଼ିଶା ପ୍ରଦେଶ ଗଠନ

Q.6 ନିମ୍ନଲିଖିତ ମଧ୍ୟରୁ କେଉଁଟି ଛୋଟ ନାଗପୁର ସହ ମିଶି ରହିଥିଲା ?

(A) କଳାହାଣ୍ଡି (B) ରେଢ଼ାଖୋଲ (C) ପାଟଣା (D) ଗାଙ୍ଗପୁର

Q.7 ଗୋଲଡ଼ସବରୀ କେଉଁ ପ୍ରଦେଶର ଗଭର୍ଣ୍ଣର ଥିଲେ ?

(A) ବିହାର (B) ମାଡ୍ରାସ (C) ବଙ୍ଗ (D) ଓଡ଼ିଶା

Q.8 1933 ମାର୍ଚ୍ଚ 17 ତାରିଖରେ ପ୍ରକାଶିତ ଶ୍ୱେତପତ୍ର ଅନୁଯାୟୀ ଓଡ଼ିଶାର କ୍ଷେତ୍ରଫଳ କେତେ ବର୍ଗମାଇଲ ଥିଲା ?

(A) 33000 (B) 28145

(C) 23214 (D) 21545

Q.9 'ଭାରତ ଶାସନ (ଓଡ଼ିଶା ଗଠନ) ନିର୍ଦ୍ଦେଶ 1936' କାହାଦ୍ୱାରା ଘୋଷିତ ହେଲା ?

(A) ଇଂଲଣ୍ଡର ରାଣୀ

(B) ଇଂଲଣ୍ଡର ପ୍ରଧାନମନ୍ତ୍ରୀ

(C) ଇଂଲଣ୍ଡର ସଚିବ

(D) ଇଂଲଣ୍ଡର ସମ୍ରାଟ

Q.10 ସାଇମନ କମିଶନ ମାନ୍ଦ୍ରାଜରେ ପହଂଚିଲା ପରେ କିଏ ତାଙ୍କୁ ସାକ୍ଷାତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ ?

(A) କୃଷ୍ଣଚନ୍ଦ୍ର ଗଜପତି

(B) ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ

(C) ବ୍ରଜ ସୁନ୍ଦର ଦାସ

(D) ଲକ୍ଷ୍ମୀଧର ମହାନ୍ତି

Q.11 ନୂତନ ଘୋଷଣା ଅନୁସାରେ ଓଡ଼ିଶାର କ୍ଷେତ୍ରଫଳ ବୃଦ୍ଧିପାଇ କେତେ ବର୍ଗମାଇଲ ହୋଇଥିଲା ?

(A) 21,545 (B) 19,555 (C) 21,555 (D) 32,695

**ଉତ୍ତର**

1. (A) 2. (B) 3.(C) 4. (B) 5. (A) 6. (D) 7. (D)

8.(D) 9. (D) 10. (A) 11. (D)

## ଦ୍ୱିତୀୟ ଅଧ୍ୟାୟ

## ତୃତୀୟ ପାଠ

## ୧୯୩୬ ମସିହା ପର୍ଯ୍ୟନ୍ତ ଓଡ଼ିଆ ଆନ୍ଦୋଳନ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ

## ପ୍ରଶ୍ନ ଗୁଡ଼ିକର ଉତ୍ତର ୨୦ଟି ଲେଖାଏଁ ଶବ୍ଦ ମଧ୍ୟରେ ଲେଖ ? (୨ମାର୍କ

୧) ଓଡ଼ିଶାର କେଉଁ ସବୁ ଅଂଚଳ ଇଂରେଜ ମାନଙ୍କର ପ୍ରତ୍ୟକ୍ଷ ଶାସନାଧିନ ଥିଲା ଓ କେଉଁ ସବୁ ଅଂଚଳ ପରୋକ୍ଷ ଶାସନାଧିନା ଥିଲା ?

ଉ. କ) ଓଡ଼ିଶାର କଟକ, ପୁରୀ, ବାଲେଶ୍ୱର ଇଂରେଜମାନଙ୍କର ପ୍ରତ୍ୟକ୍ଷ ଶାସନାଧିନ ଥିଲା ।

ଖ) ଗଡ଼ଜାତ ରାଜ୍ୟ ଗୁଡ଼ିକ ପରୋକ୍ଷ ଶାସନାଧିନ ଥିଲା

୬) ଓଡ଼ିଆ ଭାଷାର ସ୍ଥିତି ସମ୍ପର୍କରେ କେଉଁ ସଂଗଠନ ମାଧ୍ୟମରେ ଓ କେଉଁ ସବୁ ଖବରକାଗଜ ମାଧ୍ୟମରେ ଲେଖା ପ୍ରକାଶିତ ହୋଇଥିଲା ?

ଉ.କ) ଓଡ଼ିଆ ଭାଷାର ସ୍ଥିତି ସମ୍ପର୍କରେ ଉତ୍କଳ ସଭା ସଂଗଠନ ମାଧ୍ୟମରେ ।

ଖ) ବିଭିନ୍ନ ଖବରକାଗଜ ଯଥା – ଉତ୍କଳଦୀପିକା, ସମ୍ବାଦବାହିକା ଓ ଉତ୍କଳଦର୍ପଣରେ ପ୍ରକାଶିତ ହୋଇଥିଲା ।

୭) ଓଡ଼ିଆ ଭାଷା ଆନ୍ଦୋଳନରେ ଗଞ୍ଜାମବାସୀ କିପରି ଅଂଶ ଗ୍ରହଣ କରିଥିଲେ ?

ଉ.କ) ଗଞ୍ଜାମବାସୀ "ଗଞ୍ଜାମ ଉତ୍କଳ ହିତ ବାହିନୀ ସଭା" ନାମକ ଏକ ଅନୁଷ୍ଠାନ ଗଠନ କରି ଓଡ଼ିଆ ଭାଷା ଆନ୍ଦୋଳନକୁ ବଳବତ୍ତର କରିଥିଲା

ଖ) ଏହି ସଂଗଠନ ମାଧ୍ୟମରେ ଗଞ୍ଜାମ ଅଗଳକୁ ମାନ୍ଦ୍ରାସ ପ୍ରେସିଡ଼େନସିରୁ ଆଣି ଓଡ଼ିଶା ସହିତ ମିଶ୍ରଣ ପାଇଁ ଦାବି କରାଯାଇଥିଲା ।

୮) ଏ.ସି. ବେଲି କିଏ ? ସେ କେବେ ଓଡ଼ିଶା ଭ୍ରମଣରେ ଆସିଥିଲେ ?

ଉ.କ) ବଙ୍ଗର ଲେଫଟା[ ଗଭର୍ଣ୍ଣର ସାର୍ ଏ.ସି.ବେଲି

ଖ) ୧୮୮୮ ମସିହାରେ ଓଡ଼ିଶା ଭ୍ରମଣରେ ଆସିଥିଲେ ।

୧୦) ନୀଳମଣି ବିଦ୍ୟାରତ୍ନ କେଉଁ ପ୍ରତିକା ମାଧ୍ୟମରେ ସରକାରଙ୍କର ଭାଷା ନୀତିକୁ ସମାଲୋଚ଼ନା କରିଥିଲେ ଓ ଏଥିପାଇଁ ତାଙ୍କୁ କିଏ ସାଧୁବାଦ ଜଣାଇଥିଲେ ?

ଉ.କ) ନୀଳମଣି ବିଦ୍ୟାରତ୍ନ "ସମ୍ବଲପୁର ହିତୈଷିଣୀ" ପ୍ରତିକା ମାଧ୍ୟମରେ ସରକାରଙ୍କର ଭାଷା ନୀତିକୁ ସମାଲୋଚ଼ନା କରିଥିଲେ ।

ଖ) ଏଥିପାଇଁ ତାଙ୍କୁ ସ୍ୱଭାବକବି ଗଙ୍ଗାଧର ମେହେର ସାଧୁବାଦ ଜଣାଇଥିଲେ ?

୧୧) ଲର୍ଡ଼ କର୍ଜନ ଓଡ଼ିଶା ଗସ୍ତରେ ଆସିବା ଦ୍ୱାରା କି ଲାଭ ହେଲା ?

ଉ କ) ଲର୍ଡ଼ କର୍ଜନ ଓଡ଼ିଶା ଗସ୍ତ କରି ସ୍ଥାନୀୟ କଳା ସ୍ଥାପତ୍ୟରେ ମୁଗ୍ଧ ହୋଇଥିଲେ ଓ ଓଡ଼ିଆ ଭାଷାଭାଷୀ ଅଗଳର ଏକତ୍ରିକରଣକୁ ହୃଦବୋଧ କରିଥିଲେ ।

ଖ) 'ଲସ୍ୱରୂପ ୧୯୦୩ ମସିହା ଜାନୁୟାରୀ ୧ ତାରିଖରୁ ସମ୍ବଲପୁର କୋର୍ଟ କଚ଼େରୀରେ ଓଡ଼ିଆ ଭାଷା ପ୍ରଚ଼ଳିତ ହେଲା ।

୧୩) କେବେ ଓ କେଉଁଠାରେ ମଧୁବାବୁଙ୍କ ନେତୃତ୍ୱରେ ଏକ ସାତଜଣିଆ ପ୍ରତିନିଧି ଦଳ ମ[ଷ୍ଟ୍ରେ ଚ଼େମସ୍ ଫୋର୍ଡ଼ଙ୍କୁ ସାକ୍ଷାତ କରିଥିଲେ ଓ କେଉଁ ଦାବିପତ୍ର ଦେଇଥିଲେ ?

ଉ.କ) ୧୯୧୭ ଡ଼ିସେମ୍ବର ୧୧ରେ ଉତ୍କଳ ସମ୍ମିଳନୀ ତରଫରୁ ମଧୁବାବୁଙ୍କ ନେତୃତ୍ୱରେ ଏକ ସାତଜଣିଆ ପ୍ରତିନିଧି ଦଳ ମ[ଷ୍ଟ୍ରେ ଚ଼େମସ୍ ଫୋର୍ଡ଼ଙ୍କୁ ସାକ୍ଷାତ କରିଥିଲେ ।

ଖ) ଓଡ଼ିଆ ଭାଷାଭାଷୀ ଅ*ଳ ଗୁଡ଼ିକର ମିଶ୍ରଣ ସମ୍ପର୍କରେ ଏକ ଦାବିପତ୍ର ଦେଇଥିଲେ ।

୧୪) ୧୯୧୯ ଭାରତ ଶାସନ ଆଇନ ଓଡ଼ିଶାବାସୀଙ୍କ ମନରେ ଦୁଃଖ ଦେଇଥିଲା କାହିଁକି ?

ଉ.କ) ୧୯୧୮ରେ ପ୍ରସ୍ତୁତ ମ□ଷ୍ଟୁ ଚେ଼ମସ୍ ଫୋର୍ଡ଼ ଖସଡ଼ାରେ ଓଡ଼ିଶାର ବିଛିନ୍ନା□କର ଏକତ୍ରୀକରଣ ପାଇଁ କୌଣସି ନିର୍ଦ୍ଦିଷ୍ଟ ଶାସନ ଯୋଜନା ନଥିଲା ।

ଖ) ୧୯୧୯ ଭାରତ ଶାସନ ଆଇନରେ ମଧ୍ୟ ଓଡ଼ିଆ ମାନଙ୍କ ପାଇଁ କୌଣସି ସୁବିଧା ରଖାଯାଇ ନଥିଲା । ତେଣୁ ଏହା ଓଡ଼ିଶାବାସୀଙ୍କ ମନରେ ଦୁଃଖ ଦେଇଥିଲା ।

୧୬) କେନ୍ଦ୍ରୀୟ ବିଧାୟକ ପରିଷଦରେ କେଉଁମାନେ ଓଡ଼ିଆ ଭାଷାଭାଷୀ ଅଂଳଗୁଡ଼ିକୁ ଓଡ଼ିଶାରେ ମିଶ୍ରଣ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିଥିଲେ ?

ଉ.କ) କେନ୍ଦ୍ରୀୟ ବିଧାୟକ ପରିଷଦରେ ପଣ୍ଡିତ ନୀଳକଣ୍ଠ ଦାସ ଓ ଭୁବନାନନ୍ଦ ଦାସ ଓଡ଼ିଆ ଭାଷାଭାଷୀ ଅଂଳଗୁଡ଼ିକୁ ଓଡ଼ିଶାରେ ମିଶ୍ରଣ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିଥିଲେ ।

୧୭) ଫିଲିପ ଓଡ଼ଫ୍ କମିଟି କେବେ ଓ କାହିଁକି ଗଠିତ ହୋଇଥିଲା ?

ଉ.କ) ଫିଲିପ୍ ଓଡ଼ଫ୍ କମିଟି ୧୯୨୪ ମସିହା ଶେଷ ଭାଗରେ ।

ଖ) ଗଞ୍ଜାମର ଓଡ଼ିଶାରେ ମିଶ୍ରଣ ଦାବିର ଯଥାର୍ଥତା ଅନୁଧ୍ୟାନ କରିବା ପାଇଁ ଏହା ଗଠିତ ହୋଇଥିଲା ।

୨୧) ସାଇମନ କମିଶନ ଭାରତ ଗସ୍ତ ବେଳେ ଉତ୍କଳ ସମ୍ମିଳନୀର ସଦସ୍ୟମାନେ କେଉଁଠାରେ ଓ କାହିଁକି ତାଙ୍କୁ ଭେଟିଥିଲେ ?

ଉ.କ) ସାଇମନ କମିଶନ ଭାରତ ଗସ୍ତ ବେଳେ ଉତ୍କଳ ସମ୍ମିଳନୀର ସଦସ୍ୟମାନେ କମିଶନଙ୍କୁ ପାଟନା ଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ

ଖ) ସମ୍ମିଳନୀ ତରଫରୁ ରାଜେନ୍ଦ୍ର ନାରାୟଣ ଦେଓ, ବ୍ରଜସୁନ୍ଦର ଦାସ ଓ ଲକ୍ଷ୍ମୀଧର ମହାନ୍ତି କମିଶନ ନିକଟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଦାବି କରିଥିଲେ ।

୨୨) କୃଷ୍ଣଚ଼ନ୍ଦ୍ର ଗଜପତି ସାଇମନ କମିଶନଙ୍କୁ କେଉଁଠାରେ ସାକ୍ଷାତ କରିଥିଲେ ଓ କେଉଁ ଯୁକ୍ତି ଉପସ୍ଥାପନ କରିଥିଲେ ?

ଉ.କ) କୃଷ୍ଣଚ଼ନ୍ଦ୍ର ଗଜପତି ସାଇମନ କମିଶନଙ୍କୁ ମାଦ୍ରାଜଠାରେ ସାକ୍ଷାତ କରିଥିଲେ ।

ଖ) ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ ।

୨୫) ଓଫଡ଼ନେଲ କମିଟିର ନିର୍ଦ୍ଧାରଣ ଓଡ଼ିଆ ମାନଙ୍କୁ ସନ୍ତୁଷ୍ଟ କରି ନଥିଲେ କାହିଁକି ?

ଉ. ଓଫଡ଼ନେଲ କମିଟିର ନିର୍ଦ୍ଧାରଣ ଓଡ଼ିଆ ମାନଙ୍କୁ ସନ୍ତୁଷ୍ଟ କରିପାରି ନଥିଲେ କାରଣ ଏଥିରେ ପ୍ରସ୍ତାବିତ ଓଡ଼ିଶା ପ୍ରଦେଶରୁ ପାରଳାଖେମୁଣ୍ଡି ମଞ୍ଜୁଷା, ମେଦିନୀପୁର ଏବଂ ସିଂହଭୂମିକୁ ବାଦ ଦିଆଯାଇଥିଲା ।

୨୭) କିଏ ଓ କେବେ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଏକ ପୃଥକ ଓଡ଼ିଶା ପ୍ରଦେଶ ଗଠନ ଘୋଷଣା କରିଥିଲେ ?

ଉ.କ) ଭାରତ ସଚ଼ିବ ସାମୁଲଲ ହୋର ।

ଖ) ୧୯୩୨ ମସିହା ଡ଼ିସେମ୍ବର ୨୪ରେ ଭାରତ ପାଇଁ ଉଦ୍ଦିଷ୍ଟ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଘୋଷରା କଲେ ।

୨୮) ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସମ୍ପର୍କିତ ଶ୍ୱେତପତ୍ର କେବେ ପ୍ରକାଶ ପାଇଲା ଓ ଏଥିରେ ପ୍ରସ୍ତାବିତ ଓଡ଼ିଶାର କ୍ଷେତ୍ର'ଳ କେତେ ଥିଲା ?

ଉ.କ) ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସମ୍ପର୍କିତ ଶ୍ୱେତପତ୍ର ଇଂରେଜ ସରକାରଙ୍କ ଦ୍ୱାରା ୧୯୩୩ ମସିହା ମାର୍ଚ୍ଚ ୧୭ ତାରିଖରେ ପ୍ରକାଶ ପାଇଲା ।

ଖ) ଏହି ଶ୍ୱେତପତ୍ର ପ୍ରସ୍ତାବିତ ଓଡ଼ିଶାର କ୍ଷେତ୍ର'ଳ ୨୧, ୫୪୫ ବର୍ଷ ମାଇଲ ଥିଲା ।

୩୦) ୧୯୩୫ ମସିହାଭାରତ ଶାସନ ଆଇନର କେଉଁ ଧାରା ଅନୁସାରେ ଓଡ଼ିଶାକୁ ଏକ ନୂତନ ପ୍ରଦଶେର ସ୍ୱୀକୃତି ଦିଆଗଲା ? ଭାରତ ଶାସନ ନିର୍ଦ୍ଦେଶ ୧୯୩୬ କେବେ ଓ କାହା ଦ୍ୱାରା ଘୋଷିତ ହେଲା ?

ଉ.କ) ୧୯୩୫ ମସିହା ଭାରତ ଶାସନ ଆଇନର ଧାରା ୨୮୦୧ ଅନୁସାରେ ଓଡ଼ିଶାକୁ ଏକ ନୂତନ ପ୍ରଦେଶର ସ୍ୱୀକୃତି ଇଂଲଣ୍ଡ ସମ୍ରାଟଙ୍କ ଦ୍ୱାରା ଘୋଷିତ ହେଲା ।

## (୪ ମାର୍କ ସମ୍ବଳିତ)

୨) ଓଡ଼ିଶାରେ ଭାଷା ଆନ୍ଦୋଳନ କେଉଁ ପରିସ୍ଥିତିରେ ଆରମ୍ଭ ହୋଉଥିଲା ?

ଉ.କ) ୧୮୯୪ ମସିହାରେ କଟକର ତତ୍କାଳୀନ କଲେକ୍ଟର ବଙ୍ଗଳା ଭାଷାକୁ ଓଡ଼ିଶାର ସରକାରୀ ଭାଷା ଭାବେ ସ୍ୱୀକୃତି ପ୍ରଦାନ କଲେ ।

ଖ) ଓଡ଼ିଆ ଭାଷା ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ମତ ପ୍ରକାଶ ପାଇଲା, ବଙ୍ଗର ବିଶିଷ୍ଟ ଐତିହାସିକ ରାଜେନ୍ଦ୍ର ଲାଲ ମିତ୍ର ଓ ଅନ୍ୟମାନେ ଏହି ମତ ପ୍ରକାଶ କରିଥିଲେ

ଗ) ଅନ୍ୟପକ୍ଷରେ ଓଡ଼ିଶାର ଗଭର୍ଣ୍ଣର ଗୋଲଡ଼ସବରୀ, ବିଶିଷ୍ଟ ଭାଷାବିତ୍ ଜନବିମସ ଏବଂ ବଙ୍ଗର ବିଶିଷ୍ଟ ଲେଖକ ବାସୁଦେବ ବନ୍ଦୋପାଧ୍ୟାୟ ଏହି ମତକୁ ଗ୍ରହଣ କରି ନଥିଲେ ।

ଘ) ବ୍ୟାସକବି ଫକୀର ମୋହନ ସେନାପତି ଓ କବିବର ରାଧାନାଥ ରାୟ ଓଡ଼ିଆ ଭାଷା ବିରୋଧୀ ମାନ୍ତବ୍ୟକୁ ବିରୋଧ କରିଥିଲେ ।

ଙ) ବିଭିନ୍ନ ଅ*ଳର ଲୋକମାନେ ଏହି ଭାଷା ବିରୋଧୀ ମନ୍ତବ୍ୟକୁ ଖଣ୍ଡନ କରିଥିଲେ, ଉତ୍କଳସଭା ସଂଗଠନ ମାଧ୍ୟମରେ ଓ ବିଶିଷ୍ଟ ଖବରକାଗଜ ଯଥା ଉତ୍କଳ ଦୀପିକା, ସମ୍ବାଦ ବାହିକ ଓ ଉତ୍କଳ ଦର୍ପଣରେ ଓଡ଼ିଆ ଭାଷାର ସ୍ଥିତି ସମ୍ପର୍କରେ ଖବର ପ୍ରକାଶିତ ହେଲା । ଫଳରେ ସୁପ୍ତ ଓଡ଼ିଆ ଜାତିର ପ୍ରାଣରେ ଜାତୀୟତା ଚେ୍ତନା ଜାଗ୍ରତ ହେଲା ଓ ଭାଷା ଆନ୍ଦୋଳନ ଆରମ୍ଭ ହେଲା ।

୩) ସାହିତ୍ୟିକ ମାନଙ୍କର ଓଡ଼ିଆ ଭାଷା ଆନ୍ଦୋଳନକୁ ଅବଦାନ ସମ୍ପର୍କରେ ଆଲୋଚ୍ନା କର ?

ଉ.କ) ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ, ଏହି ମତକୁ ବିଖ୍ୟାତ ଭାଷାବିତ୍ ଓ ବଙ୍ଗର ପ୍ରସିଦ୍ଧ ଲେଖକ ବାସୁଦେବ ବନ୍ଦୋପାଧ୍ୟାୟ ଏହି ମତକୁ ଗ୍ରହଣ କରି ନଥିଲେ ।

ଖ) ଓଡ଼ିଶାର ବିଭିନ୍ନ ଅ□ଳର ବିଦ୍ୱାନମାନେ ଏହି ମତକୁ ଖଣ୍ଡନ କରିଥିଲେ ।

ଗ) ଉତ୍କଳ ଦୀପିକା, ଉତ୍କଳ ଦର୍ପଣ ଓ ସମ୍ବାଦ ବାହିକା ଆଦି ସମ୍ବାଦ ପତ୍ରରେ ଓଡ଼ିଆ ଭାଷାର ସ୍ଥିତି ସମ୍ପର୍କରେ ଖବର ପ୍ରକାଶ ପାଇଲା । ଫଳରେ ଜନସାଧାରଣଙ୍କ ମନରେ ନୂତନ ଜାଗରଣ ସୃଷ୍ଟି ହେଲା ।

ଘ) ବ୍ୟାସକବି ଫକୀର ମୋହନ ସେନାପତି ଓ କବିକର ରାଧାନାଥ ରାୟ ଭାଷା ବିରୋଧୀ ମନ୍ତବ୍ୟକୁ ବିରୋଧ କରିଥିଲେ ।

ଙ) ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ ପ୍ରକାଶିତ ସମ୍ବଲପୁର ହିତୈଷିଣୀ ପତ୍ରିକାରେ ଇଂରେଜ ସରକାରଙ୍କର ଏହି ନୀତିକୁ ସମାଲୋଚ୍ନା କରାଯାଇଥିଲା । ଏହାକୁ ସ୍ୱଭାବ କବି ଗଙ୍ଗାଧର ମେହେର ସମର୍ଥନ କରିଥିଲେ ଓ ନୀଳମଣି ବିଦ୍ୟାରତ୍ନଙ୍କୁ ସାଧୁବାଦ ଜଣାଇଥିଲେ ।

୫) ଲର୍ଡ଼ କର୍ଜନଙ୍କର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଆଭିମୁଖ୍ୟ କ'ଣ ଥିଲା ?

ଉ.କ) ମଧୁବାବୁଙ୍କ ଅନୁରୋଧ କ୍ରମେ ଲର୍ଡ଼ କର୍ଜନ ଓଡ଼ିଶା ଗସ୍ତରେ ଆସିଥିଲେ ଓ ଓଡ଼ିଶାର କଳା ଓ ସ୍ଥାପତ୍ୟରେ ମୁଗ୍ଧ ହୋଇଥିଲେ ।

ଖ) ଓଡ଼ିଶା ଭାଷାଭାଷୀ ଅଗଳମାନଙ୍କର ଏକତ୍ରିକରଣର ଆବଶ୍ୟକତାକୁ ଉପଲବ୍ଧ କରିଥିଲେ ଫଳରେ ସମ୍ବଲପୁର କୋର୍ଟ କଚେ୍ରୀରେ ୧୯୦୩ ଜାନୁୟାରୀ ୧ ତାରିଖରେ ଓଡ଼ିଆ ଭାଷା ପ୍ରଚ୍ଳିତ ହୋଇଥିଲା ।

ଗ) ତାଙ୍କ ସମୟରେ ରିସଲେ ସାର୍କୁଲାର ପ୍ରକାଶିତ ହୋଇଥିଲା ଓ ଏହି ସାର୍କୁଲାରକୁ କେନ୍ଦ୍ରୀୟ ପ୍ରଦେଶ ସରକାର ମାନିନେଇଥିଲେ ।

ଘ) ୧୯୦୪ ମସିହା ଜାନୁଆରୀ ୫ ତାରିଖରେ ଲର୍ଡ଼ କର୍ଜନ ମାନ୍ଦ୍ରାଜ ଗଭର୍ଣ୍ଣରଙ୍କୁ ଓଡ଼ିଶା ସହିତ ଦକ୍ଷିଣରେ ଥିବା ଓଡ଼ିଆ ଭାଷାଭାଷୀ ଅଗଳକୁ ମିଶାଇ ଦେବା ପାଇଁ ପତ୍ର ଲେଖିଥିଲେ ।

୫) ଲର୍ଡ଼ କର୍ଜନ ବିହାର –ଓଡ଼ିଶା ପ୍ରଦେଶ ଗଠନକୁ ବିରୋଧ କରି ୧୯୧୨ ଫେବୃଆରୀ ୧ ତାରିଖରେ ବ୍ରିଟିଶ ଲର୍ଡ଼ ସଭାରେ କହିଥିଲେ ଯେ "ବିହାର-ଓଡ଼ିଶା" ପ୍ରଦେଶ ଗଠନ ଏକ ଗୁରୁତର ତ୍ରୁଟି ଯାହା ଚିରସ୍ଥାୟୀ ହୋଇ ରହିପାରିବ ନାହିଁ । ଓଡ଼ିଆ ମାନେ ଯଦି ଏକ ଆନ୍ଦୋଳନ ପ୍ରିୟ ଜାତି ହୋଇଥାନ୍ତେ, ଯାହା ସେମାନେ ନୁହନ୍ତି ସେମାନେ ଅଳ୍ପ ସମୟରେ ତାଙ୍କ ପ୍ରତିବାଦ ଜଣାଇଥାନ୍ତେ ।

୬) ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନରେ ମଧୁସୂଦନ ଦାସ ଓ ଦଶମ ଅଧିବେଶନରେ ଜୟପୁରର ରାଜା ବିକ୍ରମ ଦେବ ବର୍ମା କଣ କହିଥିଲେ ?

ଉ.କ) ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନରେ ବିହାର ଓଡ଼ିଶା ପ୍ରଦେଶ ଗଠନକୁ ବିରୋଧ କରି ମଧୁସୂଦନ ଦାସ କହିଥିଲେ ଯେ ବ୍ରିଟିଶ ଶାସନ ଅଧିନରେ ଏପରି କୌଣସି ଜାତି ନାହିଁ ଯେଉଁମାନଙ୍କ ପ୍ରତି ଓଡ଼ିଶାର ଲୋକମାନଙ୍କ ଠାରୁ ଅଧିକ ଅନ୍ୟାୟ ଓ ନିର୍ଦ୍ଦୟ ବ୍ୟବହାର ପ୍ରଦର୍ଶନ କରାଯାଇଛି, ଯଦିଓ ସେମାନେ ନିର୍ଦ୍ଦୋଷ ।

ଖ) ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନରେ ଜୟପୁରର ରାଜା ବିକ୍ରମ ଦେବ ବର୍ମା କହିଥିଲେ ଯେ ଯଦି ମୋର ଛିନ୍ନ ମସ୍ତକ ରାଞ୍ଚିରେ ରଖାଯାଏ, ମୋର ଦୁଇ ଗୋଡ଼କୁ ମାନ୍ଦ୍ରାଜ ଚିକିତ୍ସାଳୟରେ ରଖାଯାଏ ଓ ମୋର ଶରୀରର ଗଣ୍ଡିକୁ ବଙ୍ଗୋପ ସାଗରରେ ପିଙ୍ଗି ଦିଆଯାଏ ତେବେ କ'ଣ ମୁଁ ବଞ୍ଚିଛି ବୋଲି କୁହାଯାଇପାରିବ ? ଆମ ଉତ୍କଳ ଜନନୀ ବିକ୍ଷିପ୍ତ ଅବସ୍ଥାରେ ପଡ଼ିରହିଛି । ତେଣୁ ଉତ୍କଳ ଜନନୀର ବିକ୍ଷିପ୍ତାଂଶ ଗୁଡ଼ିକର ଏକତ୍ରୀକରଣ ଦରକାର ।

୭) ସିହ୍ନା ପ୍ରସ୍ତାବ ସମ୍ପର୍କରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

ଉ.କ) ବିହାର ପ୍ରତିନିଧି ସଚ୍ଚିଦାନନ୍ଦ ସିହ୍ନା ୧୯୨୦ ମସିହା ଫେବୃଆରୀ ୨୦ ତାରିଖରେ ସମ୍ରାଟ ବିଧାୟକ ପରିଷଦରେ ପ୍ରସ୍ତାବ ଦେଇଥିଲେ ଯେ,

ଖ) ବଙ୍ଗ, ମାନ୍ଦ୍ରାଜ ଓ କେନ୍ଦ୍ରୀୟ ପ୍ରଦେଶ ଅଧିନରେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ବିହାର –ଓଡ଼ିଶା ପ୍ରଦେଶର ଓଡ଼ିଶା ଡ଼ିଭିଜନ ସହ ମିଶାଇ ଦିଆଯାଉ ।

ଗ) ଏଥିପାଇଁ ଏକ ଯୋଜନା ପ୍ରସ୍ତୁତ କରିବା ନିମିତ୍ତ ସରକାରୀ ଓ ବେସରକାରୀ ସଦସ୍ୟମାନଙ୍କର ଏକ ମିଳିତ କମିଟି ନିଯୁକ୍ତ କରାଯିବା ଆବଶ୍ୟକ ।

ଘ) ଏହି ପସ୍ତାବକୁ ରାଜେନ୍ଦ୍ର ନାରାୟଣ ଭଞ୍ଜ ଦେଓ ସମର୍ଥନ କରିଥିଲେ ।

ଙ) ସିହ୍ନାଙ୍କ ପ୍ରସ୍ତାବ ଉପରେ ଭାରତ ସରକାର ସମ୍ପୃକ୍ତ ପ୍ରାଦେଶିକ ସରକାର ମାନଙ୍କର ମତ ଗ୍ରହିଁଲେ । ଏହି ପ୍ରସ୍ତାବରେ ବଙ୍ଗ, ମାନ୍ଦ୍ରାଜ ଓ କେନ୍ଦ୍ରୀୟ ପ୍ରଦେଶ ସରକାର ରାଜି ହୋଇ ନଥିବା ବେଳେ ବିହାର – ଓଡ଼ିଶା ସରକାର ଓଡ଼ିଶାକୁ ଏକ ଉପ ପ୍ରଦେଶ ପାହ୍ୟା ଦେବା ପାଇଁ ପ୍ରସ୍ତାବ ଦେଇଥିଲେ ।

୮) 'ଲ' ଡ଼' କମିଟି କେବେ, କାହିଁକି ଓ କିପରି ଗଠିତ ହୋଇଥିଲା ?

ଉ.କ) ୧୯୨୪ ମସିହାର ଶେଷ ଭାଗରେ,

ଖ)ଓଡ଼ିଶାବାସୀଙ୍କ ବାରମ୍ବାର ଦାବି ଫଳରେ ଗଞ୍ଜାମକୁ ଓଡ଼ିଶାରେ ମିଶ୍ରଣ ଦାବିର ଯଥାର୍ଥତା ଅନୁଧ୍ୟାନ କରିବା ପାଇଁ ଏକ ଦୁଇ ଜଣିଆ କମିଟି ଇଂରେଜ ସରକାର ଗଠନ କରିଥିଲେ ।

ଗ) ଏହି କମିଟିରେ ଗଡ଼ଜାତ ରାଜ୍ୟ ସମୂହର ପଲଟିକାଲ ଏଜେଂଟ ସି.ଏଲ ଫିଲିପ ଓ ମାନ୍ଦ୍ରାଜ ପ୍ରେସିଡ଼େନସିର ବେଲା ଜିଲ୍ଲାର ଜିଲ୍ଲାପାଳ ଏ.ସି.ଡ଼ । ସଦସ୍ୟ ଥିଲେ ।

ଘ) ଏହି କମିଟିକୁ ଫିଲପ ଡ଼ଫ କମିଟି କୁହାଯାଏ ।

ଙ) ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଏହି କମିଟି ଆଗରେ ବହୁ ଐତିହାସିକ ତଥ୍ୟ ପରିବେଷଣ କରି ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଓଡ଼ିଶା ସହ ମିଶ୍ରଣ ପାଇଁ ଦାବି ଉପସ୍ଥାପନ କରିଥିଲେ । ଫଳରେ କମିଟି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସୁପାରିଶ କରିଥିଲା ।

୧୦) ପ୍ରଥମ ଗୋଲଟେବୁଲ ବୈଠକରେ ଭାଗ ନେବାକୁ ଯାଇଥିବା ସମୟରେ ଇଂଲଣ୍ଡରେ କୃଷ୍ଣଚନ୍ଦ୍ର ଗଜପତିଙ୍କ କାର୍ଯ୍ୟାବଳୀ କ'ଣ ଥିଲ ?

ଉ. କ) ୧୯୩୦ ମସିହାରେ ଅନୁଷ୍ଠିତ ଗୋଲଟେବୁଲ ବୈଠକରେ ବିହାର-ଓଡ଼ିଶା ସରକାରଙ୍କ ଦ୍ୱାରା ମନୋନୀତ ହୋଇ ଓଡ଼ିଆ ମାନଙ୍କର ପ୍ରତିନିଧି ଭାବେ କୃଷ୍ଣଚନ୍ଦ୍ର ଗଜପତି ଯୋଗଦେଇଥିଲେ ।

ଖ) ଇଂଲଣ୍ଡରେ ଗୋଲଟେବୁଲ ବୈଠକରେ ଭିତରେ ଓ ବାହାରେ ସେ ଓଡ଼ିଆ ମାନଙ୍କର ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବିକୁ ଉପସ୍ଥାପିତ କରିଥିଲେ ।

ଗ) ଏହି ସଂକ୍ରାନ୍ତରେ ଗଜପତି "ଓଡ଼ିଆମାନଙ୍କର ଦାବି ଓ ଯୁକ୍ତି" ନାମକ ଏକ ପତ୍ରିକାକୁ ବୈଠକର ପ୍ରତିନିଧିମାନଙ୍କୁ ବିତରଣ କରିଥିଲେ ।

ଘ) ଇଂଲଣ୍ଡରେ ଭାରତ ସଚିବ ସାମୁଏଲ ହୋରଙ୍କୁ ସାକ୍ଷାତ କରି ଓଡ଼ିଆ ମାନଙ୍କର ଦାବି ସମ୍ପର୍କରେ ଅବଗତ କରାଇଥିଲେ ।

ଙ) ୧୯୩୧ ଜାନୁଆରୀ ୬ ତାରିଖରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏକ ଐତିହାସିକ ଭାଷଣ ମାଧ୍ୟମରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଯୌକ୍ତିକତା ଉପସ୍ଥାପିତ କରିଥିଲେ ।

୧୧) ଓ' ଡ଼ନେଲ କମିଟି କାହିଁକି ଓ କିପରି ଗଠିତ ହୋଇଥିଲା ଏବଂ ଓଡ଼ିଆମାନେ କାହିଁକି ଏହି କମିଟିର ନିଷ୍ପତ୍ତି ସନ୍ତୁଷ୍ଟ ହୋଇ ନଥିଲେ ?

ଉ.କ) ୧୯୩୧ ମସିହା ସେପ୍ଟେମ୍ବର ୧୩ରେ ଭାରତ ସରକାର ସୀମା ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ଏକ କମିଟି ଗଠନ କରିଥିଲେ, ଏହାର ସଦସ୍ୟ ସଂଖ୍ୟା ଥିଲା ୩ ।

ଖ) ଏହି କମିଟିର ଅଧ୍ୟକ୍ଷ ଥିଲେ ସାମୁଏଲ ଓ'ଡ଼ନେଲ ଓ ଅନ୍ୟ ଦୁଇଜଣ ସଦସ୍ୟ ଥିଲେ ବମ୍ବେର ଏଚ୍.ଏମ. ମେହେଟା ଓ ଆସାମର ଟି. ଆର. ଫୁକନ୍ ।

ଗ) ଏହି କମିଟିର ସହଯୋଗୀ ସଦସ୍ୟ ଥିଲେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ସଚ୍ଚିଦାନନ୍ଦ ସିହ୍ନା ଓ ସି.ଭି.ଏସ. ନରସିଂହରାଜୁ ।

ଘ) ଏହି କମିଟିର ନିର୍ଦ୍ଧାରଣ ଓଡ଼ିଆମାନଙ୍କୁ ସନ୍ତୁଷ୍ଟ କରିପାରି ନଥିଲା କାରଣ ଏଥିରେ ପ୍ରସ୍ତାବିତ ଓଡ଼ିଶା ପ୍ରଦେଶରୁ ପାରଳାଖେମୁଣ୍ଡି, ମଞ୍ଜୁଷା, ମେଦିନୀପୁର ଓ ସିଂହଭୂମିକୁ ବାଦ୍ ଦିଆଯାଇଥିଲା ।

## ଦ୍ୱିତୀୟ ଅଧ୍ୟାୟ (ତୃତୀୟପାଠ)

Q.1 ସ୍ୱତନ୍ତ୍ର ଓଡ଼ିଶା ଗଠନ ନିମନ୍ତେ କେଉଁ ସବୁ ସ୍ଥାନରେ ଆନ୍ଦୋଳନ ହୋଇ ଥିଲା ?

(i) 1991 ମସିହା ଜାନୁୟାରୀ ମାସରେ ଗଞ୍ଜାମର ଓଡ଼ିଆ ସମାଜର ପ୍ରତିନିଧି ଦଳ ମାନ୍ଦ୍ରାଜ ସରକାରଙ୍କୁ ଭେଟି ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ହସ୍ତାନ୍ତର କରିବାପାଇଁ ଦାବି କଲେ ।

(ii) ବାଲେଶ୍ୱରରେ ଉତ୍କଳ ସମ୍ମିଳନୀ ମାଧମରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଆୟୋଜନ ଆରମ୍ଭ ହୋଇଥିଲା

(iii) 1911 ମସିହାରେ ଲର୍ଡ଼ ହାଡ଼ିଞ୍ଜ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ସୀମା ପରିବର୍ତ୍ତନ ପାଇଁ ଘୋଷଣା କଲେ ।

(iv) 1911 ଡ଼ିସେମ୍ବର 27 ତାରିଖରେ ଇଂରେଜ ସରକାର ବଙ୍ଗପ୍ରେସିଡ଼େନ୍ସିକୁ ଭାଗ କରିଦେଲେ । 1912 ଅଗଷ୍ଟ 1 ତାରିଖରେ ଗଠିତ ହେଲା ବିହାର-ଓଡ଼ିଶା ନାମକ ଏକ ନୂତନ ପ୍ରଦେଶ ,କିନ୍ତୁ ଓଡ଼ିଆ ଭାଷାଭାଷୀ ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣର ପ୍ରଶ୍ନକୁ ଏଡ଼ାଇ ଦିଆଗଲା ।

# ଦ୍ୱିତୀୟ ଅଧ୍ୟାୟ

# ଚତୁର୍ଥ ପାଠ

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରତିଷ୍ଠା

1. ସ୍ୱତନ୍ତ୍ର ଓଡ଼ିଶାର ପ୍ରଥମ ରାଜ୍ୟପାଳ କିଏ ଥିଲେ ?

A. ସାର୍‌ଜନ୍ ଅଷ୍ଟିନ୍ ହବାକ୍

2. 1936 ଏପ୍ରିଲ 1 ତାରିଖରେ ଓଡ଼ିଶାର ପ୍ରଥମ ରାଜ୍ୟପାଳ ଭାବରେ କିଏ ଶପଥପାଠ କରିଥିଲେ ?

A. ସାର୍‌ଜନ୍ ଅଷ୍ଟିନ୍ ହବାକ୍

3. ହରେକୃଷ୍ଣ ମହତାବ କେବେ ଓଡ଼ିଶାର ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ?

A. 23 ଏପ୍ରିଲ 1946

4. କିଏ ଓଡ଼ିଶାର ପ୍ରଥମ ବିଧାନସଭାର ବାଚସ୍ପତି ରୂପେ ନିର୍ବାଚିତ ହୋଇଥିଲେ ?

A. ମୁକୁନ୍ଦପ୍ରସାଦ ଦାସ

5. 1941 ମସିହାରେ କାହାଙ୍କ ସାହାଯ୍ୟତାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମନ୍ତ୍ରିମଣ୍ଡଳ ଗଢ଼ିଥିଲେ ?

A. ଅସନ୍ତୁଷ୍ଟ କଂଗ୍ରେସ ଗୋଷ୍ଠୀ

6. ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରେ ନିର୍ବାଚିତ ସରକାର ଗଠନ ହେବା ପର୍ଯ୍ୟନ୍ତ ଏହାର ଶାସନ ଦାୟିତ୍ୱ ବହନ କରିଥିବା ଉପଦେଷ୍ଟା ପରିଷଦରେ କିଏ ଉପ ସଭାପତି ଥିଲେ ?

A. ଲକ୍ଷ୍ମୀଧର ମହାନ୍ତି

7. ଓଡ଼ିଶାକୁ ନୂତନ ପ୍ରଦେଶ ଭାବରେ ଇଂରେଜ ସରକାର ସ୍ୱୀକୃତି ପ୍ରଦାନ କରିବା ପଛରେ କେଉଁ ଆଇନ କାର୍ଯ୍ୟ କରିଥିଲା ?

A.1935 ଭାରତ ଶାସନ ଆଇନ

8. ନୂତନ ଓଡ଼ିଶା ପ୍ରଦେଶ ପ୍ରଥମକରି କେତେଗୋଟି ଜିଲ୍ଲାକୁ ନେଇ ଆତ୍ମପ୍ରକାଶ କରିଥିଲା ?

A.6ଟି

9. ନିମ୍ନୋକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ କିଏ ଜଣେ ବିଚାରପତି ଥିଲେ ?

A. ସାର୍ ଜନ୍ ଅଷ୍ଟିନ୍‌ହବାକ୍

B. ଗୋଲ୍ଡସବରି

C. ସାର୍ ଏସି ବେଲି

D. ସାର୍ କୋଟନେ ଟେରେଲା

A.ସାର୍ କୋଟନେ ଟେରେଲା

10. ଓଡ଼ିଶାର ପ୍ରଥମ ରାଜ୍ୟପାଳଙ୍କର ଶପଥ ପାଠ ଉତ୍ସବ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

A. ରେଭେନ୍ସା କଲେଜ ହଲରେ

11. 'କୁଳବୃଦ୍ଧ' ହିସାବରେ ଓଡ଼ିଶାରେ କିଏ ସୁପରିଚିତ ଅଟନ୍ତି ?

A. ମଧୁସୂଦନ ଦାସ

12.ନୂତନ ଓଡ଼ିଶା ପ୍ରଦେଶ ଗଠନ ହେବାପରେ ଏହାର ଶାସନ ମୁଖ୍ୟ ଭାବରେ କିଏ କାର୍ଯ୍ୟ ତୁଲାଇଥିଲେ ?

A. ରାଜ୍ୟପାଳ

13. ଗଠିତ ଉପଦେଷ୍ଟା ପରିଷଦରେ ଥିବା କୋଡ଼ିଏ ଜଣ ସଦସ୍ୟମାନଙ୍କ ମଧ୍ୟରୁ କେତେ ଜଣ ସରକାରୀ ସଭ୍ୟ ଭାବରେ ମନୋନୀତ ହୋଇଥିଲେ ?

A. ମାତ୍ର ତିନିଜଣ

14. 1933 ମସିହାର ଓଡ଼ିଶଶର ପ୍ରଶାସନିକ କମିଟିରେ ମଧୁବାବୁ କେଉଁ ପଦବୀରେ ଅଧିଷ୍ଠିତ ଥିଲେ ?

A. ସାଧାରଣ ସଦସ୍ୟ

13. ସ୍ୱତନ୍ତ୍ର ଉକ୍ରଳ ପ୍ରଦେଶ ଗଠିତ ହେବା ସମୟରେ ଏହାର ରାଜଧାନୀ କେଉଁଠାରେ ଥିଲା ?

A. କଟକ

## ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନୋତ୍ତର:-

1. ଓଡ଼ିଶାର ପ୍ରଧାନମନ୍ତ୍ରୀ ହିସାବରେ ହରେକୃଷ୍ଣ ମହତାବଙ୍କ କାର୍ଯ୍ୟାବଳୀ ବର୍ଣ୍ଣନା କର ।

A.i) ହରେକୃଷ୍ଣ ମହତାବ ବିଧାୟକ ଦଳର ନେତା ଭାବେ 1946 ମସିହା ଏପ୍ରିଲ 23 ତାରିଖରେ ଓଡ଼ିଶାର ପ୍ରଧାନମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଥିଲେ ।

ii) ତାଙ୍କ ସହିତ ନବକୃଷ୍ଣ ଚୌଧୁରୀ, ପଣ୍ଡିତ ଲିଙ୍ଗରାଜ ମିଶ୍ର, ନିତ୍ୟାନନ୍ଦ କାନୁନ୍‌ଗୋ, ଓ ରାଧାକୃଷ୍ଣ ବିଶ୍ୱାସରାୟ ଅନ୍ୟ ଚାରିଜଣ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ ।

iii) ସେହି ବର୍ଷ ଭାରତକୁ ଆସିଥିବା କ୍ୟାବିନେଟ୍ ମିଶନ ନିକଟରେ ଓଡ଼ିଶାର ଗଡ଼ଜାତ ରାଜ୍ୟସମୂହର ମିଶ୍ରଣ ସପକ୍ଷରେ ହରେକୃଷ୍ଣ ମହତାବ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ ।

iv) ହରେକୃଷ୍ଣ ମହତାବ 1946 ମସିହାରୁ 1950 ମସିହା ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ନେତୃତ୍ୱ ନେଇଥିଲେ । ଏହି ସମୟ ଅବଧି ମଧ୍ୟରେ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟଗୁଡ଼ିକ ହେଲା ଗଡ଼ଜାତ ମିଶୟଣ,ହୀରାକୁଦ ନଦୀବନ୍ଧ ଯୋଜନାର ଆରମ୍ଭ ଓ ଭୁବନେଶ୍ୱର ରେ ନୂଆ ରାଜଧାନୀ ପ୍ରତିଷ୍ଠା ।

2. ଡ଼ିଶାର ଉଦ୍ଘାଟନ ଦିବସ କିପରି ପାଳନ ହୋଇଥିଲା ?

A. i) ଓଡ଼ିଶା ତାର ନୂତନ ଉଦ୍ଘାଟନ ଉତ୍ସବ ରେଭେନ୍ସା କଲେଜର ପରିବେଶରେ ଅଭୁତପୂର୍ବ ଆନନ୍ଦ ଉଲ୍ଲାସରେ ପାଳନ କରିଥିଲା ।

ii) ଏଥିରେ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ସାର୍ କେଟନେ ଟେରେଲା ଓଡ଼ିଶାର ପ୍ରଥମ ରାଜ୍ୟପାଳ ଭାବରେ ସାର୍ ଜନ୍ ଅଷ୍ଟିନ୍ ହବାକ୍‌ଙ୍କୁ ଶପଥପାଠ କରାଇଥିଲେ ।

iii) ଉପସ୍ଥିତ ଜନତାଙ୍କ ସମ୍ମୁଖରେ ପାଠ କରାଯାଇଥିଲା । ଇଂଲଣ୍ଡର ସମ୍ରାଟ ଓ ଭାଇସ୍‌ରାୟଙ୍କ ଶୁଭେଚ୍ଛା ବାର୍ତ୍ତା ।

iv) ଏହି ଅବସରରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେଓ କଟକର ବାରବାଟୀ ଦୁର୍ଗରେ ଏକ ବିଶାଳ ଭୋଜିର ଆୟୋଜନ କରିଥିଲେ । କିନ୍ତୁ ଏହିସବୁ ସଫଳତାକୁ ଦେଖିବାପାଇଁ ତାଙ୍କ ପାଖରେ ନ ଥିଲେ କୁଳବୃଦ୍ଧ ମଧୁସୂଦନ ଦାସ ।

3. ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ଓଡ଼ିଶାରେ ଗଠିତ ମନ୍ତ୍ରୀମଣ୍ଡଳ ବର୍ଣ୍ଣନା କର ।

A. i) କଂଗ୍ରେସ କାର୍ଯ୍ୟକାରୀ କମିଟି ଓଡ଼ିଶାରେ କଂଗ୍ରେସ ବିଧାୟକ ଦଳ ନେତା ବିଶ୍ୱନାଥ ଦାସଙ୍କୁ ମନ୍ତ୍ରୀମଣ୍ଡଳ ଗଠନ କରିବାକୁ ଅନୁମତି ପ୍ରଦାନ କରିଥିଲେ ।

ii) ଗଭର୍ଣ୍ଣରଙ୍କ ଔପଚାରିକ ନିମନ୍ତ୍ରଣ କ୍ରମେ 1937 ମସିହା ଜୁଲାଇ 19 ତାରିଖରେ ବିଶ୍ୱନାଥ ଦାସ ପ୍ରଧାନମନ୍ତ୍ରୀରୂପେ ଶପଥ ଗ୍ରହଣ କରିଥିଲେ ।

iii) ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ଅନ୍ୟ ଦୁଇଜଣ ମନ୍ତ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ ଓ ବୋଧରାମ ଦୁବେ ଏବଂ ଚାରିଜଣ ପାର୍ଲାମେ□ରୀ ସେକ୍ରେଟାରୀ ଯଦୁମଣି ମଙ୍ଗରାଜ, ଜଗନ୍ନାଥ ମିଶ୍ର, ପ୍ୟାରୀଶଙ୍କର ରାୟ ଓ ରାଧାନାଥ ବିଶ୍ବାସରାୟ ଶପଥ ଗ୍ରହଣ କରିଥିଲେ ।

iv) 1937 ମସିହା ଜୁଲାଇ 28  ତାରିଖରେ ରେଭେନ୍ସା କଲେଜ ହଲ୍‌ରେ ବିଧାନସଭାର ପ୍ରଥମ ଅଧିବଶେନ ଆହୃତ ହୋଇଥିଲା । ପ୍ରଥମ ବିଧାନସଭାର ପ୍ରଥମ ଅଧିବେଶନରେ ମୁକୁନ୍ଦ ପ୍ରସାଦ ଦାସ ଓ ନନ୍ଦ କିଶୋର ଦାସ ଯଥାକ୍ରମେ ବାଚସ୍ପତି ଓ ଉପବାଚସ୍ପତି ରୂପେ ନିର୍ବାଚିତ ହୋଇଥିଲେ ।

4. ୧୯୪୧ ମସିହାରେ ଗଠିତ ମିଳିତ ମନ୍ତ୍ରିମଣ୍ଡଳର ଗଠନ ଓ କାର୍ଯ୍ୟାବଳୀ ସମ୍ପର୍କରେ ଏକ ଟିପ୍ପଣୀ ଲେଖ ।

A. i) ୧୯୪୧ ନଭେମ୍ବର ୨୪ ତାରିଖରେ ଅସନ୍ତୁଷ୍ଟ କଂଗ୍ରେସ ବିଧାୟକ ସହାୟତାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏକ ମିଳିତ ମନ୍ତ୍ରିମଣ୍ଡଳ ଗଠନ କରିଥିଲେ ।

ii) ଏହି ମନ୍ତ୍ରୀମଣ୍ଡଳରେ ପଣ୍ଡିତ ଗୋଦାବରୀଶ ମିଶ୍ର ଓ ମୌଲବୀ ଅବନ୍ତୀ ଶୋଭନ୍ ଖାଁ ମନ୍ତ୍ରୀରୂପେ ଯୋଗ ଦେଇଥିଲେ ।

iii) ଏହି ମନ୍ତ୍ରୀମଣ୍ଡଳ ଇଂରେଜ ସରକାରଙ୍କୁ ଯୁଦ୍ଧ ଚଳାଇବା କାର୍ଯ୍ୟରେ ସାହାଯ୍ୟ କରିଥିଲେ ମଧ୍ଧ କଂଗ୍ରେସ ଦ୍ୱାରା ସମାଲୋଚିତ ହୋଇଥିଲା ।

iv) ଏହି ମନ୍ତ୍ରୀମଣ୍ଡଳର କାର୍ଯ୍ୟକାଳ ମଧ୍ୟରେ ଓଡ଼ିଆମାନଙ୍କର ଦୁଇଟି ଆକାଂକ୍ଷା ଫଳବତୀ ହୋଇପାରିଥିଲା । ତାହା ହେଉଛି ଉତ୍କଳ ବିଶ୍ୱବିଦ୍ୟାଳୟ ଓ କଟକ ଭେଷଜ ମହାବିଦ୍ୟାଳୟର ପ୍ରତିଷ୍ଠା ।

# ରାଜନୀତିବିଜ୍ଞାନ

## ପ୍ରଥମ ଅଧ୍ୟାୟ-ଭାରତରେ ସ୍ୱାଧୀନତା ପରବର୍ତ୍ତୀ ରାଜ୍ୟ ପୁନର୍ଗଠନ

## ପ୍ରଥମ ପାଠ : ନୂତନ ରାଜ୍ୟ ଗୁଡିକର ଗଠନ

୧. ପଣ୍ଡିଚେରୀର ଶାସନ ମୁଖ୍ୟ କିଏ ?

(ଖ) ପ୍ରଧାନମନ୍ତ୍ରୀ (ଖ) ରାଷ୍ଟ୍ରପତି (ଗ) ରାଜ୍ୟପାଳ (ଗ) ଉପରାଜ୍ୟପାଳ

୨. ଚତୁର୍ଦ୍ଦଶ ସମ୍ବିଧାନ ସଂଶୋଧନ ଆଇନ୍ କେବେ ପ୍ରଣୀତ ହୋଇଥିଲା ?

(କ) ୧୯୬୧ (ଖ) ୧୯୬୨ (ଗ) ୧୯୬୩ (ଘ) ୧୯୬୪

୫. ଦିଲ୍ଲୀର ଶାସନ ମୁଖ୍ୟଙ୍କୁ କ'ଣ କୁହାଯାଏ ?

(କ) ମୁଖ୍ୟମନ୍ତ୍ରୀ (ଖ) ପ୍ରଧାନମନ୍ତ୍ରୀ

(ଗ) ରାଜ୍ୟପାଳ (ଘ) ଉପରାଜ୍ୟପାଳ

୬. କେଉଁ ମସିହା ପରଠାରୁ ଦିଲ୍ଲୀପାଇଁ ଗୋଟିଏ ବିଧାନସଭା ଓ ଗୋଟିଏ ମନ୍ତ୍ରୀପରିଷଦର ବ୍ୟବସ୍ଥା କରାଯାଇଛି ?

(କ) ୧୯୯୦ (ଖ) ୧୯୯୧ (ଗ) ୧୯୯୨ (ଘ) ୧୯୯୩

୭. ଦିଲ୍ଲୀର ଉପରାଜ୍ୟପାଳ କାହାଦ୍ୱାରା ନିଯୁକ୍ତ ହୁଅନ୍ତି ?

(କ) ରାଷ୍ଟ୍ରପତି (ଖ) ଉପରାଷ୍ଟ୍ରପତି (ଗ) ପ୍ରଧାନମନ୍ତ୍ରୀ (ଘ) ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାରପତି

୮. ନିମ୍ନୋକ୍ତ କେଉଁ ଅ□ଳଟି ଫ ରାସୀ ଅଧିକୃତ ନଥିଲା

(କ) ଗୋଆ (ଖ) ପଣ୍ଡିଚେରୀ (ଗ) କାରିକଲ୍ (ଘ) ମାହେ

୧୦. 'ରାସୀ ଓ ପର୍ତ୍ତୁଗାଲ୍ ଅଧିକୃତ ଅଞ୍ଚଳଗୁଡିକ କେବେ କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ପାଇଲେ ?

(କ) ୧୯୬୦ (ଖ) ୧୯୬୧ (ଗ) ୧୯୬୨ (ଘ) ୧୯୬୩

୧୩. ନିମ୍ନୋକ୍ତ କିଏ "କ'' ଶ୍ରେଣୀଭୁକ୍ତ ରାଜ୍ୟର ଶାସନମୁଖ୍ୟ ଥିଲେ ?

(କ) ରାଷ୍ଟ୍ରପତି (ଖ) ରାଜ୍ୟପାଳ (ଗ) ପ୍ରଧାନମନ୍ତ୍ରୀ (ଘ) ମୁଖ୍ୟମନ୍ତ୍ରୀ

୧୬. ଜାମ୍ମୁ ଓ କାଶ୍ମୀର କେଉଁ ଶ୍ରେଣୀଭୁକ୍ତ ରାଜ୍ୟ ଥିଲା ?

(କ) କ (ଖ) ଖ (ଗ) ଗ (ଘ) ଘ

୧୮. ଭାଗାଭି☐କ ପ୍ରଦେଶ ଆୟୋଗ କେଉଁ ମସିହାରେ ଗଠିତ ହୋଇଥିଲା ?

(କ) ୧୯୪୭ (ଖ) ୧୯୪୮ (ଗ) ୧୯୪୯ (ଘ) ୧୯୫୦

୨୦. ୧୯୫୨ ମସିହାରେ ସ୍ୱତନ୍ତ୍ର ତେଲଗୁ ରାଜ୍ୟ ଦାବି କରି ଅନଶନରେ ବସିଥିବା ବେଳେ କାହାର ମୃତ୍ୟୁ ଘଟିଥିଲା ?

(କ) ପଟ୍ଟାଭି ସୀତାରାମାୟ

(ଖ) ପୋଟ୍ଟି ଶ୍ରୀରାମୁଲୁ

(ଗ) ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍

(ଘ) ହୃଦୟନାଥ କୁଞ୍ଜରୁ

୨୩. କିଏ "ରାଜ୍ୟ ପୁନର୍ଗଠନ ଆୟୋଗର" ସଦସ୍ୟ ନଥିଲେ ?

(କ) ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍

(ଖ) ନ୍ୟାୟମୂ☐ି ଫଜଲ ଅଲ୍ଲୀ

(ଗ) ସର୍ଦ୍ଦାର କେ.ଏମ୍. ପାନିକର

(ଘ) ହୃଦୟନାଥ କୁଞ୍ଜରୁ

୨୭. କେବେ ସିକିମ୍ ଏକ ପୂର୍ଣ୍ଣାଙ୍ଗ ରା୍ୟର ମାନ୍ୟତା ପାଇଲା ?

(କ) ୧୯୭୪ (ଖ) ୧୯୭୫ (ଗ) ୧୯୭୬ (ଘ) ୧୯୭୭

୨୯. ସଂସଦ ସମ୍ବିଧାନର କେଉଁ ଧାରା ଅନୁସାରେ କୌଣସି ରାଜ୍ୟର ନାମ ପରିବ☐ନ କରିପାରିବ ?

(କ) ଧାରା ୨ (ଖ) ଧାରା ୩ (ଗ) ଧାରା ୪ (ଘ) ଧାରା ୫

୩୧. କେଉଁ ରାଜ୍ୟକୁ ବିଭାଜିତ କରାଯାଇ ମହାରାଷ୍ଟ୍ର ଓ ଗୁଜୁରାଟ ରାଷ୍ଟ୍ର ଦ୍ୱୟ ଗଠିତ ହେଲା ?

(କ) ମାଡ୍ରାସ (ଖ) ପଞ୍ଜାବ (ଗ) ଆସାମ୍ (ଘ) ବମ୍ବେ

୩୩. କେଉଁ ରାଜ୍ୟ ବିଭାଜିତ ହେବାଦ୍ୱାରା ହରିୟାଣା ଜନ୍ମଲାଭ କରିଛି ?

(କ) ପଞ୍ଜାବ (ଖ) ହିମାଚଳ ପ୍ରଦେଶ (ଗ) ମହରାଷ୍ଟ୍ର (ଘ) ଆସାମ୍

୩୫. ଆସାମ ପୁନର୍ଗଠନ (୧୯୬୯) ଯୋଗୁ କେଉଁ ଉପରାଜ୍ୟ ସୃଷ୍ଟି ହେଲା ?

(କ) ମେଘାଳୟ (ଖ) ମଣୀପୁର (ଗ) ମିଜୋରାମ୍ (ଘ) ହିମାଚଳ ପ୍ରଦେଶ

୩୯. ମିଜୋରାମ୍ କେବେ କେନ୍ଦ୍ରଶାସିତ ଅ☐ଳର ମାନ୍ୟତା ପାଇଲା ?

(କ) ୧୯୬୬ (ଖ) ୧୯୭୦ (ଗ) ୧୯୭୧ (ଘ) ୧୯୭୨

୪୪. ୨୦୦୦ ମସିହା ନଭେମ୍ବର ୯ ତାରିଖରେ କେଉଁ ନୂତନ ରାଜ୍ୟ ସୃଷ୍ଟି ହେଲା ?

(କ) ଝାଡଖଣ୍ଡ (ଖ) ଛତିଶଗଡ (ଗ) ଉତ୍ତରାଖଣ୍ଡ (ଘ) ବିହାର

୪୭. ଲାଦାଖ କେନ୍ଦ୍ରଶାସିତ ଅ☐ଳ କେବେ ଗଠିତ ହୋଇଛି ?

(କ) ୨୦୧୮ ଅକ୍ଟୋବର ୩୧

(ଖ) ୨୦୧୮ ସେପ୍ଟେମ୍ବର ୨୧

(ଗ) ୨୦୧୯ ଅକ୍ଟୋବର ୩୧

(ଘ) ୨୦୧୯ ସେପ୍ଟେମ୍ବର ୨୧

୪୮. ବର୍ତ୍ତମାନ ଆମ ଦେଶରେ କେନ୍ଦ୍ରଶାସିତ ଅଞ୍ଚଳ ସଂଖ୍ୟାକେତେ ?

(କ) ୬ (ଖ) ୭ (ଗ) ୮ (ଘ) ୯

୫୦. କେବେ ମହୀଶୂର' ରାଜ୍ୟ ନାମ ପରିବର୍ତ୍ତୀତ ହୋଇ "କର୍ଣ୍ଣାଟକ' ହୋଇଛି ?

(କ) ୧୯୭୦ (ଖ) ୧୯୭୧ (ଗ) ୧୯୭୨ (ଘ) ୧୯୭୩

୫୩. କେବେ ମାଡ୍ରାସର ନାମ ପରିବର୍ତ୍ତିତ ହୋଇ ତାମିଲ୍‌ନାଡୁ ହୋଇଛି ?

(କ) ୧୯୬୫ (ଖ) ୧୯୬୬ (ଗ) ୧୯୬୭ (ଘ) ୧୯୬୮

୫୫. କେଉଁ ରାଜ୍ୟରୁ କିଛି ଅଞ୍ଚଳକୁ ଅଲଗା କରାଯାଇ ଛତିଶଗଡ ରାଜ୍ୟ ଗଠିତ ହୋଇଛି ?

(କ) ବିହାର (ଖ) ଉତ୍ତରପ୍ରଦେଶ

(ଗ) ମଧ୍ୟପ୍ରଦେଶ (ଘ) ଓଡ଼ିଶା

## ଉତ୍ତରମାଳା

୧. (ଘ) ୨. (ଖ) ୫. (ଘ) ୬. (ଘ) ୭. (କ) ୮. (କ) ୧୦. (ଗ) ୧୩. (ଖ) ୧୬.(ଖ) ୧୮. (ଖ)

୨୦. (ଖ) ୨୩. (କ) ୨୭. (ଖ) ୨୯. (ଖ) ୩୧. (ଘ) ୩୩. (କ) ୩୫. (କ) ୩୯. (ଗ) ୪୪. (ଗ) ୪୭. (ଗ) ୪୮. (ଘ) ୫୦. (ଘ) ୫୩. (ଘ) ୫୫. (ଗ)

## ପ୍ରଥମ ଅଧ୍ୟାୟ

## ଭାରତରେ ସ୍ୱାଧିନତା ପରବର୍ତ୍ତୀ ରାଜ୍ୟ ପୁନର୍ଗଠନ

୧. 'ଫରାସୀ ଅଧିକୃତ ଅଂଚଳ ଗୁଡିକ ଭାରତରେ ମିଶିଯିବା ପରେ ସେଗୁଡିକରେ ରାଜନୈତିକ ସ୍ଥିତି ଉଲ୍ଲେଖ କର ।

କ) 'ଫରାସୀ ଅଧିକୃତ ପଣ୍ଡିଚେରି, କରିକାଲ ୟନମ ମାହେ, ଗୋଆ, ଡାମନ ଦାଦ୍ରା ନଗର ହବେଲୀ ଅଂଚଳ ବିଧିବଦ୍ଧ ଭାବେ ୧୯୬୨ରେ ଭାରତ ସହ ମିଶିଥିଲା ।

ଖ) ଏହି ଅଂଚଳ ଗୁଡିକ ୧୯୬୨ରେ କେନ୍ଦ୍ର ଶାସିତ ଅଂଚଳର ମାନ୍ୟତା ପାଇଲା ।

ଗ) ଏ ସମ୍ପର୍କରେ ସମ୍ବିଧାନର ଦଶମ, ଦ୍ୱାଦଶ ଓ ଚତୁର୍ଦ୍ଦଶ ସଂଶୋଧନ ଆଇନରେ ବିଶେଷ ଭାବେ ଆଲୋଚିତ ହୋଇଛି ।

୪. ଭାଷା ଭିତିକ ପ୍ରଦେଶ ଆୟୋଗ ସମ୍ପର୍କରେ ଧାରଣା ଦିଅ ।

କ) ସମ୍ବିଧାନ ପ୍ରଣୟନ ସଭାରେ ସୁପାରିସ କ୍ରମେ ୧୯୪୮ ମସିହାରେ ଭାଷା ଭିତିକ ପ୍ରଦେଶ ଆୟୋଗ ଗଠନ କରାଗଲା ।

ଖ) ଏଥିରେ ତିନି ଜଣ ସଦସ୍ୟ ରହିଲେ ସେମାନେ ହେଲେ ପଣ୍ଡିତ ଜବାହରଲାଲ ନେହରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ପଟ୍ଟାଭି ସୀତାରାମାୟ ।

୭. ୧୯୮୭ ମସିହା ପରଠାରୁ ଭାରତରେ କେତୋଟି କେନ୍ଦ୍ରଶାସିତ ଅଂଚଳ ରହିଛି ଓ କେଉଁ ଗୁଡିକୁ ସ୍ୱତନ୍ତ୍ର ରାଜ୍ୟ ର ମାନ୍ୟତା ଦିଆଯାଇଛି ?

କ) ୧୯୮୭ ମସିହା ପରଠାରୁ ଅଦ୍ୟାବଧି ଭାରତରେ ନଅଟି କେନ୍ଦ୍ର ଶାସିତ ଅଂଚଳ ରହିଛି ।

ଖ) ସେଗୁଡିକ ହେଲେ ଦ୍ୱିପପୁଞ୍ଜ ଲାକ୍ଷାଦ୍ୱିପ, ଆଣ୍ଡାମାନ ଓ ନିକୋବର, ଡାମନ ଡିଉ ଓ ଚଣ୍ଡିଗଡ ।

ଗ) କେନ୍ଦ୍ରଶାସିତ ଅଂଚଳ ମଧ୍ୟରୁ ଦିଲ୍ଲୀ ଓ ପଣ୍ଡିଚେରୀର ସମ୍ବିଧାନ ସ୍ଥିତି ଭିନ୍ନ ଓ ଏଗୁଡିକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦିଆଯାଇଛି ।

ଘ) ୧୯୧୯ ମସିହାରୁ ଜାମ୍ମୁ କାଶ୍ମୀର ତଥା ଲଦାଖ କେନ୍ଦ୍ରଶାସିତ ଅଂଚଳ ହୋଇଛି ।

୮.'ଖ' ଶ୍ରେଣୀ ଭୁକ୍ତ ରାଜ୍ୟ ଗୁଡିକ ସମ୍ପର୍କରେ ଧାରଣା ଦିଅ ।

କ) ପାଂଚଗୋଟି ରାଜ୍ୟ ଖ ଶ୍ରେଣୀଭୁକ୍ତ ହୋଇଥିଲେ ।

ଖ) 'ଖ' ଶ୍ରେଣୀଭୁକ୍ତ ରାଜ୍ୟଗୁଡିକ ହେଲା- ହାଇଦ୍ରାବାଦ, ଜାମ୍ମୁ ଓ କାଶ୍ମୀର ମୂଭାରତ ମହୀଶୁର, ପାତିଆଲା ଓ ପୂର୍ବ ପଞ୍ଜାବ ।

ଗ) 'ଖ' ଶ୍ରେଣୀଭୁକ୍ତ ରାଜ୍ୟମାନଙ୍କର ଶାସନମୁଖ୍ୟଙ୍କୁ କହାଗଲା ରାଜ୍ୟପ୍ରମୁଖ ।

୯. 'ଗ' ଶ୍ରେଣୀ ଭୁକ୍ତ ରାଜ୍ୟ ସମ୍ପର୍କରେ ଧାରଣା ଦିଅ ।

କ) 'ଗ' ଶ୍ରେଣୀରେ ରହିଲେ ପାଞ୍ଚଗୋଟି କେନ୍ଦ୍ରଶାସିତ ଅଞ୍ଚଳ ।

ଖ) ଆଜମୀର, ଭୋପାଲ ବିଲାସପୁର କୁଚ–ବିହାର ଓ କୁର୍ଗ ।

ଗ) ଜଣେ ଚିପ କମିଶନର କିମ୍ବା ଉପରାଜ୍ୟପାଳ (ଲେ୍ଟନାଣ୍ଟ ଗଭର୍ଣର) ରହିଲେ 'ଗ' ଶ୍ରେଣୀୟ ରାଜ୍ୟର ଶାସନ ମୁଖ୍ୟ ।

୧୧. କେଉଁ ରାଜ୍ୟ ଓ କେନ୍ଦ୍ରଶାସିତ ଅ୍ଚଳ ଗୁଡିକର ନାମ ପରିବ୍ତିତ ହୋଇଛି ।

କ) ୧୯୬୮ ମସିହାରେ ମାଡ୍ରାସ ରାଜ୍ୟର (ନାମ ପରିବ୍ତନ) ଆଇନ ବଳରେ ମାଡ୍ରାସ ରାଜ୍ୟର ନୂତନ ନାମ ତାମିଲନାଡୁ ହେଲା ।

ଖ) ୧୯୭୩ ମସିହାରେ ମହୀଶୂର ରାଜ୍ୟ ଆଇନ ବଳରେ ମହୀଶୂର ନାମ ପରିବର୍ତ୍ତିତ ହୋଇ କର୍ଣ୍ଣାଟକ ହୋଇଛି ।

ଗ) ପୂର୍ବରୁ ଲାକାଡିଭ, ମିନିକୟ ଓ ଆମିନୀଡିଭି ଦ୍ୱୀପପୁଞ୍ଜର ନାମ ୧୯୭୩ ମସିହାରେ ପରିବର୍ତନ ହୋଇ ଲାକ୍ଷ୍ୟା ଦ୍ୱିପ ହୋଇଛି ।

ଘ) ୨୦୧୧ ମସିହାରେ ଓଡିଶା ରାଜ୍ୟ ଓଡିଶା ହୋଇଛି ।

୧୨. ପ୍ରତ୍ୟକ୍ଷ ନିର୍ବାଚନର ସୁ୍ଫଳଗୁଡିକ ଲେଖ ।

କ) ପ୍ରତ୍ୟେକ ଗଣତନ୍ତ୍ରରେ ପ୍ରତ୍ୟେକ ନାଗରିକ ନିଜର ରାଜନୈତିକ କତବ୍ୟ ପ୍ରତି ସଚେତନ ରହନ୍ତି ଓ ନିଜର ମତଦାନ ଅଧିକାରର ଗୁରୁତ୍ୱ ବୁଝିଥାନ୍ତି ।

ଖ) ପ୍ରତ୍ୟେକ ନିର୍ବାଚନ ମାଧ୍ୟମରେ କେନ୍ଦ୍ରରେ ଲୋକସଭା ଓ ରାଜ୍ୟସଭାରେ ବିଧାନସଭାକୁ ସଦସ୍ୟ ନିର୍ବାଚିତ କରାଇ ଭାରତର ଜନସାଧାରଣ ଆଇନ ପ୍ରଣୟନ କ୍ଷେତ୍ରରେ ପରୋକ୍ଷ ଭାବରେ ଅଂଶଗ୍ରହଣ କରିଥାନ୍ତି ।

୧୩. ସ୍ଥାନୀୟ ସ୍ୱାୟତ ଶାସନ ବ୍ୟବସ୍ଥା କଣ ?

କ) ୭୩ ତମ ଓ ୭୪ ତମ ସମ୍ବିଧାନ ସଂଶୋଧନ ଆଇନ ଜରିଆରେ ଭାରତର ସମ୍ବିଧାନରେ ନିର୍ବାଚନ ଭିତିକ ସ୍ଥାନୀୟ ସ୍ୱାୟତ ଶାସନ ବ୍ୟବସ୍ଥା ସୂଚିତ ହୋଇଛି ।

ଖ) ଦେଶରେ ସହରା୍ଚଳରେ ପୌରନିଗମ, ପୌରପାଳିକା ଓ ବିଜ୍ଞାପିତ ଅ୍ଚଳ ପରିଷଦ ଗଠନ ବ୍ୟବସ୍ଥା ହୋଇଛି । ସେହିପରି ଗ୍ରାମା୍ଚଳର ବ୍ୟବସ୍ଥା ହୋଇଛି ।

ଗ) ଏହି ସ୍ୱାୟତ ଶାସନ ବ୍ୟବସ୍ଥା ଦ୍ୱାରା ତୃଣମୂଳ ସ୍ତରରେ ଗଣତନ୍ତ୍ର ପ୍ରତିଷ୍ଠିତ ହୋଇପାରିଛି ।

୧୪. ଭାରତର ସମ୍ବିଧାନ ପ୍ରଣୟନ ସମ୍ପର୍କରେ ବିବରଣୀ ଲେଖ ।

କ) କ୍ୟାବିନେଟ୍ ମିସନର ପ୍ରସ୍ତାବ ଅନୁଯାୟୀ ସ୍ୱାଧିନ ଭାରତ ପାଇଁ ଏକ ନୂତନ ସମ୍ବିଧାନ ପ୍ରଣୟନ ସଭା ଗଠନ କରାଗଲା ।

ଖ) ଏହାର ପ୍ରଥମ ବୈଠକ ୧୯୪୬ ମସିହା ଡିସେମ୍ବର ୯ ତାରିଖରେ ବସିଥିଲା । ଦୀର୍ଘ ୨ ବର୍ଷ ୧୧ମାସ ୧୮ ଦିନପରେ ୧୯୪୯ ମସିହା ନଭେମ୍ବର ମାସ ୨୬ ତାରିଖ ଦିନ ନୂତନ ସମ୍ବିଧାନ କାର୍ଯ୍ୟ ଶେଷ ହେଲା ।

ଗ) ଏଥିରେ ମୁଖ୍ୟତଃ ଭୂମିକା ଗ୍ରହଣ କରିଥିଲେ ଡଃ ଭୀମ ରାଓ ଆମ୍ବେଦକର ।

–୦–

# ରାଜନୀତିବିଜ୍ଞାନ

## ପ୍ରଥମ ଅଧ୍ୟାୟ-ଭାରତରେ ସ୍ୱାଧୀନତା ପରବର୍ତ୍ତୀ ରାଜ୍ୟ ପୁନର୍ଗଠନ

## ପ୍ରଥମ ପାଠ-ନୂତନ ରାଜ୍ୟ ଗୁଡିକର ଗଠନ

୧. କେନ୍ଦ୍ରଶାସିତ ଅ□ଳ ଦିଲ୍ଲୀକୁ କିପରି ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ମିଳିଛି ?

କ) ୧୯୯୨ ମସିହା ଫେବୃୟାରୀ ମାସ ୧ ତାରିଖରେ ଭାରତର ସମ୍ବିଧାନର ଧାରା-୨୩୯(କ) ଓ ୨୩୯ (କ) (ଖ) ଏବଂ ୬୯ ତମ ସମ୍ବିଧାନ ସଂଶୋଧନ ଆଇନ ବଳରେ କେନ୍ଦ୍ରଶାସିତ ଅ□ଳ ଦିଲ୍ଲୀକୁ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ମିଳିଛି ।

ଖ) ଏହି ବ୍ୟବସ୍ଥା ଅନୁସାରେ ଦିଲ୍ଲୀକୁ ଜାତୀୟ ରାଜଧାନୀ ଅ□ଳର ମାନ୍ୟତା ମିଳିଛି ।

ଗ) ୧୯୯୩ ମସିହା ପରଠାରୁ ଦିଲ୍ଲୀ ପାଇଁ ଗୋଟିଏ ବିଧାନ ସଭା ଓ ଗୋଟିଏ ମନ୍ତ୍ରୀପରିଷଦର ବ୍ୟବସ୍ଥା କରଯାଇଛି ।

ଘ) ଆଇନ ଓ ଶାନ୍ତି ଶୃଙ୍ଖଳା ରକ୍ଷା ଓ ପୋଲିସ ଏବଂ ଜମି ଜମା ବିଷୟକୁ ବାଦ ଦେଲେ ରାଜ୍ୟ ତାଲିକା ଭୁକ୍ତ ଅନ୍ୟ ସମସ୍ତ ବିଷୟ ଉପରେ ଆଇନ ପ୍ରଣୟନ କରିବାର ଦିଲ୍ଲୀ ବିଧାନ ସଭାର ରହିଛି ।

ଙ) ଉପରାଜ୍ୟପାଳ ହେଉଛନ୍ତି ଦିଲ୍ଲୀର ଶାସନ ମୁଖ୍ୟ ।

୩. ସମ୍ବିଧାନର ଧାରା-୩ ସମ୍ପର୍କରେ ଲେଖ ।

କ) କୌଣସି ରାଜ୍ୟକୁ କିଛି ଅ□ଳ ଅଲଗା କରିବା , ଦୁଇ ବା ତତୋଧିକ ରାଜ୍ୟକୁ ବି ରାଜ୍ୟର କିଛି ଅ□ଳକୁ ମିଶ୍ରଣ କରି ନୂତନ ରାଜ୍ୟ ସୃଷ୍ଟି କରିପାରିବା ।

ଖ) କୌଣସି ରାଜ୍ୟର ଆୟତନ ବୃଦ୍ଧି କରିପାରିବା ବା ହ୍ରାସ କରିବା ।

ଗ) କୌଣସି ରାଜ୍ୟର ପରିସୀମା ପରିବର୍ତ୍ତନ କରିପାରିବା ।

ଘ) କୌଣସି ରାଜ୍ୟର ନାମ ପରିବର୍ତ୍ତନ କରିପାରିବା ।

ଙ) ଉପରୋକ୍ତ ସମ୍ପର୍କିତ ଆଇନ ପ୍ରଣୟନ କରିବା କ୍ଷମତା ଓ ଆବଶ୍ୟକ ସମ୍ବିଧାନ ସଂଶୋଧନ କ୍ଷମତା ସାଂସଦ ହାତରେ ନ୍ୟସ୍ତ ଏବଂ ସଂସଦ ଉଭୟ ସଂସଦ ଓ ସମ୍ପର୍କିତ ଆଇନ ପ୍ରଣୟନ କରିପାରିବା ।

୪. ଭାରତରେ ଭାସଭିତିକ ରାଜ୍ୟ ଗୁଡିକ କିପରି ଗଠିତ ହେଲା ?

କ) ୧୯୪୭ ରୁ ୧୯୪୯ ମଧ୍ୟରେ ସମ୍ବିଧାନ ପ୍ରଣୟନ ସଭାରେ ଭାଷାଭିତିକ ରାଜ୍ୟ ଗଠନ ଭିତିରେ ଆଲୋଚନା ହୋଇଥିଲା ।

ଖ) ସମ୍ବିଧାନ ପ୍ରଣୟନ ସଭାର ସୁପାରିସ ଅନୁସାରେ ୧୯୪୮ ମସିହାରେ ଭାଷା ଭିତିକ ରାଜ୍ୟ ଆୟୋଗ ଗଠନ କରାଗଲା ।

ଗ) ଏହି ଆୟୋଗର ୩ ଜଣ ସଦସ୍ୟ ଥିଲେ- ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ପଟ୍ଟାଭି ସିତରମିଆ ।

ଘ) ୧୯୫୩ ମସିହାରେ ମାଡ୍ରାସର ତେଲୁଗୁ ଭାଷାଭାଷି ଅଂଚଳକୁ ନେଇ ଆନ୍ଧ୍ରପ୍ରଦେଶ ଗଠିତ ହୋଇଥିଲା ।

ଙ) ମାତ୍ର ୧୯୫୬ ମସିହାରେ ରାଜ୍ୟ ପୁନର୍ଗଠନ ଆୟୋଗ ଗଠିତ ହେଲା ଯହିଁରେ ନ୍ୟାୟ ମୂର୍ତି ଫାଜଲ ଅଲ୍ଲି, ସର୍ଦ୍ଦାର କେ. ଏସ. ପାନିକର ଓ ହୃଦୟନାଥ କୁଞ୍ଜର ସଦସ୍ୟ ରହିଲେ ।

୫. କେନ୍ଦ୍ର ଶାସିତ ଅଞ୍ଚଳ ପଣ୍ଡିଚେରୀର ବର୍ତମାନର ଶାସନ ବ୍ୟବସ୍ଥା ସମ୍ପର୍କରେ ଲେଖ ।

କ) କେନ୍ଦ୍ରଶାସିତ ଅ□ଳ ଗୁଡିକ ମଧ୍ୟରୁ ଦିଲ୍ଲୀ ଓ ପଣ୍ଡଚେରୀର ସାମ୍ବିଧାନିକ ସ୍ଥିତି ଭିନ୍ନ ।

ଖ) ୧୯୬୨ ମସିହାରେ ପଣ୍ଡିଚେରୀ ଆଇନ ତଥା କେନ୍ଦ୍ର ଶାସିତ ଅଞ୍ଚଳ ଆଇନ, ୧୯୬୩ ଏବଂ ଚତୁର୍ଦ୍ଦଶ ସମ୍ବିଧାନ ସଂଶୋଧନ ଆଇନ, ୧୯୬୨ ଓ ୩୭ ତମ ସମ୍ବିଧାନ ସଂଶୋଧନ ଆଇନ , ୧୯୭୪ର ବ୍ୟବସ୍ଥା ତଥା ସମ୍ବିଧାନର ଧାରା ୨୩୯କ ଅନୁସାରେ ପଣ୍ଡିଚେରୀ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳ ହେଲେ ମଧ୍ୟ ସେଠାରେ ବିଧାନସଭା ଓ ମନ୍ତ୍ରୀ ପରିଷଦ ବ୍ୟବସ୍ଥା ରଖାଯାଇଛି ।

ଗ) ଏଠାରେ ଶାସନ ମୁଖ୍ୟ ହେଉଛନ୍ତି ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ଜଣେ ଉପରାଜ୍ୟପାଳ ।

୬. ୧୯୫୬ ମସିହାରେ ରାଜ୍ୟ ପୁର୍ନଗଠନ ଆଇନ ଅନୁସାରେ କେଉଁ ପରିବର୍ତନ ଗ୍ରହଣ କରାଯାଇଥିଲା ?

କ) ୧୯୫୬ ମସିହାରେ ରାଜ୍ୟ ପୁର୍ନଗଠନ କମିଶନ ବା ଆୟୋଗ ଗଠନ କରାଯାଇଥିଲା ।

ଖ) ଏହାର ସୁପାରିଶ କ୍ରମେ ୧୯୫୬ ମସିହାରେ ସପ୍ତମ ସମ୍ବିଧାନ ଆଇନ ମଧ୍ୟ ହେଲା ।

ଗ) ସେହି ବ୍ୟବସ୍ଥା ଅନୁସାରେ ପୂର୍ବରୁ ଥିବା କ,ଖ,ଗ ଓ ଘ ଶ୍ରେଣୀୟ ରାଜ୍ୟ ବା ପ୍ରଦେଶ ଗୁଡିକ ଉଚ୍ଛେଦ କରାଗଲା ।

ଘ) ନୂତନ ଭାବେ ୧୪ ଗୋଟି ରାଜ୍ୟ ଓ ଛଅ ଗୋଟି କେନ୍ଦ୍ର ଶାସିତ ଅ□ଳ ଗଠନ କରାଗଲା ।

ଙ) ସେହି ଚଉଦଗୋଟି ରାଜ୍ୟ ହେଲେ- ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ବମ୍ବେ, ଜାମ୍ମୁ କାଶ୍ମୀର, କେରଳ, ମ୍ପପ୍ରଦେଶ, ମାଡ୍ରାସ, ମହିଶୂର, ଓଡିଶା, ପଞ୍ଜାବ, ରାଜସ୍ଥାନ, ଉତରପ୍ରଦେଶ ଏବଂ ପଶ୍ଚିମବଙ୍ଗ ।

ଚ) ଛଅ ଗୋଟି କେନ୍ଦ୍ର ଶାସିତ ଅ□ଳ ହେଲା- ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଦିଲ୍ଲୀ, ହିମାଚଳ ପ୍ରଦେଶ, ଲାକ୍ଷ୍ୟା ଦୀପ, ମିନିକାୟ ଓ ଆମିନଡିଭି ଦୀପପୁଞ୍ଜ, ମଣିପୁର, ତ୍ରିପୁରା ।

୮. ଭାରତର ଦକ୍ଷିଣା□ଳର ଦାବି ଭାଷାଭିତିକ ପ୍ରଦେଶ ଗଠନ କରି ମୁଖ୍ୟ ଭୂମିକା ଗ୍ରହଣ କରିଥିଲା- ଆଲୋଚନା କର ।

କ) ଭାରତର ଦକ୍ଷିଣା□ଳରେ ଓ ତତ୍‌ସମ୍ପର୍କିତ ଦାବି ଥିଲା ସ୍ୱତନ୍ତ୍ର ।

ଖ) ମାଡ୍ରାସ, ହାଇଦ୍ରାବାଦ ଓ ମହିଶୂର ଅ□ଳରେ ତେଲଗୁ ଭାଷାଭାଷୀ ଲୋକମାନେ ନିଜପଇଁ ଏକ ସ୍ୱତନ୍ତ୍ର ରାଜ୍ୟ ବା ପ୍ରଦେଶ ଦାବି କଲେ ।

ଗ) ମହିଶୂର କନ୍ନଡ ଭାଷାଭାଷି ଲୋକମାନଙ୍କର ଦାବି ଥିଲା ଅନୁରୂପ । ମରାଠି ଭାଷାଭାଷି ଲୋକମାନଙ୍କର ଦାବିଥିଲା ସେମାନଙ୍କ ପାଇଁ ସ୍ୱତନ୍ତ୍ର ମହାରାଷ୍ଟ୍ରର ରାଜ୍ୟ ବା ପ୍ରଦେଶ ଗଠନ । କେବଳ ସେତିକି ନୁହେଁ ମାଲାୟଲମ ଓ ତାମିଲ ଭାଷାଭାଷୀ ଲୋକମାନେ ନିଜ ନିଜ ପାଇଁ ସ୍ୱତନ୍ତ୍ର ରାଜ୍ୟ ବା ପ୍ରଦେଶ ଗଠନ ପାଇଁ ଦାବି ଆରମ୍ଭ କଲେ ।

## ରାଜନୀତି ବିଜ୍ଞାନ

## ପ୍ରଥମ ଅଧ୍ୟାୟ;

## ଭାରତରେ ସ୍ୱାଧୀନତା ପରବର୍ତ୍ତୀ ରାଜ୍ୟ ପୁନର୍ଗଠନ

## ଦ୍ୱିତୀୟ ପାଠ; ସାମ୍ବିଧାନିକ ବ୍ୟବସ୍ଥା

୧. ଗଣତନ୍ତ୍ର ଶାସନ କହିଲେ କଣ ବୁଝ ?

କ) ଭାରତ ସ୍ୱାଧୀନତା ଲାଭ କଲାପରେ ଦେଶରେ ଏକ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ମୂଳଦୁଆ ପଡିଥିଲା ।

ଖ) ନୂତନ ସମ୍ବିଧାନରେ ଭାରତକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣ ତନ୍ତ୍ର ରାଷ୍ଟ୍ର ଭାବେ ଘୋଷଣା କରାଯାଇଛି ।

ଖ) ଗଣତନ୍ତ୍ର ହେଉଛି ଲୋକମାନଙ୍କର ଶାସନ ଏହି ବ୍ୟବସ୍ଥା ଦେଶର ପ୍ରତ୍ୟେକ ନାଗରିକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଦେଶ ଶାସନରେ ଅଂଶ ଗ୍ରହଣ କରନ୍ତି ।

ଗ) ଗଣତନ୍ତ୍ରରେ ନାଗରିକମାନେ ସ୍ୱାଧୀନ ଭାବରେ ନିଜର ମତାମତ ରଖିଥାନ୍ତି । ଏଥିରେ ଶାସନ କ୍ଷମତା କୌଣସି ନିରଧିଷ୍ଟ ଗୋଷ୍ଠୀ ଉପରେ ନ୍ୟସ୍ତ ନଥାଏ ।

ଘ) ଗଣତନ୍ତ୍ରରେ ଜନସାଧାରଣ ହେଉଛନ୍ତି ସାର୍ବଭୌମ୍ୟ କ୍ଷମତାର ଅଧିକାରୀ । ଗଣତନ୍ତ୍ର ଶାସନରେ ଲୋକମାନଙ୍କର ଅଧିକାର ସୁରକ୍ଷିତ ରହିଥାଏ ।

୨. ଗଣତନ୍ତ୍ର କେତେ ପ୍ରକାରର ଓ କଣ କଣ ?

କ) ଗଣତନ୍ତ୍ର ମୁଖ୍ୟତ ଦୁଇ ପ୍ରକାରର ଯଥା- ପ୍ରତ୍ୟକ୍ଷ ଗଣତନ୍ତ୍ର ଓ ପରୋକ୍ଷ ଗଣତନ୍ତ୍ର ।

ଖ) ପ୍ରାଚୀନ ଗ୍ରୀସରେ ନଗର ରାଜ୍ୟରେ ପ୍ରତ୍ୟକ୍ଷ ଗଣତନ୍ତ୍ର ବ୍ୟବସ୍ଥା କାର୍ଯ୍ୟ କରୁଥିଲା । ନଗର ରାଜ୍ୟର ଆୟତନ କ୍ଷୁଦ୍ର ଓ ଲୋକସଂଖ୍ୟା ସୀମିତ ଥରବା ହେତୁ ନଗର ରାଜ୍ୟର ସମସ୍ତ ଅଧିବାସୀ ନିଷ୍ପର୍ତି ଗ୍ରହଣ ପ୍ରକ୍ରିୟାରେ ପ୍ରତ୍ୟେକ୍ଷ ଭାବେ ଅଂଶଗ୍ରହଣ କରିପାରୁଥିଲେ । ସେମାନେ ଗୋଟିଏ ସ୍ଥାନରେ ସମବେତ ହୋଇ ପ୍ରଶାସନିକ ନୀତି ନିର୍ଦ୍ଧାରଣ କରି ପାରୁଥିଲେ ।

ଗ) କିନ୍ତୁ ଆମ ଭାରତ ଭଳି ବହୁଳ ଜନସଂଖ୍ୟା ଓ ଆୟତନରେ ବିଶାଳ ରାଷ୍ଟ୍ରରେ ଏହା ପ୍ରାୟ ସମ୍ଭବ ନୁହେଁ । ତେଣୁ ଆମ ଦେଶରେ ପରୋକ୍ଷ ବା ପ୍ରତିନିଧିମୂଳକ ଗଣତନ୍ତ୍ର ପ୍ରଚଳିତ ।

### ଦ୍ୱିତୀୟ ଅଧ୍ୟାୟ

## ଭାରତରେ ଗଣତନ୍ତ୍ର

## ନିର୍ବାଚନ ପ୍ରକ୍ରିୟା ଓ ନିର୍ବାଚନ ଆୟୋଗ

୨) ନିର୍ବାଚନ କେତେ ପ୍ରକାରର ?

(କ) ୧ (ଖ) ୨

(ଗ) ୩ (ଘ) ୪

୫) ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରୁଥିବା ନିର୍ବାଚକମଣ୍ଡଳୀ କେଉଁମାନଙ୍କୁ ନେଇ ଗଠିତ ?

(କ) ସଂସଦର ଉଭୟ ସଦନର ନିର୍ବାଚିତ ସଦସ୍ୟ (ଖ) ସଂସଦର ଉଭୟ ଗୃହ ଓ ବିଧାନସଭାଗୁଡ଼ିକର ନିର୍ବାଚିତ ସଦସ୍ୟ

(ଗ) କେବଳ ଲୋକସଭାର ନିର୍ବାଚିତ ସଦସ୍ୟ

(ଘ) ଲୋକସଭା ଓ ବିଧାନସଭାର ନିର୍ବାଚିତ ସଦସ୍ୟ

୬) ଉପରାଷ୍ଟ୍ରପତିଙ୍କୁ କେଉଁମାନେ ନିର୍ବାଚିତ କରନ୍ତି ?

(କ) କେବଳ ଲୋକସଭାର ସଦସ୍ୟମାନେ

(ଖ) କେବଳ ରାଜ୍ୟସଭାର ସଦସ୍ୟମାନେ

(ଗ) ଉଭୟ ଲୋକସଭା ଓ ରାଜ୍ୟସଭାର ସାଂସଦମାନେ

(ଘ) କେବଳ ରାଜ୍ୟ ବିଧାନସଭାଗୁଡ଼ିକର ସଦସ୍ୟମାନେ

୭) ରାଜ୍ୟ ବିଧାନ ପରିଷଦର କେତେ ସଦସ୍ୟ ରାଜ୍ୟ ବିଧାନସଭା ଦ୍ୱାରା ନିର୍ବାଚିତ ହୋଇଥାନ୍ତି ?

(କ) ଏକ ତୃତୀୟାଂଶ (ଖ) ଦୁଇ ତୃତୀୟାଂଶ (ଗ) ଏକ ଚତୁର୍ଥାଂଶ (ଘ) ଦୁଇ ଚତୁର୍ଥାଂଶ

୧୦) ନିମ୍ନୋକ୍ତ ମଧ୍ୟରୁ କିଏ ପରୋକ୍ଷ ନିର୍ବାଚନ ମାଧ୍ୟମରେ ନିର୍ବାଚିତ ହୁଅନ୍ତି ?

(କ) ଲୋକସଭାର ସଦସ୍ୟ (ଖ) ରାଜ୍ୟ ବିଧାନସଭାର ସଦସ୍ୟମାନେ

(ଗ) ଗ୍ରାମା□କ ସ୍ୱାୟ□ଶାସନ ସଂସ୍ଥାର ସଦସ୍ୟମାନେ (ଘ) ରାଜ୍ୟସଭାର ସଦସ୍ୟମାନେ

୧୨) କାହା ଆଦେଶ ବଳରେ ମତଦାତାଙ୍କ ନାମ ତାଲିକାରେ ସଂଶୋଧନ କରାଯାଏ ?

(କ) ନିର୍ବାଚନ ଆୟୋଗ (ଖ) ରାଷ୍ଟ୍ରପତି (ଗ) ପ୍ରଧାନମନ୍ତ୍ରୀ (ଘ) ଉପରାଷ୍ଟ୍ରପତି

୧୩) ସମ୍ବିଧାନର କେଉଁ ଧାରାରେ ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ପାଇଁ ଲୋକସଭାରେ ଆସନ ସଂରକ୍ଷଣ ବ୍ୟବସ୍ଥା ରହିଛି ?

(କ) ୩୩୦ (ଖ) ୩୩୧

(ଗ) ୩୩୨ (ଘ) ୩୩୪

୧୭) ବର୍ତ୍ତମାନ ଓଡ଼ିଶା ବିଧାନସଭାର ସଦସ୍ୟ ସଂଖ୍ୟା କେତେ ?

(କ) ୯୦ (ଖ) ୧୪୫

(ଗ) ୧୪୭ (ଘ) ୧୫୦

୨୦) ନିର୍ବାଚିତ ପ୍ରତିନିଧିଙ୍କୁ କିଏ ସ୍ୱୀକୃତି ପତ୍ର ପ୍ରଦାନ କରନ୍ତି ?

(କ) ରାଷ୍ଟ୍ରପତି (ଖ) ଉପରାଷ୍ଟ୍ରପତି

(ଗ) ରିଟର୍ଣ୍ଣିଂ ଅଫିସର (ଘ) ପ୍ରଧାନମନ୍ତ୍ରୀ

୨୧) ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ବିବାଦର ସମାଧାନ ପାଇଁ କାହା ହାତରେ କ୍ଷମତା ଅର୍ପଣ କରାଯାଇଛି ?

(କ) ନ୍ୟାୟାଳୟ(ଖ) ଜିଲ୍ଲା ନ୍ୟାୟାଳୟ

(ଗ) ରାଜ୍ୟ ନ୍ୟାୟାଳୟ

(ଘ) ରାଜ୍ୟ ଉଚ୍ଚ ନ୍ୟାୟାଳୟ

ଓ ଦେଶର ସର୍ବୋଚ୍ଚ ନ୍ୟାୟାଳୟ

୨୩) ବିଧାନସଭାରେ ନିର୍ବାଚନରେ ରିଟର୍ଣ୍ଣିଂ ଅଫିସର ଭାବେ କିଏ କାର୍ଯ୍ୟ କରନ୍ତି ?

(କ) ଜିଲ୍ଲାପାଳ (ଖ) ଉପ-ଜଲ୍ଲାପାଳ (ଗ) ପ୍ରିଜାଇଡିଂ ଅଫିସର (ଘ) ବ୍ଲକ ଉନ୍ନୟନ ଅଧିକାରୀ

୨୫) ନିର୍ବାଚନରେ ମତଦାତାମାନଙ୍କ ପରିଚୟ କାହା ଦ୍ୱାରା ସାବ୍ୟସ୍ତ ହୋଇଥାଏ ?

(କ) ପରିଚୟପତ୍ର (ଖ) ପାସ୍‌ପୋର୍ଟ ଫଟୋ

(ଗ) ଆଧାର କାର୍ଡ (ଘ) ରାସନକାର୍ଡ

୨୬) ଭାରତରେ ଲୋକସଭା ତଥା ବିଧାନସଭା ଗୁଡ଼ିକର ନିର୍ବାଚନମଣ୍ଡଳୀର ସୀମା କିଏ ନିର୍ଦ୍ଧାରଣ କରନ୍ତି ?

(କ) ତହସିଲଦାର (ଖ) ବିଡିଓ

(ଗ) ଜିଲ୍ଲାପାଳ (ଘ) ସୀମା ନିର୍ଦ୍ଧାରଣ ଆୟୋଗ

୨୯) କେଉଁ ପରିସ୍ଥିତିରେ ଜଣେ ପ୍ରାର୍ଥୀ ନିଜର ଅମାନତ ରାଶି ହରାନ୍ତି ?

(କ) ସିଦ୍ଧ ମତର ଏକ ତୃତୀୟାଂଶ ଭୋଟ ନ ମିଳିଲେ(ଖ) ସିଦ୍ଧ ମତର ଏକ ଦ୍ୱିତୀୟାଂଶ ଭୋଟ ନ ମିଳିଲେ

(ଗ) ସିଦ୍ଧ ମତର ଏକ ଚତୁର୍ଥାଂଶ ଭୋଟ ନ ମିଳିଲେ

(ଘ) ସିଦ୍ଧ ମତର ଏକ ଷଷ୍ଠାଂଶ ଭୋଟ ନ ମିଳିଲେ

୩୨) ଦୁଇଟି ମତଦାନ କେନ୍ଦ୍ର ମଧ୍ୟରେ ଦୂରତା କେତେ ଥାଏ ?

(କ) ଦୁଇ କିଲୋମିଟରରୁ ଅଧିକ

(ଖ) ତିନି କିଲୋମିଟରରୁ କମ୍

(ଗ) ଏକ କିଲୋମିଟରରୁ କମ୍

(ଘ) ଶହେ ମିଟରରୁ କମ୍

୩୩) ପ୍ରତ୍ୟେକ ନିର୍ବାଚନ କେନ୍ଦ୍ରରେ ନିର୍ବାଚନ ପରିଚାଳନା ଦାୟିତ୍ୱ କାହା ହାତରେ ଦିଆଯାଇଥାଏ ?

(କ) ଜଣେ ପ୍ରିଜାଇଡିଂ ଅଫିସର ଏବଂ

ଏକାଧିକ ପୋଲିଂ ଅଫିସର

(ଖ) ପୋଲିଂ ଅଫିସର

(ଗ) ପାଂଚ ଜଣ ପୋଲିଂ ଅଫିସର

(ଘ) ତିନି ଜଣ ପ୍ରିଜାଇଡିଂ ଅଫିସର

୩୬) ରାଜ୍ୟ ନିର୍ବାଚନ ଆୟୋଗ କେଉଁ କେଉଁ ନିର୍ବାଚନ ପରିଚାଳନା କରନ୍ତି ?

(କ) ଲୋକସଭା ଓ ରାଜ୍ୟସଭା ନିର୍ବାଚନ

(ଖ) ପଂଚାୟତିରାଜ ଅନୁଷ୍ଠାନ ତଥା ପୌରସଂସ୍ଥା ନିର୍ବାଚନ

(ଗ) ଜିଲ୍ଲା ପରିଷଦ, ସରପ□ ସମିତି ସଭ୍ୟ ନିର୍ବାଚନ

(ଙ) ଲୋକସଭାର ସଦସ୍ୟ ଓ

ବିଧାନସଭାର ସଦସ୍ୟ ନିର୍ବାଚନ

୩୯) ଭାରତରେ ଲୋକସଭା ତଥା ବିଧାନସଭା ନିର୍ବାଚନର ନିର୍ଦ୍ଦିଷ୍ଟ ତାରିଖ ଓ ଦିନ ଘୋଷଣା କରିବା ଦାୟିତ୍ୱ କାହାକୁ ଦିଆଯାଇଛି ?

(କ) ନିର୍ବାଚନ ଆୟୋଗ (ଖ) ଉପଜିଲ୍ଲାପାଳ (ଗ) ରାଜ୍ୟପାଳ (ଘ) ରାଷ୍ଟ୍ରପତି

୪୦) ଓଡ଼ିଶା ମନ୍ତ୍ରୀମଣ୍ଡଳ କାହା ନିକଟରେ ସାମୁହିକ ଭାବେ ଉତ୍ତରଦାୟୀ ଅଟେ ?

(କ) ବିଧାନ ପରିଷଦ (ଖ) ବିଧାନସଭା (ଗ) ରାଜ୍ୟସଭା (ଘ) ଲୋକସଭା

୪୫) ବିଧାନସଭା ନିର୍ବାଚନରେ କିଏ ରିଟର୍ଣ୍ଣିଂ ଅଫିସର ଭାବେ କାର୍ଯ୍ୟ କରନ୍ତି ?

(କ) ଜିଲ୍ଲାପାଳ (ଖ) ଉପଜିଲ୍ଲାପାଳ (ଗ) ବିଡିଓ (ଘ) ନିର୍ବାଚନ ଆୟୋଗ

୪୬) ବିଧାନସଭା ପ୍ରାର୍ଥୀମାନେ କାହା ନିକଟରେ ନାମାଙ୍କନପତ୍ର ଦାଖଲ କରନ୍ତି ?

(କ) ଉପଜିଲ୍ଲାପାଳ (ଖ) ଜିଲ୍ଲାପାଳ (ଗ) ନିର୍ବାଚନ ଆୟୋଗ (ଘ) ବିଡିଓ

୫୨) ନିର୍ବାଚନ ଆୟୋଗର ସଦସ୍ୟମାନଙ୍କୁ କିଏ ନିଯୁକ୍ତି ଦିଅନ୍ତି ?

(କ) ରାଷ୍ଟ୍ରପତି (ଖ) ଉପରାଷ୍ଟ୍ରପତି

(ଗ) ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି (ଘ) ପ୍ରଧାନମନ୍ତ୍ରୀ

୫୫) ମତଦାତାମାନଙ୍କୁ 'ଫଟୋ ପରିଚୟପତ୍ର' କିଏ ପ୍ରଦାନ କରନ୍ତି ?

(କ) ଜିଲ୍ଲାପାଳ (ଖ) ଉପଜିଲ୍ଲାପାଳ (ଗ) ନିର୍ବାଚନ ଆୟୋଗ (ଘ) ପ୍ରଧାନମନ୍ତ୍ରୀ

୫୮) ରାଜ୍ୟ ନିର୍ବାଚନ ଆୟୁକ୍ତ କାହା ଦ୍ୱାରା ନିଯୁକ୍ତି ହୁଅନ୍ତି ?

(କ) ରାଜ୍ୟପାଳ (ଖ) ରାଷ୍ଟ୍ରପତି (ଗ) ଜିଲ୍ଲାପାଳ (ଘ) ହାଇକୋର୍ଟର ମୁଖ୍ୟ ବିଚାରପତି

୬୧) ନାମାଙ୍କନ ପତ୍ରଗୁଡ଼ିକ କିଏ ଯା□କରନ୍ତି ?

(କ) ରାଷ୍ଟ୍ରପତି (ଖ) ପ୍ରଧାନମନ୍ତ୍ରୀ (ଗ) ନିର୍ବାଚନ ଆୟୋଗ (ଘ) ରିଟର୍ଣ୍ଣିଂ ଅଫିସର

୬୪) ପ୍ରାର୍ଥୀମାନଙ୍କୁ ନିର୍ବାଚନ ସଂକେତ କିଏ ପ୍ରଦାନ କରନ୍ତି ?

(କ) ନିର୍ବାଚନ ଆୟୋଗ (ଖ) ରିଟର୍ଣ୍ଣିଂ ଅଫିସର (ଗ) ରାଷ୍ଟ୍ରପତି (ଘ) ପ୍ରଧାନମନ୍ତ୍ରୀ

୬୫) ନିର୍ବାଚନ ଆୟୋଗ କାହା ନିର୍ଦ୍ଦେଶକ୍ରମେ ଲୋକସଭା ନିର୍ବାଚନ ପାଇଁ ନିର୍ଦ୍ଦିଷ୍ଟ ଦିନ ଓ ତାରିଖ ଘୋଷଣା କରିଥାନ୍ତି ?

(କ) ରାଷ୍ଟ୍ରପତି (ଖ) ଉପରାଷ୍ଟ୍ରପତି (ଗ) ପ୍ରଧାନମନ୍ତ୍ରୀ

(ଘ) ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି

୬୬) ଦଶପଲ୍ଲା ସଂସଦୀୟ ନିର୍ବାଚନମଣ୍ଡଳୀ କେଉଁ ଜିଲ୍ଲାରେ ଅବସ୍ଥିତ ?

(କ) ଖୋର୍ଦ୍ଧା (ଖ) ଗଂଜାମ

(ଗ) ଗଜପତି (ଘ) ନୟାଗଡ଼

୬୮) ବିଜୟୀ ପ୍ରାର୍ଥୀଙ୍କୁ କିଏ ସାର୍ଟିଫିକେଟ୍ ପ୍ରଦାନ କରନ୍ତି ?

(କ) ନିର୍ବାଚନ ଆୟୋଗ (ଖ) ରାଜ୍ୟ ନିର୍ବାଚନ ଆୟୋଗ (ଗ) ରିଟର୍ଣ୍ଣିଂ ଅଫିସର (ଘ) ପ୍ରଧାନମନ୍ତ୍ରୀ

୭୪) ରାଜ୍ୟ ବିଧାନସଭା ନିର୍ବାଚନ ନିମନ୍ତେ କାହା ଆଦେଶକ୍ରମେ ନିର୍ବାଚନ ଆୟୋଗ ନିର୍ବାଚନର ନିର୍ଦ୍ଦିଷ୍ଟ ତାରିଖ ଓ ଦିନ ଘୋଷଣା କରନ୍ତି ?

(କ) ରାଷ୍ଟ୍ରପତି (ଖ) ରାଜ୍ୟପାଳ (ଗ) ରିଟର୍ଣ୍ଣିଂ ଅଫିସର (ଘ) ମୁଖ୍ୟମନ୍ତ୍ରୀ

୭୬) ଓଡ଼ିଶାର କେଉଁ ଜିଲ୍ଲାରେ ଗୋଟିଏ ମାତ୍ର ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି ?

(କ) କଳାହାଣ୍ଡୀ (ଖ) ଅନୁଗୁଳ (ଗ) ଦେବଗଡ଼ (ଘ) ନୂଆପଡ଼ା

୮୧) ରାଜ୍ୟ ବିଧାନ ମଣ୍ଡଳର ସଦସ୍ୟ ପଦ ପାଇଁ ନିର୍ବାଚନ ପରିଚାଳନା ଦାୟିତ୍ୱ କାହା ଉପରେ ନ୍ୟସ୍ତ କରାଯାଇଛି ?

(କ) ରାଷ୍ଟ୍ରପତି (ଖ) ପ୍ରଧାନମନ୍ତ୍ରୀ (ଗ) ନିର୍ବାଚନ ଆୟୋଗ

(ଘ) ରାଜ୍ୟ ନିର୍ବାଚନ ଆୟୋଗ

୮୨) ରିଟର୍ଣ୍ଣିଂ ଅଫିସରମାନଙ୍କୁ କିଏ ନିଯୁକ୍ତି କରନ୍ତି ?

(କ) ନିର୍ବାଚନ ଆୟୋଗ (ଖ) ରାଷ୍ଟ୍ରପତି (ଗ) ଉପରାଷ୍ଟ୍ରପତି (ଘ) ପ୍ରଧାନମନ୍ତ୍ରୀ

୮୪) ପ୍ରତିଦ୍ୱନ୍ଦିତା କରୁଥିବା ବ୍ୟକ୍ତିଙ୍କର ନିର୍ବାଚନ ସଂପର୍କୀତ ବ୍ୟୟର ସର୍ବାଧିକ ସୀମା କିଏ ନିର୍ଦ୍ଧାରିତ କରିଥାନ୍ତି ।

(କ) ରାଷ୍ଟ୍ରପତି (ଖ)ଉପରାଷ୍ଟ୍ରପତି (ଗ) ନିର୍ବାଚନ ଆୟୋଗ (ଘ) ରିଟର୍ଣ୍ଣି ଅଫିସର୍

୮୫) ସମ୍ବିଧାନର ..................... ତମ ସଂଶୋଧନ ଆଇନ୍ ଅନୁସାରେ ଗ୍ରାମାଞ୍ଚଳ ସ୍ୱାୟତ୍ତଶାସନ ସଂସ୍ଥାପାଇଁ ନିର୍ବାଚନ ପରିଚାଳନା କାର୍ଯ୍ୟ ରାଜ୍ୟ ନିର୍ବାଚନ ଆୟୋଗଙ୍କ ନ୍ୟସ୍ତ ହୋଇଛସି ।

(କ) ୭୨ ତମ (ଖ) ୭୩ ତମ (ଗ) ୭୪ ତମ (ଘ) ୭୫ ତମ

୮୬) ସମ୍ବିଧାନର .............. ତମ ସଂଶୋଧନ ଆଇନ ଅନୁସାରେ ସହରାଞ୍ଚଳ ସ୍ୱାୟତ୍ତଶାସନ ସଂସ୍ଥାପାଇଁ ନିର୍ବାଚନ ପରିଚାଳନା କାର୍ଯ୍ୟ ରାଜ୍ୟ ନିର୍ବାଚନ ଆୟୋଗ ଉପରେ ନ୍ୟସ୍ତ ହୋଇଛି ।

(କ) ୭୨ ତମ (ଖ) ୭୩ ତମ (ଗ) ୭୪ ତମ (ଘ) ୭୫ ତମ

## Answer Sheet

| | | | | | | | | | | |
|---|---|---|---|---|---|---|---|---|---|---|
| ୨. ଭ | ୫.ଭ | ୬.ମ | ୭.ବ | ୧୦.ୟ | ୧୨. ବ | ୧୩.ବ | ୧୭.ମ | ୨୦.ମ | ୨୧.ୟ | ୨୩.ଭ |
| | ୨୫.ବ | ୨୬.ୟ | ୨୯.ୟ | ୩୨. ମ | ୩୩.ବ | ୩୬.ଭ | ୩୯.ବ | ୪୦.ଭ | ୪୫.ବ | |
| | ୪୬.ବ | ୫୨.ବ | ୫୫.ମ | ୫୮.ବ | ୬୧.ୟ | | ୬୪.ବ | ୬୫.ବ | ୬୬.ୟ | ୬୮.ମ |

### ଭାରତର ଗଣତନ୍ତ୍ର

୧. ନିର୍ବାଚନ କହିଲେ କଣ ବୁଝ ?

କ) ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ମାଧମରେ ଜନମତ ସାବସ୍ତ୍ୟ ହୋଇଥାଏ ।

ଖ) ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହି ନିର୍ବାଚନ କରାଯାଏ ଓ ପ୍ରତିନିଧି ସଭା ଗଠନ କରାଯାଏ ।

ଗ) ଆମ ଦେଶରେ ପ୍ରତି ୫ବର୍ଷରେ ଥରେ ନିର୍ବାଚନ କରାଯିବାର ବ୍ୟବସ୍ଥା ରହିଛି ।

୨. ପ୍ରତ୍ୟକ୍ଷ ନିର୍ବାଚନ କହିଲେ କ'ଣ ?

କ) ଯେଉଁ ନିର୍ବାଚନରେ ମତଦାତାମାନେ ନିଜ ମତ ସାବ୍ୟସ୍ତ କରି ବା ମତଦାନ କରି ପ୍ରତିନିଧି ଚୟନ କରିଥାନ୍ତି, ତାକୁ ପ୍ରତ୍ୟକ୍ଷ ନିର୍ବାଚନ କୁହାଯାଏ ।

ଖ) ଭାରତୀୟ ସଂସଦର ଲୋକସଭା ସଦସ୍ୟ ତଥା ରାଜ୍ୟ ବିଧାନସଭା ସଦସ୍ୟଗଣ ଏହି ପ୍ରକ୍ରିୟାରେ ନିର୍ବାଚିତ ହୋଇଥାନ୍ତି ।

୩. ମୂଦ୍ଧ୍ୟକାଳୀନ ନିର୍ବାଚନ କହିଲେ କଣ ବୁଝ ?

ଖ) ଅନେକ ସମୟରେ ବିଭିନ୍ନ କାରଣ ଯଥା ମୃତ୍ୟୁ, ନିର୍ବାଚନ ଅସିଦ୍ଧ ଘୋଷିତ ହେବା, ଇସ୍ତଫା ଇତ୍ୟାଦି କାରଣରୁ ସାଂସଦ ତଥା ବିଧାୟକମାନଙ୍କ ସ୍ଥାନ ଖାଲି ପଡେ ।

ଖ) ଅବଶିଷ୍ଟ ସମୟ ତଥା ଉକ୍ତ ସ୍ଥାନ ପୂରଣ ପାଇଁ ନିର୍ବାଚନ ଅନୁଷ୍ଠିତ ହୁଏ ।

ଗ) ଏହି ନିର୍ବାଚନକୁ ମଧ୍ୟକାଳୀନ ନିର୍ବାଚନ କୁହାଯାଏ ।

୪. ଗଣତନ୍ତ୍ରର ସଂଜ୍ଞା ନିରୂପଣ କରି ଆବ୍ରାହାମ ଲିଙ୍କନ ଓ ରାଜନୀତି ବିଜ୍ଞାନୀ ସିଲିଙ୍କ ମତ କଣ ଥିଲା ?

(କ) ଗଣତନ୍ତ୍ରର ସଂଜ୍ଞା ନିରୂପଣ କରି ଆବ୍ରାହାମ ଲିଙ୍କନ କହିଥିଲେ ଯେ, 'ଗଣତନ୍ତ୍ର ହେଉଛି ଲୋକଙ୍କର ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଶାସନ' ।

(ଖ) ରାଜନୀତି ବିଜ୍ଞାନୀ ସିଲିଙ୍କ ମତରେ "ଯେଉଁ ସରକାରରେ ପ୍ରତ୍ୟେକ ବ୍ୟକ୍ତି ଅଂଶ ଗ୍ରହଣ କରିଥାନ୍ତି, ତାହାକୁ ଗଣତନ୍ତ୍ର କୁହାଯାଏ ।

୫. ଭାରତୀୟ ମତଦାତାମାନଙ୍କର ନିର୍ବାଚନ ଫଟୋ ପରିଚୟ ପତ୍ରରେ କଣ ସବୁ ଉଲ୍ଲେଖ କରାଯାଇଥାଏ ?

(କ) ଆମ ଦେଶରେ ପ୍ରତ୍ୟେକ ମତଦାତାମାନଙ୍କୁ ନିର୍ବାଚନ ଆୟୋଗ ତରଫରୁ ଗୋଟିଏ ଲେଖାଏଁ ଫଟୋ ପରିଚୟ ପତ୍ର ଯୋଗାଇ ଦିଆଯାଇଛି ।

(ଖ) ତହିଁରେ ମତଦାତାଙ୍କ ନାମ, ବୟସ, ବାସସ୍ଥାନ ପିତା / ସ୍ୱାମୀଙ୍କ ନାମ ଉଲ୍ଲେଖ କରାଯାଇଥାଏ ।

୭. ଉପ-ନିର୍ବାଚନ କହିଲେ କଣ ବୁଝ ?

(କ) କୌଣସି ନିର୍ବାଚିତ ସଦସ୍ୟ ଇସ୍ତଫା ଦେଲେ କିମ୍ବା ମୃତ୍ୟୁବରଣ କଲେ ବା ତାଙ୍କର ନିର୍ବାଚନ ଅସିଦ୍ଧ ହେଲେ, ସେହି ଶୂନ୍ୟ ପଡିଥିବା ସଦସ୍ୟ ପଦ ପୂରଣ ପାଇଁ ଉପନିର୍ବାଚନ କରାଯାଏ ।

(ଖ) ଉକ୍ତ ନବ ନିର୍ବାଚିତ ସଦସ୍ୟ କେବଳ ଶୂନ୍ୟ ପଡିଥିବା ସଦସ୍ୟ ପଦର ଅବଶିଷ୍ଟ ସମୟ ପାଇଁ ନିର୍ଦ୍ଦିଷ୍ଟ ଗୃହରେ ସଦସ୍ୟ ରହନ୍ତି ।

୯. କେଉଁ ଜିଲ୍ଲାରେ ଗୋଟିଏ ମାତ୍ର ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି ? କେଉଁ ଜିଲ୍ଲାରେ ସର୍ବାଧିକ ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି ?

(କ) ଓଡିଶାର ଦେବଗଡ ଜିଲ୍ଲାରେ ଗୋଟିଏ ନିର୍ବାଚନ ମଣ୍ଡଳୀ ରହିଛି ।

(ଖ) ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି ।

୧୦. ନିର୍ବାଚନ ଗଣତି ପରେ ରିଟର୍ଣ୍ଣ ଅଫିସରଙ୍କ କର୍ତ୍ତବ୍ୟ କଣ ଉଲ୍ଲେଖ କର ?

(କ) ରିଟର୍ନ ଅଫିସର ନିର୍ବାଚନ ଫଳାଫଳ ଘୋଷଣା କରି ସେହି ଘୋଷଣାନାମକୁ ନିର୍ବାଚନ ଆୟୋଗଙ୍କ ନିକଟକୁ ପଠାଇ ଦିଅନ୍ତି ।

(ଖ) ବିଜୟୀ ପ୍ରାର୍ଥୀଙ୍କୁ ତତ୍ ସମ୍ପର୍କିତ ଏକ ସାର୍ଟିଫିକେଟ ପ୍ରଦାନ କରନ୍ତି ।

୧୧. ଭାରତର ରାଷ୍ଟ୍ରପତିଙ୍କ ନିର୍ବାଚନ ସମ୍ପର୍କରେ ଲେଖ ।

(କ) ଭାରତରେ ରାଷ୍ଟ୍ରପତି ପରୋକ୍ଷ ନିର୍ବାଚନ ମାଧମରେ ନିର୍ବାଚିତ ହୁଅନ୍ତି ।

(ଖ) ସଂସଦର ଉଭୟ ଗୃହର ନିର୍ବାଚିତ ସଦସ୍ୟ ଓ ରାଜ୍ୟ ବିଧାନସଭାମାନଙ୍କର ନିର୍ବାଚିତ ସଦସ୍ୟ ମାନଙ୍କୁ ନେଇ ଗଠିତ ଏକ ନିର୍ବାଚନ ମଣ୍ଡଳି ଭାରତର ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିଥାଏ ।

୧୩. ନିର୍ବାଚନ ଇସ୍ତାହାର କହିଲେ କଣ ବୁଝ ?

(କ) ରାଜନୈତିକ ଦଳଗୁଡିକ ଦଳୀୟ ନିର୍ବାଚନ ଇସ୍ତାହାର ପ୍ରକାଶ କରି ନିଜ ଦଳର ଆଭିମୁଖ୍ୟ, ଦଳୀୟ କାର୍ଯ୍ୟପନ୍ଥା ଓ ଦଳର ଭବିଷ୍ୟତ କାର୍ଯ୍ୟକ୍ରମ ଓ ନିର୍ବାଚନ ରଣକୌଶଳ ଉଲ୍ଲେଖ କରିଥାନ୍ତି ।

(ଖ) ଏହି ଇସ୍ତାହାର ମାଧମରେ ଜନମତକୁ ନିଜ ସପକ୍ଷରେ ପ୍ରଭାବିତ କରିଥାନ୍ତି ।

୧୫. ସ୍ୱାୟ□ଶାସନ ସଂସ୍ଥାଗୁଡିକର ନିର୍ବାଚନ ସମ୍ପର୍କରେ ଲେଖ ।

(କ) ପ□ାୟତରାଜ ଅନୁଷ୍ଠାନ ତଥା ପୌରସଂସ୍ଥାମାନଙ୍କ ନିର୍ବାଚନ ପରିଚାଳନା କାର୍ଯ୍ୟ ରାଜ୍ୟ ନିର୍ବାଚନ ପରିଚାଳନା କାର୍ଯ୍ୟ ରାଜ୍ୟ ନିର୍ବାଚନ ଆୟୋଗ କରିଥାନ୍ତି ।

(ଖ) ଏଥି ନିମନ୍ତେ ମତଦାତାମାନଙ୍କ ନାମ ତାଲିକା ମଧ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ ।

## ଦ୍ୱିତୀୟ ଅଧ୍ୟାୟ

## ଭାରତର ଗଣତନ୍ତ୍ର

## "ନିର୍ବାଚନ ପ୍ରକ୍ରିୟା ଓ ନିର୍ବାଚନ ଆୟୋଗ"

୧. ନିର୍ବାଚନର ଗୁରୁତ୍ୱ ବିଷୟରେ ସଂକ୍ଷେପରେ ଲେଖ ।

(କ) ଭାରତୀୟ ସମ୍ବିଧାନରେ ଅନେକ ବ୍ୟବସ୍ଥା ରହିଛି, ଯାହାକି ଭାରତରେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସହାୟକ ହୋଇଅଛି ଓ ଗଣତନ୍ତ୍ରରେ ଲୋକମାନଙ୍କର ସ୍ୱାଧୀନତା ଓ ସମାନତା ଉପରେ ଗୁରୁତ୍ୱ ପ୍ରଦାନ, ଶାସନରେ

ଲୋକମାନଙ୍କର ଅଂଶ ଗ୍ରହଣ ନିମନ୍ତେ ସ୍ୱାଧୀନ ଓ ନିରପେକ୍ଷ ନିର୍ବାଚନର ବ୍ୟବସ୍ଥା ଓ କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ବ୍ୟବସ୍ଥା ରହିଛି ।

(ଖ) ଜନମତ ହେଉଛି ଗଣତନ୍ତ୍ରର ମୂଳଭିତ୍ତି ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ମାଧ୍ୟମରେ ଜନମତ ସାବ୍ୟସ୍ତ ହୋଇଥାଏ । ଭାରତରେ ଲୋକସଭାର ଓ ପ୍ରତ୍ୟେକ ରାଜ୍ୟ ବିଧାନସଭାର ପୁନର୍ଗଠନ ପାଇଁ ପ୍ରତି ୫ବର୍ଷରେ ଥରେ ନିର୍ବାଚନର ବ୍ୟବସ୍ଥା ରହିଛି । ଏହି ନିର୍ବାଚନ ସାର୍ବଜନୀନ ସାବାଳକ ମତଦାନ ଉପରେ ଆଧାରିତ ।

(ଗ) ଗଣତାନ୍ତ୍ରିକ ସରକାରରେ ଜଣ କଲ୍ୟାଣ ବା ଜନ ମଙ୍ଗଳ ପାଇଁ ଆଇନ ପ୍ରଣୟନ କରିବା ଉଦ୍ଦେଶ୍ୟରେ ନିର୍ବାଚନ ମାଧ୍ୟମରେ ଲୋକମାନେ ସେମାନଙ୍କ ପ୍ରତିନିଧି ଚୟନ କରନ୍ତି । କେଉଁ ରାଜନୈତିକ ଦଳ ସରକାର ଗଠନ କରିବ ତାହାର ନିଷ୍ପତି ମତଦାତାମାନେ ନିର୍ବାଚନ ମାଧ୍ୟମରେ କରିଥାନ୍ତି । ସେଥିପାଇଁ ଆମ ଗଣତନ୍ତ୍ରରେ ନିର୍ବାଚନର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

୨. ଏକ ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀ କହିଲେ କଣ ବୁଝ ?

(କ) ଭାରତରେ ପରୋକ୍ଷ ବା ପ୍ରତିନିଧିମୂଳକ ସଂସଦୀୟ ଗଣତନ୍ତ୍ର ବ୍ୟବସ୍ଥା ରହିଛି ଲୋକସଭାର ସଦସ୍ୟ ମାନେ ଲୋକମାନଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୁଅନ୍ତି ।

(ଖ) ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ମାଧ୍ୟମରେ ଜନମତ ସାବ୍ୟସ୍ତ ହୋଇଥାଏ । ୧୮ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ସାବାଳକ ନାଗରିକ ମତଦାନ ଅଧିକାର ଉପଭୋଗ କରୁଛନ୍ତି, ସମ୍ବିଧାନ ଧାରା ୩୨୬ରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି ।

(ଗ) ଭାରତରେ ଲୋକସଭା ଓ ପ୍ରତ୍ୟେକ ରାଜ୍ୟର ବିଧାନସଭାର ପୁନର୍ଗଠନ ପାଇଁ ପ୍ରତି ୫ବର୍ଷରେ ଥରେ ନିର୍ବାଚନ କରାଯିବାର ବ୍ୟବସ୍ଥା ରହିଛି । ଗଣତାନ୍ତ୍ରିକ ସରକାରରେ ଜନକଲ୍ୟାଣ ବା ଜନମତ ପାଇଁ ଆଇନ ପ୍ରଣୟନ କରିବା ଉଦ୍ଦେଶ୍ୟରେ ଲୋକମାନେ ସେମାନଙ୍କ ପ୍ରତିନିଧି ଚୟନ କରନ୍ତି ।

(ଘ) ଭାରତରେ ଲୋକ ସଭାର ନିର୍ବାଚିତ ସଦସ୍ୟଙ୍କ ସଂଖ୍ୟା ୫୪୩, ସେଥିପାଇଁ ଭାରତକୁ ୫୪୩ ଟି ସଂସଦୀୟ ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରାଯାଇଛି ।

(ଙ) ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ପ୍ରତିନିଧି ନିର୍ବାଚିତ ହେଉଥିବାରୁ ସେଗୁଡିକୁ ଏକ-ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀ କୁହାଯାଏ ।

॥ ତୃତୀୟ ଅଧ୍ୟାୟ ॥

# ୨୦୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସ୍ୱାଧୀନତା ପରବର୍ତ୍ତୀ ଭାରତ

## ପ୍ରଥମ ପାଠ : **ଦେଶୀୟ ରାଜ୍ୟମାନଙ୍କର ମିଶ୍ରଣ**

### ବସ୍ତୁନିଷ୍ଠ ପ୍ରଶ୍ନୋତ୍ତର (MCQ)

1. 'ଅପରେସନ ପୋଲୋ' କେଉଁଠାରେ ପ୍ରୟୋଗ କରାଯାଇଥିଲା ?

(A) ହାଇଦ୍ରାବାଦ (B) ଜାମ୍ମୁ ଓ କାଶ୍ମୀର

(C) ଜୁନାଗଡ଼ (D) ପିପ୍ଲୋଦା

2. ସର୍ଦ୍ଦାର ପଟେଲଙ୍କୁ 'ଭାରତର ବିସମାର୍କ' କ'ଣ ପାଇଁ କୁହାଯାଇଥାଏ ?

(A) ବଳିଷ୍ଠ ନେତୃତ୍ୱ

(B) ଦୃଢ଼ ବ୍ୟକ୍ତିତ୍ୱ

(C) କୂଟନୈତିକ ପାରଦର୍ଶିତା

(D) ଦୃଢ଼ ମନୋବଳ

3. ଭାରତର ଶତକଡ଼ା କେତେ ଭାଗ ଅଞ୍ଚଳରେ ଦେଶୀୟ ରାଜ୍ୟମାନେ ଶାସନ କରୁଥିଲେ ?

(A) ୩୦ ଭାଗ (B) ୪୦ ଭାଗ

(C) ୫୦ ଭାଗ (D) ୬୦ ଭାଗ

4. ଗଡ଼ଜାତ ସମସ୍ୟାର ସମାଧାନ ପାଇଁ କିଏ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ ?

(A) ମହାତ୍ମା ଗାନ୍ଧୀ (B) ସର୍ଦ୍ଦାର ପଟେଲ

(C) ମାଉଣ୍ଟ ବ୍ୟାଟେନ୍ (D)କୋଟେନ୍ ଟେରେଲା

5. ମିଳନ ପତ୍ର ଅନୁସାରେ ଦେଶୀୟ ରାଜାମାନଙ୍କୁ କେତୋଟି କ୍ଷମତା ହସ୍ତାନ୍ତର କରିବାକୁ କୁହାଯାଇଥିଲା ?

(A) ଦୁଇଟି (B) ତିନୋଟି

(C) ଚାରିଟି (D) ପାଞ୍ଚଟି

6. କେନ୍ଦ୍ରୀୟ ଭାରତର କେଉଁ ରାଜ୍ୟଟି ୧୯୪୮ ମାର୍ଚ୍ଚରେ ମିଳନ ପତ୍ରରେ ସ୍ୱାକ୍ଷର କରିଥିଲା ?

(A) ଜୁନାଗଡ଼ (B) ହାଇଦ୍ରାବାଦ

(C) କାଶ୍ମୀର (D) ପିପ୍ଲୋଦା

7. କେଉଁ ହିନ୍ଦୁ ରାଜ୍ୟରେ ଜଣେ ମୁସଲିମ୍ ନୱାବ ଶାସନ କରୁଥିଲେ ?

(A) ରାଜଗଡ଼ (B) ରତାଗଡ଼

(C) ଜୁନାଗଡ଼ (D) ଶେରଗଡ଼

8. ସ୍ୱାଧୀନତା ପରଠାରୁ କେଉଁ ମସିହା ପର୍ଯ୍ୟନ୍ତ ଭାରତର ସମସ୍ତ ଦେଶୀୟ ରାଜ୍ୟକୁ ଭାରତ ସହିତ ମିଶିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ?

(A) ୧୯୪୦ (B) ୧୯୫୦

(C) ୧୯୬୦ (D) ୧୯୫୧

9. ଭାରତର କେଉଁ ନେତା ତାଙ୍କର ବଳିଷ୍ଠ ନେତୃତ୍ୱ ଓ ଦୃଢ଼ ବ୍ୟକ୍ତିତ୍ୱ ପାଇଁ ଖୁବ୍ ଜଣାଶୁଣା ?

(A) ସର୍ଦ୍ଦାର ପଟେଲ (B) ମହାତ୍ମା ଗାନ୍ଧୀ

(C) ଗୋପବନ୍ଧୁ ଦାସ (D) ହରେକୃଷ୍ଣ ମହତାବ

10. କେଉଁ ମସିହା ପରଠାରୁ ଭାରତରେ ମୁଖ୍ୟ ବ୍ରିଟିଶ ଶାସକଙ୍କୁ ଭାଇସରାୟ ବୋଲି କୁହାଗଲା ?

(A) ୧୮୫୮ (B) ୧୮୫୯

(C) ୧୯୬୦ (D) ୧୮୬୧

11. ଅପରେସନ ଗୁଲମାର୍ଗ ନିମ୍ନୋକ୍ତ କେଉଁ ଦେଶଦ୍ୱାରା ହୋଇଥିଲା ?

(A) ପାକିସ୍ତାନ (B) ଶ୍ରୀଲଙ୍କା

(C) ଚୀନ୍ (D) ବଙ୍ଗଳାଦେଶ

12. କେଉଁ ଦେଶୀୟ ରାଜ୍ୟ ଉପରେ 'ଅପରେସନ ପୋଲୋ' ନାମକ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ?

(A) ହାଇଦ୍ରାବାଦ (B) ମହୀଶୂର

(C) ମଣିପୁର (D) ଆସାମ

13. ଭାରତ ସରକାର କେବେ ଦେଶୀୟ ରାଜ୍ୟ ବିଭାଗ ନାମକ ଏକ ବିଭାଗ ସୃଷ୍ଟି କରିଥିଲେ ?

(A) ୧୯୪୭ ଅଗଷ୍ଟ ୧୫

(B) ୧୯୪୬ ଡିସେମ୍ବର ୨୬

(C) ୧୯୪୭ ଜୁନ ୨୭

(D) ୧୯୫୦ ଜାନୁଆରୀ ୨୬

14. ନିମ୍ନୋକ୍ତ କେଉଁ ଦେଶୀୟ ରାଜ୍ୟ ୧୯୪୮ ମାର୍ଚ୍ଚରେ ହୋଇଥିବା ମିଳନପତ୍ରରେ ସ୍ୱାକ୍ଷର କରିନଥିଲା ?

(A) କୋହ୍ଲାପୁର (B) ପିପ୍ଲୋଦା

(C) କୋଚିନ୍ (D) ଜୁନାଗଡ଼

15. କେଉଁ ଦେଶୀୟ ରାଜ୍ୟଟି ତତ୍କାଳୀନ ବମ୍ବେ ପ୍ରଦେଶ ସହିତ ମିଶି ଯାଇଥିଲା ?

(A) ଗୋଆଲିଅର୍ (B) ଇନ୍ଦୋର୍

(C) କୋହ୍ଲାପୁର (D) ନଲାରଗଡ଼

16. ଭାରତର ସ୍ୱାଧୀନତା ପରେ ଦେଶୀୟ ରାଜ୍ୟ ବିଭାଗର ମନ୍ତ୍ରୀ କିଏ ହୋଇଥିଲେ ?

(A) ମୌଲାନା ଆବୁଲ କାଲାମ ଆଜାଦ (B) ସରୋଜିନ ନାଇଡୁ

(C) ଗୋବିନ୍ଦ ବଲ୍ଲଭ ପନ୍ତ (D) ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ

17. ହାଇଦ୍ରାବାଦ ନିଜାମ କେବେ ମିଳନ ପତ୍ରରେ ସ୍ୱାକ୍ଷର କରିଥିଲେ ?

(A) ୧୯୪୮ ସେପ୍ଟେମ୍ବର (B) ୧୯୪୮ ନଭେମ୍ବର

(C) ୧୯୪୦ ସେପ୍ଟେମ୍ବର (D) ୧୯୪୯ ନଭେମ୍ବର

18. ମିଳନ ପତ୍ରର ସର୍ତ୍ତ ଅନୁଯାୟୀ ଦେଶୀୟ ରାଜାମାନଙ୍କୁ କେଉଁ କ୍ଷମତା ଭାରତ ସରକାରଙ୍କୁ ହସ୍ତାନ୍ତର କରିବାକୁ ପଡୁଥିଲା ?

(A) ଗୃହ, ପ୍ରତିରକ୍ଷା, ଅର୍ଥ (B) ବୈଦେଶିକ ବ୍ୟାପାର, ଯୋଗାଯୋଗ, ଶିକ୍ଷା

(C) ପ୍ରତିରକ୍ଷା, ବୈଦେଶିକ ବ୍ୟାପାର ଯୋଗାଯୋଗ (D) ପ୍ରତିରକ୍ଷା, ଗୃହ, ବୈଦେଶିକ ବ୍ୟାପାର

19. ଭାରତରେ ଲୌହମାନବ ଭାବରେ କିଏ ପରିଚିତ ?

(A) ସୁଭାଷ ଚନ୍ଦ୍ର ବୋଷ (B) ଅରବିନ୍ଦ ଘୋଷ

(C) ବଲ୍ଲଭ ଭାଇ ପଟେଲ(D) ସ୍ୱାମୀ ବିବେକାନନ୍ଦ

20. ୧୯୪୮ ମସିହା ମେ ମାସରେ ଗୋଆଲିଅର୍ ଇନ୍ଦୋର ଓ ଅଠରଟି ଛୋଟ ଛୋଟ ରାଜ୍ୟକୁ ନେଇ କେଉଁ ରାଜ୍ୟ ଆତ୍ମପ୍ରକାଶ କଲା ?

(A) ଉତ୍ତର ପ୍ରଦେଶ (B) ବିନ୍ଧ୍ୟ ପ୍ରଦେଶ

(C) ମିଳିତ ପ୍ରଦେଶ (D) ମଧ୍ୟ ଭାରତ

21. ସ୍ୱାଧୀନତା ପ୍ରାପ୍ତି ବେଳକୁ କିଏ ଭାରତର ପ୍ରଧାନମନ୍ତ୍ରୀ ଥିଲେ ?

(A) ଲର୍ଡ଼ ମାଉଣ୍ଟ ବ୍ୟାଟେନ

(B) ଜବାହରଲାଲ୍ ନେହେରୁ

(C) ମହମ୍ମଦ ଅଲ୍ଲୀ ଜିନ୍ନା

(D) ବଲ୍ଲଭ ଭାଇ ପଟେଲ

22. ଭାରତର ଭାଇସରାୟ କାହାର ପ୍ରତିନିଧି ଭାବରେ କାର୍ଯ୍ୟ କରୁଥିଲେ ?

(A) ଇଷ୍ଟଇଣ୍ଡିଆ କମ୍ପାନୀର

(B) ଇଂଲଣ୍ଡର ରାଣୀଙ୍କର

(C) ବ୍ରିଟିଶ ପାର୍ଲିଆମେଣ୍ଟର

(D) ଭାରତ ସରକାରଙ୍କର

23. ଦେଶୀୟ ରାଜ୍ୟ ବିଭାଗର ମନ୍ତ୍ରୀ କିଏ ଥିଲେ ?

(A) ଜବାହରଲାଲ ନେହେରୁ

(B) ବଲ୍ଲଭ ଭାଇ ପଟେଲ

(C) ଭି.ପି. ମେନନ୍

(D) ଲର୍ଡ଼ ମାଉଣ୍ଟ ବ୍ୟାଟେନ

24. ଭାରତ ସରକାରଙ୍କ ଦ୍ୱାରା ଗଣଭୋଟରେ ଜୁନାଗଡ଼ର ଦୁଇଲକ୍ଷ ଭୋଟରଙ୍କ ମଧ୍ୟରୁ କେତେ ଜଣ ଭାରତରେ ମିଶିବା ବିପକ୍ଷରେ ଭୋଟ ଦେଇଥିଲେ ?

(A) ୭୫ ହଜାର ଜଣ (B) ୧୭୫ ଜଣ

(C) ୧୯୦ ଜଣ (D) ୯୦ ଜଣ

25. 'ରଜାକର' ଏକ କେଉଁ ପ୍ରକାର ସଙ୍ଗଠନ ?

(A) ସ୍ୱେଚ୍ଛାସେବୀ (B) ସାଂସ୍କୃତିକ

(C) ରାଜନୈତିକ (D) ସଶସ୍ତ୍ର

26. କୋହ୍ଲାପୁର ଓ ବାରୋଦା କେଉଁ ପ୍ରଦେଶରେ ମିଶିଗଲେ ?

(A) ମହାରାଷ୍ଟ୍ର (B) ବମ୍ବେ

(C) ଗୁଜୁରାଟ (D) ରାଜସ୍ଥାନ

27. ମିଶ୍ରଣ ପରେ ଦେଶୀୟ ରାଜାମାନଙ୍କୁ ବାର୍ଷିକ ପେନସନ ବ୍ୟବସ୍ଥା କରାଗଲା । ଏହି ପେନସନର ପରିମାଣ କେଉଁ ଭିତ୍ତିରେ ସ୍ଥିର କରାଗଲା ?

(A) ରାଜ୍ୟର ଲୋକସଂଖ୍ୟା ଭିତ୍ତିରେ (B) ରାଜ୍ୟର ଭୌଗୋଳିକ ଅବସ୍ଥିତି ଅନୁସାରେ

(C) ରାଜ୍ୟରୁ ମିଳୁଥିବା ଫସଲ ଉତ୍ପାଦନ ଅନୁସାରେ (D) ରାଜ୍ୟରୁ ଆଦାୟ ହେଉଥିବା ରାଜସ୍ୱ ଭିତ୍ତିରେ

## ଉତ୍ତର

1. (A), 2. (C), 3. (B), 4. (C), 5. (B), 6. (D), 7. (C), 8. (B),9. (A), 10 (A), 11. (A), 12. (A), 13. (C), 14. (D), 15. (c), 16. (D), 17. (D), 18 (C), 19. (C), 20. (D), 21. (B), 22. (B), 23. (D), 24. (D), 25 (B) 26. (D)

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

1. ମିଶ୍ରଣ ଚୁକ୍ତିର ତିନୋଟି ସର୍ତ୍ତ ଉଲ୍ଲେଖ କର ।

ଉ : ରାଜ୍ୟ ହରାଇଥିବା ରାଜାମାନଙ୍କ ପାଇଁ ବାର୍ଷିକ ପେନସନ୍ ବ୍ୟବସ୍ଥା କରାଗଲା । ଏହାକୁ ରାଜାଙ୍କ ହାତପାଣ୍ଠି ବୋଲି କୁହାଗଲା ।

ii. ଏହି ପାଣ୍ଠି ରାଜ୍ୟରୁ ଆଦାୟ ହେଉଥିବା ରାଜସ୍ୱ ଭିତ୍ତିରେ ସ୍ଥିରୀକୃତ ହୋଇଥିଲା ।

iii. ରାଜାମାନଙ୍କର ବ୍ୟକ୍ତିଗତ ସମ୍ପତ୍ତି. ରାଜପ୍ରସାଦ ତଥା ପଦପଦବୀ ସେମାନଙ୍କ ପାଇଁ ସୁରକ୍ଷିତ ରହିଲା ।

iv. ଏଗୁଡ଼ିକ ବଂଶାନୁକ୍ରମିକ ଭାବରେ ସେମାନଙ୍କର ବଂଶଧର ଭୋଗ ଦଖଲ କରିବେ ବୋଲି ସ୍ଥିର ହେଲା ।

v. ଦେଶୀୟ ରାଜ୍ୟର କର୍ମଚାରୀମାନଙ୍କୁ ପ୍ରାଦେଶିକ ସରକାରମାନେ ସେମାନଙ୍କ କର୍ମଚାରୀ ଭାବରେ ଗ୍ରହଣ କଲେ ।

2. ପଟେଲଙ୍କ ଓ ମେନନ୍ ପୂର୍ଣ୍ଣ ମିଶ୍ରଣ ସପକ୍ଷରେ କି କି ଯୁକ୍ତି ଉପସ୍ଥାପନ କଲେ ?

ଉ : i. ମିଶ୍ରଣ ନ ହେଲେ ରାଜ୍ୟମାନଙ୍କର ଆର୍ଥିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ।

ii. ରାଜ୍ୟମାନଙ୍କରେ ଗଣତନ୍ତ୍ର ପରିବର୍ତ୍ତେ ରାଜତନ୍ତ୍ର ଚାଲିଲେ ପ୍ରଜାମାନେ ବିଦ୍ରୋହ କରିବେ ଓ ଅରାଜକତା ବ୍ୟାପିଯିବ ।

iii. ଅର୍ଥ ବ୍ୟବସ୍ଥା ଦୃଷ୍ଟିରୁ ଅତ୍ୟନ୍ତ ଦୁର୍ବଳ ଥିବା ରାଜ୍ୟମାନେ ସ୍ୱାଧୀନ ଭାବରେ କୌଣସି ଜନହିତକର କାର୍ଯ୍ୟ କରିପାରିବେ ନାହିଁ ।

iv. ଭାରତ ଭିତରେ ଅପରାଧ, ବାଣିଜ୍ୟ ବ୍ୟବସାୟ ବାଧାପ୍ରାପ୍ତ ହେବ ।

v. ଅପରାଧୀମାନଙ୍କୁ ଦମନ କରିବା ସମ୍ଭବ ହେବ ନାହିଁ, କାରଣ ସେମାନେ ଦେଶୀୟ ରାଜ୍ୟମାନଙ୍କରେ ଆତ୍ମଗୋପନ କରିବେ ।

3. ଜୁନାଗଡ଼ କେଉଁ ପରିସ୍ଥିତିରେ ଭାରତ ସହିତ ମିଶିଥିଲା ?

ଉ : i. ଜୁନାଗଡ଼ ଏକ ହିନ୍ଦୁବହୁଳ ରାଜ୍ୟ ଥିଲା । ଏହାର ଶାସକ ମୁସଲିମ ନୱାବ ପାକିସ୍ତାନ ସହିତ ଯୋଗଦେବା ପାଇଁ ଇଚ୍ଛାପ୍ରକାଶ କରି ସାମରିକ ଶକ୍ତି ପ୍ରଦର୍ଶନ କଲେ ।

ii. ଜୁନାଗଡ଼ ସୀମା ପାକିସ୍ତାନ ସୀମା ସହିତ ସଂଲଗ୍ନ ହୋଇ ନଥିଲା ।

iii. ଭାରତ ସରକାରଙ୍କ ଦ୍ୱାରା ଏଠାରେ ଗଣଭୋଟ ଅନୁଷ୍ଠିତ ହେଲା ।

iv. ପ୍ରାୟ ଦୁଇଲକ୍ଷ ଭୋଟଦାତାଙ୍କ ମଧ୍ୟରୁ କେବଳ ନବେ ଜଣଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଭାରତରେ ମିଶିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ।

v. ଏହି ପରିସ୍ଥିତିରେ ନଓ୍ବାବ ତାଙ୍କ ପରିବାର ସହିତ ପାକିସ୍ତାନକୁ ପଳାୟନ କଲେ । ଜୁନାଗଡ଼ ବାଧ୍ୟ ହୋଇ ଭାରତ ସହିତ ମିଶିଗଲା ।

4. ହାଇଦ୍ରାବାଦ କେଉଁ ପରିସ୍ଥିତିର ସମ୍ମୁଖୀନ ହୋଇ ମିଳନ ପତ୍ରରେ ସ୍ୱାକ୍ଷର କରିଥିଲା ?

ଉ : i. ହାଇଦ୍ରାବାଦ ଥିଲା ଏକ ହିନ୍ଦୁବହୁଳ ଦେଶୀୟ ରାଜ୍ୟ । ଏହାର ଶାସକ ନିଜାମ ଉସମାନ ଅଲ୍ଲୀ ଖାଁ ସ୍ୱାଧୀନ ରହିବାକୁ ଚାହିଁଲେ ।

ii. ସୟଦ କାଶିମ ରଜଭିଙ୍କ ନେତୃତ୍ୱରେ 'ରଜାକର' ନାମକ ଏକ ସଶସ୍ତ୍ର ସଂଗଠନ ନିଜାମଙ୍କୁ ସମର୍ଥନ କଲେ ଏବଂ ଭାରତ ସହିତ ମିଶିବାକୁ ଚାହୁଁଥିବା ଜନସାଧାରଣଙ୍କୁ ନୃଶଂସ ଭାବରେ ହତ୍ୟା କଲେ ।

iii. ନିଜାମ ମଧ୍ୟ ଆନ୍ତର୍ଜାତିକ କ୍ଷେତ୍ରରେ ତାଙ୍କର ସ୍ଥିତି ଜାହିର କରିବା ପାଇଁ ଉଦ୍ୟମ ଚଳାଇଲେ ।

iv. ସର୍ଦ୍ଦାର ପଟେଲ ନିଜାମଙ୍କ ଭାରତ ବିରୋଧୀ କାର୍ଯ୍ୟକଳାପରେ କ୍ଷୁବ୍ଧ ହୋଇ ହାଇଦ୍ରାବାଦ ଉପରେ ଅପରେସନ୍ ପୋଲୋ ନାମକ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ।

v. ୧୯୪୮ ସେପ୍ଟେମ୍ବର ୧୩ରୁ ଆରମ୍ଭ କରି ପାଞ୍ଚଦିନ ମଧ୍ୟରେ ହାଇଦ୍ରାବାଦ ଭାରତୀୟ ସୈନ୍ୟବାହିନୀ ଅକ୍ତିଆରକୁ ଆସିଥିଲା । ୧୯୪୯ ମସିହା ନଭେମ୍ବରରେ ହାଇଦ୍ରାବାଦର ନିଜାମ ମିଳନପତ୍ରରେ ସ୍ୱାକ୍ଷର କଲେ ।

5. ଭାରତ ସହିତ ଦେଶୀୟ ରାଜ୍ୟ ମିଶ୍ରଣ ପ୍ରକ୍ରିୟା କିପରି ତ୍ୱରାନ୍ୱିତ ହୋଇଥିଲା ।

i. ଭାରତ ସହିତ ଦେଶୀୟ ରାଜ୍ୟ ମିଶ୍ରଣ କାର୍ଯ୍ୟ ଓଡ଼ିଶା ଭୂଇଁରେ ହୋଇଥିଲା ।

ii. ୧୯୪୭ ମସିହା ଡିସେମ୍ବର ମାସରେ ପୂର୍ବ ଭାରତ ଏଜେନ୍ସୀ ଓ ଛତିଶଗଡ଼ ଏଜେନ୍ସି ଅଧୀନସ୍ଥ ଦେଶୀୟ ରାଜାମାନେ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ । ସେମାନେ ଓଡ଼ିଶା, ମଧ୍ୟପ୍ରଦେଶ ଓ ବିହାର ସହିତ ୧୯୪୮ ମସିହା ଜାନୁଆରୀ ୧ ତାରିଖ ଠାରୁ ମିଶିଲେ ।

iii. ସେହି ବର୍ଷ ଗୁଜୁରାଟ ଓ ଦକ୍ଷିଣରେ ଥିବା ଦେଶୀୟ ରାଜ୍ୟ ତତ୍କାଳୀନ ବମ୍ବେ ପ୍ରଦେଶ ସହିତ ମିଶିଗଲେ ।

iv. ଅନେକ ଛୋଟ ବଡ଼ ରାଜ୍ୟ ମାନ୍ଦ୍ରାଜ, ପୂର୍ବ ପଞ୍ଜାବ, ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ଓ ଆସାମ ପ୍ରଦେଶ ସହିତ ମିଶିଗଲେ ।

v. ପଞ୍ଜାବର ପାର୍ବତ୍ୟ ରାଜ୍ୟ ଏଜେନ୍ସୀର ୩୦ଟି ରାଜ୍ୟକୁ ମିଶାଇ ହିମାଚଳ ପ୍ରଦେଶ ଗଠିତ ହୋଇଥିଲା ।

6. ଲର୍ଡ଼ ମାଉଣ୍ଟ ବ୍ୟାଟେନ୍ କେବେ ଓ କାହିଁକି ରାଜ୍ୟମଣ୍ଡଳୀର ବୈଠକ ଡକାଇଥିଲେ ଏବଂ ସେଠାରେ ସେ ଦେଶୀୟ ରାଜାମାନଙ୍କୁ ଭାରତ ସହିତ ମିଶିବା ପାଇଁ କିପରି ଅନୁପ୍ରାଣିତ କରିଥିଲେ ?

i. ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଦେଶୀୟ ରାଜ୍ୟ ଦାୟିତ୍ୱରେ ଥିବା ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ମହାତ୍ମା ଗାନ୍ଧୀଙ୍କ ଅନୁରୋଧ କ୍ରମେ ସ୍ୱାଧୀନତା ଦିବସ ପୂର୍ବରୁ ଗଡ଼ଜାତ ସମସ୍ୟାର ସମାଧାନ ପାଇଁ ୧୯୪୭ ମସିହା ଜୁଲାଇ ୨୫ ତାରିଖରେ ଭାରତର ତତ୍କାଳୀନ ଗଭର୍ଣ୍ଣର ଜେନେରାଲ ମାଉଣ୍ଟ ବ୍ୟାଟେନ ରାଜନ୍ୟମଣ୍ଡଳିର ଏକ ବୈଠକ ଡକାଇଲେ ।

ii. ଲର୍ଡ଼ ମାଉଣ୍ଟବ୍ୟାଟେନ ଉକ୍ତ ବୈଠକରେ ଦେଶୀୟ ରାଜାମାନଙ୍କୁ ଭାରତ ସହିତ ମିଶିବା ପାଇଁ ପ୍ରେରଣା ଦେଇ କହିଥିଲେ ।

iii. ଯଦିଓ ବ୍ରିଟିଶ ସର୍ବୋଚ୍ଚ ଶକ୍ତିର ଛତ୍ରଛାୟା ଅପସାରିତ ହେବା ପରେ ଦେଶୀ ରାଜ୍ୟଗୁଡ଼ିକ ସ୍ୱାଧୀନ ତଥାପି ସାମ୍ପ୍ରତିକ ପରିସ୍ଥିତିରେ ଦେଶୀୟ ରାଜାମାନେ ସେମାନଙ୍କ ସୀମାକୁ ଲାଗିଥିବା ଦେଶ ସହିତ ସମ୍ପର୍କ ସ୍ଥାପନ କରିବା ନିତାନ୍ତ ଜରୁରୀ ।

iv. କାରଣ ଦେଶୀୟ ରାଜ୍ୟମାନଙ୍କରେ ବସବାସ କରୁଥିବା ପ୍ରଜାମାନେ ସେମାନଙ୍କର ସାମରିକ ଉନ୍ନତି ପାଇଁ ଓ ନବଗଠିତ ସ୍ୱାଧୀନ ରାଷ୍ଟ୍ର ସହିତ ମିଶି ନିଜ ନିଜର ଭବିଷ୍ୟତ ଗଢ଼ିବା ପାଇଁ ନିଶ୍ଚିତ ବ୍ୟଗ୍ର ହେବେ । ସେତେବେଳେ ଦେଶୀୟ ରାଜାମାନେ ପ୍ରଜାମାନଙ୍କର ସେହି ଇଚ୍ଛାକୁ ରୁଦ୍ଧ କରିପାରିବେ ନାହିଁ ।

v. ଏତଦ୍ ବ୍ୟତୀତ ଦେଶୀୟ ରାଜାମାନେ ଭାରତ ସହିତ ସମ୍ପର୍କ ସ୍ଥାପନ କରିବା ପାଇଁ ଉଦ୍ଦିଷ୍ଟ ମିଳନ ପତ୍ରରେ ସ୍ୱାକ୍ଷର କଲେ । ପ୍ରତିରକ୍ଷା, ଯୋଗାଯୋଗ ଓ ବୈଦେଶିକ ବ୍ୟାପାର କ୍ଷେତ୍ରରେ କ୍ଷମତା ହସ୍ତାନ୍ତର କରିବେ ସିନା ହେଲେ ସେମାନେ ସ୍ୱାଧୀନ ଭାବରେ ସେମାନଙ୍କର ରାଜ୍ୟ ଶାସନ କରିପାରିବେ ।

vi. ଭାରତର ଜାତୀୟତା ବିଭିନ୍ନ ଭାବରେ ପ୍ରତିବାଦ ହେବ ।

vii. ସ୍ୱାଧୀନ ଭାରତର ସୁଫଳ ଦେଶୀୟ ରାଜ୍ୟର ପ୍ରଜାମାନେ ଭୋଗ କରିପାରିବେ ନାହିଁ ।

7. ମିଳନ ପତ୍ରରେ କ'ଣ ବ୍ୟବସ୍ଥା ଥିଲା ଏବଂ ଏହାକୁ ଦେଶୀୟ ରାଜାମାନେ କିପରି ଗ୍ରହଣ କଲେ ?

ଉ : i. ପ୍ରଥମ ସ୍ୱାଧୀନତା ଦିବସ ପୂର୍ବରୁ ଦେଶୀୟ ରାଜ୍ୟମାନଙ୍କର ଦାୟିତ୍ୱରେ ଥିବା ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ସଚିବ ଭି.ପି.ମେନନ୍ ଦେଶୀୟ ରାଜ୍ୟମାନଙ୍କର ଭାରତ ସହିତ ସମ୍ପର୍କ ସ୍ଥାପନ ପାଇଁ ଏକ ମିଳନ ପତ୍ର ପ୍ରସ୍ତୁତ କରିଥିଲେ ।

ii. ଏହି ମିଳନ ପତ୍ରର ପ୍ରସ୍ତାବ ଅନୁଯାୟୀ ଦେଶୀୟ ରାଜାମାନେ ପ୍ରତିରକ୍ଷା, ବୈଦେଶିକ ବ୍ୟାପାର ଓ ଯୋଗାଯୋଗ ଏହି ତିନୋଟି କ୍ଷମତା ହସ୍ତାନ୍ତର କରିବେ ।

iii. ପ୍ରତିବଦଳରେ ଦେଶୀୟ ରାଜାମାନେ ସ୍ୱାଧୀନ ଭାବରେ ସେମାନଙ୍କର ରାଜ୍ୟ ଶାସନ କରିପାରିବେ ।

iv. ଗଭର୍ଣ୍ଣର ଜେନେରାଲ ଲର୍ଡ଼ ମାଉଣ୍ଟ ବ୍ୟାଟେନଙ୍କ ଅନୁପ୍ରେରଣା, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସତର୍କବାଣୀ, ଅନେକ ଦେଶୀୟ ରାଜାଙ୍କୁ ପ୍ରଭାବିତ କଲା ।

v. ଯୋଧପୁର, ଜୁନାଗଡ଼, ହାଇଦ୍ରାବାଦ ଓ କାଶ୍ମୀର ବ୍ୟତୀତ ପ୍ରାୟ ସମସ୍ତ ଦେଶୀୟ ରାଜ୍ୟ ପ୍ରଥମ ସ୍ୱାଧୀନତା ଦିବସ ପୂର୍ବରୁ ଉକ୍ତ ମିଳନ ପତ୍ରରେ ସ୍ୱାକ୍ଷର କରିଥିଲେ ।

8. କେଉଁ ଦେଶୀୟ ରାଜ୍ୟମାନେ ମିଳନ ପତ୍ରରେ ସ୍ୱାକ୍ଷର କରିଥିଲେ ?

ଉ : i. ୧୯୪୮ ମସିହା ମାର୍ଚ୍ଚ ମାସରେ କେନ୍ଦ୍ରୀୟ ଭାରତର ପିପ୍ଲୋଦା ମିଳନ ପତ୍ରରେ ସ୍ୱାକ୍ଷର କରିଥିଲା।

ii. ଯୋଧପୁରର ରାଜା ହନ୍ୱନ୍ତ ସିଂହ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ସହିତ ହାତ ମିଳାଇ ପାକିସ୍ତାନ ସହିତ ମିଶିବାକୁ ମସୁଧା କରୁଥିବା ବେଳେ ହିନ୍ଦୁବହୁଳ ଏହି ରାଜ୍ୟକୁ ବୁଝାବଝି କରି ମିଳନ ପତ୍ରରେ ସ୍ୱାକ୍ଷର କରାଯାଇଥିଲା ।

iii. ଜୁନାଗଡ଼ ରାଜ୍ୟର ରାଜା ମୁସଲିମ୍ ନଓ୍ୱାଜ୍ ପାକିସ୍ତାନ ସହିତ ମିଶିବା ପାଇଁ ସାମରିକ ଶକ୍ତି ପ୍ରଦର୍ଶନ କରିବାରୁ ସେଠାରେ ଗଣଭୋଟ ଅନୁଷ୍ଠିତ କରାଇ ସେହି ରାଜ୍ୟକୁ ଭାରତ ସହିତ ମିଶାଇ ଦିଆଗଲା । ଫଳରେ ଜୁନାଗଡ଼ର ନଓ୍ୱାବ ଦେଶ ଛାଡ଼ି ପାକିସ୍ତାନ ପଳାୟନ କରିଥିଲେ ।

iv. କାଶ୍ମୀର ରାଜା ହରି ସିଂହ ଏହି ମିଳନ ପତ୍ରରେ ସ୍ୱାକ୍ଷର ନକରି ସ୍ୱାଧୀନ ରହିଲେ ।

v. ହାଇଦ୍ରାବାଦର ନିଜାମ୍ ହିନ୍ଦୁ ପ୍ରଜାମାନଙ୍କ ଉପରେ ନିର୍ମମ ଅତ୍ୟାଚାର କରି ସ୍ୱତନ୍ତ୍ର ରହିବାକୁ ପ୍ରୟାସ କରି ଶେଷରେ ବିଫଳ ହେଲେ ।

9. ପଟେଲ ଓ ମେନନ୍ ପୂର୍ଣ୍ଣ ମିଶ୍ରଣ ସପକ୍ଷରେ କି କି ଯୁକ୍ତି ଉପସ୍ଥାପନ କଲେ ?

ଉ : ଯଦିଓ ମିଳନ ପତ୍ରରେ ଦେଶୀୟ ରାଜ୍ୟମାନଙ୍କର ସ୍ୱତନ୍ତ୍ର ସ୍ଥିତିକୁ ସ୍ୱୀକାର କରାଯାଇଥିଲା, ତଥାପି ସାର୍ବଭୌମ ଭାରତ ରାଷ୍ଟ୍ର ଗଠନ ପାଇଁ ଦେଶୀୟ ରାଜ୍ୟଗୁଡ଼ିକର ଭାରତ ସହିତ ପୂର୍ଣ୍ଣ ମିଶ୍ରଣ ପାଇଁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ଭି.ପି.ମେନନ୍ ନିମ୍ନୋକ୍ତ ଯୁକ୍ତି ଉପସ୍ଥାପନ କରିଥିଲେ । ସେଗୁଡ଼ିକ ହେଲା-

i. ଦେଶୀୟ ରାଜ୍ୟଗୁଡ଼ିକ ଭାରତ ସହିତ ସମ୍ପୂର୍ଣ୍ଣ ନ ମିଶିଲେ ରାଜ୍ୟ ଗୁଡ଼ିକର ଆର୍ଥିକ ବ୍ୟବସ୍ଥା ଭୁଷୁଡ଼ିଯିବ ।

ii. ରାଜତନ୍ତ୍ର ଅପେକ୍ଷା ଗଣତନ୍ତ୍ରକୁ ପ୍ରଜାମାନେ ଅଧିକ ପସନ୍ଦ କରୁଥିବାରୁ ଦେଶୀୟ ରାଜ୍ୟଗୁଡ଼ିକରେ ପ୍ରଜା ବିଦ୍ରୋହ ଦେଖାଯିବ ଓ ଅରାଜକତା ସୃଷ୍ଟି ହେବ ।

iii. ଆର୍ଥିକ ଦୁର୍ବଳ ଥିବା ରାଜାମାନେ ପ୍ରଜାମାନଙ୍କ ପାଇଁ କୌଣସି ହିତକର କାର୍ଯ୍ୟ କରିପାରିବେ ନାହିଁ ।

iv. ଭାରତ ଭିତରେ ଅବାଧ ବାଣିଜ୍ୟ ବ୍ୟବସାୟ ସମ୍ଭବ ହେବ ନାହିଁ ।

v. ଦେଶର ଅପରାଧୀମାନଙ୍କ ପାଇଁ ଦେଶୀୟ ରାଜ୍ୟଗୁଡ଼ିକ ଆଶ୍ରୟସ୍ଥଳୀ ପାଲଟିଯିବ ।

vi. ସେମାନେ ଚାହିଁଲେ ଭାରତ କିମ୍ବା ପାକିସ୍ତାନ ସହିତ ମିଶାଯାଇ ପାରିବେ ଅଥବା ସ୍ୱାଧୀନ ରହିପାରିବେ ବୋଲି ଏହି ଆଇନରେ ଉଲ୍ଲେଖ ରହିଥିଲା ।

10. ଭାରତ ସରକାରଙ୍କ ସହିତ ମିଶ୍ରଣ ଚୁକ୍ତିରେ ଦେଶୀୟ ରାଜାମାନଙ୍କ ପାଇଁ କେଉଁ ସର୍ତ୍ତମାନ ଥିଲା ?

ଉ : ଦେଶୀୟ ରାଜ୍ୟଗୁଡ଼ିକୁ ସ୍ୱାଧୀନ ଭାରତ ସମ୍ପୂର୍ଣ୍ଣ ମିଶ୍ରଣ ପାଇଁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ଭି.ପି.ମେନନ୍ ଯେଉଁ ମିଶ୍ରଣ ଚୁକ୍ତି ପ୍ରସ୍ତୁତ କରିଥିଲେ ସେଥିରେ ନିମ୍ନୋକ୍ତ ସର୍ତ୍ତମାନ ସ୍ଥାନିତ ହୋଇଥିଲା; ଯଥା–

i. ଦେଶୀୟ ରାଜାମାନେ ଶାସନ ସମ୍ପର୍କିତ ସମସ୍ତ କ୍ଷମତା ସମ୍ପୂର୍ଣ୍ଣ ଭାବେ ଭାରତ ସରକାରଙ୍କୁ ହସ୍ତାନ୍ତର କରିବେ ।

ii. ରାଜ୍ୟ ହରାଇଥିବା ରାଜାମାନଙ୍କ ପାଇଁ ବାର୍ଷିକ ପେନସନ୍ ବ୍ୟବସ୍ଥା ଭାରତ ସରକାରଙ୍କ ଦ୍ୱାରା କରାଯିବ ।

iii. ଯାହାକି ରାଜାଙ୍କ ହାତପାଣ୍ଠି ନାମରେ ଅଭିହିତ ହେବ ଏବଂ ଏହି ପାଣ୍ଠି ରାଜ୍ୟରୁ ଆଦାୟ ହେଉଥିବା ରାଜସ୍ୱ ଭିତ୍ତିରେ ସ୍ଥିରୀକୃତ ହେବ ।

iv. ରାଜାମାନଙ୍କର ବ୍ୟକ୍ତିଗତ ସମ୍ପତ୍ତି, ରାଜପ୍ରାସାଦ ଓ ପଦପଦବୀ ସେମାନଙ୍କ ପାଇଁ ସୁରକ୍ଷିତ ରହିବ ଏବଂ ଏହା ବଂଶାନୁକ୍ରମିକ ଭାବରେ ସେମାନଙ୍କର ବଂଶଧରମାନେ ଲାଭ କରିବେ ।

v. ଦେଶୀୟ ରାଜ୍ୟର କର୍ମଚାରୀମାନଙ୍କୁ ପ୍ରାଦେଶିକ ସରକାରମାନେ ସେମାନଙ୍କ କର୍ମଚାରୀ ଭାବରେ ଗ୍ରହଣ କରିବେ ।

## କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

1. 'ଅପରେସନ ଗୁଲମାର୍ଗ କ'ଣ ଥିଲା ?

କିମ୍ବା : 'ଅପରେସନ ଗୁଲମାର୍ଗ' କେଉଁ ଉଦ୍ଦେଶ୍ୟ ସାଧନ ପାଇଁ ଅଭିପ୍ରେତ ଥିଲା ?

i. ପାକିସ୍ତାନର ପ୍ରରୋଚନା ଓ ସାହାଯ୍ୟରେ ଉତ୍ସାହିତ ହୋଇ ହଜାର ହଜାର 'ପଠାଣ' ଜନଜାତିର ଲୋକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇ କାଶ୍ମୀରର ଅନେକ ଅଞ୍ଚଳ ଦଖଲ କରିନେଲେ ।

ii. ସେମାନେ 'ଆଜାଦ୍ କାଶ୍ମୀର' ଗଠନ କଲେ ଓ ଝେଲମ୍ ନଦୀ ଟପି ଶ୍ରୀନଗର ଆଡ଼କୁ ଅଗ୍ରସର ହେଲେ ।

iii. ସେମାନଙ୍କ ସହିତ ପାକିସ୍ତାନୀ ସୈନ୍ୟ ମଧ୍ୟ ଏହି ଆକ୍ରମଣରେ ଭାଗ ନେଇଥିଲେ । ଏହା ଥିଲା ପାକିସ୍ତାନ 'ଅପରେସନ ଗୁଲମାର୍ଗ'ର ଅଂଶବିଶେଷ । ଏହା କାଶ୍ମୀରକୁ ଦଖଲ କରିନେବା ପାଇଁ ଅଭିପ୍ରେତ ଥିଲା ।

2. ୧୯୪୭ ଭାରତ ସ୍ୱାଧୀନତା ଆଇନ୍ ଅନୁଯାୟୀ ଦେଶୀୟ ରାଜ୍ୟମାନଙ୍କୁ କେଉଁ ସ୍ୱାଧୀନତା ଦିଆଯାଇଥିଲା ?

i. ୧୯୪୭ ଭାରତ ସ୍ୱାଧୀନତା ଆଇନ୍ ଅନୁଯାୟୀ ଦେଶୀୟ ରାଜ୍ୟଗୁଡ଼ିକ ସ୍ୱାଧୀନ ହୋଇଗଲେ । ବ୍ରିଟିଶ ସର୍ବୋଚ୍ଚ ଶକ୍ତିର ଛତ୍ରଛାୟା ଅପସାରିତ ହୋଇଥିଲା ।

ii. ସେମାନେ ଚାହିଁଲେ ଭାରତ କିମ୍ବା ପାକିସ୍ତାନ ସହିତ ମିଶିଯାଇ ପାରିବେ ।

iii. ନଚେତ୍ ସ୍ୱାଧୀନ ହୋଇ ରହିପାରିବେ ।

3. ଦେଶୀୟ ରାଜ୍ୟମାନଙ୍କ ସମସ୍ୟାକୁ ନେଇ କେବେ ଏକ ନୂତନ ବିଭାଗ ସୃଷ୍ଟି ହେଲା ? ଏହି ବିଭାଗର ମନ୍ତ୍ରୀ ଓ ସଚିବ କେଉଁମାନେ ଥିଲେ ?

i. ୧୯୪୭ ଜୁନ୍ ୨୭ ତାରିଖରେ ଭାରତ ସରକାର ଦେଶୀୟ ରାଜ୍ୟ ବିଭାଗ ନାମକ ଏକ ନୂତନ ବିଭାଗ ସୃଷ୍ଟି କରିଥିଲେ ।

ii. ଏହି ବିଭାଗର ମନ୍ତ୍ରୀ ଥିଲେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ।

iii. ଭି.ପି.ମେନନ୍ ଥିଲେ ଏହି ବିଭାଗର ଶାସନ ସଚିବ ।

4. ଯୋଧପୁରର ରାଜା କେଉଁ ଦେଶରେ ମିଶିବାକୁ ଚାହୁଁଥିଲେ ? କେଉଁ ପରିସ୍ଥିତିରେ ଏହା ଭାରତ ସହିତ ମିଳନ ପତ୍ରରେ ସ୍ୱାକ୍ଷର କରିଥିଲା ?

i. ଯୋଧପୁରର ରାଜା ହନ୍ୱନ୍ତ ସିଂହ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ସହ ହାତ ମିଳାଇ ପାକିସ୍ତାନ ସହିତ ମିଶିବାର ମସୁଧା କରୁଥିଲେ ।

ii. ଯୋଧପୁର ଥିଲା ଗୋଟିଏ ହିନ୍ଦୁବହୁଳ ରାଜ୍ୟ ।

iii. ବହୁତ ବୁଝାସୁଝା ପରେ ଯୋଧପୁରର ରାଜା ଭାରତ ସହିତ ମିଳନ ପତ୍ରରେ ସ୍ୱାକ୍ଷର କଲେ ।

5. ଜୁନାଗଡ଼ରେ କେଉଁ ପରିସ୍ଥିତି ସୃଷ୍ଟି ହେବାରୁ ଜୁନାଗଡ଼ ଭାରତ ସହିତ ମିଶିଯାଇଥିଲା ?

i. ହିନ୍ଦୁବହୁଳ ଜୁନାଗଡ଼ ରାଜ୍ୟର ମୁସଲିମ ନୱାବ ପାକିସ୍ତାନ ସହିତ ଯୋଗଦେବାକୁ ଇଚ୍ଛାପ୍ରକାଶ କରି ସାମରିକ ଶକ୍ତି ପ୍ରଦର୍ଶନ କଲେ ।

ii. ଭାରତ ସରକାରଙ୍କ ଦ୍ୱାରା ଏଠାରେ ଗଣଭୋଟ ଅନୁଷ୍ଠିତ କରାଯାଇ ଫଳାଫଳରୁ ଜଣାଗଲା ଯେ ରାଜ୍ୟର ଦୁଇ ଲକ୍ଷ ଭୋଟଦାତାଙ୍କ ମଧ୍ୟରେ କେବଳ କେତେଜଣ ବ୍ୟତୀତ ସମସ୍ତେ ଭାରତରେ ମିଶିବାକୁ ଚାହାଁନ୍ତି ।

iii. ଏହିପରି ପରିସ୍ଥିତିରେ ନବାବ ପରିବାର ସହ ପାକିସ୍ତାନକୁ ପଳାୟନ କଲେ । ଫଳରେ ଜୁନାଗଡ଼ ଭାରତ ସହିତ ମିଶିଲା ।

6. ହାଇଦ୍ରାବାଦ କେଉଁ ପରିସ୍ଥିତିରେ ଭାରତର ମିଳନ ପତ୍ରରେ ସ୍ୱାକ୍ଷର କରିଥିଲା ?

i. ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ନିଜାମଙ୍କ କାର୍ଯ୍ୟକଳାପରେ କ୍ଷୁବ୍ଧ ହୋଇ ହାଇଦ୍ରାବାଦ ଉପରେ ‘ଅପରେସନ୍ ପୋଲୋ’ ନାମକ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ।

ii. ୧୯୪୮ସେପ୍ଟେମ୍ବର ୧୩ରୁ ୫ଦିନ ମଧ୍ୟରେ ହାଇଦ୍ରାବାଦ ଭାରତୀୟ ସୈନ୍ୟବାହିନୀର ଅକ୍ତିଆରକୁ ଆସିଲା ।

iii. ୧୯୪୯ ନଭେମ୍ବରରେ ହାଇଦ୍ରାବାଦର ନିଜାମ ମିଳନ ପତ୍ରରେ ସ୍ୱାକ୍ଷର କଲେ ।

7. ମିଶ୍ରଣ ପରେ ସବୁ ରାଜ୍ୟରେ କିପରି ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରାଯାଇଥିଲା ?

i. ଦେଶୀୟ ରାଜ୍ୟର ପ୍ରଜାମାନଙ୍କୁ ସୁ-ଶାସନ ପ୍ରଦାନ ପାଇଁ ପ୍ରାଦେଶିକ ସରକାରମାନେ ବିହିତ ବ୍ୟବସ୍ଥା କଲେ ।

ii. ପ୍ରାଦେଶିକ ଶାସନର ଅନୁରୂପ ଶାସନ ରାଜ୍ୟମାନଙ୍କୁ ସମ୍ପ୍ରସାରଣ କରାଗଲା ।

iii. କେନ୍ଦ୍ରୀୟ ଆଇନ ଓ ପ୍ରାଦେଶିକ ଆଇନ ଦେଶୀୟ ରାଜ୍ୟ ଗୁଡ଼ିକରେ ମଧ୍ୟ ପ୍ରଚଳନ କରାଗଲା

8. ହାଇଦ୍ରାବାଦ କିପରି ଭାରତ ସହିତ ମିଶିଲା ?

i. ହାଇଦ୍ରବାଦ ଥିଲା ଏକ ହିନ୍ଦୁବହୁଳ ଦେଶୀୟ ରାଜ୍ୟ । ଏହାର ଶାସକ ନିଜାମ ମେନନ୍ ଅଲ୍ଲୀ ଖାଁ ସ୍ୱାଧୀନ ରହିବାକୁ ଚାହିଁଲେ । ସେ ଭାରତ ସହିତ ମିଶିବାକୁ ଚାହୁଁଥିବା ଜନସାଧାରଣଙ୍କୁ ନୃଶଂସ ଭାବେ ହତ୍ୟା କଲେ ।

ii. ସର୍ଦ୍ଦାର ପଟେଲ ନିଜାମଙ୍କ ଭାରତ ବିରୋଧୀ କାର୍ଯ୍ୟକଳାପରେ କ୍ଷୁବ୍ଧ ହୋଇ ହାଇଦ୍ରାବାଦ ଉପରେ 'ଅପରେସନ ପୋଲୋ' ନାମକ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ।

iii. ୧୯୪୮ ସେପ୍ଟେମ୍ବର ୧୩ରୁ ୫ ଦିନ ମଧ୍ୟରେ ହାଇଦ୍ରାବାଦ ଭାରତୀୟ ସୈନ୍ୟବାହିନୀର ଅକ୍ତିଆରକୁ ଆସିଲା ଓ ୧୯୪୯ ନଭେମ୍ବରରେ ହାଇଦ୍ରାବାଦର ନିଜାମ ମିଳନ ପତ୍ରରେ ସ୍ୱାକ୍ଷର କଲେ ।

9. 'ଅପରେସନ ଗୁଲମାର୍ଗ' କ'ଣ ଥିଲା ?

i. 'ଅପରେସନ ଗୁଲମାର୍ଗ' ଥିଲା ପାକିସ୍ତାନର ଅଂଶବିଶେଷ ।

ii. ପାକିସ୍ତାନର ହଜାର ହଜାର 'ପଠାଣ' ଜନଜାତିର ଲୋକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇ କାଶ୍ମୀରର ଅନେକ ଅଞ୍ଚଳ ଦଖଲ କରିନେଇ 'ଆଜାଦ କାଶ୍ମୀର' ଗଠନ କଲେ ଏବଂ ସେମାନଙ୍କ ସହିତ ନିୟମିତ ପାକିସ୍ତାନ ସୈନ୍ୟ ମଧ୍ୟ ଏହି ଆକ୍ରମଣରେ ଭାଗ ନେଇଥିଲେ । ଏହା ଥିଲା ପାକିସ୍ତାନର 'ଅପରେସନ ଗୁଲମାର୍ଗ' ।

iii. 'ଅପରେସନ ଗୁଲମାର୍ଗ' କାଶ୍ମୀରକୁ ଦଖଲରେ ନେବା ପାଇଁ ଅଭିପ୍ରେତ ଥିଲା ।

10. 'ମିଶ୍ରଣ ଚୁକ୍ତି'ର ସର୍ତ୍ତଗୁଡ଼ିକ ଉଲ୍ଲେଖ କର ।

i. ମିଶ୍ରଣ ଚୁକ୍ତି ଅନୁଯାୟୀ ଦେଶୀୟ ରାଜ୍ୟମାନେ ଶାସନ ସମ୍ପର୍କିତ ସମସ୍ତ କ୍ଷମତା ସମ୍ପୂର୍ଣ୍ଣ ଭାବେ ଭାରତ ସରକାରଙ୍କୁ ହସ୍ତାନ୍ତର କଲେ । ଫଳରେ ଦେଶୀୟ ରାଜ୍ୟମାନଙ୍କର କୌଣସି ସ୍ୱତନ୍ତ୍ର ସ୍ଥିତି ରହିଲା ନାହିଁ ।

ii. ରାଜ୍ୟ ହରାଇଥିବା ରାଜାମାନଙ୍କ ପାଇଁ ବାର୍ଷିକ ପେନସନ୍ ବ୍ୟବସ୍ଥା କରାଗଲା । ଏହାକୁ ରାଜାଙ୍କ ହାତପାଣ୍ଠି ବୋଲି କୁହାଗଲା ।

iii. ରାଜାମାନଙ୍କର ବ୍ୟକ୍ତିଗତ ସମ୍ପତ୍ତି , ରାଜପ୍ରାସାଦ ତଥା ପଦପଦବୀ ସେମାନଙ୍କ ପାଇଁ ସୁରକ୍ଷିତ ରହିଲା । ଏଗୁଡ଼ିକ ବଂଶାନୁକ୍ରମିକ ଭାବରେ ସେମାନଙ୍କର ବଂଶଧର ଭୋଗ ଦଖଲ କରିବେ ବୋଲି ସ୍ଥିର ହେଲା ।

11. ସର୍ଦ୍ଦାର ପଟେଲ କିପରି ସୌରାଷ୍ଟ୍ର ଦେଶୀୟ ରାଜସଂଘ ଗଠନ କଲେ ?

i. 'ମିଶ୍ରଣ ଅଙ୍ଗୀକାର ପତ୍ର' ପ୍ରକ୍ରିୟାରେ କଟିହାର ଉପଦ୍ୱୀପର ଦୁଇଶହ ବାଇଶଟି ରାଜ୍ୟକୁ ମିଶାଇ ସର୍ଦ୍ଦାର ପଟେଲ ୧୯୪୮ ମସିହା ଜାନୁଆରୀ ମାସରେ ସୌରାଷ୍ଟ୍ର ଦେଶୀୟ ରାଜ୍ୟ ସଂଘ ଗଠନ କଲେ । ପରେ ଏହି ସଂଘରେ ଆଉ ଛ'ଟି ରାଜ୍ୟ ଯୋଗଦେଲେ ।

ii. କେତେକ ଦେଶୀୟ ରାଜ୍ୟ 'ମିଶ୍ରଣ ଅଙ୍ଗୀକାର ପତ୍ର' ସ୍ୱାକ୍ଷର କଲେ । ସେମାନଙ୍କୁ ହାତପାଣ୍ଠି ସହିତ ଅନ୍ୟାନ୍ୟ ସବିଧା ସୁଯୋଗ ପ୍ରଦାନ କରାଗଲା । ଏହି ପ୍ରକ୍ରିୟା ମାଧ୍ୟମରେ ସର୍ଦ୍ଦାର ପଟେଲ ସୌରାଷ୍ଟ୍ର ଦେଶୀୟ ରାଜ୍ୟ ସଂଘ ଗଠନ କଲେ ।

iii. ଏହି ସଂଘ ମୋଟ ୨୨୮ଟି ରାଜ୍ୟକୁ ନେଇ ଗଠିତ ହୋଇଥିଲା ।

## କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

1. କେଉଁ ମସିହାରେ ଦେଶୀୟ ରାଜ୍ୟ ସମୂହ ମିଳନ ପତ୍ର ସ୍ୱାକ୍ଷର କଲେ ଏବଂ ଏଥିରେ କେଉଁମାନେ ସ୍ୱାକ୍ଷର କରିନଥିଲେ ?

i. ୧୯୪୮ ମସିହାରେ ମିଳନ ପତ୍ର ସ୍ୱାକ୍ଷର କଲେ ।

ii. ଯୋଧପୁର, ଜୁନାଗଡ଼, ହାଇଦ୍ରାବାଦ ଓ କାଶ୍ମୀର ସ୍ୱାକ୍ଷର କରିନଥିଲେ ।

2. 'ଅପରେସନ ପୋଲୋ' କଣ ?

i. ହାଇଦ୍ରାବାଦ ଉପରେ 'ଅପରେସନ ପୋଲୋ' ନାମକ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ।

ii. ଯାହା ଫଳରେ ୧୯୪୮ ସେପ୍ଟେମ୍ବର ୧୩ ରୁ ୫ ଦିନ ମଧ୍ୟରେ ହାଇଦ୍ରାବାଦ ଭାରତୀୟ ସୈନ୍ୟବାହିନୀର ଅକ୍ତିଆରକୁ ଆସିଲା ।

3. ମିଶ୍ରଣ ଚୁକ୍ତି କଣ ?

i. ମିଶ୍ରଣ ଚୁକ୍ତି ଅନୁଯାୟୀ ଦେଶୀୟ ରାଜାମାନେ ଶାସନ ସମ୍ପର୍କିତ ସମସ୍ତ କ୍ଷମତା ସମ୍ପୂର୍ଣ୍ଣ ଭାବେ ଭାରତ ସରକାରଙ୍କୁ ହସ୍ତାନ୍ତର କଲେ ।

ii. ଦେଶୀୟ ରାଜ୍ୟମାନଙ୍କର କୌଣସି ସ୍ୱତନ୍ତ୍ର ସ୍ଥିତି ରହିଲା ନାହିଁ ।

4. ସର୍ଦ୍ଦାର ପଟେଲଙ୍କୁ 'ଭାରତର ବିସମାର୍କ' ବୋଲି କାହିଁକି କୁହାଯାଏ ?

i. ଦେଶୀୟ ରାଜ୍ୟ ଗୁଡ଼ିକର ଭାରତ ସହିତ ମିଶ୍ରଣ ପ୍ରକ୍ରିୟାରେ ସର୍ଦ୍ଦାର ପଟେଲ ଅନେକ ଦୃଢ଼ ପଦକ୍ଷେପ ନେଇଥିଲେ ।

ii. ତାଙ୍କର କୂଟନୈତିକ ପାରଦର୍ଶିତା ଏବଂ ରାଜନୀତିଜ୍ଞ ବିଚକ୍ଷଣତା ବଳରେ ଭାରତକୁ ଏକତ୍ର କରିବାରେ ତାଙ୍କର ସଫଳତା ଯୋଗୁଁ ତାଙ୍କୁ ଭାରତର ବିସମାର୍କ ବୋଲି କହନ୍ତି ।

5. ଦେଶୀୟ ରାଜ୍ୟଗୁଡ଼ିକ ଭାରତ ସହିତ ମିଶ୍ରଣ ପାଇଁ ଭାରତ ସରକାର କାହାଙ୍କୁ ଦାୟିତ୍ୱ ନ୍ୟସ୍ତ କରିଥିଲେ ?

i. ଭାରତ ସରକାରର ଏହି କାର୍ଯ୍ୟରେ ନେତୃତ୍ୱ ନେଇଥିଲେ ଗୃହ ଓ ଦେଶୀୟ ରାଜ୍ୟ ସମୂହ ଦାୟିତ୍ୱରେ ଥିବା କେନ୍ଦ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ।

ii. ଏହି କାର୍ଯ୍ୟ ପାଇଁ ଦେଶୀୟ ରାଜ୍ୟ ସମୂହ ବିଭାଗର ପ୍ରମୁଖ ସଚିବ ଭି.ପି. ମେନନ ଓ ଓଡ଼ିଶାର ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ପ୍ରମୁଖ ଭୂମିକା ନେଇଥିଲେ ।

6. କିଏ ହାଇଦ୍ରାବାଦର ନିଜାମ ଥିଲେ ଏବଂ କେଉଁ ସଙ୍ଗଠନ ତାଙ୍କୁ ସମର୍ଥନ କରିଥିଲା ?

i. ହିନ୍ଦୁବହୁଳ ରାଜ୍ୟ ହାଇଦ୍ରାବାଦର ଶାସକ ଥିଲେ ନିଜାମ ଓସ୍ମାନ୍ ଅଲ୍ଲୀ ଖାଁ ।

ii. ସୟଦ୍ କାଶିମ ରଜଭିଙ୍କ ନେତୃତ୍ୱରେ 'ରଜାକର' ନାମକ ଏକ ସଶସ୍ତ୍ର ସଙ୍ଗଠନ ନିଜାମଙ୍କୁ ସହଯୋଗ କରି ଭାରତ ସହିତ ମିଶିବାକୁ ଚାହୁଁଥିବା ପ୍ରଜାମାନଙ୍କୁ ନୃଶଂସ ଭାବରେ ହତ୍ୟା କଲେ ।

7. ପୂର୍ବ ପଞ୍ଜାବ ରାଜ୍ୟ ସଂଘ କିପରି ଗଠିତ ହୋଇଥିଲା ?

ଉ : ସର୍ଦ୍ଦାର ପଟେଲଙ୍କ 'ମିଶ୍ରଣ ଅଙ୍ଗୀକାର ପତ୍ର' ପ୍ରକ୍ରିୟା ଅନୁସାରେ ୧୯୪୮ ମସିହା ଜୁଲାଇ ମାସରେ ପାଟିଆଲା, କପୁରତାଲା, ଜିନ୍ଦ, ନାଭା, ଫରିଦକୋଟ, ମାଲେରକୋଟାଲା, ନଳାରଗଡ଼ ଓ କଲସିଆକୁ ନେଇ ପୂର୍ବ ପଞ୍ଜାବ ରାଜ୍ୟ ସଂଘ ପ୍ରତିଷ୍ଠିତ ହୋଇଥିଲା ।

8. କେଉଁ ରାଜ୍ୟଗୁଡ଼ିକ ଦେଶ ମିଶ୍ରଣ ଅଙ୍ଗୀକାରରେ ସ୍ୱାକ୍ଷର କରିନଥିଲେ ?

ଉ : କାଶ୍ମୀର, ମହୀଶୂର, ହାଇଦ୍ରାବାଦ, ଏହି ତିନୋଟି ଦେଶୀୟ ରାଜ୍ୟ ଦେଶ ମିଶ୍ରଣ ଅଙ୍ଗୀକାର ପତ୍ରରେ ସ୍ୱାକ୍ଷର କରିନଥିଲେ ।

9. ସର୍ଦ୍ଦାର ପଟେଲଙ୍କୁ କାହିଁକି ଭାରତର ବିସମାର୍କ ଓ ଲୌହ ମାନବ କୁହାଯାଏ ?

ଉ : ସର୍ଦ୍ଦାର ପଟେଲଙ୍କର କୂଟନୈତିକ ପାରଦର୍ଶିତା, ରାଜନୈତିକ ବିଚକ୍ଷଣତା ଓ ଦୂରଦର୍ଶିତା ବଳରେ ସ୍ୱାଧୀନ ଭାରତ ଭିତରେ ଥିବା ୫୬୩ ଦେଶୀୟ ରାଜ୍ୟ ଭାରତ ସହିତ ମିଶି ଏକ ଅଖଣ୍ଡ ସାର୍ବଭୌମ ଭାରତବର୍ଷ ଗଠିତ ହୋଇପାରିଥିଲା ।

ii. ତାଙ୍କର ଏହି ସଫଳତାକୁ ଦେଖି ଐତିହାସିକମାନେ ତାଙ୍କୁ ଭାରତର ବିସମାର୍କ ଓ ଲୌହମାନବ ବୋଲି ଆଖ୍ୟା ଦେଇଛନ୍ତି ।

10. 'ଆଜାଦ କାଶ୍ମୀର' କ'ଣ ? ଏହାକୁ କେଉଁମାନେ ଗଠନ କରିଥିଲେ ?

ଉ : ପାକିସ୍ତାନର ପ୍ରରୋଚନା ଓ ସାହାଯ୍ୟରେ ଉତ୍ସାହିତ ହୋଇ ହଜାର ହଜାର 'ପଠାଣ' ଜନଜାତିର ଲୋକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇ କାଶ୍ମୀରର ଅନେକ ଅଞ୍ଚଳ ଦଖଲ କରିନେଇ ତାକୁ 'ଆଜାଦ କାଶ୍ମୀର' ନାମରେ ନାମିତ କରିଥିଲେ ।

11. 'କ' ଶ୍ରେଣୀଭୁକ୍ତ ଗଡ଼ଜାତ ଗୁଡ଼ିକର ନାମ ଲେଖ ।

ଉ : 'କ' ଶ୍ରେଣୀଭୁକ୍ତ ଗଡ଼ଜାତଗୁଡ଼ିକର ନାମ ହେଲା–

(୧) ଢ଼େଙ୍କାନାଳ, (୨) କେନ୍ଦୁଝର, (୩) ମୟୂରଭଞ୍ଜ, (୪) ବାମଣ୍ଡା, (୫) ବୌଦ, (୬) ଗାଙ୍ଗପୁର, (୭) ପାଟଣା, (୮) କଳାହାଣ୍ଡି, (୯) ସୋନପୁର, (୧୦) ଷଢ଼େଇକଳା, (୧୧) ନୟାଗଡ଼ ।

12. ଓଡ଼ିଶା ଗଡ଼ଜାତ ତଦନ୍ତ ପୁନର୍ଗଠିତ କମିଟି କେବେ କେଉଁମାନଙ୍କୁ ନେଇ ଗଠିତ ହୋଇଥିଲା ?

ଉ : i. ୧୯୩୮ ମସିହାରେ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟି ପୁନର୍ଗଠିତ ହୋଇଥିଲା ।

ii. ହରେକୃଷ୍ଣ ମହତାବ ଏହାର ଅଧ୍ୟକ୍ଷ ଥିବାବେଳେ ସାରଙ୍ଗଧର ଦାସ ଏହାର ସମ୍ପାଦକ ଥିଲେ ।

iii. ଏହି କମିଟିର ଅନ୍ୟ ଦୁଇଜଣ ସଦସ୍ୟ ହେଲେ ଲାଲମୋହନ ପଟ୍ଟନାୟକ ଓ ବଳବନ୍ତ ରାୟ ମେହେଟ୍ଟା ।

13. ୧୯୪୭ ଭାରତ ସ୍ୱାଧୀନ ଆଇନ ଅନୁଯାୟୀ କେଉଁ ରାଜ୍ୟମାନଙ୍କ ଉପରୁ ବ୍ରିଟିଶ ସର୍ବୋଚ୍ଚ ଶକ୍ତି ଅପସାରିତ ହୋଇ ସେମାନେ ସ୍ୱାଧୀନ ହେଲେ ?

ଉ : ୧୯୪୭ ଭାରତ ସ୍ୱାଧୀନ ଆଇନ ଅନୁଯାୟୀ ଦେଶୀୟ ରାଜ୍ୟମାନେ ବ୍ରିଟିଶ ସର୍ବୋଚ୍ଚ ଶକ୍ତିରୁ ମୁକ୍ତ ହୋଇ ସ୍ୱାଧୀନ ହୋଇଗଲେ ।

14. ୧୯୪୭ ଜୁନ ୨୦ ତାରିଖରେ ଭାରତ ସରକାର ଦେଶୀୟ ରାଜ୍ୟ ବିଭାଗ ନାମକ ଏକ ବିଭାଗ ସୃଷ୍ଟି କରିଥିଲେ । ଏହି ବିଭାଗର ମନ୍ତ୍ରୀ କିଏ ଥିଲେ ?

ଉ : ୧୯୪୭ ଜୁନ ୨୦ ତାରିଖରେ ଭାରତ ସରକାର ଦେଶୀୟ ରାଜ୍ୟ ବିଭାଗ ନାମକ ଏକ ବିଭାଗ ସୃଷ୍ଟି କରିଥିଲେ । ଏହି ବିଭାଗର ମନ୍ତ୍ରୀ ଥିଲେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ।

15. ମିଳନ ପତ୍ରର ପ୍ରସ୍ତାବ ଅନୁସାରେ ଦେଶୀୟ ରାଜ୍ୟମାନେ ଭାରତକୁ କେଉଁ କେଉଁ କ୍ଷମତା ହସ୍ତାନ୍ତର କରିବା ଆବଶ୍ୟକ ?

ଉ : ମିଳନ ପତ୍ରର ପ୍ରସ୍ତାବ ଅନୁସାରେ ଦେଶୀୟ ରାଜ୍ୟମାନେ ଭାରତକୁ ପ୍ରତିରକ୍ଷା, ବୈଦେଶିକ ବ୍ୟାପାର ଓ ଯୋଗାଯୋଗ କ୍ଷମତାକୁ ହସ୍ତାନ୍ତର କରିବା ଆବଶ୍ୟକ ।

16. 'ଆଜାଦ କାଶ୍ମୀର' କେଉଁମାନେ ଗଠନ କଲେ ?

ଉ : ପାକିସ୍ତାନର ପ୍ରରୋଚନା ଓ ସାହାଯ୍ୟରେ ହଜାର ହଜାର 'ପଠାଣ' ଜନଜାତିର ଲୋକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇ କାଶ୍ମୀରର ଅନେକ ଅଞ୍ଚଳ ଦଖଲ କରି 'ଆଜାଦ କାଶ୍ମୀର' ଗଠନ କଲେ ।

17. ନେହେରୁ ଓ ପଟେଲ ଦେଶୀୟ ରାଜ୍ୟମାନଙ୍କ ଅଧିଗ୍ରହଣ ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ଚାହୁଁଥିବା ସମୟରେ କେଉଁ ଘଟଣା ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲା ?

ଉ : (ନିଜେ ଚେଷ୍ଟା କର)

### ଦ୍ୱିତୀୟ ପାଠ :

# ଓଡ଼ିଶା ସହିତ ଗଡ଼ଜାତରାଜ୍ୟମାନଙ୍କର ମିଶ୍ରଣ

### ବସ୍ତୁନିଷ୍ଠ ପ୍ରଶ୍ନୋତ୍ତର (MCQ)

1. କିଏ ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀରେ ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିଥିଲେ ?

   (A) ପଟ୍ଟାଭି ସୀତାରାମେୟା (B) ଭୁବନାନନ୍ଦ ଦାସ

   (C) ସାରଙ୍ଗଧର ଦାସ (D) ହରେକୃଷ୍ଣ ମହତାବ

2. କେଉଁଟି ନୂତନ ଓଡ଼ିଶା ପ୍ରଦେଶର ଜିଲ୍ଲା ନଥିଲା ?

   (A) ସମ୍ବଲପୁର (B) ଗଞ୍ଜାମ

   (C) ଅନୁଗୁଳ (D) କୋରାପୁଟ

3. ସ୍ୱାଧୀନ ଭାରତ ସହ ପ୍ରଥମେ କେଉଁ ଦେଶୀୟ ରାଜ୍ୟର ମିଶ୍ରଣ ଘଟିଥିଲା ?

   (A) ଭୋପାଳ (B) କୁଚବିହାର

   (C) କାଶ୍ମୀର (D) ନୀଳଗିରି

4. ନିମ୍ନୋକ୍ତ ମଧ୍ୟରୁ କେଉଁଟି ପ୍ରଜାମାରଣ ପ୍ରଥା ନୁହେଁ ?

   (A) ବେଠି (B) ବେଗାରୀ

   (C) ଭଗାରୀ (D) ମାଗଣ

5. 'ଦଶହରା ଭେଟି' ପୁସ୍ତକର ଲେଖକ କିଏ ଥିଲେ ?

   (A) କାହ୍ନୁଚରଣ ମହାନ୍ତି (B) ଘନଶ୍ୟାମ ମହାନ୍ତି

   (C) ନାରଣ ମହାନ୍ତି (D) କଳ୍ପତରୁ ମହାନ୍ତି

6. କେଉଁ ସ୍ଥାନରେ ପ୍ରଜା ଆନ୍ଦୋଳନ ବିରାଟ ଆକାର ଧାରଣ କରିଥିଲା ?

   (A) ତାଳଚେର (B) ରଣପୁର

   (C) ଗାଙ୍ଗପୁର (D) ଢ଼େଙ୍କାନାଳ

7. ଗଡ଼ଜାତ ଶାସନ ବ୍ୟବସ୍ଥାକୁ ସୁଧାରିବା ପାଇଁ କାହାର ହସ୍ତକ୍ଷେପ ଲୋଡ଼ାଯାଇଥିଲା ?

   (A) ରାଜ୍ୟପାଳ (B) ପ୍ରଧାନମନ୍ତ୍ରୀ

   (C) ପ୍ରାଦେଶିକ ସରକାର(D) ଗଡ଼ଜାତ ସମ୍ମିଳନୀ

8. ପଡ଼ୋଶୀ ଛତିଶଗଡ଼ ରାଜ୍ୟ କେଉଁ ପ୍ରଜାମଣ୍ଡଳ ସମ୍ମିଳନୀରେ ଯୋଗ ଦେଇଥିଲା ?

   (A) କଟକ (B) ସମ୍ବଲପୁର

   (C) ଢ଼େଙ୍କାନାଳ (D) ରଣପୁର

9. ଭାରତ ସରକାର କେବେ ଷଢ଼େଇକଳା ଓ ଖରସୁଆଁ ଗଡ଼ଜାତକୁ ଓଡ଼ିଶାରୁ କାଢ଼ିନେଇ ବିହାରରେ ମିଶାଇ ଦେଇଥିଲେ ?

   (A) ୧୯୪୮ ମେ ୧୮

   (B) ୧୯୪୮ ଜାନୁଆରୀ ୭

(C) ୧୯୪୭ ଅଗଷ୍ଟ ୧୫

(D) ୧୯୪୯ ଜାନୁଆରୀ ୧

10. ଗଡ଼ଜାତ ମିଶ୍ରଣ ପ୍ରସ୍ତାବର ବିରୋଧ କରି କଳାହାଣ୍ଡିର ମହାରାଜା କାହାକୁ 'ପର୍ଶୁରାମ' ଆଖ୍ୟା ଦେଇଥିଲେ ?

(A) ସର୍ଦ୍ଦାର ପଟେଲ

(B)ପଟ୍ଟାଭି ସୀତାରାମେୟା

(C) ସାରଙ୍ଗଧର ଦାସ

(D) ହରେକୃଷ୍ଣ ମହତାବ

11. ହରେକୃଷ୍ଣ ମହତାବଙ୍କ ଅନୁପସ୍ଥିତିରେ ନୀଳଗିରିକୁ ଦଖଲ କରିବା କାର୍ଯ୍ୟ କିଏ ପରିଚାଳନା କରିଥିଲେ ?

(A) ସାରଙ୍ଗଦର ଦାସ (B) ଭୁବନାନନ୍ଦ ଦାସ

(C) ନବକୃଷ୍ଣ ଚୌଧୁରୀ (D) ନୀଳକଣ୍ଠ ଦାସ

12. ହରେକୃଷ୍ଣ ମହତାବ କେବେ ଷ୍ଟଫୋର୍ଡ଼ କ୍ରିପସଙ୍କୁ ସାକ୍ଷାତ କରିଥିଲେ ?

(A) ୧୯୪୦ (B) ୧୯୪୨

(C) ୧୯୪୪ (D) ୧୯୪୫

13. ଗଡ଼ଜାତମାନଙ୍କରେ ଗୋଟିଏ ଶିବିରରୁ ଅନ୍ୟ ଶିବିରରୁ ରାଜା ବା ରାଜକର୍ମଚାରୀମାନଙ୍କୁ ବିନା ପାଉଣାରେ ପାଲିଙ୍କି ବା ସବାରୀରେ ବୋହିବା ପ୍ରଥାକୁ କ'ଣ କୁହାଯାଉଥିଲା ?

(A) ବେଠି (B) ବେଗାରୀ

(C) ରସଦ (D) ମାଗଣ

14. ଗଡ଼ଜାତ ରାଜା ଓ କର୍ମଚାରୀମାନଙ୍କ ମଫସଲ ଗସ୍ତ ସମୟରେ ସେମାନଙ୍କ ଶିବିରରେ ମାଗଣା ଖାଦ୍ୟପେୟର ବନ୍ଦୋବସ୍ତ କରିବା ପ୍ରଥାକୁ କ'ଣ କୁହାଯାଉଥିଲା ?

(A) ବେଠି (B) ଭେଟି

(C) ରସଦ (D) ମାଗଣ

15. ଗଡ଼ଜାତ ରାଜ୍ୟମାନଙ୍କରେ ଚାଲିଥିବା କୁଶାସନ ବିରୁଦ୍ଧରେ ସର୍ବପ୍ରଥମେ କେଉଁ ରାଜ୍ୟରେ ପ୍ରଜା ଆନ୍ଦୋଳନ ଆରମ୍ଭ ହୋଇଥିଲା ?

(A) ଢ଼େଙ୍କାନାଳ (B) ବୌଦ

(C) ତାଳଚେର (D) ନୀଳଗିରି

16. ୧୯୩୮ ମସିହାରେ କାହା ନେତୃତ୍ୱରେ ନୀଳଗିରିରେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା ?

(A) ମଧୁସୂଦନ ଦାସ (B) ଭୁବନାନନ୍ଦ ଦାସ

(C) ହରେକୃଷ୍ଣ ମହତାବ (D) ସାରଙ୍ଗଧର ଦାସ

17. ଗଡ଼ଜାତ ରାଜ୍ୟମାନଙ୍କରେ ପର୍ବପର୍ବାଣି ବା ବିବାହ ସମୟରେ ରାଜଉଆସକୁ ଉପହାର ପଠାଇବା ପ୍ରଥାକୁ କ'ଣ କୁହାଯାଉଥିଲା ?

(A) ଭେଟି (B) ବେଠି

(C) ରସଦ (D) ମାଗଣ

18. ୧୯୪୯ ମସିହା ଅକ୍ଟୋବର ୧୦ ତାରିଖରେ ଓଡ଼ିଶା ବିଧାନସଭାର ଅଧିବେଶନ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

(A) କଟକ (B) ଭୁବନେଶ୍ୱର

(C) ପୁରୀ (D) ବ୍ରହ୍ମପୁର

19. ଦେଶୀୟ ରାଜ୍ୟ ମିଶ୍ରଣ ଚୁକ୍ତିରେ କାହାର ସ୍ୱାକ୍ଷର ପାଇଁ ପଟେଲଙ୍କ ସ୍ୱତନ୍ତ୍ର ଟ୍ରେନଟି କଟକ ରେଳଷ୍ଟେସନରେ ଘଣ୍ଟାଏ ଅପେକ୍ଷା କରିଥିଲା ?

(A) ନୀଳଗିରି ରାଜାଙ୍କର (B) ମୟୂରଭଞ୍ଜ ରାଜାଙ୍କର

(C) ଢ଼େଙ୍କାନାଳ ରାଜାଙ୍କର (D) କଳାହାଣ୍ଡି ରାଜାଙ୍କର

20. ଓଡ଼ିଶାର ଗଡ଼ଜାତ ରାଜ୍ୟଗୁଡ଼ିକ କେବେ ଓଡ଼ିଶା ପ୍ରଦେଶ ସହିତ ମିଶିଗଲା ?

(A) ୧୯୪୮ ଜାନୁଆରୀ ୧

(B) ୧୯୪୭ ଅଗଷ୍ଟ ୧୫

(C) ୧୯୪୮ ଅଗଷ୍ଟ ୧୫

(D) ୧୯୪୮ ନଭେମ୍ବର ୧୪

21. ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣ ପରେ ଓଡ଼ିଶାର ଜିଲ୍ଲା ସଂଖ୍ୟା ବୃଦ୍ଧି ପାଇ କେତେ ହୋଇଥିଲା ?

(A) ୧୩ (B) ୧୫

(C) ୨୨ (D) ୩୦

22. ନିମ୍ନଲିଖିତ ମଧ୍ୟରୁ କେଉଁଟି 'ଗ' ଶ୍ରେଣୀଭୁକ୍ତ ଗଡ଼ଜାତ ରାଜ୍ୟ ଥିଲା ?

(A) ପାଲଲହଡ଼ା (B) କେନ୍ଦୁଝର

(C) ବଡ଼ମ୍ବା (D) ହିନ୍ଦୋଳ

23. କେବେ ବୌଦରେ ପ୍ରଜା ଆନ୍ଦୋଳନ ଆରମ୍ଭ ହୋଇଥିଲା ?

(A) ୧୯୩୦ ମସିହା (B) ୧୯୩୧ ମସିହା

(C) ୧୯୩୨ ମସିହା (D) ୧୯୩୩ ମସିହା

24. ଓଡ଼ିଶାର ଦେଶୀୟ ରାଜ୍ୟ ବା ଗଡ଼ଜାତଗୁଡ଼ିକୁ କେଉଁ ଦୃଷ୍ଟିରୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇଥିଲା ?

(A) ଆୟତନ ଦୃଷ୍ଟିରୁ (B) ଜନସଂଖ୍ୟା ଦୃଷ୍ଟିରୁ

(C) ପ୍ରଶାସନିକ ଦୃଷ୍ଟିରୁ (D) ଅର୍ଥନୈତିକ ଦୃଷ୍ଟିରୁ

25. ଗଡ଼ଜାତଗୁଡ଼ିକୁ ସାମିଲ କରି ଓଡ଼ିଶାର ଜିଲ୍ଲାଗୁଡ଼ିକୁ ପୁନର୍ଗଠନ କରି କେତୋଟି ଜିଲ୍ଲା ସୃଷ୍ଟି କରାଯାଇଥିଲା ?

(A) ୧୦ (B) ୧୧

(C) ୧୨ (D) ୧୩

26. ମହତାବଙ୍କୁ କିଏ 'ପର୍ଶୁରାମ' ଆଖ୍ୟା ଦେଇଥିଲେ ?

(A) ଆଠଗଡ଼ର ମହାରାଜା

(B) ଢ଼େଙ୍କାନାଳର ମହାରାଜା

(C) ନୀଳଗିରିର ମହାରାଜା

(D) କଳାହାଣ୍ଡିର ମହାରାଜା

27. ପୁନର୍ଗଠିତ ଗଡ଼ଜାତ ତଦନ୍ତ କମିଟି କେବେ ତା'ର ବିବରଣୀ ପ୍ରକାଶ କଲା ?

(A) ୧୯୩୮ (B) ୧୯୩୯

(C) ୧୯୪୦ (D) ୧୯୪୨

## ଉତ୍ତର

1. (B), 2. (C), 3. (D), 4. (C), 5. (B),
6. (C), 7. (C), 8. (A), 9. (A), 10. (D), 11. (C), 12. (B), 13. (B), 14. (C), 15. (A),
16. (D), 17. (A), 18. (C), 19. (D), 20. (A), 21. (A), 22. (B), 23. (A), 24. (A),
25. (D), 26. (D), 27 (B)

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

1. କଟକ ସମ୍ମିଳନୀ ଉପରେ ଏକ ବିବରଣୀ ପ୍ରଦାନ କର ।

ଉ : i. କଟକ ସମ୍ମିଳନୀରେ ଯୋଗ ଦେବା ପାଇଁ ସର୍ଦ୍ଦାର ପଟେଲ ଓ ଭି.ପି.ମେନନ୍‌ଙ୍କ ସହିତ କେନ୍ଦ୍ର ସରକାରଙ୍କର କେତେକ ଉଚ୍ଚପଦସ୍ଥ ଅଫିସର ୧୯୪୭ ଡିସେମ୍ବର ୧୩ରେ ଭୁବନେଶ୍ୱର ପହଞ୍ଚିଥିଲେ ।

ii. ତହିଁ ଆରଦିନ କଟକର ରାଜଭବନରେ ଏହି ଐତିହାସିକ ସମ୍ମିଳନୀର ଅୟମାରମ୍ଭ ହେଲା ।

iii. ପ୍ରଥମେ 'ଖ' ଓ 'ଗ' ଶ୍ରେଣୀର ପନ୍ଦର ଜଣ ଗଡ଼ଜାତ ରାଜାଙ୍କ ମଧ୍ୟରୁ ବାର ଜଣ ଉପସ୍ଥିତ ଥିଲେ ।

iv. ଆଠମଲ୍ଲିକ, ବଣାଇ ଓ ତିଗିରିଆର ରାଜା ଏହି ସମ୍ମିଳନୀରେ ଯୋଗଦେଇନଥିଲେ ।

v. ସର୍ଦ୍ଦାର ପଟେଲ ଏହି ସମ୍ମିଳନୀରେ ତାଙ୍କ ଉଦଘାଟନୀ ଭାଷଣରେ ସ୍ପଷ୍ଟ କରିଦେଲେ ଯେ ଓଡ଼ିଶା ପ୍ରଦେଶ ସହିତ ଏହି ଶ୍ରେଣୀର ଗଡ଼ଜାତମାନଙ୍କୁ ମିଶିଯିବାକୁ ହେବ ।

2. ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟ ଦାବିଗୁଡ଼ିକ କ'ଣ ଥିଲା ?

ଉ : i. ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟ ଦାବିଗୁଡ଼ିକ ଥିଲା ବେଠି, ବେଗାରୀ, ରସଦ ଓ ଭେଟି ପ୍ରଭୃତି ଅନ୍ୟାୟ ପ୍ରଥାକୁ ବନ୍ଦ କରାଯିବା ।

ii. ପ୍ରଜାମାନଙ୍କୁ ଅଭିବ୍ୟକ୍ତିର ଅଧିକାର, ଗଣମାଧ୍ୟମର ସ୍ୱାଧୀନତା, ଅଧିକାର, ସଂଘ ଗଠନ କରିବାର ଅଧିକାର ପ୍ରଭୃତି ନାଗରିକ ମୌଳିକ ଅଧିକାର ପ୍ରଦାନ କରିବା ।

iii. ଚାଷ ଜମି ଉପରେ ରୟତର ଅଧିକାର ସମ୍ପର୍କିତ ସୃଷ୍ଟି ନିୟମ ପ୍ରଚଳନ କରିବା ।

iv. ଜଙ୍ଗଲଜାତ ଦ୍ରବ୍ୟର ସୁବିନିଯୋଗ ଓ ଆଦିବାସୀ ଜନଜାତିମାନଙ୍କୁ ଜଙ୍ଗଲଜାତ ଦ୍ରବ୍ୟ ଉପଯୋଗ କରିବାର ଅଧିକାର ପ୍ରଦାନ କରିବା ।

v. ଏକଚାଟିଆ ବାଣିଜ୍ୟ କାରବାରକୁ ବନ୍ଦ କରିବା ।

3. ୧୯୩୯ ମସିହାରେ ଗଠିତ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟିର ବିବରଣୀ କେବେ ପ୍ରକାଶ କଲା ? ଏଥିରେ କେଉଁ ବିଷୟ ଉଲ୍ଲେଖ ଥିଲା ?

ଉ : i. ୧୯୩୯ ମସିହାରେ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟି ତାଙ୍କର ବିବରଣୀ ପ୍ରକାଶ କରିଥିଲେ ।

ii. ଏହି ବିବରଣୀ ଗଡ଼ଜାତମାନଙ୍କରେ ଚାଲିଥିବା କୁଶାସନର ସ୍ପଷ୍ଟ ଚିତ୍ର ସ୍ଥାନ ପାଇଥିଲା ।

iii. ପ୍ରଜାମାନଙ୍କ ଦୁଃଖଦୁର୍ଦ୍ଦଶା ଓ ଗଡ଼ଜାତମାନଙ୍କର ଅରାଜକତା ବିଷୟରେ କମିଟି ତାଙ୍କ ବିବରଣୀରେ ଉଲ୍ଲେଖ କରିଥିଲେ ।

iv. ଗଡ଼ଜାତ ବିଧି ବ୍ୟବସ୍ଥାର ପୁନଃପ୍ରଚଳନ ଓ ପ୍ରଜାମାନଙ୍କ ଦୁଃଖ ଲାଘବ ନିମନ୍ତେ କମିଟି କେତୋଟି ପ୍ରସ୍ତାବ ମଧ୍ୟ ଦେଇଥିଲା ।

v. ଗଡ଼ଜାତ ଶାସନ ଉପରେ ଅଧୀକ୍ଷଣ କ୍ଷମତା ବ୍ରିଟିଶ ରାଜପ୍ରତିନିଧିଙ୍କ ହାତରୁ ଆଣି ଓଡ଼ିଶା ସରକାରଙ୍କ ହାତରେ ନ୍ୟସ୍ତ କରାଯିବା କଥା କମିଟିର ମୁଖ୍ୟ ପ୍ରସ୍ତାବ ଥିଲା ।

4. ନୀଳଗିରି କିପରି ଓଡ଼ିଶାରେ ମିଶିଲା ?

କିମ୍ବା : କେଉଁ ପରିସ୍ଥିତିରେ ନୀଳଗିରିକୁ ଓଡ଼ିଶା ସରକାର ଦଖଲ କରି ମିଶ୍ରଣ ପ୍ରକ୍ରିୟାର ଅୟମାରମ୍ଭ କରିଥିଲେ ?

ଉ : i. ନୀଳଗିରିରେ ପ୍ରଜାମଣ୍ଡଳ ସକ୍ରିୟ ଥିଲା । ପ୍ରଜା ଆନ୍ଦୋଳନକୁ ଦମନ କରିବା ପାଇଁ ନୀଳଗିରି ରାଜା ତାଙ୍କ ପୁଲିସବାହିନୀକୁ ଶକ୍ତିଶାଳୀ କଲେ । ଵୂର୍ଖାମାନଙ୍କୁ ପୁଲିସବାହିନୀରେ ନିଯୁକ୍ତି ଦିଆଗଲା ।

ii. ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗଦାନ କରିଥିବା ଲୋକମାନଙ୍କର ଘରଦ୍ୱାର ପୋଡ଼ି ସେମାନଙ୍କର ଧନ ସମ୍ପତ୍ତି ଲୁଣ୍ଠନ କରିବାକୁ ନୀଳଗିରିର ରାଜା ସରଳ ଆଦିବାସୀମାନଙ୍କୁ ପ୍ରରୋଚିତ କରି ନିୟୋଜିତ କଲେ ।

iii. ନୀଳଗିରିର ଉଦବେଗଜନକ ଆଇନ୍ ଶୃଙ୍ଖଳା ସମ୍ପର୍କରେ ଓଡ଼ିଶା ସରକାର ଭାରତ ସରକାରଙ୍କୁ ଜଣାଇଲେ । ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ଦିଲ୍ଲୀରେ ଥିଲେ । ସେ ବଲ୍ଲଭ ଭାଇ ପଟେଲଙ୍କ ସହ ବିଚାରବିମର୍ଶ କଲେ ।

iv. ଭାରତ ସରକାର ନିକଟସ୍ଥ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସହାୟତାରେ ନୀଳଗିରିକୁ ଦଖଲ କରିବାକୁ ଓଡ଼ିଶା ସରକାରଙ୍କୁ କ୍ଷମତା ପ୍ରଦାନ କଲେ ।

v. ଓଡ଼ିଶା ସରକାରରେ ମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ନୀଳଗିରି ଦଖଲ କାର୍ଯ୍ୟ ପରିଚାଳନା କରିଥିଲେ । ୧୯୪୭ ମସିହା ନଭେମ୍ବର ୧୪ ତାରିଖରେ ନୀଳଗିରିକୁ ଓଡ଼ିଶା ସରକାର ଦଖଲ କରିନେଲେ । ସେଠାରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସ୍ୱାଭାବିକ ହୋଇଯାଇଥିଲେ ।

5. ଓଡ଼ିଶା ଗଡ଼ଜାତ ଗୁଡ଼ିକ କେଉଁ ଦୃଷ୍ଟିରୁ ଭାଗ ଭାଗ କରାଯାଇଥିଲା ? ସେଗୁଡ଼ିକର ନାମ ଉଲ୍ଲେଖ କର ?

ଉ : i. ଭୌଗୋଳିକ ଦୃଷ୍ଟିକୋଣରୁ ବ୍ରିଟିଶ ଓଡ଼ିଶା ସୀମା ସହିତ ମିଶି ରହିଥିବା ଓଡ଼ିଆ ଭାଷାଭାଷୀ ଗଡ଼ଜାତମାନଙ୍କୁ ଆୟତନ ଦୃଷ୍ଟିରୁ ତିନି ଭାଗରେ ବିଭକ୍ତ କରାଯାଇଥିଲା । ସେଗୁଡ଼ିକ ହେଲା- 'କ', 'ଖ' ଓ 'ଗ' ବିଭାଗ ।

ii. 'କ' ଶ୍ରେଣୀଭୁକ୍ତ ଗଡ଼ଜାତଗୁଡ଼ିକର ସଂଖ୍ୟା ଥିଲା ଏଗାର ।

ଯଥା- ୧. ଢେଙ୍କାନାଳ, ୨. କେନ୍ଦୁଝର, ୩. ମୟୂରଭଞ୍ଜ, ୪. ବାମଣ୍ଡା, ୫. ବୌଦ. ୬. ଗାଙ୍ଗପୁର, ୭. ପାଟଣା, ୮. କଳାହାଣ୍ଡି, ୯. ସୋନପୁର, ୧୦. ଷଢ଼େଇକଳା, ୧୧. ନୟାଗଡ଼

iii. 'ଖ' ଶ୍ରେଣୀଭୁକ୍ତ ଗଡ଼ଜାତ ଗୁଡ଼ିକ ହେଲେ- ୧. ଆଠଗଡ଼, ୨. ବଡ଼ମ୍ବା, ୩. ନରସିଂହପୁର, ୪. ଆଠମଲ୍ଲିକ, ୫. ହିନ୍ଦୋଳ, ୬. ଦଶପଲ୍ଲା, ୭. ଖଣ୍ଡପଡ଼ା, ୮. ଖରସୁଆଁ, ୯. ରେଢ଼ାଖୋଲ, ୧୦. ତାଳଚେର, ୧୧. ସମ୍ବଲପୁର, ୧୨. ନୀଳଗିରି ।

iv. 'ଗ' ଶ୍ରେଣୀଭୁକ୍ତ ଗଡ଼ଜାତ ହେଲେ- ୧. ପାଲଲହଡ଼ା, ୨. ତିଗିରିଆ, ୩. ରଣପୁର । ଏହିପରି ଭାବରେ ଓଡ଼ିଶା ସୀମାକୁ ଲାଗି ୨୬ଟି ଗଡ଼ଜାତ ରହିଥିଲା ।

6. ସ୍ୱାଧୀନତା ପୂର୍ବରୁ ଗଡ଼ଜାତଗୁଡ଼ିକର ଅବସ୍ଥା କିପରି ଥିଲା ?

ଉ : i. ସ୍ୱାଧୀନତା ପୂର୍ବରୁ ଅଧିକାଂଶ ଗଡ଼ଜାତର ଶାସନ ପଦ୍ଧତି ତଥା ଆଭ୍ୟନ୍ତରୀଣ ସାମାଜିକ ଓ ଅର୍ଥନୈତିକ ଅବସ୍ଥା ଅତ୍ୟନ୍ତ ଦୟନୀୟ ଥିଲା ।

ii. କୁଶାସନର ମାତ୍ରା ଏତେ ଅଧିକ ଥିଲା ଯେ ଗଡ଼ଜାତର ପ୍ରଜାମାନେ ଅତି ଦୁଃଖ ଓ ହତାଶ ଭିତରେ କାଳାତିପାତ କରୁଥିଲେ ।

iii. ପ୍ରଜାମାନଙ୍କର ନିଜସ୍ୱ ସମସ୍ୟା ଏତେ ଅଧିକ ଥିଲା ଯେ ଗଡ଼ଜାତ ପରିଧି ବାହାରେ ଚାଲୁଥିବା ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ସେମାନଙ୍କୁ ସ୍ପର୍ଶ କରିପାରୁ ନଥିଲା ।

iv. ଗଡ଼ଜାତର ରାଜା, ରାଜକର୍ମଚାରୀମାନେ ବେଠି, ବେଗାରୀ, ମାଗଣ, ରସଦ ଓ ଭେଟି ପ୍ରଭୃତି ପ୍ରଜାମାରଣ ପ୍ରଥା ପ୍ରଚଳନ କରି ପ୍ରଜାମାନଙ୍କୁ ବିଭିନ୍ନ ଭାବରେ ଶୋଷଣ କରୁଥିଲେ ।

v. ଗଡ଼ଜାତର ପ୍ରଜାମାନଙ୍କ ସ୍ୱାଧୀନତା ବୋଲି କିଛି ନଥିଲା । ସେମାନେ ପଶୁପରି ରାଜା ଓ ରାଜକର୍ମଚାରୀମାନଙ୍କ ନିର୍ଦ୍ଦେଶକୁ ମାନିବାକୁ ବାଧ୍ୟ ହେଉଥିଲେ ।

7. ଓଡ଼ିଶାର ଗଡ଼ଜାତ ଶାସନ ବିରୋଧରେ ପ୍ରଜା ଆନ୍ଦୋଳନ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ଦିଅ ।

ଉ : i. ଓଡ଼ିଶା ଗଡ଼ଜାତରେ ଚାଲିଥିବା ରାଜା ଓ ରାଜକର୍ମଚାରୀଙ୍କର କୁଶାସନ ଶୋଷଣ ଓ ଅତ୍ୟାଚାର ବିରୋଧରେ ସର୍ବପ୍ରଥମେ ଢ଼େଙ୍କାନାଳରେ ୧୯୨୨ରେ ପ୍ରଜାଆନ୍ଦୋଳନ ଆରମ୍ଭ ହୋଇଥିଲା ।

iv. ରେଙ୍ଗାଲି ପ୍ରକଳ୍ପ, ହଦଗଡ଼, ନଦୀବନ୍ଧ, ଅପର କୋଲାବ, ବାଲିମେଳା, ଇନ୍ଦ୍ରାବତୀ ପ୍ରକଳ୍ପ ଦ୍ୱାରା ଓଡ଼ିଶାର ଅନେକ ଅଞ୍ଚଳ ଜଳସେଚିତ ହେଉଛି ।

**୨. ଓଡ଼ିଶାର କୃଷି ସମ୍ପର୍କୀୟ ଗବେଷଣା ପାଇଁ କେଉଁ କେଉଁ ଅନୁଷ୍ଠାନଗୁଡ଼ିକ କାର୍ଯ୍ୟରତ ?**

i. କୃଷି ସମ୍ପର୍କିତ ଗବେଷଣା ପାଇଁ କଟକ ସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, ସାକ୍ଷୀଗୋପାଳ ସ୍ଥିତ ନାରିକେଳ ଗବେଷଣା କେନ୍ଦ୍ର, ଭୁବନେଶ୍ୱର ସ୍ଥିତ କୌଶଲ୍ୟାଗଙ୍ଗ କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟ ପ୍ରତିଷ୍ଠାନ କେନ୍ଦ୍ର କାର୍ଯ୍ୟରତ ।

ii. ଭୁବନେଶ୍ୱର ଠାରେ ପ୍ରତିଷ୍ଠିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ନିକଟସ୍ଥ ଚିପିଲିମାଠାରେ ପ୍ରତିଷ୍ଠିତ କୃଷି ମହାବିଦ୍ୟାଳୟ କାର୍ଯ୍ୟରତ ।

iii. କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ଏକ ପଶୁ ମହାବିଦ୍ୟାଳୟ ମଧ୍ୟ ରହିଛି ।

iv. କୃଷି ବିଜ୍ଞାନ କେନ୍ଦ୍ର ଓ ବିହନ ଯୋଗାଣ କେନ୍ଦ୍ର ଓଡ଼ିଶାର କୃଷକମାନଙ୍କୁ ବୈଷୟିକ ସହାୟତା ପ୍ରଦାନ କରୁଛି ।

**୩. ପାରାଦୀପ ବନ୍ଦରର କାର୍ଯ୍ୟକାରିତା ସମ୍ପର୍କରେ ଏକ ବିବରଣୀ ପ୍ରଦାନ କର ।**

i. ୧୯୬୬ ମସିହା ଠାରୁ ପାରାଦୀପ ବନ୍ଦର କାର୍ଯକ୍ଷମ ହୋଇ ପାରିଛି । ପ୍ରଥମେ ଏଠାରୁ ଲୁହାପଥର ରପ୍ତାନୀ ହୋଇପାରୁଥିଲା । ଏହା ଏକ ଗଭୀର ପୋତାଶ୍ରୟ ହୋଇଥିବାରୁ ଏହାକୁ ବଡ଼ ବଡ଼ ଜାହାଜ ଆସିପାରୁଥିଲା ।

ii. ୧୯୭୧-୭୨ ମସିହାରେ ଏହି ବନ୍ଦର ୧୯ ଲକ୍ଷ ଟନ୍ ପଣ୍ୟ କାରବାର କରିଥିଲା ଏବଂ ସମୟକ୍ରମେ ଏଥିରେ ବୃଦ୍ଧି ହୋଇଥିଲା ।

iii. ୧୯୭୫ ମସିହାରେ ପାରାଦୀପକୁ ରେଳପଥ ସହିତ ସଂଯୁକ୍ତ କରାଗଲା ଏବଂ ଏହାକୁ ଭି‌କରି ନିକଟବ ଅ‌କରେ ପାରାଦୀପ ଫସ୍‌ଫେଟସ୍ ଭଳି କଳକାରଖାନା ଗଢ଼ି ଉଠିଲା ।

iv. ପାରାଦୀପ ଠାରେ ଏକ ତୈଳ ବିଶୋଧନାଗାର ନିର୍ମାଣ କରାଯାଉଛି ।

**୪. ଓଡ଼ିଶାର ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଉତ୍ସ ଗୁଡ଼ିକ କ'ଣ ?**

i. ଓଡ଼ିଶାରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ନିମନ୍ତେ ଚୌଦ୍ୱାର, ବ୍ରହ୍ମପୁର, ଇବ୍ ଓ ତାଳଚେରରେ ତାପଜ ବିଦ୍ୟୁତ୍ କେନ୍ଦ୍ର ରହିଛି ।

ii. ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପ, ବାଲିମେଳା ଜଳ ବିଦ୍ୟୁତ୍ ପ୍ରକଳ୍ପ, ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରକଳ୍ପ, ଅପର କୋଲାବ ଜଳ ବିଦ୍ୟୁତ୍ ପ୍ରକଳ୍ପ, ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ଓ ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପ ଇତ୍ୟାଦି ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଛନ୍ତି ।

iii. କେନ୍ଦ୍ରୀୟ ଶକ୍ତି କେନ୍ଦ୍ର ମାନଙ୍କରୁ ଓଡ଼ିଶାକୁ କିଛି ପରିମାଣର ବିଦ୍ୟୁତ୍ ଶକ୍ତି ମିଳୁଛି ।

iv. ଓଡ଼ିଶାରେ ପ୍ରତିଷ୍ଠିତ ଶିଳ୍ପ ମାନଙ୍କର ନିଜସ୍ୱ ଶକ୍ତି କେନ୍ଦ୍ରମାନେ କିଛି ପରିମାଣର ବିଦ୍ୟୁତ୍ ଶକ୍ତି ଓଡ଼ିଶା ଗ୍ରୀଡ଼ କର୍ପୋରେସନକୁ ଦେଇଥାନ୍ତି ।

**୬. ଓଡ଼ିଶାରେ ଶିଳ୍ପ ଓ କୃଷି କ୍ଷେତ୍ରରେ ଭି‌ଭୂମିର ବିକାଶ ପାଇଁ କେଉଁ ସଂସ୍ଥାମାନେ କାର୍ଯ୍ୟରତ ଅଛନ୍ତି ?**

ଓଡ଼ିଶାର ଶିଳ୍ପ ଓ କୃଷି କ୍ଷେତ୍ରରେ ଭି‌ଭୂମିର ବିକାଶ ପାଇଁ ନିମ୍ନଲିଖିତ ସଂସ୍ଥାମାନେ କାର୍ଯ୍ୟରତ ଅଛନ୍ତି -

(୧) ଓଡ଼ିଶା ଶିଳ୍ପ ଉନୟନ ଓ ଅର୍ଥ ନିବେଶ ନିଗମ ।

(୨) ଓଡ଼ିଶା ଶିଳ୍ପ ଉନ୍ନୟନ ନିଗମ ।

(୩) ଓଡ଼ିଶା ରାଜ୍ୟ ବୈଦ୍ୟୁତିକ ସାମଗ୍ରୀ ଉନ୍ନୟନ ନିଗମ ।

(୪) ଶିଳ୍ପ ଭି‌ଭୂମି ବିକାଶ ନିଗମ

(୫) ଓଡ଼ିଶା କୃଷି ଓ ଅର୍ଥ ଉନ୍ନୟନ ଓ ଅର୍ଥ ନିବେଶ ନିଗମ ।

(୬) ଓଡ଼ିଶା ରାଜ୍ୟ ଅର୍ଥ ନିଗମ ।

(୭) ଓଡ଼ିଶା ମତ୍ସ୍ୟରକ୍ଷ ଉନ୍ନୟନ ନିଗମ ।

(୮) ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ।

(୯) ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ।

(୧୦) ଇନଫୋସିଟି ।

# କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

**୧. ୧୯୪୬ ମସିହା ପର୍ଯ୍ୟନ୍ତ ଓଡ଼ିଶାର ଭିତ୍ତିଭୂମିର ବିକାଶ ହୋଇପାରି ନଥିଲା କାହିଁକି ?**

i. ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବା ସମୟରୁ ୧୯୪୬ ମସିହା ପର୍ଯ୍ୟନ୍ତ ରାଜ୍ୟରେ ରାଜନୈତିକ ଅସ୍ଥିରତା ଲାଗି ରହିଥିଲା ।

ii. ୧୯୩୯ ରୁ ୧୯୪୫ ପର୍ଯ୍ୟନ୍ତ ଦ୍ୱିତୀୟ ବିଶ୍ୱଯୁଦ୍ଧ, ୧୯୪୨ ମସିହାର ଭାରତଛାଡ଼ ଆନ୍ଦୋଳନ ଇତ୍ୟାଦି କାରଣରୁ ଓଡ଼ିଶାର ଭିତ୍ତିଭୂମିର ବିକାଶ ସମ୍ଭବପର ହୋଇ ନଥିଲା ।

**୨. କେଉଁ ଆଧାରକୁ ନେଇ ଭିତ୍ତିଭୂମିର ବିକାଶ ସମ୍ଭବ ହୁଏ ?**

ଉ. ଜଳସେଚନ, ରାସ୍ତାଘାଟର ଉନ୍ନତୀକରଣ ଓ ଗମନା ଗମନର ସୁବିଧା, ପରିବହନ ପାଇଁ ସୁବିଧା ସୁଯୋଗ, ରେଳପଥର ବିକାଶ, ବିମାନଘାଟୀ ଓ ପୋତାଶ୍ରୟର ବ୍ୟବସ୍ଥା, ଯୋଗାଯୋଗ, ମାନବସମ୍ବଳର ବିକାଶ, ଶକ୍ତିକ୍ଷେତ୍ରର ବିକାଶ, ଅର୍ଥ ଯୋଗାଣ ବ୍ୟବସ୍ଥା, ପର୍ଯ୍ୟଟନ ପାଇଁ ଆତିଥ୍ୟ ଯୋଗାଣର ବ୍ୟବସ୍ଥା, ଉଦ୍ୟୋଗପତି ମାନଙ୍କୁ ପ୍ରଶିକ୍ଷଣ, ସରକାରୀ ପ୍ରୋତ୍ସାହନ ଇତ୍ୟାଦି ଆଧାରକୁ ନେଇ ଭିତ୍ତିଭୂମିର ବିକାଶ ସମ୍ଭବପର ହୁଏ ।

**୪. ରାଜ୍ୟକୁ ଶିଳ୍ପୋଦ୍ୟୋଗୀମାନଙ୍କୁ ଆକର୍ଷିତ କରିବାର ମାଧ୍ୟମଗୁଡ଼ିକ କ'ଣ ?**

ଉ. ରାଜ୍ୟକୁ ଶିଳ୍ପାଦ୍ୟୋଗୀମାନଙ୍କୁ ଆକର୍ଷିତ କରିବାକୁ ହେଲେ ସେମାନଙ୍କୁ ପରିବହନର ସୁବିଧା, ଆବଶ୍ୟକୀୟ ଜମି ଓ ଜଳ, ଉନ୍ନତ ଯୋଗାଯୋଗ ଓ ଗମନାଗମନ ବ୍ୟବସ୍ଥା, ପ୍ରଶିକ୍ଷିତ ମାନବଶକ୍ତି, ବିଜୁଳି ଶକ୍ତି, ଉଦ୍ୟୋଗପତି ମାନଙ୍କୁ ପ୍ରଶିକ୍ଷଣ ଇତ୍ୟାତିର ଆବଶ୍ୟକତା ରହିଛି ।

**୫. ଉନ୍ନତ ପରିବହନ ବ୍ୟବସ୍ଥାର ଗୁରୁତ୍ୱ କ'ଣ ?**

i. କୃଷି, ଶିଳ୍ପ, ପର୍ଯ୍ୟଟନ ଓ ସାମାଜିକ ଐକ୍ୟ ପାଇଁ ଉନ୍ନତ ଗମାନଗମନ ଓ ପରିବହନ ବ୍ୟବସ୍ଥା ନିହାତି ଆବଶ୍ୟକ ।

ii. ଉନ୍ନତ ମାନର ରାସ୍ତାଘାଟ ଗମନାଗମନ ବ୍ୟବସ୍ଥାକୁ ସୁଗମ କରେ ଓ ଗନ୍ତବ୍ୟ ସ୍ଥାନରେ ପହଞ୍ଚିବା ପାଇଁ ସମୟ ଅବଧିକୁ ହ୍ରାସ କରେ ।

**୭. ଓଡ଼ିଶାରେ କେଉଁ ପ୍ରମୁଖ ବନ୍ଦର କାର୍ଯ୍ୟକ୍ଷମ ହୋଇଛି ?**

i. ୧୯୬୬ ମସିହାରୁ ପାରାଦ୍ୱୀପ ବନ୍ଦର ଏବଂ ୧୯୮୭ ମସିହା ଠାରୁ ଗୋପାଳପୁର ବନ୍ଦର କାର୍ଯ୍ୟକ୍ଷମ ହୋଇଛି ।

ii. ଟାଟା କମ୍ପାନୀ ସହାୟତାରେ ଧାମରା ଠାରେ ଏକ ବୃହତ ବନ୍ଦରର ନିର୍ମାଣ ସମ୍ଭବ ହୋଇଛି ।

**୯. ଓଡ଼ିଶା ବୈଦ୍ୟୁତିକ ସଂସ୍କାର ଆଇନ ୧୯୯୫ ସମ୍ବନ୍ଧରେ ଏକ ବିବରଣୀ ପ୍ରଦାନ କର ।**

i. ବିଦ୍ୟୁତ୍ ଶକ୍ତିର ଉତ୍ପାଦନ ଓ ସୁକ୍ଷମ ବଣ୍ଟନ ପାଇଁ ୧୯୯୬ ମସିହା ଏପ୍ରିଲ୍ ୧ ତାରିଖରେ ଓଡ଼ିଶା ବୈଦ୍ୟୁତିକ ସଂସ୍କାର ଆଇନ ୧୯୯୫ କାର୍ଯ୍ୟକାରୀ ହେଲା ।

ii. ଏହି ଆଇନ ବଳରେ ପୂର୍ବରୁ କାର୍ଯ୍ୟ କରୁଥିବା ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ପରିଷଦକୁ ପୁନର୍ଗଠିତ କରାଗଲା ।

# ରାଜନୀତି ବିଜ୍ଞାନ

## ତୃତୀୟ ଅଧ୍ୟାୟ

## ସଡ଼କ ନିରାପତ୍ତା, ସଚେତନତା ଓ ଇନ୍ଧନ ସଂରକ୍ଷଣ

01. ଡ୍ରାଇଭିଂ ଲାଇସେନ୍ସ ପ୍ରାପ୍ତି ନିମନ୍ତେ ସର୍ବନିମ୍ନ ବୟସ ସୀମା କେତେ ?

(a) ୨୦ (b) ୨୧

(c) ୧୮ (d) ୧୫

03. ସଂପ୍ରତି ଓଡ଼ିଶା ରାଜ୍ୟରେ ଜାତୀୟ ରାଜପଥଠାରୁ ଗ୍ରାମ୍ୟ ରାସ୍ତା ପର୍ଯ୍ୟନ୍ତ ମୋଟ ପ୍ରାୟ କେତେ କିଲୋମିଟର ରାସ୍ତା ରହିଅଛି ?

(a) ୧ ଲକ୍ଷ ୬୫ ହଜାର

(b) ୧ ଲକ୍ଷ ୭୫ ହଜାର

(c) ୨ ଲକ୍ଷ ୬୫ ହଜାର

(d) ୨ ଲକ୍ଷ ୭୫ ହଜାର

05. ନିଶାସକ୍ତ ହୋଇ ଗାଡ଼ି ଚାଳନା କଲେ କେଉଁ ପ୍ରକାର ଦଣ୍ଡ ରହିଛି ?

(a) ଜେଲ୍ (b) ଆର୍ଥିକ

(c) ଆର୍ଥିକ ଓ ଜେଲ୍ ଦଣ୍ଡ

(d) କୌଣସିଟି ନୁହେଁ

08. ଓଡ଼ିଶା ରାଜ୍ୟର କେତେ ପ୍ରତିଶତ ଦୁର୍ଘଟଣା କେବଳ ମାନବୀୟ ତ୍ରୁଟି ଯୋଗୁଁ ସଂଗଠିତ ହୋଇଥାଏ ?

(a) ୯୫ (b) ୯୦

(c) ୮୫ (d) ୮୦

10. କେନ୍ଦ୍ରୀୟ ମୋଟର ଯାନ ଆକ୍ଟ ମସିହାରେ ସଂଶୋଧିତ ହୋଇଛି ।

(a) ୧୯୧୫ (b) ୧୯୧୮ (c) ୧୯୧୯ (d) ୧୯୨୧

12. ଗାଡ଼ି ଚଲାଇବା ସମୟରେ ମୋବାଇଲ ବ୍ୟବହାର କରୁଥିବା ଗାଡ଼ି ଚାଳକଙ୍କ ଉପରେ କେତେ ଗୁଣ ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡ ବୃଦ୍ଧି କରାଯାଇଛି ?

(a) ୧୦ ଗୁଣ (b) ୧୨ ଗୁଣ (c) ୧୫ ଗୁଣ (d) ୨୦ ଗୁଣ

14. ସଂଶୋଧିତ କେନ୍ଦ୍ରୀୟ ମୋଟର ଯାନ ଆକ୍ଟରେ ମୁଖ୍ୟତଃ କାହାକୁ ଅଧିକ ଗୁରୁତ୍ୱ ଦିଆଯାଉଛି ?

(a) ଦ୍ରୁତ ଗାଡ଼ିଚାଳନା ଓ ମଦ୍ୟପାନ

(b) କ୍ଷତିପୂରଣ ଓ ଜୋରିମାନା

(c) କେବଳ ଜୋରିମାନା

(d) ନିଶାସକ୍ତ ଗାଡ଼ିଚାଳନା

15. ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରୁଥିବା ଗାଡ଼ିଚାଳକ ମାନଙ୍କୁ ସଂଶୋଧିତ ମୋଟର ଯାନ ଆଇନ୍ **୨୦୧୯** ଅନୁସାରେ କେତେ ଗୁଣ ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡ ବୃଦ୍ଧି କରାଯାଇଛି ?

(a) ୨ ଗୁଣ (b) ୮ ଗୁଣ (c) ୧୦ ଗୁଣ (d) ୧୨ ଗୁଣ

18. ପ୍ରତି ଶହେ ଦୁର୍ଘଟଣାରେ ଓଡ଼ିଶାରେ ଜଣ ମୃତାହତ ହେଉଛନ୍ତି ?

(a) ୪୦ ଜଣ (b) ୪୨ ଜଣ (c) ୪୫ ଜଣ (d) ୫୫ ଜଣ

20. ଓଡ଼ିଶା ରାଜ୍ୟ ସରକାରଙ୍କ ସୋଲାସିୟମ୍ ଫଣ୍ଡ୍ ସ୍କିମ୍ ତରଫରୁ ହିଟ୍ ଓ ରନ୍ ମୋଟରଯାନ ଦୁର୍ଘଟଣା ମାମଲାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ଟଙ୍କା ସହାୟତା ଦେବାର ବ୍ୟବସ୍ଥା ହୋଇଛି ।

(a) ୧ ଲକ୍ଷ (b) ୨ ଲକ୍ଷ (c) ୩ ଲକ୍ଷ (d) ୫୦ ହଜାର

22. **ଓଡ଼ିଶାର ରାଜପଥମାନଙ୍କରେ କେତେ ପ୍ରତିଶତରୁ ଅଧିକ ଦୁର୍ଘଟଣା ଘଟୁଅଛି ?**

(a) ୨୦ (b) ୩୦

(c) ୪୦ (d) ୫୦

25. **ମସିହାରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ସରକାର ଓଡ଼ିଶା ଗୁଡ୍ ସମରିଟାନ୍ ନୀତି ପ୍ରଣୟନ କରିଛନ୍ତି ।**

(a) ୨୦୧୧ (b) ୨୦୧୨ (c) ୨୦୧୩ (d) ୨୦୧୪

28. **ଗାଡ଼ି ଚାଳକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସଡ଼କ ନିରାପ□ ବ୍ୟବସ୍ଥାର କେଉଁ ବର୍ଗରେ ଶ୍ରେଣୀ ଭୁକ୍ତ ?**

(a) ଶିକ୍ଷା (b) ବଳବ□କରଣ (c) ଇଞ୍ଜିନିୟରିଂ ଓ ଭି□ଭୂମି

(d) କୌଣସିଟି ନୁହେଁ

30. **"ଗାଡ଼ିଚାଳକଙ୍କ ଉପରେ ମାନସିକ ଚାପ, ଆର୍ଥିକ ଚାପ ଓ ଭୟ ସୃଷ୍ଟି ହୋଇ ଶୃଙ୍ଖଳିତ ଗାଡ଼ିଚାଳନା ନିମନ୍ତେ ଉଚିତ୍ ମାର୍ଗ ଦେଖାଇବା" ଏହା ସଡ଼କ ନିରାପତ୍ତା ବ୍ୟବସ୍ଥାର କେଉଁ ଶ୍ରେଣୀଭୁକ୍ତ ।**

(a) ଶିକ୍ଷା

(b) ବଳବ□କରଣ

(c) ଇଞ୍ଜିନିୟରିଂ ଓ ଭି□ଭୂମି

(d) କୌଣସିଟି ନୁହେଁ

## ଉତ୍ତର

01. (c) 03. (c) 05. (c) 08. (a)10. (c)

12. (a) 14. (b) 15. (c) 18. (c) 20. (b) 22. (c) 25. (d) 26. (b) 28. (a) 30. (b)

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

01. **ସଡ଼କ ପରିବହନ ବ୍ୟବସ୍ଥା କହିଲେ କ'ଣ ବୁଝ ?**

(a) ଦେଶ ତଥା ରାଜ୍ୟର ବିକାଶ ପ୍ରକ୍ରିୟାରେ ସଡ଼କ ଓ ପରିବହନ ଭଳି ଭି□ଭୂମିର ପ୍ରସାର ମଣିଷର ଗତିଶୀଳତାକୁ ଅଧିକରୁ ଅଧିକ କ୍ରିୟାଶୀଳ ଓ ତ୍ୱରାନ୍ୱିତ କରିଛି ।

(b) ଦେଶ ତଥା ରାଜ୍ୟର ବିକାଶ ପ୍ରକ୍ରିୟାରେ ସଡ଼କ ଓ ପରିବହନ ଏକ ମୌଳିକ ଆବଶ୍ୟକତା ।

(c) ସଡ଼କ ଓ ପରିବହନ ବ୍ୟବସ୍ଥାରେ ୫ଟି ପ୍ରମୁଖ ଉପାଦାନ ରହିଛି ଯଥା- ସଡ଼କ, ଗାଡ଼ି, ଗାଡ଼ିଚାଳକ, ରାସ୍ତା ବ୍ୟବହାରକାରୀ ଓ ପାରିପାର୍ଶ୍ୱିକ ଅବସ୍ଥା ।

(d) ଏ ସମସ୍ତ ସମନ୍ୱୟ ରହିବା ପ୍ରାଥମିକ ଆବଶ୍ୟକତା ।

02. **କାହାର ପ୍ରଭାବରେ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ବୃଦ୍ଧି ପାଏ ?**

ସଡ଼କ ଦୁର୍ଘଟଣା ଏକ ଅପ୍ରାକୃତିକ ଘଟଣା ନିମ୍ନଲିଖିତ ପ୍ରଭାବ ଯୋଗୁ ସଡ଼କ ଦୁର୍ଘଟଣାର ସମ୍ଭାବନା ବୃଦ୍ଧି ପାଇଥାଏ, ଯଥା-

(a) ଯନ୍ତ୍ରଚାଳିତ ଗାଡ଼ିରେ ତ୍ରୁଟି ପରିଲକ୍ଷିତ ହେଲେ ଦୁର୍ଘଟଣା ଘଟିଥାଏ ।

(b) ଜନସଂଖ୍ୟା, ଗତିଶୀଳତା, ଯାନବାହନ ସଂଖ୍ୟାରେ ଅହେତୁକ ବୃଦ୍ଧି, ଗାଡ଼ି ଓ ସଡ଼କ ନିର୍ମାଣରେ ଅତ୍ୟାଧୁନିକ ବିଜ୍ଞାନ କୌଶଳ ଓ ପ୍ରଯୁକ୍ତି ସଂପର୍କରେ ଗାଡ଼ି ଚାଳକଙ୍କ ଅଜ୍ଞତା, ବ୍ୟବସାୟିକ ଗାଡ଼ି ଚାଳନାରେ ପ୍ରତିଯୋଗିତା ମୂଳକ **ମନୋଭାବ ଓ ସଡ଼କ ଉପରେ ବିଶୃଙ୍ଖଳିତ ବ୍ୟବହାର ଆଦି ସଡ଼କ ଦୁର୍ଘଟଣାର ସମ୍ଭାବନାକୁ ବୃଦ୍ଧି କରିଥାଏ ।**

(c) **ଖରାପ ପ୍ରାକୃତିକ ପରିବେଶ ମଧ୍ୟ ସଡ଼କ ଦୁର୍ଘଟଣାର ସମ୍ଭାବନାକୁ ବୃଦ୍ଧି କରିଥାଏ ।**

03. **ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣଗୁଡ଼ିକ ଲେଖ ।**

ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ଗୁଡ଼ିକ ମଧ୍ୟରେ ସଡ଼କ ତ୍ରୁଟି, ଗାଡ଼ିର ଯାନ୍ତ୍ରିକ ତ୍ରୁଟି, ଗାଡ଼ିଚାଳକ ଓ ରାସ୍ତା ବ୍ୟବହାରକାରୀଙ୍କ ତ୍ରୁଟି, ମନୁଷ୍ୟକୃତ ତ୍ରୁଟି ଓ ପାରିପାର୍ଶ୍ୱିକ ଅବସ୍ଥା ଆଦି ପ୍ରଧାନ ।

(a) **ସଡ଼କ ତ୍ରୁଟି :** ରାସ୍ତା ନିର୍ମାଣ, ଡିଜାଇନ୍, ରକ୍ଷଣାବେକ୍ଷଣ, ସଂପ୍ରସାରଣରେ ଅବହେଳା, ଅଦୃଶ୍ୟମାନ ଟ୍ରାଫିକ୍ ସଂକେତ, ଅତ୍ୟଧିକ ଭାରି ମାଲ୍ ପରିବହନ ଆଦି ସଡ଼କ ଦୁର୍ଘଟଣାର କାରଣ ହୋଇଥାଏ ।

(b) **ଗାଡ଼ିର ଯାନ୍ତ୍ରିକ ତ୍ରୁଟି :** ଯନ୍ତ୍ରଚାଳିତ ଗାଡ଼ିର ବ୍ରେକ୍, ଇଞ୍ଜିନ୍, ଷ୍ଟିୟରିଂ, ତୈଳ ଟାଙ୍କି ପ୍ରଭୃତି ଯନ୍ତ୍ରରେ ତ୍ରୁଟି ପରିଲକ୍ଷିତ ହେଲେ ଦୁର୍ଘଟଣା ହୋଇଥାଏ ।

(c) **ମାନବୀୟ ତ୍ରୁଟି :** ଗାଡ଼ି ଚାଳକର ଦକ୍ଷତା, ଯୋଗ୍ୟତା ଓ ମାନ୍ୟତାର ଅଭାବ, ଟ୍ରାଫିକ୍ ନିୟମ ସଂପର୍କରେ ଅଜ୍ଞତା, ଦ୍ରୁତଗତି, ମଦ୍ୟପାନ, ମୋବାଇଲ୍ ଫୋନ୍‌ର ବ୍ୟବହାର, ହେଲ୍‌ମେଟ୍ ଓ ସିଟ୍‌ବେଲ୍ଟ ପିନ୍ଧିବାରେ ଅବହେଳା ଇତ୍ୟାଦି ଦୁର୍ଘଟଣାର କାରଣ ହୋଇଥାଏ ।

(d) **ପାରିପାର୍ଶ୍ୱିକ ଅବସ୍ଥା :** ବର୍ଷା, ଝଡ଼, କୁହୁଡ଼ି, ବରଫାବୃ□ ଧୂଆଁଜାତ, ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ବହୁ ସମୟରେ ଦୁର୍ଘଟଣାର କାରଣ ହୋଇଥାଏ ।

06. **ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଧାର୍ଯ୍ୟ କରାଯାଇଥିବା ମାର୍ଗଦର୍ଶନ ଗୁଡ଼ିକ ମଧ୍ୟରୁ ୫ଟି ଲେଖ ।**

(a) ୧୮ ବର୍ଷରୁ କମ୍ ପିଲାଙ୍କ ନିମନ୍ତେ ଡ୍ରାଇଭିଂ ଲାଇସେନ୍ସ ଉପଲବ୍ଧ ହୋଇପାରିବ ନାହିଁ ।

(b) ହାତ ଧରାଧରି ହୋଇ ସାଇକେଲ୍ ଚଳାଇବା ଉଚିତ୍ ନୁହେଁ । ସାଇକେଲ୍ ଟ୍ରାକ୍‌ରେ ସାଇକେଲ୍ ଚଳାଇବା ଉଚିତ୍ ।

(c) ରାସ୍ତା ପାରହେବା ପୂର୍ବରୁ ପ୍ରଥମେ ବାମକୁ, ତା'ପରେ ଡାହାଣକୁ, ପୁନର୍ବାର ବାମକୁ ଚାହିଁବା ଆବଶ୍ୟକ ।

(d) ଦ୍ରୁତଗତିରେ ସାଇକେଲ୍ ଚଳାଇବା ନାହିଁ ଓ କିମ୍ବା ସାହସିକ ଭିଡିଓଗେମ୍ ଦେଖି ମନକୁ ଚଳଚ□ଳ କରିବା ନାହିଁ ।

(d) ଦୁଇ ଚକିଆ ଯାନରେ ଚାଳକଙ୍କ ବ୍ୟତୀତ କେବଳ ଜଣେ ବସିବା ଓ ଉଭୟ ହେଲ୍‌ମେଟ୍ ପିନ୍ଧିବା ବାଧ୍ୟତାମୂଳକ ।

# କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

**୧. ସଡ଼କ ଓ ପରିବହନ ବ୍ୟବସ୍ଥାର ମୁଖ୍ୟ ଉପାଦାନଗୁଡ଼ିକ କ'ଣ ?**

ଉ. ସଡ଼କ ଓ ପରିବହନ ବ୍ୟବସ୍ଥାର ୫ଟି ପ୍ରମୁଖ ଉପାଦାନ, ଯଥା; ସଡ଼କ, ଗାଡ଼ି, ଗାଡ଼ିଚାଳକ, ରାସ୍ତା ବ୍ୟବହାରକାରୀ ଓ ପାରିପାର୍ଶ୍ୱିକ ଅବସ୍ଥା ।

**୩. ଗାଡ଼ି ଚାଳକ ପାଖରେ କେଉଁ ସବୁ ପ୍ରମାଣପତ୍ର ରହିବା ବାଧ୍ୟତାମୂଳକ ଅଟେ ?**

ଉ. ଗାଡ଼ିଚାଳକ ପାଖରେ ଗାଡ଼ିର ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ଇନ୍‌ସୁରାନ୍ସ ସାର୍ଟିଫିକେଟ୍, ଫିଟ୍‌ନେସ୍, ପ୍ରଦୂଷଣ ନିୟନ୍ତ୍ରଣ, ଡ୍ରାଇଭିଂ ଲାଇସେନ୍ସ ଆଦି ରହିବା ବାଧ୍ୟତା ମୂଳକ ।

***୬. ଛାତ୍ରଛାତ୍ରୀଙ୍କ ପାଇଁ ସଡ଼କ ନିରାପ□ର ଦୁଇଟି ମାର୍ଗଦର୍ଶନ ଲେଖ ?***

(କ) ରାସ୍ତା ପାରହେବା ପୂର୍ବରୁ ପ୍ରଥମେ ବାମକୁ, ତା'ପରେ ଡାହାଣକୁ ପୁନର୍ବାର ବାମକୁ ଚାହିଁବା ଆବଶ୍ୟକ ।

(ଖ) ଦୁଇ ଚକିଆ ଯାନରେ ଚାଳକ ବ୍ୟତୀତ କେବଳ ଜଣେ ବସିବା ଓ ଉଭୟ ହେଲ୍‌ମେଟ୍ ପିନ୍ଧିବା ବାଧ୍ୟତାମୂଳକ ।

**୮. ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣଗୁଡ଼ିକ କ'ଣ ?**

ଉ. ସଡ଼କ ତ୍ରୁଟି, ଗାଡ଼ିର ଯାନ୍ତ୍ରିକ ତ୍ରୁଟି, ମନୁଷ୍ୟକୃତ ତ୍ରୁଟି, ପାରିପାର୍ଶ୍ୱୀକ ଅବସ୍ଥା ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ।

**୧୨. ଇନ୍ଧନର ବ୍ୟବହାର କାହା ଉପରେ ନିର୍ଭର କରେ ?**

ଉ. ଇନ୍ଧନର ବ୍ୟବହାର ସାଧାରଣତଃ ଗାଡ଼ିର ଆକାର ଓ ପ୍ରକାର ଭେଦ, ରାସ୍ତାର ଅବସ୍ଥା, ଟ୍ରାଫିକ୍‌ର ଘନତ୍ୱ ଓ ଗତିଶୀଳତା, ଚାଳକଙ୍କ ଗାଡ଼ିଚାଳନାର ଦକ୍ଷତା ଓ ଅଭ୍ୟାସ, ଗାଡ଼ିର ପ୍ରତିଷେଧକମୂଳକ ରକ୍ଷଣାବେକ୍ଷଣ ଉପରେ ନିର୍ଭର କରିଥାଏ ।

**୧୪. କେଉଁ ପ୍ରକାର ଯାନ ଗୁଡ଼ିକ ଅଧିକ ଦୁର୍ଘଟଣା ପ୍ରବଣ ?**

(କ) ଦୁଇଚକିଆ ଗାଡ଼ି, ଅଟୋରିକ୍ସା, ଆଦି ଅଧିକ ଦୁର୍ଘଟଣା ପ୍ରବଣ ।

(ଖ) ଦୁଇ ଚକିଆ ଗାଡ଼ିର ବାହ୍ୟ ସୁରକ୍ଷା ନଥାଏ ।

# କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

**୧. କେଉଁ କେଉଁ ପାରିପାର୍ଶ୍ୱିକ ଅବସ୍ଥାର ତ୍ରୁଟି ଯୋଗୁ ସଡ଼କ ଦୁର୍ଘଟଣା ସଂଗଠିତ ହୋଇଥାଏ ।**

i. ବର୍ଷା, ଝଡ଼, କୁହୁଡ଼ି, ବରଫା ବୃ□, ଧୂଆଁ ଜାତ ଆଦି ପ୍ରାକୃତିକ ବିପର୍ଯ୍ୟୟ ବହୁ ସମୟରେ ଦୁର୍ଘଟଣାର କାରଣ ହୋଇଥାଏ ।

ii. ରାସ୍ତା ଉପରେ ଜବରଦଖଲ, ରାସ୍ତା ପାର୍ଶ୍ୱରେ ସ୍କୁଲ୍‌ର ଅବସ୍ଥିତ, ପାର୍କିଙ୍ଗ୍ ବ୍ୟବସ୍ଥାର ଅଭାବ ଆଦି ପ୍ରତିକୂଳ ପରିବେଶ ଯୋଗୁଁ ମଧ୍ୟ ଦୁର୍ଘଟଣା ଘଟିଥାଏ ।

**୩. ଓଡ଼ିଶା ଗୁଡ଼ ସମରିଟାନ୍ ନୀତି କେବେ ପ୍ରଣୟନ କରାଯାଇଛି ଓ ଏହାର ଆଭିମୁଖ୍ୟ କ'ଣ ?**

i. ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ତୁରନ୍ତ ମେଡ଼ିକାଲ ଚିକିତ୍ସା ପ୍ରଦାନ କରି ଜୀବନ ବ□ାଇବା ଓଡ଼ିଶା ସରକାର ଦ୍ୱାରା ପ୍ରଚଳିତ ଗୁଡ଼ ସମରିଟାନ୍ ନୀତିର ଆଭିମୁଖ୍ୟ ।

ii. ସୁପ୍ରିମକୋର୍ଟର ୨୦୧୪ ନିର୍ଦ୍ଦେଶକ୍ରମେ ଓଡ଼ିଶା ସରକାର ୨୦୧୮ ମସିହାରେ ଉକ୍ତ ନୀତି ପ୍ରଣୟନ କରିଛନ୍ତି ।

**୪. ଇନ୍ଧନ ସଂରକ୍ଷଣର ତିନୋଟି ଉପାୟ ଲେଖ ?**

i. ସ୍ଥିର ଗାଡ଼ିର ଇଞ୍ଜିନ୍‌କୁ ଅଧିକ ସମୟ ଚାଲୁ ଅବସ୍ଥାରେ ରଖିବା ନାହିଁ ।

ii. ତେଲ ଟାଙ୍କିକୁ ସର୍ବଦା ସଫା ରଖିବା ।

iii. ଟାୟାରକୁ ସର୍ବଦା ଅନୁମୋଦିତ ପ୍ରେସର୍‌ରେ ରଖିବା ।

**୭. ଓଡ଼ିଶା ସରକାରଙ୍କର ସମରୀଟାନ୍ ନୀତି ବିଷୟରେ ଲେଖ ?**

i. ସୁପ୍ରିମ୍‌କୋର୍ଟର ୨୦୧୪ ନିର୍ଦ୍ଦେଶକ୍ରମେ ଓଡ଼ିଶା ସରକାର ସମରିଟାନ୍ ନୀତି ପ୍ରଣୟନ କରିଥିଲେ ।

ii. ପୋଲିସ୍, ପରିବହନ, ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟ ବିଭାଗର ସମନ୍ୱିତ ସହଯୋଗ ଓ ସହ ଭାଗିତାରେ ଏହି ନୀତି କାର୍ଯ୍ୟକାରୀ ହେଉଛି ।

iii. ଏହି ନୀତି ଦ୍ୱାରା ଜଣେ ଅନ୍ୟର ଜୀବନ ଅନ୍ୟର ଜୀବନ ବ□ାଇବା ମନୋଭାବ ନେଇ ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ଯେ କୌଣସି ଗାଡ଼ିରେ ହସ୍‌ପିଟାଲ୍ ନେଇପାରିବେ । ଏଥିପାଇଁ ପୋଲିସ୍ କିମ୍ବା ଡାକ୍ତରଙ୍କୁ ପରିଚୟ ଦେବା ବାଧ୍ୟତାମୂଳକ ନୁହେଁ ।

**୯. ଶିକ୍ଷା ମାଧ୍ୟମରେ କିପରି ସଡ଼କ ଦୁର୍ଘଟଣାର ନିରାକରଣ ବ୍ୟବସ୍ଥା କରାଯାଇ ପାରିବ ?**

i. ସୁରକ୍ଷିତ ଯାତ୍ରା ନିମନ୍ତେ ନିୟମିତ ଶିକ୍ଷା ଜନସଚେତନତା ଓ ପ୍ରଶିକ୍ଷଣ ମାଧ୍ୟମରେ ପ୍ରତ୍ୟେକ ରାସ୍ତା ଓ ଯାନ ବ୍ୟବହାରକାରୀଙ୍କୁ ଟ୍ରାଫିକ୍ ନିୟମ, ଟ୍ରାଫିକ୍ ଶୃଙ୍ଖଳା ଓ ଟ୍ରାଫିକ୍ ବ୍ୟବହାର ସମ୍ପର୍କରେ ଶିକ୍ଷିତ, ଅବଗତ ଓ ଦକ୍ଷ କରିବା ନିମନ୍ତେ ସଡ଼କ ନିରାପ□ ବ୍ୟବସ୍ଥାର ପ୍ରମୁଖ କାର୍ଯ୍ୟକ୍ରମ ରହିଛି ।

ii. ଗଣମାଧ୍ୟମ, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଘ, ମୋଟର ଯାନ ସଂଘ ଆଦି ସଡ଼କ ସୁରକ୍ଷାର ଶିକ୍ଷା କାର୍ଯ୍ୟକ୍ରମର ମୁଖ୍ୟ ମାଧ୍ୟମ ଅଟନ୍ତି ।

**୧୦. ବଳବତ୍ତକରଣ ବ୍ୟବସ୍ଥା କହିଲେ କ'ଣ ବୁଝ ?**

i. ସଡ଼କ ଶୃଙ୍ଖଳା, ଆଚରଣ ଏବଂ ଦୁର୍ଘଟଣା ହ୍ରାସ ନିମନ୍ତେ ବଳବ□କରଣ ଏକ ଉପଯୋଗୀ ମାଧ୍ୟମ ଏହା ସରକାରୀ ନିୟନ୍ତ୍ରଣ ବ୍ୟବସ୍ଥା ।

ii. ମୋଟର ଯାନ ସମ୍ପର୍କୀୟ ନିୟମାବଳୀର ଉଲଙ୍ଘନ ହେଲେ ସମ୍ପୃକ୍ତ ଗାଡ଼ି ମାଲିକ କିମ୍ବା ଗାଡ଼ି ଚାଳକ ବିରୋଧରେ କଠୋର ଆର୍ଥିକ କିମ୍ବା ଜେଲ ଦଣ୍ଡ ଦେବାରେ ବଳବ□କରଣର ଆଇନତଃ କ୍ଷମତା ରହିଛି ।

**୧୨. କେଉଁ କେଉଁ ମାନବୀୟ ତ୍ରୁଟିଗୁଡ଼ିକ ସଡ଼କ ଦୁର୍ଘଟଣା ନିମନ୍ତେ ଦାୟୀ ?**

i. ଗାଡ଼ି ଚାଳନା ସମୟରେ ଚାଳକର ଦକ୍ଷତା, ଯୋଗ୍ୟତା ଓ ମାନ୍ୟତାର ଅଭାବ, ଟ୍ରାଫିକ୍ ନିୟମ ସମ୍ପର୍କରେ ଅଜ୍ଞତା, ଅନ୍ୟମନସ୍କତା, ଦ୍ରୁତଗତି, ମଦ୍ୟପାନ, ମୋବାଇଲ୍ ଫୋନ୍‌ର ବ୍ୟବହାର ଆଦି ଦୁର୍ଘଟଣାର କାରଣ ହୋଇଥାଏ ।

ii. ରାସ୍ତା ଉପରେ ବିଶୃଙ୍ଖଳିତ ଆଚରଣ, ହେଲ୍‌ମେଟ୍ ଓ ସିଟ୍‌ବେଲ୍ଟ ପିନ୍ଧିବାରେ ଅବହେଳା ଆଦି ଦୁର୍ଘଟଣାର କାରଣ ହୋଇଥାଏ ।

# ଚତୁର୍ଥ ଅଧ୍ୟାୟ
# ଭାରତର ବୈଦେଶିକ ନୀତି

## ଭାରତରେ ବିଜ୍ଞାନ ଓ ବୈଷୟିକ ଜ୍ଞାନର ବିକାଶ

୧. କେବେ ଜବାହରଲାଲ ନେହେରଙ୍କର ମୃତ୍ୟୁ ହୋଇଥିଲା ?
(କ) ୧୯୬୧ ନଭେମ୍ବର ୨୭ (ଖ) ୧୯୬୪ ମେ ୨୭
(ଗ) ୧୯୬୬ ଏପ୍ରିଲ୍ ୧୩(ଘ) ୧୯୬୮ ଜୁନ୍ ୧୪

୨. କେବେ ଭାରତରେ ବୈଜ୍ଞାନିକ ଓ ବୈଷୟିକ ଗବେଷଣାର ଅଗ୍ରଗତି ପାଇଁ ଜାତୀୟ ପରୀକ୍ଷାଗାରର ଭି□ପ୍ରସ୍ତ ସ୍ଥାପନ କରାଗଲା ?
(କ) ୧୯୪୫ ମାର୍ଚ୍ଚ ୨୩ (ଖ) ୧୯୪୬ ମାର୍ଚ୍ଚ ୨୩
(ଗ) ୧୯୪୭ ଜାନୁୟାରୀ ୪ (ଘ) ୧୯୪୮ ଜୁନ୍ ୨୪

୩. 'ଜାତୀୟ ଭୌତିକ ପରୀକ୍ଷାଗାର' କେଉଁ ଉଦ୍ଦେଶ୍ୟରେ ସ୍ଥାପିତ ହୋଇଥିଲା ?
(କ) ବୈଜ୍ଞାନିକ ଓ ବୈଷୟିକ ଗବେଷଣାଗାର ଅଗ୍ରଗତି ପାଇଁ
(ଖ) କୃଷିର ଉନ୍ନତି ପାଇଁ (ଗ) ଅର୍ଥନୀତିକ ଅଗ୍ରଗତି ପାଇଁ (ଘ) ଶିଳ୍ପର ଉନ୍ନତି ପାଇଁ

୪. କିଏ 'ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦ' ଗଠନ କରିଥିଲେ ?
(କ) ଜବାହରଲଲ (ଖ) ଲାଲବାହାଦୂର ଶାସ୍ତ୍ରୀ
(ଗ) ବଲ୍ଲଭଭାଇ ପଟେଲ (ଘ) ମୌଲାନା ଆବୁଲ କାଲାମ ଆଜାଦ୍

୫. ଭାରତର ପ୍ରଥମ ବୈଷୟିକ ଶିକ୍ଷାନୁଷ୍ଠାନ କେଉଁଠାରେ ସ୍ଥାପିତ ହୋଇଥିଲା ?
(କ) ରୁରକି (ଖ) ଖଡ଼ଗପୁର (ଗ) ଚେନ୍ନାଇ (ଘ) କାନପୁର

୬. କେବେ ଖଡ଼ଗପୁର ଠାରେ ବୈଷୟିକ ଶିକ୍ଷାନୁଷ୍ଠାନର ଶୁଭାରମ୍ଭ ହୋଇଥିଲା ?
(କ) ୧୯୪୬ ମାର୍ଚ୍ଚ ୧୩ (ଖ) ୧୯୪୭ ଅଗଷ୍ଟ ୧୫
(ଗ) ୧୯୪୮ ଜୁନ୍ ୨୪ (ଘ) ୧୯୫୧ ଅଗଷ୍ଟ ୧୮

୭. କିଏ ଖଡ଼ଗପୁରଠାରେ ପ୍ରଥମ ବୈଷୟିକ ଶିକ୍ଷାନୁଷ୍ଠାନର ଶୁଭାରମ୍ଭ କରିଥିଲେ ?
(କ) ଲାଲବାହାଦୂର ଶାସ୍ତ୍ରୀ (ଖ) ଜବାହରଲାଲ ନେହେରୁ
(ଗ) ମୌଲାନ ଆବୁଲ କଲାମ ଆଜାଦ (ଘ) ଗୋବିନ୍ଦ ବଲ୍ଲଭ ପତି

୮. ଆମ ରାଜ୍ୟର କେଉଁଠାରେ ଏକ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ ସ୍ଥାପନ କରାଯାଇଛି ?
(କ) କଟକ (ଖ) ସମ୍ବଲପୁର (ଗ) ବ୍ରହ୍ମପୁର (ଘ) ଭୁବନେଶ୍ୱର

୯. କେବେ କେନ୍ଦ୍ରସରକାରଙ୍କ ଅଧିନରେ ବିଜ୍ଞାନ ଓ ବୈଷୟିକ ମନ୍ତ୍ରଣାଳୟ ନାମକ ବିଭାଗ ସୃଷ୍ଟି କରାଗଲା ?
(କ) ୧୯୬୮ (ଖ) ୧୯୭୦ (ଗ) ୧୯୭୧ (ଘ) ୧୯୭୪

୧୦. କେବେ ଭାରତ ସରକାର ପରମାଣୁ ଶକ୍ତି ଆୟୋଗ ଗଠନ କରିଥିଲେ ?

(କ) ୧୯୪୭ ମେ (ଖ ୧୯୪୮ ଅଗଷ୍ଟ(ଘ) ୧୯୪୯ ଜାନୁୟାରୀ (ଘ) ୧୯୫୦ ଜାନୁୟାରୀ

୧୧. କେବେ ଆମ ଦେଶରେ 'ସ୍ୱତନ୍ତ୍ର ପରମାଣୁ ଶକ୍ତି ବିଭାଗ' ଖୋଲାଗଲା ?

(କ) ୧୯୪୭ (ଖ) ୧୯୪୯ (ଗ) ୧୯୫୪ (ଘ) ୧୯୬୧

୧୨. ଭାରତର ପ୍ରଥମ ଆଣବିକ ରିଆକ୍ଟର କେଉଁଠାରେ ପ୍ରତିଷ୍ଠା କରାଗଲା ?

(କ) ବମ୍ବେ (ଖ) ଟ୍ରମ୍ବେ (ଗ) କୋଲକତା (ଘ) ଚେନ୍ନାଇ

୧୩. କେବେ ଭାବା ଆଣବିକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେଲା ?

(କ) ୧୯୫୬ (ଖ) ୧୯୬୦ (ଗ) ୧୯୬୧ (ଘ) ୧୯୬୨

୧୪. କେବେ ଇନ୍ଦେର ଠାରେ 'ଭାରତ ବୈଷୟିକ ଜ୍ଞାନକେନ୍ଦ୍ର' ପ୍ରତିଷ୍ଠା ହେଲା ?

(କ) ୧୯୬୨ (ଖ) ୧୯୩୫ (ଗ) ୧୯୧୭ (ଘ) ୧୯୮୪

୧୫. ଭାରତ ତାର ପ୍ରଥମ ପରମାଣୁ ବୋମା ପରୀକ୍ଷା କେଉଁଠାରେ କରିଥିଲା ?

(କ) ଚାନ୍ଦିପୁର (ଖ) କୋଚି (ଗ) ପୋଖରାନ୍ (ଘ) ଟ୍ରମ୍ବେ

୧୬. କେବେ ଭାରତ ଦ୍ୱିତୀୟଥର ପାଇଁ ପରମାଣୁ ବୋମା ପରୀକ୍ଷଣ କରିଥିଲା ?

(କ) ୧୯୮୮ ମେ ୧୪ ଓ ୧୫ (ଖ) ୧୯୯୧ ଜୁନ୍ ୧୩ ଓ ୧୪

(ଗ) ୧୯୯୮ ମେ ୧୧ ଓ ୧୩ (ଘ) ୧୯୯୯ ମାର୍ଚ୍ଚ ୨୬ ଓ ୨୭

୧୭. ଭାରତୀୟ ସୈନ୍ୟବାହିନୀର ଦୁର୍ବଳତା ପାଇଁ କେଉଁ ପରମାଣୁ ପ୍ରକାଶ ପାଇଲା ?

(କ) ୧୯୬୨ ଭାରତ-ଚୀନ ଯୁଦ୍ଧରୁ (ଖ) ୧୯୬୫ ଭାରତ-ପାକିସ୍ଥାନ ଯୁଦ୍ଧରୁ

(ଗ) ୧୯୯୧ ଭାରତ-ପାକିସ୍ଥାନ ଯୁଦ୍ଧରୁ (ଘ) ୧୯୯୯ କାରଗିଲ ଯୁଦ୍ଧରୁ

୧୮. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ କ୍ଷେପଣାସ୍ତ୍ର ନୁହେଁ ?

(କ) ଧନୁଶ (ଖ) ଆକାଶ (ଗ) ନାଗ (ଘ) ଧ୍ରୁବ

୧୯. କେବେ ଭାରତ ମହାକାଶ କାର୍ଯ୍ୟକ୍ରମ ଆରମ୍ଭ ହେଲା ?

(କ) ୧୯୬୨ (ଖ) ୧୯୬୯ (ଗ) ୧୯୭୨ (ଘ) ୧୯୭୮

୨୦. କେଉଁ ମସିହାରୁ ଭାରତୀୟ ମହାକାଶ ଗବେଷଣା ସଂଗଠନ ପ୍ରତିଷ୍ଠା କରାଗଲା ?

(କ) ୧୯୬୩ (ଖ) ୧୯୬୯ (ଗ) ୧୯୭୧ (ଘ) ୧୯୭୯

୨୧. କେବେ ଥିରୁବନନ୍ତପୁରମ ଠାରେ ଏକ ରକେଟ ଉତ୍କ୍ଷେପଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା ?

(କ) ୧୯୫୯ (ଖ) ୧୯୬୧ (ଗ) ୧୯୬୩ (ଘ) ୧୯୬୫

୨୨. ନିମ୍ନଲିଖିତ ମଧ୍ୟରୁ କେଉଁଠାରେ ଥୁମ୍ବା ବିଷବୀୟ ରକେଟ୍ ଉତ୍କ୍ଷେପଣ କେନ୍ଦ୍ର ଅବସ୍ଥିତ ?

(କ) କୋଚି (ଖ) ଚେନ୍ନାଇ (ଗ) ପୋରବନ୍ଦର (ଘ)

ଥିରୁଅନନ୍ତପୁରମ

୨୩. କେଉଁ ରାଜ୍ୟରେ ଆରଭି ଉପଗ୍ରହ ଯୋଗାଯୋଗ କେନ୍ଦ୍ର ପ୍ରତିଷ୍ଠିତ ?

(କ) ଆନ୍ଧ୍ରପ୍ରଦେଶ (ଖ) ମହାରାଷ୍ଟ୍ର (ଗ) ପଶ୍ଚିମବଙ୍ଗ (ଘ) ତାମିଲନାଡୁ

୨୪. ଭାରତର ପ୍ରଥମ ଉପଗ୍ରହର ନାମ କ'ଣ ?

(କ) ଭାସ୍କର (ଖ) ଆର୍ଯ୍ୟଭଟ୍ଟ (ଗ) ଆପଲ୍ (ଘ) ଧନୁଶ

୨୫. ଭାରତ ପ୍ରଥମ ଯୋଗଯୋଗ ଉପଗ୍ରହର ନାମ କ'ଣ ?

(କ) ଆର୍ଯ୍ୟଭଟ୍ଟ (ଖ) ଧନୁଶ (ଗ) ଧ୍ରୁବ (ଘ) ଆପଲ୍

୨୬. ୧୯୭୯ ଜୁନ ୭ରେ କେଉଁ ଭାରତୀୟ ଉପଗ୍ରହ ମହାକାଶକୁ ପ୍ରେରିତ ହେଲା ?
(କ) ଆର୍ଯ୍ୟଭଟ୍ଟ (ଖ) ଭାସ୍କର ପ୍ରଥମ (ଗ) ଭାସ୍କର ଦ୍ୱିତୀୟ (ଘ) ଆପଲ୍

୨୭. ଭାସ୍କର ପ୍ରଥମ ଉପଗ୍ରହର ଉଦ୍ କ୍ଷେପଣ ପାଇଁ କେଉଁ ଦେଶର ସହାୟତା ନିଆଯାଇଥିଲା/
(କ) ଆମେରିକା (ଖ) ଚୀନ (ଗ) ଋଷିଆ (ଘ) ଜାପାନ

୨୮. କେବେ ଇନ୍ଦୋର ଠାରେ ଉନ୍ନତ ବୈଷୟିକ ଜ୍ଞାନ କେନ୍ଦ୍ର ନାମକ ଏକ ଗବେଷଣା ସଂସ୍ଥା ପ୍ରତିଷ୍ଠା କରାଗଲା ?
(କ) ୧୯୮୪ (ଖ) ୧୯୮୮ (ଗ) ୧୯୯୦ (ଘ) ୧୯୯୧

୨୯. 'ଅଗ୍ନି' କ୍ଷେପଣାସ୍ତ୍ରକୁ କେଉଁଠାରୁ ପରୀକ୍ଷା କରାଯାଇଥିଲା ?
(କ) ଶ୍ରୀହରିକୋଟା (ଖ) କୋଚି (ଗ) ବିଶାଖାପାଟଣା (ଘ) ଚାନ୍ଦିପୁର

୩୦. କିଏ ପରମାଣୁ ଶକ୍ତି ଆୟୋଗର ପ୍ରଥମ ଅଧ୍ୟକ୍ଷ ଥିଲେ ?
(କ) ଜବାହରଲାଲ ନେହେରୁ (ଖ) ହେମି ଜାହାଙ୍ଗୀର ଭାବା
(ଗ) ଅବଦୁଲ କାଲାମ (ଘ) ବିକ୍ରମ ମରାଭାର

୩୧. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଆଣବିକ ରିଆକ୍ଟର ନୁହେଁ ?
(କ) ଧ୍ରୁବ (ଖ) ଆକାଶ (ଗ) ଅପସରା (ଘ) କାମିନୀ

<u>ଉ□ର</u>

| | | | | | |
|---|---|---|---|---|---|
| ୧. (ଖ) | ୨. (ଗ) | ୩. (କ)୪. (କ) | ୫. (ଖ) | ୬. (ଘ) | |
| ୭. (ଗ) | ୮. (ଘ) | ୯. (ଗ) | ୧୦. (ଖ) | ୧୧. (ଗ) | ୧୨. (ଖ) |
| ୧୩. (କ) | ୧୪. (ଘ) | ୧୫. (ଗ) | ୧୬. (ଗ) | ୧୭. (କ) | ୧୮. (ଘ) |
| ୧୯. (କ) | ୨୦. (ଖ) | ୨୧. (ଗ) | ୨୨. (ଘ) | ୨୩. (ଖ) | ୨୪. (ଖ) |
| ୨୫. (ଘ) | ୨୬. (ଖ) | ୨୭. (ଗ) | ୨୮. (କ) | ୨୯. (ଘ) | ୩୦. (ଖ) |

# ଚତୁର୍ଥ ଅଧ୍ୟାୟ
# ଭାରତର ବୈଦେଶିକ ନୀତି

୧. କିଏ ଭାରତର ବୈଦେଶିକ ନୀତି ନିର୍ଦ୍ଧାରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ?
a. ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍
b. ସୁବାଷଚନ୍ଦ୍ର ବୋଷ
c. ମହାତ୍ମା ଗାନ୍ଧୀ
d. ଜବାହର୍‌ଲାଲ୍ ନେହେରୁ

**୩. କେଉଁ ଦୁଇ ଦେଶ 'ପଞ୍ଚଶୀଳ' ନୀତିର ଘୋଷଣାନାମାରେ ସାକ୍ଷର କରିଥିଲେ ?**
a. ଭାରତ ଓ ପାକିସ୍ତାନ୍ b. ଭାରତ ଓ ଚୀନ୍ c. ଚୀନ୍ ଓ ପାକିସ୍ତାନ୍ d. ଭାରତ ଓ ଶ୍ରୀଲଙ୍କା

**୪. କେବେ 'ପ*ଶୀଳ' ଘୋଷଣାନାମା ସ୍ୱାକ୍ଷରିତ ହୋଇଥିଲା ?**
a. ୧୯୫୧ b. ୧୯୫୨
c. ୧୯୫୩ d. ୧୯୫୪

**୫. 'ପଞ୍ଚଶୀଳ' ରାଜିନାମା କେଉଁ ଠାରେ ଅନୁଷ୍ଠିତ ସମ୍ମିଳନୀରେ ସ୍ଥାନ ପାଇଥିଲା ?**

a. ବାନ୍ଦୁଙ୍ଗ b. କଲମ୍ବୋ

c. ତାସକେ d. କୌଣସିଟି ବି ନୁହେଁ

**୬. "ଉପନିବେଶବାଦ ଏସିଆ ଓ ଆଫ୍ରିକା ପାଇଁ ସବୁଠାରୁ ବଡ଼ ବିପଦ ଏବଂ ଏହାକୁ ହଟାଇବା ନିତ୍ୟାନ୍ତ ଆବଶ୍ୟକ" - ଏହା କିଏ କହିଥିଲେ ?**

a. ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍

b. ଜବାହରଲାଲ୍ ନେହେରୁ

c. ମହାତ୍ମା ଗାନ୍ଧୀ

d. ସୁଭାଷ ଚନ୍ଦ୍ର ବୋଷ

**୭. "ଆନ୍ତର୍ଜାତିକ କ୍ଷେତ୍ରରେ ବିଭିନ୍ନ ସମୟରେ ଉପୁଜୁଥିବା କନ୍ଦଳର ଶାନ୍ତିପୂର୍ଣ୍ଣ ସମାଧାନ ଦିଗରେ ଭାରତ ଉଦ୍ୟମ କରିବ" - ଏହା ସମ୍ବିଧାନର କେଉଁ ଧାରାରେ କୁହାଯାଇଛି ?**

a. ଧାରା ୫୦ b. ଧାରା ୫୧

c. ଧାରା ୫୨ d. ଧାରା ୫୫

**୯. କେଉଁ ଦେଶ ଭାରତକୁ ଭୟଭୀତ କରିବା ପାଇଁ ବଙ୍ଗୋପସାଗରକୁ ସପ୍ତମ ନୌବହର ପଠାଇଥିଲେ ?**

a. ଫ୍ରାନ୍ସ b. ବ୍ରିଟେନ୍

c. ଚୀନ୍ d. ଯୁକ୍ତରାଷ୍ଟ୍ର ଆମେରିକା

**୧୦. ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲି ନ୍ ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ସମ୍ପର୍କରେ ଉନ୍ନତି ଆଣିବା ପାଇଁ ପ୍ରୟାସ କରିଥିଲେ ।**

a. ୧୯୯୦ b. ୧୯୯୧

c. ୧୯୯୨ d. ୧୯୯୪

**୧୧. କେଉଁ ଦେଶ ନେତୃତ୍ୱରେ NATO, SEATO ଇତ୍ୟାଦି ଅନେକ ସାମରିକ ଚୁକ୍ତି ପ୍ରଣୟନ କରାଯାଇଥିଲା ?**

a. ଯୁକ୍ତରାଷ୍ଟ୍ର ଆମେରିକା b. ଇଂଲଣ୍ଡ

c. ଫ୍ରାନ୍ସ d. ଋଷିଆ

**୧୨. ୨୦୦୦ ମସିହା ମାର୍ଚ୍ଚ ମାସରେ ଯୁକ୍ତରାଷ୍ଟ୍ର ଆମେରିକାର ତତ୍କାଳୀନ ରାଷ୍ଟ୍ରପତିଙ୍କ ଭାରତ ଗ୍ରସ୍ତ ଉଭୟ ଦେଶର ବନ୍ଧୁତାକୁ ଦୃଢ଼ୀଭୂତ କରିଥିଲା ।**

a. ବାରାକ୍ ଓବାମା b. ଜର୍ଜ ବୁଶ୍

c. ବିଲ୍ କ୍ଲିଷ୍ଟନ୍ d. କୌଣସିଟି ନୁହେଁ

**୧୩. ସୋଭିଏତ୍ ଋଷିଆ କହିଲେ ଋଷିଆ ସମେତ କେତୋଟି ଛୋଟ ବଡ଼ ରାଜ୍ୟର ସମଷ୍ଟିକୁ ବୁଝାଉଥିଲା ।**

a. ୧୫ b. ୧୬

c. ୧୭ d. ୨୦

**୧୫. ସୋଭିଏତ୍ ଋଷିଆ କେବେ ଗଠିତ ହୋଇଥିଲା ।**

a. ୧୯୨୧ b. ୧୯୨୨

c. ୧୯୨୪ d. ୧୯୨୫

**୧୬. କେବେ ସୋଭିଏତ୍ ଋଷିଆର ବିଲୟ ଘଟିଲା ?**

a. ୧୯୯୧ b. ୧୯୯୨

c. ୧୯୯୪ d. ୧୯୯୫

**୧୭. କମ୍ୟୁନିଷ୍ଟ ଶାସିତ କେଉଁ ଦେଶ ଉପରେ ଯୁକ୍ତରାଷ୍ଟ ଆମେରିକାର ଆକ୍ରମଣକୁ ଭାରତ ବିରୋଧ କରିଥିଲା ।**

a. କ୍ୟୁବା b. ଚୀନ୍

c. ଉ□ର କୋରିଆ d. କୌଣସିଟି ନୁହେଁ

**୨୦. ସୋଭିଏତ୍ ରୁଷିଆର କେଉଁ ପ୍ରଧାନମନ୍ତ୍ରୀ ପ୍ରଥମେ ଭାରତ ଗସ୍ତରେ ଆସିଥିଲେ ?**

a. ଷ୍ଟାଲିନ୍ b. କ୍ରୁଶ୍ଚେଭ୍

c. କୋସିଗିନ୍ d. ପୁଟିନ୍

**୨୧. ଯୁକ୍ତରାଷ୍ଟ୍ର ଆମେରିକାର ସାମ୍ରାଜ୍ୟବାଦୀ ନୀତି ପାକିସ୍ତାନକୁ ଭାରତ ବିରୋଧରେ ପ୍ରୋତ୍ସାହିତ କରୁଛି ବୋଲି କେଉଁ ଦେଶ ଅଭିଯୋଗ ଆଣିଥିଲା ?**

a. ସୋଭିଏତ୍ ଋଷିଆ b. ଚୀନ୍

c. ଫ୍ରାନ୍ସ d. ଇଂଲଣ୍ଡ

**୨୨. କେବେ ତାସ୍‌କେ□ଠାରେ ଭାରତ - ପାକିସ୍ଥାନ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।**

a. ୧୯୬୫ b. ୧୯୬୬

c. ୧୯୬୭ d. ୧୯୮୬

**୨୩. କେଉଁ ମସିହାରେ ସୋଭିଏତ୍ ଋଷିଆର ରାଷ୍ଟ୍ରପତି ବ୍ରେଜ୍‌ନେଭ୍‌ଙ୍କ ପା□ଦିନିଆ ଭାରତ ଗସ୍ତ ଦୁଇ ଦେଶ ମଧ୍ୟରେ ବନ୍ଧୁତାକୁ ଆହୁରି ମଜବୁତ୍ କରିଥିଲା ।**

a. ୧୯୭୦ b. ୧୯୭୧

c. ୧୯୭୨ d. ୧୯୭୩

**୨୪. ଗୋର୍ବାଚେଭ୍ ଓ କାହା ମଧ୍ୟରେ ଦଶ-ଦଫା ବିଶିଷ୍ଟ 'ଦିଲ୍ଲୀ ଘୋଷଣାନାମା' ସ୍ୱାକ୍ଷରିତ ହୋଇଥିଲା ?**

a. ଲାଲ୍ ବାହାଦୂର ଶାସ୍ତ୍ରୀ

b. ରାଜୀବ୍ ଗାନ୍ଧୀ c. ଇନ୍ଦିରା ଗାନ୍ଧୀ

d. ମନ୍‌ମୋହନ ସିଂ

**୨୬. ପାକିସ୍ତାନର କେଉଁ ରାଷ୍ଟ୍ରପତି ଓ ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀ ତାସ୍‌କେ□ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଥିଲେ ।**

a. ଆସିଫ୍ ଅଲ୍ଲୀ ଜରିଦାରି

b. ମହମ୍ମଦ ଜିଆ - ଉଲ୍ - ହକ୍

c. ପରଭେଜ୍ ମୁସରଫ୍

d. ଆୟୁବ୍ ଖାନ୍

**୨୮. କେଉଁ ଦେଶର ସହଯୋଗ ଫଳରେ ନେୟେଭେଳି ଆଣବିକ ପ୍ରକଳ୍ପ ପ୍ରତିଷ୍ଠିତ ହୋଇ ପାରିଥିଲା ?**

a. ଋଷିଆ b. ଯୁକ୍ତରାଷ୍ଟ୍ର ଆମେରିକା

c. ଜର୍ମାନୀ d. ଇଂଲଣ୍ଡ

**୨୯. ତାମିଲ୍‌ନାଡୁର କୁଦନକୁଲାମ୍‌ଠାରେ ଦକ୍ଷିଣ ଏସିଆର ସବୁଠାରୁ ବୃହ□ ଆଣବିକ ଶକ୍ତି ପ୍ରକଳ୍ପ ନିର୍ମାଣ ପାଇଁ ଉଭୟ ଭାରତ ଓ ଋଷ ମଧ୍ୟରେ କେବେ ଏକ ଚୁକ୍ତି ସମ୍ପାଦିକ ହୋଇଥିଲା ?**

a. ୧୯୯୦ b. ୧୯୯୪

c. ୧୯୯୫ d. ୧୯୯୮

**୩୦. ପାକିସ୍ଥାନର ବ□ମାନର ଜନସଂଖ୍ୟା କେତେ ?**

a. ୧୪ କୋଟି

b. ୧୪ କୋଟି ୬୦ ଲକ୍ଷ

c. ୧୩ କୋଟି ୫୦ ଲକ୍ଷ

d. ୧୩ କୋଟି ୬୦ ଲକ୍ଷ

**୩୧. ସିମ୍ଲା ରାଜିନାମା କେବେ ସ୍ୱାକ୍ଷରିତ ହୋଇଥିଲା ?**

a. ୧୯୭୦ b. ୧୯୭୧

c. ୧୯୭୨ d. ୧୯୭୪

**୩୩. କେଉଁ ରାଜିନାମା ଅନୁସାରେ ଭାରତ ପାକିସ୍ଥାନର ୯୦,୦୦୦ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରିଥିଲା ।**

a. ପଞ୍ଚଶୀଳ ରାଜିନାମା

b. ସିମଲା ରାଜିନାମା

c. ଦିଲ୍ଲୀ ଘୋଷଣାନାମା

d. କୌଣସିଟି ନୁହେଁ

**୩୫. କେଉଁ ମସିହାରେ ଡକ୍ଟର ସନ୍ ୟାତ୍ ସେନ୍ଙ୍କ ନେତୃତ୍ୱରେ ଚୀନରେ ବିପ୍ଲବ ଆରମ୍ଭ ହେଲା ।**

a. ୧୯୧୦ b. ୧୯୧୧

c. ୧୯୧୫ d. ୧୯୨୦

**୩୬. ୧୯୫୯ ମସିହାରେ ଚୀନ୍ ସରକାର ଭାରତର କେତେ ବର୍ଗ କିଲୋମିଟର ବିସ୍ତୀର୍ଣ୍ଣ ଅଞ୍ଚଳକୁ ନିଜ ଅକ୍ତିଆରରେ ରଖିଲେ ।**

a. ୮୧,୬୦୦ ବର୍ଗ କିଲୋମିଟର

b. ୮୦,୬୦୦ ବର୍ଗ କିଲୋମିଟର

c. ୮୧,୭୦୦ ବର୍ଗ କିଲୋମିଟର

d. ୮୦,୭୦୦ ବର୍ଗ କିଲୋମିଟର

**୩୭. କେଉଁ ମସିହାରେ ଚୀନ୍ ଭାରତ ଉପରେ ଆକ୍ରମଣ କରିଥିଲା ।**

a. ୧୯୬୦ b. ୧୯୬୧

c. ୧୯୬୨ d. ୧୯୬୫

**୩୯. ଦୁର୍ଗାପୁର ଓ ଭିଲାଇରେ କୋଇଲା ଓ ଇସ୍ପାତ୍ କାରଖାନା କେଉଁ ଦେଶ ସହାୟତାରେ ପ୍ରତିଷ୍ଠିତ ହୋଇଛି ?**

a. ଋଷିଆ b. ଫ୍ରାନ୍ସ

c. ଇଂଲଣ୍ଡ d. ଜର୍ମାନୀ

**୪୦. କେଉଁଠାରେ ଏକ ତୈଳ ବିଶୋଧନାଗାର ଋଷିଆ ସହାୟତାରେ ପ୍ରତିଷ୍ଠିତ ହୋଇଛି ।**

a. ବରୋଦା b. ଭିଲାଇ

c. ବାରାଉଣୀ d. କୌଣସିଟି ନୁହେଁ

**୪୧. ଭାରତ କେବେ ପୋଖରାନ୍ ଠାରେ ଆଣବିକ ଶକ୍ତି ପରୀକ୍ଷା କରିଥିଲା ?**

a. ୧୯୯୬ b. ୧୯୯୭

c. ୧୯୯୮ d. ୧୯୯୯

**୪୨. କେଉଁ ମସିହାରେ ଭାରତ ଓ ଚୀନ୍ ଏକ ମିଳିତ ରାଜିନାମାରେ ସ୍ୱାକ୍ଷର କଲେ ଓ ଉଭୟ ଦେଶ ପ୍ରକୃତ ନିୟନ୍ତ୍ରଣ ରେଖା କୁ ସମ୍ମାନ ଦେବାକୁ ରାଜି ହେଲେ ।**

a. ୧୯୯୦ b. ୧୯୯୧

c. ୧୯୯୨ d. ୧୯୯୩

**୪୩. କେଉଁ ମସିହାରେ ଚୀନ୍ ରାଷ୍ଟ୍ରପତି ଝୁ-ରୋଙ୍ଗ୍ଜୀ ଭାରତ ଗସ୍ତରେ ଆସିଥିଲେ ।**

a. ୨୦୦୨ b. ୨୦୦୪

c. ୨୦୦୫ d. ୨୦୦୭

**୪୫. ଶ୍ରୀଲଙ୍କାର ଜନସମୁଦାୟର ଶତକଡ଼ା କେତେ ଭାଗ ଲୋକ ତାମିଲ ଭାଷା କହନ୍ତି ?**

a. ୧୦ ଭାଗ b. ୧୨ ଭାଗ

c. ୧୫ ଭାଗ d. ୨୦ ଭାଗ

**୪୬. ଶ୍ରୀଲଙ୍କାର ଜନସମୁଦାୟର କେତେ ଶତାଂଶ ଲୋକ ବୌଦ୍ଧ ଧର୍ମରେ ବିଶ୍ୱାସ କରନ୍ତି ?**

a. ୬୦ b. ୬୨

c. ୬୩ d. ୬୪

**୪୭. ଶ୍ରୀଲଙ୍କାର ପ୍ରଥମ ପ୍ରଧାନମନ୍ତ୍ରୀ କିଏ ଥିଲେ ?**

a. ଶ୍ରୀ ଡି.ଏସ୍ ସେନାନାୟକେ ।

b. ସାର୍ ଜନ୍ କୋଟେଲାୱାଲା ।

c. ଏସ୍. ଡବ୍ଲୁ. ଆର୍.ଡ଼ି ବନ୍ଦରନାୟକେ ।

d. ଶ୍ରୀମତୀ ଶିରିମାଭୋ ବନ୍ଦରନାୟକେ ।

**୪୮. ୧୯୮୩ ମସିହାରୁ ୧୯୮୬ ମସିହା ମଧ୍ୟରେ ପ୍ରାୟ କେତେ ସଂଖ୍ୟକ ତାମିଲ୍ ଶରଣାର୍ଥୀ ଭାରତକୁ ଚାଲି ଆସିଥିଲେ ।**

a. ୨୦,୦୦୦ b. ୨୨,୦୦୦

c. ୨୫,୦୦୦ d. ୩୦,୦୦୦

**୫୦. କେବେ ଆନୁଷ୍ଠାନିକ ଭାବରେ ସାର୍କ (SAARC) ସଂଗଠନ ଗଠିତ ହୋଇଥିଲା ?**

a. ୧୯୮୦ b. ୧୯୮୨

c. ୧୯୮୪ d. ୧୯୮୫

**୫୧. ନେପାଳର ଜନସଂଖ୍ୟା କେତେ ?**

a. ୨ କୋଟି ୭୦ ଲକ୍ଷ ।

b. ୩ କୋଟି ୫୦ ଲକ୍ଷ ।

c. ୩ କୋଟି ୭୦ ଲକ୍ଷ ।

d. ୨ କୋଟି ୫୦ ଲକ୍ଷ ।

୫୨. ନେପାଳକୁ କେବେ ବ୍ରିଟିଶ୍ ମାନେ ଅକ୍ତିଆର କରିଥିଲେ ?

a. ୧୮୧୬ b. ୧୮୨୦

c. ୧୮୨୨ d. ୧୮୨୪

**୫୩. ଆମେ ନେପାଳର ସ୍ୱାଧିନତା ଚାହୁଁ ଓ ତତ୍ ସହିତ ଭାରତର ନିରାପତ୍ତା ମଧ୍ୟ ଅକ୍ଷୁର୍ଣ୍ଣ ରଖିବୁ ଏହା କିଏ କହିଥିଲେ ?**

a. ଶ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀ

b. ପଣ୍ଡିତ ଜବାହର୍ ଲାଲ୍ ନେହେରୁ

c. ଶ୍ରୀମତି ଇନ୍ଦିରା ଗାନ୍ଧୀ

d. ଶ୍ରୀ ରାଜୀବ ଗାନ୍ଧୀ

**୫୪. ନେପାଳ କେବେ ସଂଯୁକ୍ତ ରାଷ୍ଟ୍ରସଂଘର ସଦସ୍ୟ ହେଲା ?**

a. ୧୯୫୦ b. ୧୯୫୧

c. ୧୯୫୪ d. ୧୯୫୫

**୫୫. କେଉଁ ମସିହାରେ ଭାରତ ଓ ନେପାଳ ମଧ୍ୟରେ ବାଣିଜ୍ୟିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା ଓ ଉଭୟ ଦେଶ ପାଇଁ ଏକ "ସାଧାରଣ ବଜାର" ସୃଷ୍ଟି ହୋଇଥିଲା ।**

a. ୧୯୬୦ b. ୧୯୬୧

c. ୧୯୬୪        d. ୧୯୬୫

**୫୭. ନେପାଳର କେଉଁ ରାଜା ଗାଦିରେ ବସିବା ପରେ ନେପାଳର ନିର୍ବାଚିତ ସଂସଦକୁ ଭାଙ୍ଗି ଦେଲେ ?**

a. ରାଜା ତ୍ରିଭୁବନ        b. ରାଜା ମହେନ୍ଦ୍ର

c. ରାଜା ବୀରେନ୍ଦ୍ର        d. ରାଜା ଜ୍ଞାନେନ୍ଦ୍ର

**୫୮. ଭୁଟାନ୍‌ର ଅଧିକାଂଶ ଅଧିବାସୀ କେଉଁ ଧର୍ମାବଲମ୍ବୀ ?**

a. ବୌଦ୍ଧ        b. ଜୈନ

c. ହିନ୍ଦୁ        d. ମୁସଲମାନ୍

**୫୯. ଭୁଟାନ୍‌ର ଜନସଂଖ୍ୟା ପ୍ରାୟ କେତେ ହେବ ।**

a. ୮ ଲକ୍ଷ        b. ୯ ଲକ୍ଷ

c. ୧୦ ଲକ୍ଷ        d. ୧୨ ଲକ୍ଷ

**୬୦. ଷୋଡ଼ଶତମ ସାର୍କ ଶିଖର ସମ୍ମିଳନୀ କେଉଁ ଠାରେ ଅନୁଷ୍ଠିତ ହୋଇଥିଲା ?**

a. ଶ୍ରୀଲଙ୍କା        b. ପାକିସ୍ଥାନ

c. ନେପାଳ        d. ଭୁଟାନ୍

**୬୧. ଷୋଡ଼ଶତମ ସାର୍କ ଶିଖର ସମ୍ମିଳନୀରେ ଭାରତର କେଉଁ ପ୍ରଧାନମନ୍ତ୍ରୀ ଯୋଗ ଦେଇଥିଲେ ?**

a. ଡକ୍ଟର ମନମୋହନ ସିଂ

b. ଶ୍ରୀମତୀ ଇନ୍ଦିରା ଗାନ୍ଧୀ

c. ଶ୍ରୀ ରାଜୀବ ଗାନ୍ଧୀ

d. ପଣ୍ଡିତ ଜବାହରଲାଲ୍ ନେହେରୁ

**୬୩. ଭୁଟାନ୍‌ର ନବମ ପ□ବାର୍ଷିକ ଯୋଜନା ପାଇଁ ଭାରତ ପ୍ରାୟ କେତେ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଥିଲା ।**

a. ୨୫୧୦,୧୫ କୋଟି

b. ୨୫୫୦,୧୬ କୋଟି

c. ୨୬୧୦,୧୨ କୋଟି

d. ୨୬୧୦,୧୪ କୋଟି

**୬୪. ଭାରତର ସୈନିକ ସ୍କୁଲରେ କେଉଁ ପଡ଼ୋଶୀ ଦେଶର ଛାତ୍ରଙ୍କୁ ଅଧୟନର ସୁବିଧା ମିଳୁଛି ?**

a. ଭୁଟାନ୍        b. ନେପାଳ

c. ଶ୍ରୀଲଙ୍କା        d. ବଙ୍ଗଳାଦେଶ

**୬୫. ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ପ୍ରଥମଚୁକ୍ତି କେବେ ସ୍ୱାକ୍ଷରିତ ହୋଇଥିଲା ?**

a. ୧୯୭୦ ଡିସେମ୍ବର ୧୦

b. ୧୯୭୧ ଡିସେମ୍ବର ୧୦

c. ୧୯୭୧ ଅକ୍ଟୋବର ୧୦

d. ୧୯୭୧ ନଭେମ୍ବର ୧୦

**୬୭. ତିନ୍ ବିଘା ଓ ନୂତନ ମୁରେ ଦ୍ୱୀପକୁ ନେଇ କେଉଁ ଦୁଇ ଦେଶ ମଧ୍ୟରେ ତିକ୍ତତା ରହିଛି ।**

a. ଭାରତ ଓ ପାକିସ୍ଥାନ        b. ଭାରତ ଓ ଚୀନ

c. ଭାରତ ଓ ଶ୍ରୀଲଙ୍କା

d. ଭାରତ ଓ ବଙ୍ଗଳାଦେଶ

**୬୮. କେଉଁ ମସିହାରେ ଗଙ୍ଗାନଦୀର ଜଳବ୍ଣ୍ଟନ ନେଇ ଭାରତ ଓ ବଙ୍ଗଳା ଦେଶ ମଧ୍ୟରେ ୩୦ ବର୍ଷ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।**

a. ୧୯୯୫ b. ୧୯୯୬

c. ୧୯୯୭ d. ୧୯୯୮

**୬୯. କେଉଁ ଦେଶର ପୁରୁଣା ନାମ ଥିଲା 'ବର୍ମା' ।**

a. ବଙ୍ଗଳା ଦେଶ b. ଶ୍ରୀଲଙ୍କା

c. ମିଆଁମାର d. ନେପାଳ

**୭୧. ମିଆଁମାରର ରାଜଧାନୀର ନାମ କ'ଣ ।**

a. ଥିମ୍ପୁ b. କାଠମାଣ୍ଡୁ

c. ରେଙ୍ଗୁନ୍ d. କଲମ୍ବୋ

**୭୨. କେଉଁ ମସିହାରେ ମିଆଁମାରରେ ସାମରିକ ଶାସନ ପ୍ରତିଷ୍ଠିତ ହେଲା ।**

a. ୧୯୬୨ ମାର୍ଚ୍ଚ

b. ୧୯୬୪ ମାର୍ଚ୍ଚ

c. ୧୯୬୨ ଅପ୍ରେଲ୍

d. ୧୯୬୪ ଅପ୍ରେଲ୍

**୭୩. ଭାରତ ମିଆଁମାର ବନ୍ଧୁତା ସଡ଼କର ଦୈର୍ଘ୍ୟ କେତେ ?**

a. 190 Km b. 180 Km

c.170 Km d. 160 Km

**୭୪. କେଉଁ ଦେଶର ଛାତ୍ରମାନଙ୍କ ପାଇଁ ନେହେରୁ ଓ୍ୱାଂଚୁକ୍ ବୃତ୍ତି ବ୍ୟବସ୍ଥା ରହିଛି ?**

a. ନେପାଳ b. ଭୁଟାନ୍

c. ମିଆଁମାର d. ଚୀନ୍

**୭୬. ନେପାଳର ତତ୍କାଳୀନ ପ୍ରଧାନମନ୍ତ୍ରୀ ଟି ପି ଆର୍ଯ୍ୟ କାହାର ସମର୍ଥକ ଥିଲେ ?**

a. ରୁଷ୍ b. ଆମେରିକା

c. ଚୀନ୍ d. ପାକିସ୍ତାନ

**୭୭. ୧୯୬୨ ଚୀନ୍‌ର ଭାରତ ଆକ୍ରମଣ ବେଳେ ଯୁକ୍ତରାଷ୍ଟ୍ର ଆମେରିକାର କେଉଁ ସରକାର ଭାରତ ପ୍ରତି ସମବେଦନା ଜ୍ଞାପନ କରିଥିଲେ ?**

a. କ୍ଲିଣ୍ଟନ୍ ସରକାର

b. କେନେଡ଼ି ସରକାର

c. ରେଗାନ୍ ସରକାର

d. କୌଣସିଟି ନୁହେଁ

**୭୯. ବଙ୍ଗଳା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ନାମ କ'ଣ ?**

a. ଶେଖ୍ ମୁଜିବୁର୍ ରହମନ୍

b. ଶେଖ୍ ହସିନା

c. ଲିଆକତ୍ ଅଲ୍ଲୀ

d. ମହମ୍ମଦ ଅଲ୍ଲୀ ଜିନ୍ନା

## ଉତ୍ତର

01.d 11.a 21.a 31.c 41.c 51.a 61.a71.c 12.c 22.b 42.d 52.a
72.a 03.b 13.a 23.d 33.b 43.a53.b 63.d 73.d 04.d 24.b
54.c 64.a 74.b 05.a 15.b 35.b 45.c 55.b 65.b 06.b 16.a
26.d 36.a 46.d 76.c 07.b 17.a 37.c 47.a 57.d
67.d 77.b 28.a 48.c 58.a 68.b
09.d 29.d 39.a 59.b 69.c 79.a
10.c 20.b 30.d 40.c 50.d 60.d

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**୧. ପଞ୍ଚଶୀଳ ନୀତି କ'ଣ ?**

ଉ. ୧୯୫୪ ମସିହାରେ ଉଭୟ ଭାରତ ଓ ଚୀନ୍ ପ□ଶୀଳ ନୀତିର ଘୋଷଣାନାମାରେ ସ୍ୱାକ୍ଷର କରିଥିଲେ ଓ ନିମ୍ନୋକ୍ତ ପା□ଗୋଟି ନୀତିକୁ ପାଳନ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ । ସେହି ପା□ଗୋଟି ନୀତି ହେଲା -

i. ପ୍ରତ୍ୟେକ ରାଷ୍ଟ୍ରର ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ପାରସ୍ପରିକ ସମ୍ମାନ ପ୍ରଦର୍ଶନ କରିବା ।

ii. ପାରସ୍ପରିକ ଅନାକ୍ରମଣ ।

iii. କେହି ଅନ୍ୟ କାହାର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାରୁ ନିବୃତ ରହିବା ।

iv. ସାମ୍ୟ ଓ ପାରସ୍ପରିକ ଉପକାର ।

v. ଶାନ୍ତିପୂର୍ଣ୍ଣ ସହାବସ୍ଥାନ ।

**୨. ଗୋଷ୍ଠୀ ନିରପେକ୍ଷତା କହିଲେ କ'ଣ ବୁଝ ?**

i. ଭାରତ ଗୋଷ୍ଠୀନିରପେକ୍ଷତା ନୀତିରେ ବିଶ୍ୱାସ କରେ ।

ii. ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ପରେ ସମଗ୍ର ବିଶ୍ୱ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଥିଲା । ଗୋଟିଏ ପଟେ ଯୁକ୍ତରାଷ୍ଟ୍ର ଆମେରିକା ଓ ଅନ୍ୟପଟେ ପ୍ରାକ୍ତନ ସୋଭିଏତ୍ ରୁଷିଆ । ଏହି ଦୁଇ ଦେଶ ଅନ୍ୟ ସ୍ୱାଧିନ ରାଷ୍ଟ୍ର ଗୁଡ଼ିକୁ ନିଜର ପକ୍ଷଭୁକ୍ତ କରିବା ପାଇଁ ଉଦ୍ୟମ କରିଥିଲେ ।

iii. ଏହି ସମୟରେ ଭାରତ କୌଣସି ଗୋଷ୍ଠୀ ଭୁକ୍ତ ହୋଇ ନଥିଲା । ଭାରତ ନିଜର ଏକ ସ୍ୱାଧିନ ନିରପେକ୍ଷ ତଥା ଶକ୍ତିଶାଳୀ ବୈଦେଶୀକ ନୀତି ଉପରେ ଗୁରୁତ୍ୱ ଆରୋପ କରିଥିଲା ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ଭାରତ ନିଜର ଉଦ୍ୟମ ଅବ୍ୟାହତ ରଖିଥିଲା ।

iv. ସମସ୍ତ ରାଷ୍ଟ୍ରଙ୍କ ସହିତ ସଦ୍‌ଭାବ ଓ ଶାନ୍ତିପୂର୍ଣ୍ଣ ସମ୍ପର୍କ ସ୍ଥାପନ ଦିଗରେ ଭାରତ ସର୍ବଦା ଚେଷ୍ଟିତ ଥିଲା ।

v. ଭାରତ ନିଶ୍ଚିତ ଥିଲା ଯେ, କୌଣସି ଏକ ଗୋଷ୍ଠୀରେ ସାମିଲ୍ ହେଲେ ଦେଶ ନିଜର ସ୍ୱାତନ୍ତ୍ର୍ୟ ହରାଇବସିବ ।

**୪. ତିବତ୍ ସମସ୍ୟା ଭାରତ ଓ ଚୀନ୍ ସମ୍ପର୍କକୁ କିପରି ପ୍ରଭାବିତ କରିଛି, ତାହା ଆଲୋଚନା କର ।**

i. ଭାରତ ଓ ଚୀନ୍ ମଧ୍ୟରେ ତିବ୍ବତକୁ ନେଇ ସମସ୍ୟା ଦେଖାଦେଇଥିଲା ।

ii. ଦୀର୍ଘଦିନ ଧରି ତିବ୍ବତ୍ ସ୍ୱାଧିନ ରାଷ୍ଟ୍ର ଥିଲା । କିନ୍ତୁ ପରେ ଚୀନ୍ ଏହାକୁ ଦଖଲ କଲା ।

iii. ୧୮୯୦ ମସିହାରେ ଭାରତରେ ଶାସନ କରୁଥିବା ବ୍ରିଟିଶ୍ ସରକାର ଚୀନ୍ ସହିତ ଏକ ଚୁକ୍ତି ସ୍ୱାକ୍ଷରିତ କରିଥିଲେ ଓ ଭାରତ ଓ ତିବ୍ବତ୍ ମଧ୍ୟରେ ସୀମା ନିର୍ଦ୍ଧାରଣ କରିଥିଲେ । କିନ୍ତୁ ତିବ୍ବତୀୟ ଶାସକମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ ।

iv. ବ୍ରିଟେନ୍ ଓ ରଷିଆ ସେ ସମୟରେ ତିବ୍ବତ୍‌ରେ ଚୀନ୍‌ର ଶାସନକୁ ସମର୍ଥନ ଜଣାଇଥିଲେ ।

v. ୧୯୧୧ ରେ ଡକ୍ଟ ସନ୍-ୟାତ୍-ସେନ୍‌ଙ୍କ ନେତୃତ୍ୱରେ ଚୀନ୍‌ରେ ବିପ୍ଳବ ହୋଇଥିଲା ଓ ଏହାପରେ ତିବ୍ବତ୍ ଚୀନ୍‌କୁ ତାହାର ଭୂଖଣ୍ଡରୁ ଚ୍ୟୁତିଯିବା ପାଇଁ ବାଧ କରିଥିଲା ।

vi. ୧୯୫୦ ମସିହା ଅକ୍ଟୋବର ମାସରେ ଚୀନ୍ ତିବ୍ବତ୍‌କୁ ଅଧିକାର କଲାବେଳେ ଭାରତ ଏହାର ଘୋର୍ ବିରୋଧ କରିଥିଲା । ଏଣୁ ଦୁଇ ଦେଶ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା ।

**୬. ଯୁକ୍ତରାଷ୍ଟ୍ର ଆମେରିକା ସହିତ ଭାରତର ସମ୍ପର୍କ ସଂକ୍ଷେପରେ ଲେଖ ?**

i.. ୧୯୬୨ ମସିହାରେ ଚୀନ୍ ଭାରତ ଯୁଦ୍ଧ ବେଳେ ଯୁକ୍ତରାଷ୍ଟ୍ର ଆମେରିକା ଭାରତକୁ ସମର୍ଥନ କରିଥିଲା । ଯୁକ୍ତରାଷ୍ଟ୍ର ଆମେରିକାର ତତ୍କାଳୀନ କେନେଡ଼ି ସରକାର ଭାରତ ପ୍ରତି ସମବେଦନା ଜ୍ଞାପନ କରିଥିଲା ।

ii. ୧୯୬୫ ମସିହାରେ ଭାରତ ପାକିସ୍ତାନ ଯୁଦ୍ଧ ସମୟରେ ଯୁକ୍ତରାଷ୍ଟ୍ର ଆମେରିକା ପାକିସ୍ତାନକୁ ସମର୍ଥନ କରିଥିଲା । ଭାରତକୁ ଭୟଭୀତ କରିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ବଙ୍ଗୋପସାଗରକୁ ସପ୍ତମ ନୌଜାହାଜ ପଠାଇଥିଲା ଓ ଚୀନ୍‌କୁ ଭାରତ ବିରୋଧରେ ଉତ୍ସାହିତ କରିଥିଲା ।

iii. କାଶ୍ମୀର ପ୍ରସଙ୍ଗ, ପାକିସ୍ତାନକୁ ଯୁକ୍ତରାଷ୍ଟ୍ର ଆମେରିକାର ଅସ୍ତ୍ରଶସ୍ତ୍ର ସାହାଯ୍ୟ, ୧୯୭୧ ଓ ୧୯୯୧ ମସିହା ମଧ୍ୟରେ ଭାରତ - ସୋଭିଏତ୍ ଋଷିଆ ମଧ୍ୟରେ ବନ୍ଧୁତ୍ୱ ପ୍ରସଙ୍ଗ ଭାରତ ସହିତ ଯୁକ୍ତରାଷ୍ଟ୍ର ଆମେରିକାର ସମ୍ପର୍କରେ ତିକ୍ତତା ଆଣିଥିଲା ।

iv.୧୯୯୨ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବିଲ୍ କ୍ଲି□ନ୍ ଭାରତ-ଯୁକ୍ତରାଷ୍ଟ୍ର ଆମେରିକା ସମ୍ପର୍କରେ ଉନ୍ନତି ଆଣିବା ପାଇଁ ପ୍ରୟାସ କରିଥିଲେ ।

v. ଭାରତର ଉଦାରୀକରଣ ନୀତିକୁ ଯୁକ୍ତରାଷ୍ଟ୍ର ଆମେରିକା ସମର୍ଥନ ଜଣାଇଥିଲା ।

vi. ପରିବେଶ ସଂକ୍ରାନ୍ତୀୟ ସମସ୍ୟାର ସମାଧାନ, ତଥା ବେଆଇନ୍ ନିଶାଦ୍ରବ୍ୟ କାରବାରକୁ ଦୃଢ଼ ହସ୍ତରେ ଦମନ କରିବା ଓ ଆନ୍ତର୍ଜାତିକ ସନ୍ତ୍ରାସବାଦର ବିଲୋପ ପାଇଁ ଉଭୟ ଦେଶ ଅଙ୍ଗୀକାରବଦ୍ଧ ।

**୬. ଭାରତ ଓ ଚୀନ୍ ସୀମା ବିବାଦ ବିଷୟରେ ସଂକ୍ଷେପରେ ଲେଖ ?**

i.. ଭାରତ ଓ ଚୀନ୍ ମଧ୍ୟରେ ଅନେକ ଦିନ ଧରି ସୀମା ବିବାଦ ଲାଗି ରହିଛି । ୧୯୫୯ ମସିହାରେ ଚୀନ୍ ସରକାର ଭାରତର ୮୧,୬୦୦ ବର୍ଗ କିଲୋମିଟ୍ର ବିସ୍ତୀର୍ଣ୍ଣ ଅଞ୍ଚଳ ଅଧିକାର କଲେ ।

ii. ୧୯୬୨ ମସିହାରେ ଚୀନ୍ ଓ ଭାରତ ମଧ୍ୟରେ ଥିବା 'ମ୍ୟାକ୍ ମୋହନ ସୀମାରେଖା'କୁ ଅତିକ୍ରମ କରି ଭାରତର ବିସ୍ତୃତ ଅ□ଳକୁ ଚୀନ୍ ଅଧିକାର କରିନେଲ । ଆନ୍ତର୍ଜାତିକ କ୍ଷେତ୍ରରେ ଏହା ଆଲୋଡ଼ନ ସୃଷ୍ଟି କରିଥିଲା ଏବଂ ଦୁଇ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିଲା । ଶ୍ରୀଲଙ୍କା ସରକାରଙ୍କ ଉଦ୍ୟମରେ କଲମ୍ବୋ ସମ୍ମିଳନୀରେ ଗୃହୀତ ଏକ ଶାନ୍ତି ପ୍ରସ୍ତାବକୁ ଚୀନ୍ ସରକାର ପ୍ରତ୍ୟାଖ୍ୟାନ କରିଥିଲେ ।

iii. ୧୯୯୩ ମସିହାରେ ଚୀନ ଓ ଭାରତ ଏକ ମିଳିତ ରାଜିନାମାରେ ସ୍ୱାକ୍ଷର କଲେ ଓ ଉଭୟ ଦେଶ ମଧ୍ୟରେ ଥିବା ପ୍ରକୃତ ନିୟନ୍ତ୍ରଣ ରେଖାକୁ ସମ୍ମାନ ଦେବାକୁ ରାଜି ହେଲେ ।

**୮. ଭାରତ ଭୁଟାନ୍‌କୁ କିପରି ସହାୟତା ଯୋଗାଇ ଥିଲା ବର୍ଣ୍ଣନା କର ?**

i.. ଭୁଟାନ୍‌ର ପ୍ରଥମ ପ□ବାର୍ଷିକ ଯୋଜନା ପାଇଁ ଭାରତ ସରକାର ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ ।

ii. ଭୁଟାନ୍‌ର ନବମ ପ□ବାର୍ଷିକ ଯୋଜନା (୨୦୦୦-୨୦୦୮) ପାଇଁ ଭାରତ ପ୍ରାୟ ୧୬୧୦,୧୪ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇଥିଲା ।

iii. ଭୁଟାନ୍‌ରେ ରାଜପଥ ନିର୍ମାଣ, ପାରୋଠାରେ ବିମାନ ବନ୍ଦର ନିର୍ମାଣ, ପେଣ୍ଡେନ୍ ସିମେଣ୍ଟ କାରଖାନା ନିର୍ମାଣ ଓ ଅନେକ ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣରେ ଭାରତ ସରକାର ଆର୍ଥିକ ସହାୟତା ଯୋଗାଇଛନ୍ତି ।

iv.. ଭାରତର ସୈନିକ ସ୍କୁଲ୍‌ରେ ଭୁଟାନ୍‌ର ଛାତ୍ରଙ୍କୁ ଅଧ୍ୟୟନର ସୁବିଧା ଦିଆଯାଉଛି । ମେଧାବୀ ଭୁଟାନ୍ ଛାତ୍ରମାନଙ୍କ ପାଇଁ ଭାରତ ସରକାର ଶିକ୍ଷା ବୃ□ ପ୍ରଦାନର ବ୍ୟବସ୍ଥା କରିଛନ୍ତି । ନେହେରୁ - ୱାଂଗଚୁକ ବୃ□ ଲାଭ କରି ଭୁଟାନ୍‌ର ଅନେକ ଛାତ୍ର ଭାରତର ଅଗ୍ରଣୀ ବିଶ୍ୱବିଦ୍ୟାଳୟ ମାନଙ୍କରେ ଏବେ ପାଠ ପଢୁ ଛନ୍ତି ।

# କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

୦୧. **କେଉଁ କେଉଁ କାରଣ ଯୋଗୁଁ ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା ?**

(a) ଚୀନ୍-ବିଘା ଓ ନୂତନ ମୁରେ ଦ୍ୱୀପକୁ ନେଇ ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ତିକ୍ତତା ସୃଷ୍ଟି ହେଲା ।

(b) ଚକ୍‌ମା ଶରଣାର୍ଥୀମାନେ ଭାରତର ତ୍ରିପୁରା ରାଜ୍ୟରେ ଆଶ୍ରୟ ନେଇଥିଲେ ଓ ସେମାନଙ୍କୁ ନେଇ ସମସ୍ୟା ସୃଷ୍ଟି ହୋଇଥିଲା ।

୦୪. **କାଶ୍ମୀର ପ୍ରସଙ୍ଗରେ ସୋଭିଏତ୍ ଋଷିଆର ଦୃଷ୍ଟିଭଙ୍ଗୀ କ'ଣ ଥିଲା ?**

(a) କାଶ୍ମୀରକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉପୁଜିଥିବା ବିବାଦରେ ସୋଭିଏତ୍ ଋଷିଆ ଭାରତକୁ ସମର୍ଥନ କରିଥିଲା । କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ସୋଭିଏତ୍ ଋଷ ସ୍ୱୀକାର କରୁଥିଲା ।

(b) ଯୁକ୍ତରାଷ୍ଟ୍ର ଆମେରିକାର ସାମ୍ରାଜ୍ୟବାଦୀ ନୀତି ପାକିସ୍ତାନକୁ ଭାରତ ବିରୋଧରେ ପ୍ରୋତ୍ସାହିତ କରୁଛି ବୋଲି ସୋଭିଏତ୍ ଋଷିଆ ଅଭିଯୋଗ ଆଣିଥିଲା ।

୦୬. **ସାର୍କ (SAARC)କ'ଣ ?**

(a) ୧୯୮୫ ମସିହା ଡିସେମ୍ବର ମାସରେ ସାର୍କ ଆନୁଷ୍ଠାନିକ ଭାବରେ ଗଠିତ ହେଲା ।

(b) ଏହାର ସଦସ୍ୟ ରାଷ୍ଟ୍ର ହେଲେ- ଭାରତ, ପାକିସ୍ତାନ, ବଙ୍ଗଳାଦେଶ, ଶ୍ରୀଲଙ୍କା, ନେପାଳ, ଭୁଟାନ୍ ଓ ମାଲ୍‌ଡାଇଭ୍ ।

(c) ଦକ୍ଷିଣ-ଏସୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଆଞ୍ଚଳିକ ସ୍ତରରେ ଆର୍ଥିକ ସହଯୋଗ ବୃଦ୍ଧି ଏହାର ଉଦ୍ଦେଶ୍ୟ ।

୦୮. **ଭାରତ ଓ ବଙ୍ଗଳାଦେଶ ମଧ୍ୟରେ କିପରି ବାଣିଜ୍ୟିକ ସଂପର୍କ ପ୍ରତିଷ୍ଠିତ ହୋଇଛି ?**

(a) ଉଭୟ ଦେଶ ମଧ୍ୟରେ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

(b) ଏହାଦ୍ୱାରା ବଙ୍ଗଳାଦେଶରୁ ମାଛ, ଝୋଟ, ଛାପାକାଗଜ, ଭାରତର ବଜାରକୁ ଆସିପାରିଲା ।

(c) ଭାରତ ବଙ୍ଗଳାଦେଶର ବଜାରକୁ ତମାଖୁ, ସିମେ□, ଖଣିଜ ପଦାର୍ଥ, ମେସିନ୍ ଇତ୍ୟାଦି ବିକ୍ରି ପାଇଁ ପଠାଗଲା ।

୧୦. **'ଭିଟୋ' କ୍ଷମତା କ'ଣ ?**

(a) ସଂଯୁକ୍ତ ରାଷ୍ଟ୍ରସଂଘର ନିରାପ□ ପରିଷଦରେ ୫ଜଣ ସ୍ଥାୟୀ ସଦସ୍ୟଙ୍କୁ ଏହି ସ୍ୱତନ୍ତ୍ର 'ଭିଟୋ' କ୍ଷମତା ଦିଆଯାଇଛି ।

(b) ଏହି କ୍ଷମତା ବଳରେ ୫ ଗୋଟି ସ୍ଥାୟୀ ସଦସ୍ୟ ତଥା ବୃହ□ଶକ୍ତି ସଂଯୁକ୍ତ ରାଷ୍ଟ୍ରସଂଘର ନିରାପ□ ପରିଷଦର କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କାର୍ଯ୍ୟକାରୀ କରିବା ପାଇଁ ସହମତ ହୋଇଥାନ୍ତି ।

(c) ମାତ୍ର ୫ ଗୋଟି ସ୍ଥାୟୀ ସଦସ୍ୟଙ୍କ ମଧ୍ୟରୁ ଯଦି କେହି ଜଣେ ସହମତ ନହୋଇ ନିଷ୍□ ବିରୋଧରେ ମତ ଦିଅନ୍ତି, ତାକୁ 'ଭିଟୋ' କୁହାଯାଏ ।

# କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

୦୧. **ଶୀତଳ ଯୁଦ୍ଧ କହିଲେ କ'ଣ ବୁଝ ?**

ଶୀତଳ ଯୁଦ୍ଧ ପରସ୍ପର ବିରୋଧରେ ଅପପ୍ରଚାର ଓ ମାନସିକ ଚାପ ପ୍ରୟୋଗ ଉପରେ ଆଧାରିତ ଥିଲା ।

୦୩. **ବର୍ଣ୍ଣବୈଷମ୍ୟ ନୀତି ବିରୋଧରେ ଭାରତ କ'ଣ ପଦକ୍ଷେପ ନେଇଥିଲା ?**

ଦକ୍ଷିଣ ଆଫ୍ରିକାର ସଂଖ୍ୟାଲଘୁ ଗୋରା ଶାସକଙ୍କ ବର୍ଣ୍ଣ ବୈଷମ୍ୟ ନୀତି ବିରୋଧରେ ଭାରତ ସ୍ୱର ଉ□ୋଳନ କରିଥିଲା ଓ ୧୯୪୯ ମସିହାରେ ସେଠାକାର ଗୋରା ଶାସନ ସହିତ ସଂପର୍କ ଛିନ୍ନ କରିଥିଲା ।

୦୬. **୨୦୦୨ ମସିହା ଜାନୁଆରୀ ମାସରେ କେଉଁ ଚୀନ୍ ଶାସନମୁଖ୍ୟ ଭାରତ ଗସ୍ତରେ ଆସିଥିଲେ ? ସେ ସମୟରେ କେଉଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ?**

(a) ୨୦୦୨ ମସିହାର ଜାନୁଆରୀ ମାସରେ ଚୀନ୍ ଶାସନମୁଖ୍ୟ ରାଷ୍ଟ୍ରପତି ଝୁ-ରୋଙ୍ଗଜୀ ଭାରତ ଗସ୍ତରେ ଆସିଥିଲେ ।

(b) ସେ ସମୟରେ ଅନେକ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

୦୮. **ଶ୍ରୀଲଙ୍କା ରାଷ୍ଟ୍ରପତି ଚନ୍ଦ୍ରିକା କୁମାରତୁଙ୍ଗ କେବେ ଭାରତ ଆସିଥିଲେ ଏବଂ କେଉଁ ବିଷୟରେ ଆଲୋଚନା କରିଥିଲେ ?**

(a) ଶ୍ରୀଲଙ୍କା ରାଷ୍ଟ୍ରପତି ଚନ୍ଦ୍ରିକା କୁମାରତୁଙ୍ଗ ୧୯୯୫ ମସିହା ମାର୍ଚ୍ଚ ମାସରେ ଭାରତ ଆସିଥିଲେ ?

(b) ସେ ବର୍ଣ୍ଣବୈଷମ୍ୟଜନିତ ସଂଘର୍ଷ ଓ ସନ୍ତ୍ରାସବାଦର ବିଲୋପ ପାଇଁ ଆଲୋଚନା କରିଥିଲେ ।

୧୧. **ଭାରତ ଗସ୍ତରେ ଆସିଥିବା ପ୍ରଥମ ସୋଭିଏତ୍ ପ୍ରଧାନମନ୍ତ୍ରୀ କିଏ ଥିଲେ ? ସେ କେବେ ଭାରତ ଆସିଥିଲେ ?**

(a) ଭାରତ ଗସ୍ତରେ ଆସିଥିବା ପ୍ରଥମ ସୋଭିଏତ ପ୍ରଧାନମନ୍ତ୍ରୀ ଥିଲେ କୃଷ୍ଚେଭ୍ ।

(b) ସେ ୧୯୫୫ ମସିହା ନଭେମ୍ବର ମାସରେ ଭାରତ ଆସିଥିଲେ ।

୧୨. **ତାସ୍କେ□୍ଶିଖର ସମ୍ମିଳନୀରେ କେଉଁମାନେ ଯୋଗ ଦେଇ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଥିଲେ ?**

ତାସ୍କେ□ ଶିଖର ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୂର ଶାସ୍ତ୍ରୀ ଓ ପାକିସ୍ତାନର ରାଷ୍ଟ୍ରପତି ଆୟୁବ ଖାଁ ଯୋଗଦେଇ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଥିଲେ ।

୧୪. **କେଉଁ କେଉଁ କାରଣ ଯୋଗୁ ଭାରତ ଓ ପାକିସ୍ତାନ ମଧ୍ୟରେ ମନୋମାଳିନ୍ୟ ଦେଖାଦେଇଥିଲା ?**

ବିଭାଜନ ପରେ ଦୁଇ ଦେଶ ମଧ୍ୟରେ ଶରଣାର୍ଥୀ ପୁନର୍ବସତି ବ୍ୟବସ୍ଥା, କାଶ୍ମୀର ପ୍ରସଙ୍ଗ ଓ ବ୍ରିଟିଶ୍ ଶାସକମାନେ ଛାଡିଯାଇଥିବା ସ୍ୱଳ୍ପ ଆର୍ଥୀକ ସମ୍ବଳ ପ୍ରସଙ୍ଗକୁ ନେଇ ମନୋମାଳିନ୍ୟ ସୃଷ୍ଟି ହୋଇଥିଲା ।

# PRACTICE QUESTION SET
# ସେଟ୍-୧

**୦୧. କେଉଁଟି ପର୍ତ୍ତୁଗୀଜ ଉପନିବେଶ ନୁହେଁ ?**

(କ) କାଶ୍ମୀର (ଖ) ପଞ୍ଜାବ (ଗ) ହାଇଦରାବାଦ୍ (ଘ) କଲିକତା

**୦୨. ଏଡ଼ୱାର୍ଡ ଗୋବର୍ଟ କିଏ ?**

(କ) ବ୍ରିଟିଶ ଭାଇସରାୟ (ଖ) ଫରାସୀ ଶାସକ (ଗ) ଭାରତୀୟ ସେନାଧକ୍ଷ

(ଘ) ୟାନାମ ଜନନାୟକ

**୦୩. ନାଗରିକ ଅଯୋଗ୍ୟତା ଦୂରୀକରଣ ଆଇନ କେଉଁ ପ୍ରଥା ସହିତ ସମ୍ପୃକ୍ତ ?**

(କ) କାଶ୍ମୀର (ଖ) ପଞ୍ଜାବ (ଗ) ହାଇଦରାବାଦ୍ (ଘ) କଲିକତା

**୦୪. କେଉଁ ଅବିଭକ୍ତ ଜିଲ୍ଲାଗୁଡ଼ିକ ବିଜୁ କେବିକେ ଯୋଜନାର ଅନ୍ତର୍ଭୁକ୍ତ ?**

(କ) କଳାହାଣ୍ଡି, ବାଲେଶ୍ୱର, କୋରାପୁଟ (ଖ) ଖୋର୍ଦ୍ଧା, ବଲାଙ୍ଗୀର, କୋରାପୁଟ

(ଗ) ଖୋର୍ଦ୍ଧା, ବଲାଙ୍ଗୀର, କୋରାପୁଟ

(ଘ) କଳାହାଣ୍ଡି, ବାଲେଶ୍ୱର, କେନ୍ଦୁଝର

**୦୫. ଓଡ଼ିଶାର କେଉଁ ସ୍ଥାନରେ ଗୋଳାବାରୁଦ କାରଖାନା ପ୍ରତିଷ୍ଠା ହୋଇଛି ?**

(କ) ଚୌଦ୍ୱାର (ଖ) ସୁନାବେଡ଼ା (ଗ) ବଡ଼ମାଳ (ଘ) ଛତ୍ରପୁର

**୦୬. ଗାଡ଼ିର ଇନ୍ଧନ ବ୍ୟବହାର କେଉଁ କାରକ ଉପରେ ନିର୍ଭରଶୀଳ ନୁହେଁ ?**

(କ) ଚାଳକଙ୍କ ଗାଡ଼ି ଚାଳନା ଦକ୍ଷତା

(ଖ) ଟ୍ରାଫିକ୍‌ର ଘନତ୍ୱ

(ଗ) ରାସ୍ତାର ଅବସ୍ଥା

(ଘ) ଇନ୍ଧନର ଗୁଣବ□

**୦୭. ପ□ଶୀଳ ରାଜିନାମା କେଉଁ ଦୁଇଟି ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା ?**

(କ) ଭାରତ ଓ ପାକିସ୍ତାନ

(ଖ) ଭାରତ ଓ ଚୀନ୍

(ଗ) ଭାରତ ଓ ଋଷ

(ଘ) ଭାରତ ଓ ବାଂଲାଦେଶ

**୦୮. ଉପନିବେଶବାଦ ଆଫ୍ରିକା ଓ ଏସିଆ ମହାଦେଶ ପାଇଁ ସବୁଠାରୁ ବଡ଼ ବିପଦ ଏବଂ ଏହାକୁ ହଟାଇବା ନିତାନ୍ତ ଆବଶ୍ୟକ-ଏକଥା କିଏ କହିଥିଲେ ?**

(କ) ମହାତ୍ମା ଗାନ୍ଧୀ

(ଖ) ଜବାହାରଲାଲ୍ ନେହେରୁ

(ଗ) ଲାଲବାହାଦୁର ଶାସ୍ତ୍ରୀ

(ଘ) ମିଖାଇଲ୍ ଗୋର୍ବାଚୋଭ୍

**୨୪. ପୂର୍ବ ପାକିସ୍ତାନ ଗଠନ ଆନ୍ଦୋଳନର ନେତୃତ୍ୱ କିଏ ଦେଇଥିଲେ ?**

(କ) ଶେଖ୍ ମୁଜିବର ରହମନ୍

(ଖ) ନୱାଜ୍ ଶରିଫ୍

(ଗ) ଖାଁ ଅବଦୁଲ୍ ଗଫର୍ ଖାନ୍

(ଘ) ଅବଦୁଲ୍ କତାର୍ ଖାଁ

## SUBJECTIVE

୦୧. ହାଇଦ୍ରାବାଦ୍ କିପରି ଭାରତ ସହିତ ମିଶିଲା ? [ 2 × 1 = 2

**କିମ୍ବା**

କୃଷି ପାଇଁ ଆବଶ୍ୟକୀୟ ଭିତ୍ତିଭୂମି କ'ଣ ?

୦୨. ସଡ଼କ ଦୁର୍ଘଟଣାର କାରଣ କ'ଣ ? [ 3 × 1 = 3

**କିମ୍ବା**

ପଂଚଶୀଳ ନୀତି କ'ଣ ?

୦୩. ସୁଏଜ୍ କେନାଲ ସଂକଟ କ'ଣ ? [ 2 × 1 = 2

**କିମ୍ବା**

ଟ୍ରାଫିକ୍ ସଂକେତ ଗୁଡ଼ିକ କେତେ ପ୍ରକାରର ଓ କ'ଣ କ'ଣ ?

# ସେଟ୍-୨

**୦୧. ସର୍ଦ୍ଦାର ବଲ୍ଲଭଭାଇ ପଟେଲ ହାଇଦ୍ରାବାଦ ଉପରେ କେଉଁ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ?**

(କ) ଅପରେସନ୍ ପୋଲେ ।

(ଖ) ଅପରେସନ୍ ଗୁଲମାର୍ଗ

(ଗ) ଅପରେସନ୍ ହାଇଦ୍ରାବାଦ୍

(ଘ) କୌଣସିଟି ନୁହେଁ

**୦୪. କେତୋଟି ଗଡ଼ଜାତ 'ଗ' ଶ୍ରେଣୀଭୁକ୍ତ ଥିଲା ?**

(କ) ୧ (ଖ) ୨

(ଗ) ୩ (ଘ) ୧୨

**୦୭. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଏକ ଫରାସୀ ଉପନିବେଶରେ ଅନ୍ତର୍ଭୁକ୍ତ ନଥିଲା ?**

(କ) ପୁଦୁଚେରୀ (ଖ) ଗୋଆ (ଗ) ଚନ୍ଦନନଗର (ଘ) କରାଇକଲ

**୧୧. ଜାତୀୟ ଆୟର କେତେ ଅଭିବୃଦ୍ଧି ତୃତୀୟ ପ▯ବାର୍ଷିକ ଯୋଜନାର ଲକ୍ଷ୍ୟ ଥିଲା ?**

(କ) ୫% (ଖ) ୫.୬% (ଗ) ୭.୫% (ଘ) ୬.୮%

**୧୪. ଭାବା ଆଣବିକ ଗବେଷଣା କେନ୍ଦ୍ର କେଉଁଠାରେ ପ୍ରତିଷ୍ଠିତ ହୋଇଥିଲା ?**

(କ) ଇନ୍ଦୋର (ଖ) ଟ୍ରମ୍ବେ

(ଗ) ଦିଲ୍ଲୀ (ଘ) ଥିରୁବନନ୍ତପୁରମ୍

**୧୭. ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ କେଉଁଠାରେ ଅବସ୍ଥିତ ?**

(କ) ଭୁବନେଶ୍ୱର (ଖ) ଢେଙ୍କାନାଳ (ଗ) ବ୍ରହ୍ମପୁର (ଘ) କଟକ

**୨୧. ପ୍ରତିବର୍ଷ ଯାନବାହନ ସଂଖ୍ୟା ପ୍ରାୟ କେତେ ପ୍ରତିଶତ ବୃଦ୍ଧି ପାଉଛି ?**

(କ) ୧୦ (ଖ) ୧୨

(ଗ) ୧୫ (ଘ) ୨୦

**୨୫. ୧୯୬୬ ମସିହାରେ ତାସ୍‌କେ▯ଚୁକ୍ତି କେଉଁ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା ?**

(କ) ଭାରତ ଓ ଶ୍ରୀଲଙ୍କା

(ଖ) ଭାରତ ଓ ଚୀନ୍

(ଗ) ଭାରତ ଓ ସୋଭିଏତ୍ ଋଷିଆ

(ଘ) ଭାରତ ଓ ପାକିସ୍ତାନ

## SUBJECTIVE

୦୨. 'ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ' ସଂପର୍କରେ ଲେଖ । [ 3 marks

**କିମ୍ବା**

'ନବମ ପଞ୍ଚବାର୍ଷିକ ଯୋଜନା' ସଂପର୍କରେ ଲେଖ ।

୦୫. କେଉଁ କେଉଁ କାରଣ ଯୋଗୁଁ ଭାରତ ଓ ପାକିସ୍ତାନ ମଧ୍ୟରେ ମନୋମାଳିନ୍ୟ ଦେଖାଦେଇଥିଲା ? [ 2 marks

**କିମ୍ବା**

ତିବ୍ବତ୍ ସମସ୍ୟା କିପରି ଭାରତ ଓ ଚୀନ୍ ମଧ୍ୟରେ ତିକ୍ତତାର କାରଣ ହୋଇଥିଲା ?

୦୬. ସାର୍କ (SAARC) କ'ଣ ? ଏହାର ଉଦ୍ଦେଶ୍ୟ କ'ଣ ? [ 3 marks

**କିମ୍ବା**

ରୋନାଲ୍ଡ ବ୍ରାଉନ୍ କିଏ ? ସେ କେବେ ଭାରତ ଆସିଥିଲେ ?

# ସେଟ୍-୩

**୦୧. ଭାରତର ବିସ୍ମାର୍କ କାହାକୁ କହନ୍ତି ?**

(କ) ଜବାହାରଲାଲ୍ ନେହେରୁ

(ଖ) ଲାଲା ଲାଜପତ୍ ରାୟ

(ଗ) ସର୍ଦ୍ଦାର ବଲ୍ଲଭଭାଇ ପଟେଲ

(ଘ) ମହାତ୍ମାଗାନ୍ଧୀ

**୦୪. ଓଡ଼ିଶା ସରକାର କେବେ ବିଜୁ ଗ୍ରାମ ଜ୍ୟୋତି ଯୋଜନା ଆରମ୍ଭ କରିଛନ୍ତି ?**

(କ) ୨୦୦୭ (ଖ) ୨୦୦୫ (ଗ) ୨୦୦୬ (ଘ) ୨୦୦୪

**୦୮. ବର୍ତ୍ତମାନ ଭାରତରେ କେତୋଟି ରେଳବାଇ ଜୋନ୍ ଅଛି ?**

(କ) ୧୧ଟି (ଖ) ୧୪ଟି

(ଗ) ୧୫ଟି (ଘ) ୧୬ଟି

**୧୦. ୧୯୫୧ ମସିହାରେ ଓଡ଼ିଶାର ସମୁଦାୟ ଶ୍ରମଶକ୍ତିର ଶତକଡ଼ା କେତେଭାଗ ଶ୍ରମିକ କାରଖାନାମାନଙ୍କରେ କାମ କରୁଥିଲେ ?**

(କ) ୬.୧୪ (ଖ) ୮.୧୪ (ଗ) ୭.୧୪ (ଘ) ୯.୧୪

**୧୩. କେତେ ବର୍ଷର ଶ୍ରମିକମାନଙ୍କୁ ଶିଶୁ ଶ୍ରମିକ କୁହାଯାଏ ?**

(କ) ୧୪ ବର୍ଷରୁ କମ୍ (ଖ) ୧୮ ବର୍ଷରୁ କମ୍ (ଗ) ୧୬ ବର୍ଷରୁ କମ୍ (ଘ) ୧୨ ବର୍ଷରୁ କମ୍

**୧୬. କେବେ ଗୋଆକୁ ରାଜ୍ୟପାହ୍ୟା ପ୍ରଦାନ କରାଗଲା ?**

(କ) ୧୯୮୬ ମେ ୩୦

(ଖ) ୧୯୮୭ ମେ ୩୦

(ଗ) ୧୯୮୫ ମେ ୩୦

(ଘ) ୧୯୮୪ ମେ ୩୦

**୧୮. କେବେ ହାଇଦ୍ରାବାଦ୍‌ର ନିଜାମ ମିଳନ ପତ୍ରରେ ସ୍ୱାକ୍ଷର କଲେ ?**

(କ) ୧୯୪୬ ନଭେମ୍ବର

(ଖ) ୧୯୪୭ ନଭେମ୍ବର

(ଗ) ୧୯୪୮ ନଭେମ୍ବର

(ଘ) ୧୯୪୯ ନଭେମ୍ବର

**୨୧. ରାସ୍ତା ପାର ହେବା ପୂର୍ବରୁ ପ୍ରଥମେ କେଉଁ ପଟକୁ ଚାହିଁବା ଆବଶ୍ୟକ ?**

(କ) ଡାହାଣକୁ (ଖ) ବାମକୁ

(ଗ) ସାମ୍ନାକୁ (ଘ) ଉଭୟ ପାର୍ଶ୍ୱକୁ

**୨୪. କେବେ "ଭାରତ-ମିଆଁମାର" ବନ୍ଧୁତା ସଡ଼କ ନିର୍ମାଣ କରାଯାଇଥିଲା ?**

(କ) ୨୦୦୨ (ଖ) ୨୦୦୦ (ଗ) ୨୦୦୩ (ଘ) ୨୦୦୧

## SUBJECTIVE

**୦୧.** ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟ ଦାବିଗୁଡ଼ିକ କ'ଣ ? [ 4 marks

**କିମ୍ବା**

ଓଡ଼ିଶାରେ ଶିକ୍ଷା ବିକାଶର ମୁଖ୍ୟ ପ୍ରତିବନ୍ଧକ ଗୁଡ଼ିକ କ'ଣ ?

**୦୪.** ସଡ଼କ ଦୁର୍ଘଟଣାରେ ମାନବୀୟ ତ୍ରୁଟି କ'ଣ ? [ 2 marks

**କିମ୍ବା**

ଭିଟୋ କ୍ଷମତା କହିଲେ କ'ଣ ବୁଝ ?

# MODEL QUESTION SET
# (MCQ)

୧) ଗଡଜାତ ମିଶ୍ରଣ ପରେ ଓଡିଶା ବିଧାନସଭାର ସଭ୍ୟ ସଂଖ୍ୟା ୬୦ ରୁ ବଢି --- ହେଲା ?

(କ)୯୦ (ଖ)୧୨୦ (ଗ)୯୧ (ଘ)୯୨

୨) କେଉଁଟି ମିଆଁମାରର ରାଜଧାନୀ ?

(କ)ଢାକା (ଖ)ୟାନ୍‌ଗନ୍ (ଗ) ଥିମ୍ପୁ (ଘ) କାଠମାଣ୍ଡୁ

୩) ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କେବେ ପ୍ରତିଷ୍ଠା ହୋଇଥିଲା ?

(କ)୨୦୦୨ (ଖ)୨୦୦୦ (ଗ)୧୯୯୯ (ଘ)୨୦୧୨

୪) କେଉଁଟି ଏକ କ୍ଷେପଣାସ୍ତ୍ର ନୁହେଁ ?

(କ)ଅଗ୍ନି (ଖ)ପୃଥ୍ୱୀ (ଗ)ଧନୁଷ (ଘ)ଜେରଲିନା

୫) କେନ୍ଦ୍ରୀୟ ମଧୁରଜଳ ମତ୍ସ୍ୟ ଗବେଷଣା କେନ୍ଦ୍ର କେଉଁଠାରେ ଅବସ୍ଥିତ ?

(କ)ବିଦ୍ୟାଧରପୁର (ଖ)ସାକ୍ଷୀଗୋପାଳ (ଗ) କୌଶଲ୍ୟାଗଙ୍ଗ (ଘ)ଚିପିଲିମା

୬) ଭାରତର ମୁଖ୍ୟ ବିଚାରପତିଙ୍କୁ କିଏ ନିଯୁକ୍ତ କରନ୍ତି ?

(କ)ରାଷ୍ଟ୍ରପତି (ଖ)ପ୍ରଧାନମନ୍ତ୍ରୀ (ଗ) ମୁଖ୍ୟମନ୍ତ୍ରୀ (ଘ)ରାଜ୍ୟପାଳ

୭) ସୁଭାଷ ଚନ୍ଦ୍ର ବୋଷ କେଉଁଠାରେ ଆଜାଦ୍ ହିନ୍ଦ୍ ସରକାର ଗଠନ କରିଥିଲେ ?

(କ)ବର୍ଲିନ (ଖ)ଟୋକିଓ (ଗ)ସିଙ୍ଗାପୁର (ଘ)ବ୍ୟାଙ୍କକ୍

୮) ଭାରତରେ ଜଣେ ମତଦାତାଙ୍କ ସର୍ବନିମ୍ନ ବୟସ ସୀମା କେତେ ବର୍ଷ ?

(କ)୧୬ (ଖ)୧୭ (ଗ)୧୮ (ଘ)୧୯

୯) କେଉଁ ମସିହାରେ ଇଂରେଜ ସରକାର ଅଗଷ୍ଟ ଦାନ ଘୋଷଣା କରିଥିଲେ ?

(କ)୧୯୩୯ (ଖ)୧୯୪୧ (ଗ)୧୯୪୨ (ଘ)୧୯୪୦

୧୦)କିଏ ବୋଧଦାୟିନୀ ସମ୍ବାଦପତ୍ରର ସମ୍ପାଦକ ଥିଲେ ?

(କ)ଫକୀରମୋହନ ସେନାପତି (ଖ)ରାଧାନାଥ ରାୟ

(ଗ)ଗୋରୀଶଙ୍କର ରାୟ (ଘ)ନୀଳମଣି ବିଦ୍ୟାରତ୍ନ

୧୧) ଜାଲିଆନାୱାଲାବାଗ୍ କେଉଁଠାରେ ଅବସ୍ଥିତ ?

(କ)ମୁମ୍ବାଇ (ଖ)ଅହମ୍ମଦାବାଦ (ଗ)ଅମୃତସର (ଘ)ଲାହୋର

୧୨) ବୈକୁଣ୍ଠ ନାଥ ଦେ କେଉଁ ଅଂଚଳର ବ୍ୟକ୍ତି ଥିଲେ ?

(କ)ଆଠଗଡ (ଖ)ବାଲେଶ୍ୱର (ଗ)ନୀଳଗିରି (ଘ)ଢେଙ୍କାନାଳ

୧୩) କେବେ ରାଜ୍ୟ ପୁନର୍ଗଠନ ଆୟୋଗ ଗଠିତ ହେଲା ?

(କ)୧୯୫୬ (ଖ)୧୯୭୧ (ଗ)୧୯୬୪ (ଘ)୧୯୭୬

୧୪) କେବେ ଭାରତରେ ଏକ ନୂଆ ଶିକ୍ଷ ନୀତି ଘୋଷିତ ହୋଇଥିଲା ?

(କ)୧୯୫୧ (ଖ)୧୯୫୬ (ଗ)୧୯୯୦ (ଘ)୧୯୯୧

୧୫) ଉପଗ୍ରହ ଯୋଗାଯୋଗ କେନ୍ଦ୍ର କେଉଁଠାରେ ଅବସ୍ଥିତ ?

(କ)ଇନ୍ଦୋର (ଖ)ତ୍ରମ୍ବେ (ଗ)ଆରଭି (ଘ)ଲକ୍ଷ୍ନୌ

୧୬) କେଉଁ ମସିହାରେ ଆମ ଦେଶରେ ମହାକାଶ ଆୟୋଗ ପ୍ରତିଷ୍ଠା କରାଗଲା ?

(କ)୧୯୫୮ (ଖ)୧୯୮୩ (ଗ)୧୯୬୯ (ଘ)୧୯୭୨

୧୭) ସୁଭାଷ ଚନ୍ଦ୍ର ବୋଷ ଜାତୀୟ କଂଗ୍ରେସରେ କେବେ ଯୋଗଦେଇଥିଲେ ?

(କ)୧୯୨୦ (ଖ)୧୯୨୧ (ଗ)୧୯୨୨ (ଘ)୧୯୨୩

୧୮) ଆମ ରାଜ୍ୟରେ ପ୍ରାୟ କେତେ କିଲୋମିଟର ରାସ୍ତା ରହିଛି ?

(କ)୬୫୦୦୦ (ଖ)୧୬୫୦୦୦ (ଗ)୨୬୫୦୦୦ (ଘ)୩୬୫୦୦୦

୧୯) ୧୯୫୦ ମସିହା ବେଳକୁ ଓଡିଶାରେ କେତୋଟି ହାଇସ୍କୁଲ ଥିଲା ?

(କ)୨୫୧ (ଖ)୨୦୨ (ଗ)୧୫୩ (ଘ)୧୫୧

୨୦) କଂଗ୍ରେସ ଅଧିବେଶନରେ କିଏ 'ଭାରତଛାଡ' ପ୍ରସ୍ତାବ ଆଗତ କରଥିଲେ ?

(କ)ମୌଲାନା ଆବୁଲ କଲାମ ଆଜାଦ୍ (ଖ) ସର୍ଦ୍ଦାର ବଲ୍ଲଭଭାଇ ପଟେଲ

(ଗ)ଗୋବିନ୍ଦ ବଲ୍ଲଭ ପନ୍ଥ (ଘ)ଜବାହରଲାଲ୍ ନେହେରୁ

୨୧) 'ନୋଆଖାଲି' ସ୍ଥାନଟି କେଉଁ ରାଜ୍ୟରେ ଥିଲା ?

(କ)ପଶ୍ଚିମ ବଙ୍ଗ (ଖ)ପାକିସ୍ଥାନ (ଗ)ପୂର୍ବ ବଙ୍ଗ (ଘ)ମାଡ୍ରାସ

୨୨) ଓଡିଶାର ପ୍ରଥମ ପ୍ରେସର ନାମ କ'ଣ ଥିଲା ?

(କ)କଟକ ପ୍ରେସ୍ (ଖ) କଟକ ପ୍ରିଂଟିଙ୍ଗ ପ୍ରେସ (ଗ)କଟକ ମିଶନ ପ୍ରେସ (ଘ)କଟକ କମିଶନର ପ୍ରେସ

୨୩)ଷୋଡଶତମ ସାର୍କ ସମ୍ମିଳନୀ କେଉଁଠାରେ ହୋଇଥିଲା

(କ)ନେପାଳ (ଖ) ଭୁଟାନ (ଗ)ଶ୍ରୀଲଙ୍କା (ଘ)ଭାରତ

୨୪) ମହିମା ଧର୍ମର ପ୍ରବର୍ତ୍ତକ କିଏ ଥିଲେ ?

(କ)ମହିମା ଗୋସ୍ୱାମୀ (ଖ) ଭୀମ ଭୋଇ (ଗ) କୁନାଲ ଗୋସ୍ୱାମୀ (ଘ)ଶ୍ରୀ ଚୈତନ୍ୟ

୨୫) ନିମ୍ନଲିଖିତ କେଉଁଟି ଏକ କେନ୍ଦ୍ରଶାସିତ ଅଂଚଳ ନୁହେଁ ?

(କ)ଗୋଆ (ଖ)ଚଣ୍ଡିଗଡ (ଗ)ଡାମନ ଓ ଡିଉ (ଘ)ଲାକ୍ଷାଦ୍ୱୀପ

# SUBJECTIVE

ପ୍ରଶ୍ନ ଗୁଡିକର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଦିଅ । [4 x 2

୧) (କ) ଅସହଯୋଗ ଆନ୍ଦୋଳନ ର ଏକ ବିବରଣୀ ପ୍ରଦାନ କର

କିମ୍ବା, ମହାତ୍ମା ଗାନ୍ଧୀଙ୍କର ଦାଣ୍ଡିଯାତ୍ରା ସମ୍ପର୍କରେ ଏକ ବିବରଣୀ ଦିଅ ।

(ଖ) ଜର୍ମାନୀରେ ସୁଭାଷ ବୋଷ୍ ଙ୍କ କାର୍ଯ୍ୟକଳାପ ବିଷୟରେ ଲେଖ ।

କିମ୍ବା,ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ସମ୍ବନ୍ଧରେ ବିବରଣୀ ଦିଅ ।

୨) ପ୍ରଶ୍ନ ଗୁଡିକର ଉତ୍ତର ୩୦ ଗୋଟି ଶବ୍ଦ ମଧ୍ୟରେ ଦିଅ । [3 x 3

(କ) ସାଇମନ କମିଶନ କେବେ ଓ କାହିଁକି ଗଠିତ ହୋଇଥିଲା ? ଏହା ଭାରତୀୟ ମନରେ କାହିଁକି ଦୁଃଖ ଦେଇଥିଲା ?

କିମ୍ବା, କ୍ରିପସ୍ ମିଶନର ପ୍ରସ୍ତାବ କ'ଣ ଥିଲା ?

(ଖ) ଆମ ଦେଶରେ ନିର୍ବାଚନ କ୍ଷେତ୍ରରେ କ'ଣ ସବୁ ପ୍ରତିବନ୍ଧକ ରହିଛି ?

କିମ୍ବା, ନାଟାଲ ଭାରତୀୟ କଂଗ୍ରେସ କିଏ, କେବେ ଗଠନ କରିଥିଲେ ? ଏହାର ଉଦ୍ଦେଶ୍ୟ କ'ଣ ଥିଲା ?

ଗ) ପୂର୍ବାଂଚଳ ଗଡଜାତ ସଂଘ କାହିଁକି ଓ କିପରି ଗଠନ ହେଲା ? ଏହା ବିଫଳ ହେଲା କାହିଁକି ?

କିମ୍ବା, ମେଘାଳୟ କିପରି ରାଜ୍ୟ ପାହ୍ୟାକୁ ଉନ୍ନୀତ ହେଲା ?

୩) ପ୍ରଶ୍ନ ଗୁଡିକର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଦିଅ । [2x 4

(କ) ଖେଡା ସତ୍ୟାଗ୍ରହ କାହିଁକି ଆରମ୍ଭ ହେଲା ?

କିମ୍ବା, ମିଶନ ଶକ୍ତି ଯୋଜନାର ଉଦ୍ଦେଶ୍ୟ କ'ଣ ?

(ଖ) ସଡକ ନିରାପତା ବ୍ୟବସ୍ଥାକୁ କେତୋଟି ବର୍ଗରେ ବିଭକ୍ତ କରାଯାଇଛି ଓ କ'ଣ କ'ଣ ?

କିମ୍ବା, ଇନ୍ଧନ ସଂରକ୍ଷଣ ଆବଶ୍ୟକ କାହିଁକି ?

(ଗ) ବଙ୍ଗଳା ଦେଶ କେବେ ଓ କାହା ସହଯୋଗରେ ଗଠିତ ହୋଇଥିଲା ?

କିମ୍ବା, ଇଲେକ୍ଟ୍ରୋନିକ ମତଦାନ ଯନ୍ତ୍ର ଦ୍ୱାରା କ'ଣ ସୁବିଧା ହେଉଛି ?

(ଘ) ଛତିଶଗଡ ରାଜ୍ୟ କେବେ ଓ କିପରି ଗଠିତ ହେଲା ?

କିମ୍ବା, ତିନିକାଠିଆ ବ୍ୟବସ୍ଥା କଣ ?

---XXX---

ASHOK DAS
FOUNDATION

# ଅଶୋକ ଦାସ ଫାଉଣ୍ଡେସନ୍

ଜହ୍ନବଗିରି, ଯାଜପୁର
E-mail : ashokdasfoundation0990@gmail.com
Ph. No.- 8249185453